ଧରିତ୍ରୀ 51 Years

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୭/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, October 17/2025 | Page 16 | ₹ 7.00

୫୧ଶ ଭାଗ ୩୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 321 | ମୂଲ୍ୟ ₹୭/-






Hero
125M
CELEBRATING
125 MILLION CUSTOMERS
THE STREETS HAVE
A NEW G.O.A.T.
0 TO 60 KMPH IN 5.7 SEC
THE FASTEST 125*
INTRODUCING ABRAX ORANGE COLOUR
XTREME 125R
CHALLENGE THE EXTREME
SCAN TO KNOW MORE
1ST IN CLASS - SINGLE CHANNEL ABS
66kmpl** MILEAGE
NET PRICE ₹90,384#
OLD EX-SHOWROOM ₹1,01,845#
GST BENEFITS ₹7,961#
CASH BONUS ₹3,500^
TOTAL BENEFITS ₹11,461#
BOOK NOW FOR ASSURED DELIVERY ON DHANTERAS
DAILY EMI STARTING FROM ₹89$
LOW DOWN PAYMENT STARTING FROM ₹1,999$
CORPORATE OFFERS UP TO ₹2,200$
GET INSTANT DISCOUNT UP TO ₹10,000$
HDFC BANK
FESTIVE TREATS
Powered by pine labs
INDIA'S FIRST 5 YEAR WARRANTY*
*Conditions apply
Hero GoodLife
Stand a chance to win
100% Cashback
24 Carat Gold Coin
and many more assured benefits*
Additional offers on
Flipkart
amazon.in
Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. I CIN: L35911DL1984PLC017354 I For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. *Fastest compared to all air-cooled engine motorcycles in the 125cc segment as per internal testing. **66 km/l with E5 petrol under standard tests; mileage may vary. Accessories and features shown may not be a part of standard fitment. Always wear a helmet while riding a two-wheeler. As per cumulative dispatch numbers till August 2025. #Net price is inclusive discount of GST Benefits, Cash Bonus. Road tax and insurance is calculated on actual ex-showroom price applicable in Odisha. ^Offer amount and combination of offer may vary for model/variant and states and it is applicable on select models only, for limited time period or till stock lasts. $Finance offer is at the sole discretion of the Financier, subject to its respective T&Cs. Available at select dealerships. T&C apply.
TOLL FREE
1800 266 0018
Authorized Dealers: Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Jagatsinghpur: SUNNY AUTOBIKES , Ph: 9289233592, Bhubaneswar: Rohan Hero, Ph: 9289922474, Bharat Hero, Ph: 9289922180, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Vishal Hero, Ph: 9289922984, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph:9289923107, Chandikhol: S. K. Hero, Ph: 9289922900, Jajpur Road: Soumik Hero, Ph: 9289922611. Authorized HeroSure Dealers: Bhubaneshwar: Arundhati Motobikes, Ph- 7682841658, Associate Dealers: Telkoi: Panchamukhi Motors -9717004926, Barbil: Wheels Motors -9776931870 Rairangpur: Maa Sakambari Motors- 7008581719, Mayurbhanj: JK Motors -9040909925, Mayurbhanj: Mahaveer Motors- 7326872255 / 9853290346, BasudevPur: Bidyalalita Automobile- 9827487072, Kamrda: Siddhivinayak Motors- 7208675074, Rahama: Sarala Automobiles- 9937018532, Kendrapara: Baishnabi Motors -9437000437 Pattamundai: Mishra Auto- 9853843713, Narsinghpur: Ambika Motocorp- 9861811411, Nimapara: Basudev Automobiles- 9861020724, Pipili: Shri Ram Motors- 9437110789, Balugaon: Mahamayee Motors- 9437004624, Khurdha: Dinesh Trading Co. -9778097876, Sakhigopal: Sai Motors -9439765820, Begunia: Rashmi Automobiles -9178316145, Balipatna: M/S Jagannath Motors -7064309702, Chandpur: Apsara -9861418161, Khuakia: Binayak Automobiles -9090444379, Jajpur Town: Ayush Automobiles -9556189870, Champus: SK Motors - 9437200263, Banamalipur: Duladei Motors- 7735425890, Sunderpada: Basudev Motors- 6371525029, Nakhra: S.G. Automobiles- 9778779778, Balichandanpur: Tarini Motocorp- 9437118933, Nischitakoili: AJS Automobiles- 9439754039, Katikata: Naaz Automobiles - 9866243937, Tangi: Sanam Motors- 9438703786, Turmunga: Maa Tarini Motors- 9777780823, Harichandanpur: Kalindi Motors- 9938989407, Anandapur: Gouranga Motors- 7008437346, Aul:Mohanty Motors- 9937425871.
SAATCHI & SAATCHI

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୭/୨୦୨୫ Bhubaneswar, Friday, October 17/2025 | ପୃଷ୍ଠା-୧



କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଗୁରୁବାର ୭୦ତମ ପୋଲିସ ବୃତ୍ତିଗତ ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହ ପରେଡ୍‌ରେ ଅଂଶଗ୍ରହଣ କରିଥିବା ପୋଲିସ ଶ୍ୱାନ ଟିମ୍। **(ଫଟୋ: ରାଜକିଶୋର ମହାନ୍ତି)**

# ମୋଦି କହିଛନ୍ତି, ଭାରତ କିଣିବନି ରୁଷୀୟ ତୈଳ: ଟ୍ରମ୍ପ୍‌

**ଭାରତ ରୁଷିଆଠାରୁ ତୈଳ କିଣିବା ବନ୍ଦ କରିଦେବ ବୋଲି 'ବନ୍ଧୁ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦାବି କରିଛନ୍ତି। ୟୁକ୍ରେନ୍ ଆକ୍ରମଣକାରୀ ରୁଷିଆ ଉପରେ ଚାପ ସୃଷ୍ଟି ଦିଗରେ ଏହା ଏକ 'ବଡ଼ ପଦକ୍ଷେପ' ବୋଲି ଟ୍ରମ୍ପ୍ ଅଭିହିତ କରିଛନ୍ତି। ଏନେଇ କଂଗ୍ରେସ ମୋଦିଙ୍କୁ ଟାର୍ଗେଟ କରିଥିବାବେଳେ ଉକ୍ତ ପ୍ରସଙ୍ଗ ଦେଶରେ ରାଜନୈତିକ ହଟଚମଟ ସୃଷ୍ଟି କରିଛି। ଇତିମଧ୍ୟରେ ରାଷ୍ଟ୍ରପତି ଟ୍ରମ୍ପ୍ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ରୁଷୀୟ ତୈଳ କ୍ରୟ ବନ୍ଦ କରିବା ଉପରେ କୌଣସି ପ୍ରକାର ଟେଲିଫୋନିକ୍ ଆଲୋଚନା ହୋଇ ନ ଥିବା ନୂଆଦିଲ୍ଲୀ ସ୍ପଷ୍ଟ କରିଛି।**

ୱାଶିଂଟନ/ନୂଆଦିଲ୍ଲୀ/ମସ୍କୋ,୧୬।୧୦ (ବ୍ଲୁମ୍‌ବର୍ଗ/ରଏଟର୍ସ/ପି.ଟି.)

୨୦୨୨ ଫେବୃଆରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ସେନା ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲା। ସେବେଠୁ ୧,୩୩୦ ଦିନ ଧରି ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଜାରି ରହିଛି। ଯୁଦ୍ଧ ପରଠାରୁ ଚାଇନା ଓ ଭାରତ ରୁଷୀୟ ତୈଳର ବଡ଼ କ୍ରେତା ରହିଆସିଛନ୍ତି। ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର କ୍ଷମତାକୁ ଆସିଲେ ୟୁକ୍ରେନ୍ ଯୁଦ୍ଧ ବନ୍ଦ କରାଇବେ ବୋଲି ଗତ ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲେ। ଟ୍ରମ୍ପ୍ ୨୦୨୫ ଜାନୁଆରୀ ୨୦ରେ ରାଷ୍ଟ୍ରପତି ରୂପେ ପୁନଃ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଯୁଦ୍ଧ ବନ୍ଦ ଦିଗରେ ପଦକ୍ଷେପ ନେବା ସହ ରୁଷିଆ ପାଇଁ ଯୁଦ୍ଧର ଇନ୍ଧନ ରୂପକ ତୈଳ ନ କିଣିବାକୁ ଭାରତକୁ ପରାମର୍ଶ ଦେଇଆସିଛନ୍ତି। କିନ୍ତୁ ନୂଆଦିଲ୍ଲୀ ଦେଶର ଉପଭୋକ୍ତାମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ମସ୍କୋଠାରୁ ତୈଳ କିଣିବା ଜାରି ରଖିଛି। ଏହି ପୃଷ୍ଠଭୂମିରେ ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଉପରେ ୨୫% ଆମଦାନୀ ଶୁଳ୍କ ସହ ରୁଷୀୟ ତୈଳ କ୍ରୟ ବାବଦକୁ ଅତିରିକ୍ତ ୨୫% ଜରିମାନା କଷିଛନ୍ତି, ଯାହାକି ଗତ ଅଗଷ୍ଟ ଶେଷଭାଗରୁ ଲାଗୁ ହୋଇଛି। ☞ପୃଷ୍ଠା-୫

### ମୋଦି-ଟ୍ରମ୍ପ୍ ଆଲୋଚନା ହୋଇନାହିଁ: କେନ୍ଦ୍ର

## ଜନଶୁଣାଣିକୁ ଗୁରୁତ୍ୱ ଦେଉନାହାନ୍ତି ୬ ବିଭାଗ

ଭୁବନେଶ୍ୱର,୧୬।୧୦(ରବିନାରାୟଣ ଜେନା)

ରାଜ୍ୟରେ ଲୋକଙ୍କ ଅଭିଯୋଗ ଶୁଣିବା ପାଇଁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ସୋମବାର ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ମନ୍ତ୍ରୀ ପରିଷଦ ସମସ୍ତ ଅବହେଳିତ ବର୍ଗଙ୍କୁ ଭେଟି ଗୁହାରି ଶୁଣୁଛନ୍ତି ଏବଂ ତା'ର ତ୍ୱରିତ୍ ସମାଧାନ ଦିଗରେ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଉଛନ୍ତି। ହେଲେ ୬ଟି ବିଭାଗ ଲୋକଙ୍କ ଅଭିଯୋଗର ସମାଧାନ ଦିଗରେ ଗୁରୁତ୍ୱ ଦେଉ ନାହାନ୍ତି, ଯେଉଁଥିପାଇଁ ପ୍ରାୟ ୩୮ହଜାର ଲୋକଙ୍କ ଅଭିଯୋଗର ସମାଧାନ ହୋଇପାରୁନାହିଁ। ଏନେଇ ସରକାରଙ୍କ ପକ୍ଷରୁ ବାରମ୍ବାର ପତ୍ର ଲେଖାଗଲେ ମଧ୍ୟ କର୍ଣ୍ଣପାତ କରୁ ନ ଥିବାରୁ ଏହାକୁ ନେଇ ଗତ ୧୫ ତାରିଖରେ ସମ୍ପୃକ୍ତ ବିଭାଗୀୟ ମୁଖ୍ୟଙ୍କୁ ପୁନର୍ବାର ପତ୍ର ଲେଖି ତାଗିଦ୍ କରାଯାଇଛି।

ସାଧାରଣ ଅଭିଯୋଗ ନିର୍ଦ୍ଦେଶକ ସୁକାନ୍ତ କୁମାର ବେହେରା ମଙ୍ଗଳବାର ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି, ଜନଶୁଣାଣି ହେଉଛି ଓଡ଼ିଶା ସରକାରଙ୍କ ସର୍ବୋତ୍ତମ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ। ଏହା ମାଧ୍ୟମରେ ନାଗରିକମାନଙ୍କୁ ଯେକୌଣସି ସ୍ଥାନରୁ ଏବଂ ଯେ କୌଣସି ସମୟରେ ରାଜ୍ୟର ପଦସ୍ଥ ସରକାରୀ ଅଧିକାରୀଙ୍କ ନିକଟରେ ସେମାନଙ୍କ ଅଭିଯୋଗ ପହଞ୍ଚିପାରିବ। ହେଲେ ପରିଲକ୍ଷିତ ହୋଇଛି, ଜଳସମ୍ପଦ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପଞ୍ଚାୟତିରାଜ, ଇସ୍ପାତ ଓ ଖଣି ଏବଂ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗରେ ଅଭିଯୋଗ ସମାଧାନ ହାର ଅନ୍ୟାନ୍ୟ ବିଭାଗଠାରୁ ଯଥେଷ୍ଟ କମ୍ ରହିଛି। ଏହାକୁ ଦୃଷ୍ଟିରେ ରଖି ବାକି ପଡ଼ିଥିବା ଅଭିଯୋଗଗୁଡ଼ିକର ତ୍ୱରିତ୍ ସମାଧାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କର।

ସେ ତଥ୍ୟ ସହିତ ଦର୍ଶାଇଛନ୍ତି, ପଞ୍ଚାୟତିରାଜ ବିଭାଗରେ ଏବେ ବି ୨୦ହଜାର ୫୪୪ଟି ଅଭିଯୋଗ ସମାଧାନ ହୋଇ ☞ପୃଷ୍ଠା-୫

## ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୩% ବୃଦ୍ଧି

### ଜୁଲାଇ ପହିଲାରୁ ପିଛିଲା ଭାବେ ପାଇବେ

ଭୁବନେଶ୍ୱର,୧୬।୧୦(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦୀପାବଳି ପୂର୍ବରୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୩% ବୃଦ୍ଧି ନେଇ ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୫ ରୁ ୫୮%କୁ ବୃଦ୍ଧି ପାଇଛି। ଏହା ଜୁଲାଇ ପହିଲା ୨୦୨୫ରୁ ପିଛିଲା ଭାବେ ଲାଗୁହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଅକ୍ଟୋବର ଦରମାରେ ନଗଦ ଆକାରରେ ମିଳିବ। ଏହା ସହ ପେନ୍‌ସନଭୋଗୀମାନଙ୍କ ଟିଆଇରେ ମଧ୍ୟ ୩ ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ଅକ୍ଟୋବର ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟିଆଇ ପାଇବେ। ଏହାଦ୍ୱାରା ପ୍ରାୟ ସାଢେ ୮ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

**ଆଜିର ସମ୍ପାଦକୀୟ** | ଅର୍ଥନୀତି ଓ ଅସମାନତା

**ଭାରତରେ ବନାଗ୍ନି**

## ବର୍ଷକରେ ୧.୫ କୋଟି ଲୋକ ପ୍ରଭାବିତ



- ୟୁପିରେ ସର୍ବାଧିକ ୪୬ ଲକ୍ଷ ଲୋକ ପ୍ରଭାବିତ
- ବିଶ୍ୱବ୍ୟାପୀ ୨୧୫ ବିଲିୟନ ଡଲାରର ସମ୍ପତ୍ତି କ୍ଷତିଗ୍ରସ୍ତ

ନୂଆଦିଲ୍ଲୀ,୧୬।୧୦(ପି.ଟି.)

ବର୍ଷ ୨୦୨୪-୨୫ରେ ଭାରତରେ ବନାଗ୍ନି ଯୋଗୁ ପ୍ରାୟ ୧.୫ କୋଟି ଲୋକ ପ୍ରଭାବିତ ହୋଇଛନ୍ତି। ଉତ୍ତରପ୍ରଦେଶରେ ସର୍ବାଧିକ ୪୬ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଗୁରୁବାର ଆର୍ଥ ସିଷ୍ଟମ ସାଇନ୍ସ ଡେଟା ନାମକ ଏକ ଜର୍ନାଲରେ ପ୍ରକାଶିତ 'ଷ୍ଟେଟ୍ ଅଫ୍ ୱାଇଲ୍ଡ ଫାୟାର୍ସ' ଶୀର୍ଷକ ଅଧ୍ୟୟନରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଫସଲ ଜାଳିବା, ପ୍ରଚଣ୍ଡ ତାତି, ଶୁଷ୍କ ଇନ୍ଧନ ସଂଗ୍ରହ ଆଦି ଯୋଗୁ ଉତ୍ତରପ୍ରଦେଶରେ ବନାଗ୍ନି ଘଟଣା ବଢ଼ିଛି ବୋଲି ଏହି ଅଧ୍ୟୟନରେ କୁହାଯାଇଛି। ସେହିପରି ଗତବର୍ଷ ବନାଗ୍ନି ଯୋଗୁ ପଞ୍ଜାବରେ ୩୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ବ୍ରିଟେନ୍‌ର ୟୁନିଭର୍ସିଟି ଅଫ୍ ଇଷ୍ଟ ଆଙ୍ଗ୍ଲିଆ, ୟୁକେ ମେଟ୍ ଅଫିସର ଗବେଷକଙ୍କ ଦ୍ୱାରା ମିଳିତ ଭାବେ ଏହି ଅଧ୍ୟୟନ କରାଯାଇଛି।

ଅଧ୍ୟୟନ ଅନୁଯାୟୀ, ସାରା ବିଶ୍ୱରେ ହିଟ୍ ୱେଭ୍ ଏବଂ ମରୁଡ଼ି ଯୋଗୁ ବନାଗ୍ନି ଘଟଣା ଲଗାତର ବଢ଼ିବା ସହ ତୀବ୍ର ହେବାରେ ଲାଗିଛି। ଫଳରେ ନିଆଁ, ପ୍ରଦୂଷିତ ଧୂଆଁ ଆଦି ମାଧ୍ୟମରେ ଲୋକଙ୍କ ଜୀବନ ପ୍ରତି ବିପଦ ବଢ଼ୁଛି। ଏହା ଲୋକଙ୍କୁ ଆର୍ଥିକ ଭାବେ ଦୁର୍ବଳ କରିବା ସହ ☞ପୃଷ୍ଠା-୫








A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961). Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in

**ନବୀନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,(ସୁନିତ୍ ମିଶ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଟେଲିଫୋନ ଯୋଗେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହିତ କଥା ହୋଇ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସେ ନବୀନଙ୍କ ଦୀର୍ଘ ନିରାମୟ ଜୀବନ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିବା କହିଛନ୍ତି।

# ଯୋଗଜନ୍ମା ପୁରୁଷ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ



ନବୀନ ନନ୍ଦ

**(୧୩୮ତମ ଜୟନ୍ତୀ ଉପଲକ୍ଷେ)**



୧୮୮୭ ମସିହା ଅକ୍ଟୋବର ୧୭ରେ ଢେଙ୍କାନାଳ ଜିଲାର ହରେକୃଷ୍ଣପୁର ଗ୍ରାମରେ ହରେକୃଷ୍ଣ ଓ ମାଣିକ ଦେବୀଙ୍କ ଗର୍ଭରେ ଜନ୍ମନେଇଥିଲେ ଭାରତ ଭୂମିର ଏକ ଯୋଗଜନ୍ମା ପୁରୁଷ ସାରଙ୍ଗଧର ଦାସ। ରେଭେନ୍‌ଶା କଲେଜରେ ପଢ଼ିବା ସମୟରେ ସେ ଗୋପବନ୍ଧୁ ଓ ଆଚାର୍ଯ୍ୟ ହରିହର ଦାସଙ୍କ ସହିତ ଘନିଷ୍ଠ ହୋଇ ଦେଶସେବାର ଅଭିଳାଷ ଜନ୍ମାନ୍ତର କଲେ। ଆର୍ଥିକ ସଙ୍କଟ ମଧ୍ୟରେ ମଧ୍ୟ ସେ ଜାପାନକୁ ଯାଇ ଶିଳ୍ପ ଓ କୃଷି ବିଜ୍ଞାନରେ ଉଚ୍ଚଶିକ୍ଷା ଲାଭ କରିଥିଲେ, ପରେ ଆମେରିକାର ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ଚିନି ଶିଳ୍ପରେ ପାରଙ୍ଗମ ହୋଇଥିଲେ।

୧୯୨୦ ମସିହାରେ ମାତୃ ଅସୁସ୍ଥତା ଖବର ପାଇ ଭାରତ ଫେରିଲେ ଓ ନିଜ ଜନ୍ମଭୂମି ଢେଙ୍କାନାଳରେ ଏକ ଚିନି କାରଖାନା ସ୍ଥାପନର ସ୍ୱପ୍ନ ଦେଖିଲେ। ରାଜା ସୁରପ୍ରତାପ ମହିନ୍ଦ୍ର ବାହାଦୁରଙ୍କ ପ୍ରୋତ୍ସାହନରେ ବ୍ରହ୍ମକୁଣ୍ଡ ପାଖରେ ଆଖୁଚାଷ ଓ ଚିନି ଶିଳ୍ପ ପାଇଁ ଜମି ପଟ୍ଟା ମିଳିଲା। କିନ୍ତୁ ନୂଆ ରାଜା ଶଙ୍କର ପ୍ରତାପଙ୍କ ଶାସନ ଓ ବ୍ରିଟିଶ ପଲିଟିକାଲ ଏଜେଣ୍ଟଙ୍କ ଅସହଯୋଗ ଫଳରେ ତାଙ୍କର ସ୍ୱପ୍ନ ଭାସିଗଲା। ସେହି ସମୟରେ ରାଜପରିବାର ତାଙ୍କୁ ଦେଶଦ୍ରୋହୀ ବୋଲି ଦେଖି ଚିନିକଳ ଯନ୍ତ୍ର ଭାଙ୍ଗିଦେଲେ, ଘରକୁ ନିଆଁ ଲଗାଇଦେଲେ ଓ ସମସ୍ତ ସମ୍ପତ୍ତି ହାତରୁ ଚାଲିଗଲା। ସେ ପରେ ବିହାରର ଚମ୍ପାରଣରେ ଚିନି କାରଖାନାରେ କାମ କଲାବେଳେ ମହାତ୍ମା ଗାନ୍ଧୀଙ୍କ ସହ ଯୋଗ ଦେଲେ ଓ ଗଡ଼ଜାତ ଆନ୍ଦୋଳନରେ ଅଗ୍ରଣୀ ଭୂମିକା ନେଲେ। ତାଙ୍କ ନେତୃତ୍ୱରେ ଢେଙ୍କାନାଳ ପ୍ରଜାମଣ୍ଡଳ ଗଠନ ହୋଇ ଗଡ଼ଜାତ ଗାନ୍ଧୀ ନାମରେ ସେ ଖ୍ୟାତିଲାଭ କଲେ।

୧୯୪୬ ମସିହାରେ ସାରଙ୍ଗଧର ବିଧାୟକ ରୂପେ ନିର୍ବାଚିତ ହେଲେ ଏବଂ କୃଷି ଓ ଶିଳ୍ପର ଉନ୍ନତି ପାଇଁ ଆଗ୍ରହ ଦେଖାଇଲେ। ପରେ ସୋସିଆଲିଷ୍ଟ ପାର୍ଟିରେ ଯୋଗ ଦେଇ ୧୯୫୨ ମସିହାରେ ଢେଙ୍କାନାଳ ପଶ୍ଚିମ କଟକ ଲୋକ ସଭା ଅଞ୍ଚଳରୁ ସାଂସଦ ହେଲେ। ଲୋକ ସଭାରେ ଭାରତର ଚିନି ଶିଳ୍ପ ଓ କୃଷିର ଉନ୍ନତି ବିଷୟରେ ତାଙ୍କ ଭାଷଣ ଆଜି ମଧ୍ୟ ସ୍ମରଣୀୟ।

୧୯୫୭ ମସିହାରେ ସେ ମୃତ୍ୟୁବରଣ କଲେ। ମୃତ୍ୟୁ ପୂର୍ବରୁ ସାରଙ୍ଗଧର ନିଜ ସମସ୍ତ ସମ୍ପତ୍ତିକୁ 'ଜାନକୀ ଦେବୀ ନାରୀ ଓ ଶିଶୁ କଲ୍ୟାଣ ସମିତି' ଏବଂ 'ଗଙ୍ଗାଧର ଶିଶୁ କଲ୍ୟାଣ ସମିତି' ନାମକ ଦୁଇ ଟ୍ରଷ୍ଟକୁ ଦାନକରି ଯାଇଥିଲେ, ଯାହା ମାଧ୍ୟମରେ ନାରୀ ଓ ଶିଶୁ କଲ୍ୟାଣ ପାଇଁ ତାଙ୍କ ସମ୍ପତ୍ତିର ଆୟ ଖର୍ଚ୍ଚ ହେବାକୁ ଇଚ୍ଛା କରିଥିଲେ। କିନ୍ତୁ ଦୁଃଖ ଯେ ଏହି ଟ୍ରଷ୍ଟଗୁଡ଼ିକ ତାଙ୍କ ଇଚ୍ଛା ଅନୁଯାୟୀ କାର୍ଯ୍ୟକାରୀ ହୋଇପାରିନାହିଁ ଓ ତାଙ୍କ ମହାନ୍ ଉଦ୍ଦେଶ୍ୟ ଅନର୍ଥକ ହୋଇ ରହିଛି।

ତାଙ୍କ ସ୍ମୃତିରେ କେବଳ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମରେ ୨୦୨୩ ମସିହାରେ ଏକ ଡାକଟିକେଟ ମୁକ୍ତି ପାଇଛି। ବର୍ତ୍ତମାନ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ପ୍ରତିବର୍ଷ ତାଙ୍କ ଜନ୍ମ ଓ ଶ୍ରାଦ୍ଧ ଦିବସକୁ ରାଜ୍ୟସ୍ତରରେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଏହା ଗଡ଼ଜାତ ଗାନ୍ଧୀଙ୍କ ପ୍ରତି ଏକ ସତ୍ୟ ସମ୍ମାନ।

ସାରଙ୍ଗଧର ଦାସ ଆମ ଗଡ଼ଜାତ ଆନ୍ଦୋଳନର ଆତ୍ମା ଏବଂ ଓଡ଼ିଶାର ଶିଳ୍ପ, କୃଷି ଜାଗରଣର ପ୍ରଥମ ସ୍ୱପ୍ନଦର୍ଶୀ। ତାଙ୍କ ଆଦର୍ଶ ଓ ତ୍ୟାଗ ଆମ ଆଗାମୀ ପିଢ଼ି ପାଇଁ ପ୍ରେରଣା ହୋଇ ରହିବ।

ପୂର୍ବତନ ବିଧାୟକ, ଢେଙ୍କାନାଳ
୮୨୪୯୪୩୪୪୦୬


# ୨୫୮ ଗାଡ଼ିର ରେଜିଷ୍ଟ୍ରେଶନ ରଦ୍ଦହେବ

**ବାରମ୍ବାର ଟ୍ରାଫିକ୍ ନିୟମ ଉଲ୍ଲଂଘନ**

ଏସ୍‌ଟିଏକୁ ଚିଠି ଲେଖିଲା କମିଶନରେଟ୍ ପୋଲିସ

**ଭୁବନେଶ୍ୱର,୧୬।୧୦ (ସତ୍ୟଜିତ ରାଉତ)**

ବାରମ୍ବାର ଟ୍ରାଫିକ୍ ନିୟମ ଉଲ୍ଲଂଘନ ଏବଂ ଜରିମାନା ନ ଭରିବାରୁ ୨୫୮ଟି ଗାଡ଼ିର ରେଜିଷ୍ଟ୍ରେଶନ ରଦ୍ଦ କରାଯିବ। ଏନେଇ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ପକ୍ଷରୁ ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ)କୁ ଚିଠି ଲେଖାଯାଇଛି। ଏହି ଅମାନିଆ ମାଲିକମାନଙ୍କ ଗାଡ଼ିର ରେଜିଷ୍ଟ୍ରେଶନ ସାର୍ଟିଫିକେଟ୍ ଓ ଫିଟ୍‌ନେସ୍ ସାର୍ଟିଫିକେଟ୍ ରଦ୍ଦ କରିବାକୁ ଅନୁରୋଧ କରାଯାଇଛି। ତେବେ ଏ ସମ୍ପର୍କରେ ଏସ୍‌ଟିଏ ପକ୍ଷରୁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏସବୁ ଗାଡ଼ି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସବୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ)କୁ ଏସ୍‌ଟିଏ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବାରମ୍ବାର ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିବା ଗାଡ଼ିଗୁଡ଼ିକୁ କଳା ତାଲିକାଭୁକ୍ତ କରିବା ସହ ରେଜିଷ୍ଟ୍ରେଶନ ଓ ଫିଟ୍‌ନେସ୍ ସାର୍ଟିଫିକେଟ୍ ରଦ୍ଦ କରିବାକୁ କୁହାଯାଇଛି। ତେବେ ସଡ଼କ ସୁରକ୍ଷା ନିୟମ ମାନିବାକୁ କମିଶନରେଟ୍ ପୋଲିସ ପକ୍ଷରୁ ନିବେଦନ କରାଯିବା ସହ ଅଭ୍ୟାସଗତ ଅମାନିଆ ଗାଡ଼ିଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।





## ପୁରୀ, ଦିଲ୍ଲୀ ମଧ୍ୟରେ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା):** ଚଳିତ ପାର୍ବଣ ଋତୁରେ ଅତିରିକ୍ତ ଭିଡ଼ ଦୂରକରିବା ପାଇଁ ଭାରତୀୟ ରେଳପଥ ପୁରୀ ଏବଂ ନୂଆଦିଲ୍ଲୀ ମଧ୍ୟରେ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍ ପରିଚାଳନା କରିବ। ୦୪୪୦୮ ଆନନ୍ଦ ବିହାର ପୁରୀ ପାର୍ବଣ ସ୍ୱତନ୍ତ୍ର ଏକ୍ସପ୍ରେସ୍ ୧୮ ତାରିଖ ରାତି ୧୧ଟାରେ ନୂଆଦିଲୀ ଆନନ୍ଦ ବିହାର ଟର୍ମିନାଲରୁ ଛାଡ଼ିବ। ୦୪୪୦୭ ପୁରୀ ଆନନ୍ଦ ବିହାର ପାର୍ବଣ ସ୍ୱତନ୍ତ୍ର ଏକ୍ସପ୍ରେସ୍ ୨୦ ତାରିଖ ଅପରାହ୍ନ ୪ଟାରେ ପୁରୀରୁ ଛାଡ଼ିବ। ଏହା ଖୋର୍ଦ୍ଧାରୋଡ୍, ଭୁବନେଶ୍ୱର, କଟକ, ଭଦ୍ରକ, ବାଲେଶ୍ୱର, ଟାଟାନାଗର, ବୋକାରୋ ଷ୍ଟିଲ୍ ସିଟି, ହଜାରିବାଗ ରୋଡ୍, ଗୟା, ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ଜଙ୍କ୍‌ଶନ, ମିର୍ଜାପୁର ଏବଂ ଗାଜିଆବାଦରେ ଏହି ସ୍ୱତନ୍ତ୍ର ଟ୍ରେନ୍ ରହଣି କରିବ। ଏଥିରେ ୧୫ଟି ସାଧାରଣ ଓ ସ୍ଲିପର କୋଚ, ଗୋଟିଏ ଲଗେଜ କମ୍ ବ୍ରେକ୍ ଭ୍ୟାନ୍ ଏବଂ ଗୋଟିଏ ଦିବ୍ୟାଙ୍ଗଜନ କୋଚ୍ ରହିବ। ଅନ୍ୟପଟେ ୦୮୪୭୫ ପୁରୀ- ହଜରତ ନିଜାମୁଦ୍ଦିନ ସ୍ପେଶାଲ ଏକ୍ସପ୍ରେସ୍ ୧୯ ତାରିଖ ସକାଳ ୪ଟା ୫୦ରେ ପୁରୀରୁ ଯାତ୍ରା ଆରମ୍ଭ କରିବ। ଖୋର୍ଦ୍ଧାରୋଡ୍, ଭୁବନେଶ୍ୱର, ଢେଙ୍କାନାଳ, ସମ୍ବଲପୁର ସିଟି, ଝାରସୁଗୁଡ଼ା ରୋଡ୍, ବିଲାସପୁର, ଝାନ୍ସୀ ଏବଂ ଆଗ୍ରା କ୍ୟାଣ୍ଟଠାରେ ରହଣି କରିବ।








As homes light up with diyas, light up your celebrations with the happiness of driving a Kia. With GST and additional festive benefits, this is your moment to start a journey filled with comfort, tech, and style. Visit your nearest Kia dealership today.

| Model | Old Ex-showroom | New Ex-showroom | GST Reduction | Additional festive benefits up to | Total benefits |
|---|---|---|---|---|---|
| Sonet | ₹7 99 900 | ₹7 30 138 | ₹69 762 | ₹1 15 000 | ₹1 84 762 |
| Syros | ₹9 49 900 | ₹8 67 053 | ₹82 847 | ₹1 58 000 | ₹2 40 847 |
| Seltos | ₹11 18 900 | ₹10 79 276 | ₹39 624 | ₹1 60 000 | ₹1 99 624 |
| Carens | ₹10 86 412 | ₹10 47 454 | ₹38 958 | ₹88 000 | ₹1 26 958 |
| Carens Clavis | ₹11 59 412 | ₹11 17 835 | ₹41 577 | ₹1 23 000 | ₹1 64 577 |

*Benefits available on other Kia cars as per applicability.

For more information, visit our dealership or contact: 1800 108 5000 | 093195 91407 | www.kia.com | Book Kia | kiacare@kiaindia.net | Look for "Kia India" @

*Terms & condition apply. Ex-showroom price mentioned is for the base variant (PAN India). Benefits shown are the combination of exchange, loyalty, corporate, scrappage and special benefits, which are applicable on select models and variants, may vary from model to model and region to region. The product shown is for representation purposes only. Actual features, colors, and specifications may not be part or standard fitment and may vary. Kia India Pvt. Ltd. reserves the right to make any changes with respect to the trims, colors, specifications, and other details of any model as mentioned or to modify/ discontinue any offer/ scheme/ service without prior notice. Kia urges you to follow traffic rules, these are meant to keep you safe on the roads. Visit your nearest Kia dealership for more details.

**Empreo Kia :** Patia, Tel: 9777064777, 9124401571 **Central Kia:** Pahal, Bhubaneswar, Tel: 7440004288, 7440002919 **Trupti Kia :** Patrapada, Bhubaneswar, Tel: 7064414001, 7064414004, 7064414005 **Trupti Kia:** Puri Bypass Road, Tel: 7064414001 **Central Kia:** Near Srusti Hospital, Ring Road, Mangalabag, Cuttack - 753001, Tel: 9237304769 **Trupti Kia:** Keonjhar, Tel: 7064414005 **Sanjib Kia:** Panikoili, Jajpur, Tel: 9937689001

ଯେ ଅନ୍ୟଠାରୁ ପ୍ରେମ ପାଏ ଓ ତାକୁ ଭୋଗ କରେ– ସେହି ପ୍ରେମ ଦ୍ୱାରା ସେ ନିଜକୁ ଉଜ୍ଜ୍ୱଳ କରିପାରେନା କି ପରିପୂର୍ଣ୍ଣ କରିପାରେନା। କିନ୍ତୁ ଯେ ଅନ୍ୟକୁ ପ୍ରେମ ଦିଏ– ତା'ର ସେହି ପ୍ରେମ ହିଁ ତାକୁ ଉଜ୍ଜ୍ୱଳ ଓ ପରିପୂର୍ଣ୍ଣ କରିଦିଏ। –ଶ୍ରୀମା

-ତୁଳା (ଗର୍ଭଣା) ସଂକ୍ରାନ୍ତି,
ଉମା ଏକାଦଶୀ ଗୋବତ୍ସା
ଦ୍ୱାଦଶୀ ଓ ହଳ ନିଷେଧ



# ଅର୍ଥନୀତି ଓ ଅସମାନତା



କୌଶିକ ବସୁ

ଏବେ ଅତ୍ୟନ୍ତ ଭୟାନକ ଓ କଷ୍ଟଦାୟକ ସମୟରେ ଅସମାନତା ବୃଦ୍ଧି ପାଉଛି। ଏହା ଭିତରେ ଅନେକ ଦେଶର ରାଜନେତାମାନେ ଗରିବଙ୍କୁ ଲାଭ ଦେଉଥିବା କାର୍ଯ୍ୟକ୍ରମ ଓ ସେବାକୁ ସୀମିତ କରୁଛନ୍ତି। ଏହା ବ୍ୟତୀତ ପ୍ରବାସୀ ଓ ଶରଣାର୍ଥୀଙ୍କ ବିରୋଧରେ କ୍ରୋଧ ଓ ଭୟର ବାତାବରଣ ସୃଷ୍ଟି କରୁଛନ୍ତି। ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା, ସମୃଦ୍ଧି ପାଇଁ ପ୍ରୋତ୍ସାହନ ଏବଂ ନାଗରିକଙ୍କ ସୁରକ୍ଷା କ୍ଷେତ୍ରରେ ସେମାନଙ୍କ ଉଦ୍ଦେଶ୍ୟ ବାହାରକୁ ମହାନ୍ ଜଣାପଡୁଥିଲେ ମଧ୍ୟ ଏହା ବହୁ ସମୟରେ ସେମାନଙ୍କୁ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କୁ ଧନୀ କରିବାର ଏକ ଛଦ୍ମ ନୀତିଗତ କାର୍ଯ୍ୟକ୍ରମ ଭଳି ପ୍ରତୀୟମାନ ହେଉଛି। ରାଜନୀତି ପ୍ରକ୍ରିୟାରେ ଏଭଳି ଅଧୋଗତି ପଛରେ ଥିବା ଅନେକ କାରଣ ମଧ୍ୟରୁ ସବୁଠୁ ପ୍ରମୁଖଟି ହେଉଛି ଅର୍ଥନୀତି କାର୍ଯ୍ୟକାରିତାର ଅଧୋଗତି। ଅନେକ ସମୟରେ ଅର୍ଥନୀତିକୁ ବୈଜ୍ଞାନିକ ଅଧ୍ୟୟନର ବିଷୟ ଭାବେ ବର୍ଣ୍ଣନା କରାଯାଏ, ଯାହା ନୈତିକତା ଓ ମୂଲ୍ୟବୋଧ ବିନା 'ଇଫ୍-ଦେନ୍' ବା ପରିକଳ୍ପନା ଓ ସିଦ୍ଧାନ୍ତର ବିଚାରକୁ ଅନୁଧ୍ୟାନ କରିଥାଏ। କିନ୍ତୁ ବୈଜ୍ଞାନିକ ସିଦ୍ଧାନ୍ତଗୁଡ଼ିକ ଆମ ମୂଲ୍ୟବୋଧ ଓ ବୈଚାରିକ ବ୍ୟାଖ୍ୟାନକୁ ପ୍ରଭାବିତକରେ। ବୈଜ୍ଞାନିକ ବିଚାର କିମ୍ବା ଭାବନାର ଯୁକ୍ତିଗୁଡ଼ିକ କାର୍ଯ୍ୟକୁ ତର୍କସଙ୍ଗତ କରିବା ସକାଶେ ବ୍ୟବହାର କରାଯାଇପାରେ, ଯାହା ଆମ ନୈତିକ ସମ୍ବେଦନଶୀଳତାରେ ବାଧା ଉପୁଜାଏ। ବାସ୍ତବରେ, ମୁଖ୍ୟଧାରାର ଅର୍ଥନୀତିର ଦର୍ଶନ ହେଉଛି ବିଶେଷକରି ଲମ୍ବା ସମୟ ଧରି ପ୍ରଚଳିତ ନବ ଉଦାରବାଦୀ ବିଚାରଧାରା, ଯାହା ଅଭିବୃଦ୍ଧି, ଦକ୍ଷତା ଏବଂ ବଜାର ସ୍ୱାଧୀନତାକୁ ଗୁରୁତ୍ୱ ଦେଇଥାଏ। ଏହା ବହୁ ସମୟରେ ଲୋଭ, ଶୋଷଣ ଏବଂ ଅତ୍ୟଧିକ ଅସମାନତା ବୃଦ୍ଧି କରିଥାଏ।

ଅର୍ଥନୀତି ବ୍ୟବସ୍ଥାରେ ଅସମାନତା ସୃଷ୍ଟି ହୋଇପାରେ। ନୋବେଲ ବିଜେତା ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ୍ଙ୍କ 'କାପାବିଲିଟି ଆପ୍ରୋଚ୍' ବା 'ସାମର୍ଥ୍ୟ ଦୃଷ୍ଟିକୋଣ'କୁ ଆଧାରକରି ୨୦୧୨ରେ କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି, କେତେକ ଶୈକ୍ଷିକ ଦୃଷ୍ଟିକୋଣ ଲୋକଙ୍କୁ ଅଧିକ ଯତ୍ନଶୀଳ ଓ ସହଯୋଗୀ କରିବାରେ ସାହାଯ୍ୟ କରିପାରେ। କିନ୍ତୁ ଅନ୍ୟସବୁ ଗବେଷଣା ସୂଚିତ କରିଛି ଯେ ଅନ୍ୟମାନଙ୍କ ତୁଳନାରେ ଅର୍ଥନୀତି ବିଦ୍ୱାନମାନେ ଅଧିକ ସ୍ୱାର୍ଥପର ବ୍ୟବହାର ପ୍ରଦର୍ଶନ କରିଥାନ୍ତି। ଏଥିରୁ ବୁଝାପଡୁଛି, ପଢ଼ାଯାଉଥିବା ଅର୍ଥନୀତି ଏକ ସାଧାରଣ କିମ୍ବା ଏପରିକି ଆକାଂକ୍ଷୀ ନୈତିକ ସିଦ୍ଧାନ୍ତ ଭାବେ ସ୍ୱାର୍ଥପରତାକୁ ପ୍ରୋତ୍ସାହିତ କରିଥାଏ। ସମସ୍ୟା ହେଉଛି, ଅନ୍ୟ ଜଣେ ନୋବେଲ ବିଜେତା ଅର୍ଥନୀତିଜ୍ଞ ସ୍ୱର୍ଗତ କେନେଥ୍ ଆରୋ ୧୯୭୮ର ଏକ ଗବେଷଣାତ୍ମକ ରିପୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ, ଜଟିଳ ବିଶ୍ୱରେ ନେଓକ୍ଲାସିକାଲ ଅର୍ଥନୀତିର କଳ୍ପନା ୧୦ ମିନିଟ୍ ପାଇଁ ବି ତିଷ୍ଠି ରହିବ ନାହିଁ। ଅର୍ଥନୈତିକ କାର୍ଯ୍ୟକଳାପ,ପ୍ରତିଯୋଗୀ ଫାର୍ମ ଓ ବ୍ୟକ୍ତିଙ୍କ ବିନା ବଜାର ଚାଲିପାରିବ ନାହିଁ। ଅନ୍ୟ



ଅର୍ଥରେ ସେମାନେ ବିଶ୍ୱାସ ଓ ସହଯୋଗ ଉପରେ ନିର୍ଭରକରନ୍ତି। ସ୍ୱାଧୀନତା ଓ ସମାନତାକୁ ବିପରୀତ ଭାବେ ଦେଖିବାରେ ମୁଖ୍ୟଧାରାର ଅର୍ଥନୀତିର ପ୍ରବୃତ୍ତିକୁ ଆରୋ ମଧ୍ୟ ବିରୋଧ କରିଥିଲେ। ନବ ଉଦାରବାଦୀ ସିଦ୍ଧାନ୍ତ ହେଉଛି, କିଛି ମାତ୍ରାର ଅସମାନତା ନିଶ୍ଚିତ ଭାବେ ରହିବ, କିନ୍ତୁ ଏହାକୁ ହ୍ରାସ କରିବାରେ କୌଣସି ପଦକ୍ଷେପ ସ୍ୱାଧୀନତାର ଅବକ୍ଷୟ ଘଟାଇବ। ଭବିଷ୍ୟତର ପରିଣାମ ବର୍ତ୍ତମାନର କାର୍ଯ୍ୟ ଦ୍ୱାରା ପ୍ରଭାବିତ ହୋଇଥାଏ। ଯଦି ତୁମେ ଅତି ଧନୀ , ତେବେ ତୁମେ ଏହାକୁ ନିଶ୍ଚିତ ଭାବେ କଠିନ ପରିଶ୍ରମ କିମ୍ବା ନୂତନ ଚିନ୍ତାଧାରା ବଳରେ ଉପାର୍ଜନ କରିଥିବ ଏବଂ ତୁମେ ନିଶ୍ଚିତ ଭାବେ ସ୍ୱାଧୀନ ଭାବେ ତୁମ ଯୋଗଦାନର ଲାଭକୁ ଉପଭୋଗ କରିବ।

କିନ୍ତୁ ଆରୋ ସୂଚିତ କରିଛନ୍ତି, ଯେତେବେଳେ କେତେଜଣ ବ୍ୟକ୍ତି ମଣିଷ ଜାତିର କଲ୍ୟାଣ ସମ୍ପର୍କିତ ପ୍ରମୁଖ ନିଷ୍ପତ୍ତିଗୁଡ଼ିକ ନେଉଛନ୍ତି ସେତେବେଳେ ସେମାନେ ନିଜ ସ୍ୱାର୍ଥକୁ ଲକ୍ଷ୍ୟକରି ଏହା କରୁଛନ୍ତି। ସମାନତାକୁ ଅଣଦେଖା କରୁଥିବା କାର୍ଯ୍ୟଗୁଡ଼ିକ ଯଥା ଆନ୍ଦୋଳନରେ ବାଧାଦେବା ଏବଂ ଅଧିକ ସୂକ୍ଷ୍ମ ଆକାରରେ ଅର୍ଥନୈତିକ ଚାପ ଇତ୍ୟାଦି ଶ୍ରମିକଙ୍କ ସ୍ୱାଧୀନତାକୁ ଅତ୍ୟଧିକ ସୀମିତ କରିଦେଉଛି। ନିଜକୁ ଶ୍ରେଷ୍ଠ ମଣୁଥିବା ଅଳ୍ପ କେତେଜଣ ବ୍ୟକ୍ତି ଅର୍ଥ ବ୍ୟବସ୍ଥାକୁ ଆୟତ୍ତରେ ରଖିବା ସୂଚିତକରେ ଯେ, ଔପଚାରିକ ଗଣତନ୍ତ୍ର ଓ ସ୍ୱାଧୀନତା ହେଉଛି ଏକ ବାହାନା। ଶେଷରେ ଆରୋ ଉଲ୍ଲେଖ କରିଥିଲେ, ସଂସ୍ଥାଗୁଡ଼ିକ ସାମଗ୍ରିକ ଭାବେ ସୃଷ୍ଟିକରୁଥିବା ଅସମାନତା ମାନବ ପାଇଁ ଉଦ୍ଦିଷ୍ଟ ମର୍ଯ୍ୟାଦା ପ୍ରତି ଅପମାନ।

ଦାର୍ଶନିକ ଇସାଏହ ବର୍ଲିନ୍ ସଂକ୍ଷେପରେ କହିଛନ୍ତି , ଗଧିଆକୁ ସ୍ୱାଧୀନତା ଦେବା ବହୁ ସମୟରେ ମେଣ୍ଢାର ମୃତ୍ୟୁର କାରଣ ହୁଏ। ରାଜନେତାଙ୍କୁ ଆକର୍ଷିତକରିବା ଏବଂ ସେମାନଙ୍କ ପସନ୍ଦକୁ ପ୍ରଭାବିତ କରିବା ପାଇଁ 'ହେଟା'ଙ୍କ ପାଖରେ ଅଧିକ ସମ୍ବଳ ଥିବା ଏବଂ ସାର୍ବଜନୀନ ମତକୁ ପ୍ରଭାବିତ କରିବା ନିମନ୍ତେ ବ୍ୟାପକ ଡିଜିଟାଲ ସାଧନ ରହିଥିବାରୁ ଏହି ଚେତାବନୀ ବିଶେଷକରି ଏବକାର ସମୟ ପାଇଁ ପ୍ରଯୁଜ୍ୟ ଏବଂ ଭବିଷ୍ୟତ ପାଇଁ ଚିନ୍ତାକରିବା ଦରକାର। ଅନ୍ୟ ଜଣେ ନୋବେଲ ବିଜେତା ଜୋଶେଫ.ଇ. ଷ୍ଟିଗ୍ଲାଇଜ 'ଜଣେ ବ୍ୟକ୍ତି, ଗୋଟିଏ ଭୋଟ'ର ସିଦ୍ଧାନ୍ତ 'ଗୋଟିଏ ଡଲାର, ଗୋଟିଏ ଭୋଟ'କୁ ପଥ ଦେଖାଇଛି ବୋଲି ଉଲ୍ଲେଖ କରିଥିଲେ। କିନ୍ତୁ ନିଜସ୍ୱ ଆର୍ଥିକ ସ୍ୱାର୍ଥ ଉପରେ ଅତ୍ୟଧିକ ଧ୍ୟାନଦେବାରେ ସମସ୍ୟା ରହିଛି। ଉଗ୍ର ଜାତୀୟତାବାଦ ମଧ୍ୟ ଅସମାନତା ବୃଦ୍ଧି କରିଥାଏ।

ଗୋଟିଏ ସମୟରେ ଆର୍ଥିକ ପରିଚାଳନା ପାଇଁ ଯେତେବେଳେ ସ୍ୱାଧୀନ ତଥା ସାର୍ବଭୌମ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଥିଲା ସେତେବେଳେ ପ୍ରଗତିକୁ ସହଯୋଗ କରିବା ସକାଶେ ଜାତୀୟ ଗୌରବର ଏକ ଭୂମିକା ରହିଥିଲା। କିନ୍ତୁ ଏବେ ଆମର ଜଗତୀକରଣ ବିଶ୍ୱରେ ଦେଶ-ଦେଶ ମଧ୍ୟରେ ଯେଭଳି ଲୋକ, ସାମଗ୍ରୀ ଓ ପୁଞ୍ଜିର ପ୍ରବାହ ଘଟୁଛି ତାହା ସମୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ଅପରିହାର୍ଯ୍ୟ ମଧ୍ୟ, ହେଲେ କେତେଜଣ ଧନିକଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ଏହି ସମୟରେ ଅତି ଧନୀ ବିଶେଷ ଏବଂ ରାଜନୈତିକ କ୍ଷମତାଶାଳୀ ବ୍ୟକ୍ତି ସେମାନଙ୍କ ସ୍ୱାର୍ଥକୁ ଆଗକୁ ବଢ଼ାଇବା ଲାଗି ଜାତୀୟତାବାଦକୁ ଉସୁକାଉଛନ୍ତି। ଏହା ମଧ୍ୟ ଦୀର୍ଘଦିନ ଧରି ପରୀକ୍ଷିତ ଯେ, ଜାତୀୟ ସୁରକ୍ଷା ପାଇଁ ଯୁଦ୍ଧରେ ଲଢୁଥିବା ଲୋକମାନେ ଧନ କିମ୍ବା କ୍ଷମତାର ଅସମାନତା ବିରୋଧରେ ସଙ୍ଗଠିତ ହେବେ ନାହିଁ ଏବଂ ଏଭଳି ସ୍ଥିତିରେ ଅସମାନତା ବୃଦ୍ଧି ପାଇପାରେ। ଜାତୀୟ ଗୌରବ ହେଉଛି ଅତୀତର ଏକ ସୁରକ୍ଷିତ ପରମ୍ପରା। ପାରସ୍ପରିକ ଲାଭଦାୟକ ବାଣିଜ୍ୟ ବ୍ୟବସ୍ଥାରୁ ଆରମ୍ଭକରି ସମ୍ମିଳିତ ଜଳବାୟୁ ପଦକ୍ଷେପ ପର୍ଯ୍ୟନ୍ତ ସାମୂହିକ ଲକ୍ଷ୍ୟ ହାସଲ ଦିଗରେ ବୈଶ୍ୱିକ ସହଯୋଗ ଲୋଡ଼ା ଏବଂ ଏଥିପାଇଁ ଏହା ହେଉଛି ଉପଯୁକ୍ତ ସମୟ। କିନ୍ତୁ ତାହା ହାସଲକରିବା ଏତେ ସହଜ ନୁହେଁ। ମାର୍କେଟକୁ ଚଳାଇବା ଭଳି ସମସ୍ତେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ମୁକାବିଲା କରିବା ପାଇଁ ଆବଶ୍ୟକ ହେଉଥିବା ଅନ୍ତର୍ଜାତୀୟ ପଦକ୍ଷେପ କେବଳ ବିଶ୍ୱାସ ଓ ସହଯୋଗ ଉପରେ ନିର୍ଭରକରେ।

ଆହ୍ୱାନର ମୁକାବିଲା ଓ ସେଥିରୁ ଲାଭ ପାଇବା ସମ୍ପର୍କରେ ଫ୍ରାନ୍ସର ଦାର୍ଶନିକ ଜିନ୍ -ଜାକ୍ୟୁ ରୌସେୟୁଙ୍କ ଷ୍ଟାଗ୍‌ହଣ୍ଟ ଗେମ୍ ସିଦ୍ଧାନ୍ତ ଦର୍ଶାଇଛି। ଯଦି ୨ ଶିକାରୀ ପୃଥକ୍ ଭାବେ ଗୋଟିଏ ଲେଖା ଠେକୁଆ ଶିକାର କରନ୍ତି ତେବେ ସେମାନେ ଅଳ୍ପ ଲାଭ ପାଇବା ନିଶ୍ଚିତ। କିନ୍ତୁ ସେମାନେ ଯଦି ମିଳିତ ଭାବେ ଶିକାର କରନ୍ତି ତେବେ ଅଧିକ ଲାଭ ପାଇବେ। କେବଳ ସେମାନଙ୍କ ତରଫରୁ ପାରସ୍ପରିକ ସହଯୋଗ କିମ୍ବା ଭାଗୀଦାରି ରହିଲେ ଏହା ସମ୍ଭବ ହେବ, ଅନ୍ୟଥା ଶେଷରେ ସେମାନେ କିଛି ପାଇବେ ନାହିଁ। ସେହିଭଳି ସହଯୋଗ, ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ (ଆଇଏଲ୍‌ଓ) ଏବଂ ଅନ୍ତର୍ଜାତୀୟ ନ୍ୟାୟାଳୟ( ଆଇସିଜେ) ଭଳି ଅନ୍ତଃରାଷ୍ଟ୍ରୀୟ ସଂସ୍ଥାଗୁଡ଼ିକ ଉପରେ ଦୃଢ଼ ବିଶ୍ୱାସ ରହିବା ଦରକାର। ଏହା ହେଲେ ଦେଶଗୁଡ଼ିକ ପୂର୍ବାପେକ୍ଷା ନିଜେ ଯାହା ହାସଲ କରିଥିଲେ ତାହା ତୁଳନାରେ ଅଧିକ ପାଇପରିବେ। ଏହି ସଂସ୍ଥାଗୁଡ଼ିକୁ ଦୃଢ଼କରାଯିବା ଦରକାର। ଏହା ସହ ଅନ୍ୟ ସହଯୋଗୀ ସଂସ୍ଥାଗୁଡ଼ିକ ଆମ ନୈତିକ ସୁଯୋଗଗୁଡ଼ିକୁ ପୁନଃ ସଞ୍ଚଳନ କରିବାରେ ମଧ୍ୟ ସାହାଯ୍ୟ କରିପାରିବେ। ନିଜସ୍ୱ ସ୍ୱାର୍ଥକୁ ଯୁକ୍ତିଯୁକ୍ତ ମନେକରି ତା'ଉପରେ ବିଶେଷ ଧ୍ୟାନଦେବା କିମ୍ବା ଆମ ପାଇଁ ଥିବା ସୁଯୋଗଗୁଡ଼ିକୁ ସଙ୍କୁଚିତ କରିବା ପରିବର୍ତ୍ତେ ଆମେ ଜାତୀୟତା ବଦଳରେ ମାନବତାର ଅଧିକ ମୂଲ୍ୟାୟନ କରିବା ଦରକାର।

**ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ ତଥା ଭାରତ ସରକାରଙ୍କ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା**

# ଆଶୀର୍ବାଦର ଛାଇ



ରାକେଶ ପଣ୍ଡା

ସମାଜରେ ଲୋକମାନେ ଯେତେବେଳେ ଜାଣିବାକୁ ପାଆନ୍ତି ଯେ ଝିଅ ବଦଳରେ ପୁଅଟିଏ ଜନ୍ମ ହୋଇଛି, ସେହି ମୁହୂର୍ତ୍ତରେ ସେମାନଙ୍କ ମନ ଆନନ୍ଦର ସବୁ ସୀମାକୁ ଲଙ୍ଘିଯାଇଥାଏ। ପରବର୍ତ୍ତୀ ସମୟରେ, ହାତଧରି ଚାଲି ଶିଖାଇବାଠାରୁ ଆରମ୍ଭ କରି କାନ୍ଧରେ ବସେଇ ଯାନିଯାତ୍ରା ବୁଲାଇବା ପର୍ଯ୍ୟନ୍ତ ଏଥିରେ ଜଡ଼ିତ ଥିବା ପ୍ରତିଟି ମୁହୂର୍ତ୍ତ, କ୍ଷଣ ଓ କଷ୍ଟକୁ ସେମାନେ ତାଙ୍କ ପିଲା ପାଇଁ ସମର୍ପିତ କରିଥାନ୍ତି। ପିଲାଟିର ଲାଳନ, ପାଳନ, ତା'ର ଆଗାମୀ ଦିନର ଭବିଷ୍ୟତକୁ ନିରାପଦ କରିବା ଲାଗି ଯତ୍ନବାନ ହୋଇଥାନ୍ତି। କିନ୍ତୁ ଆଜିର ସମୟରେ ବିଭିନ୍ନ ଗଣମାଧ୍ୟମରେ ମାତାପିତାଙ୍କୁ ସନ୍ତାନଟିଏ ନିଷ୍ଠୁର ଭାବରେ ହତ୍ୟା କରିବା ତଥା ସେମାନଙ୍କୁ ମାରପିଟ କରିବାର ଅନେକ ଘଟଣା ପ୍ରକାଶ ପାଉଛି। କେଉଁ ଘଟଣାରେ ନିଶାସକ୍ତ ପୁଅ ମାତାପିତାଙ୍କଠାରୁ ଅର୍ଥ ନ'ପାଇ ସେମାନଙ୍କୁ ଆଘାତ କରୁଛି ତ ପୁଣି କେଉଁଠି ଅର୍ଥଲୋଭୀ ସନ୍ତାନ ସେମାନଙ୍କଠାରୁ ଟଙ୍କା ଓ ସମ୍ପତ୍ତି ଆଶାରଖି ନ ପାଇ ସେମାନଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେଉଛି। ଏତଦ୍‌ବ୍ୟତୀତ ବିଦେଶରେ ରହୁଥିବା ସନ୍ତାନଙ୍କ ପାଖରେ ମା'ବାପାଙ୍କ ଦେହ କଥା ବୁଝିବାକୁ ସମୟ ନାହିଁ। ନିଜ ପାଖରେ ରଖି ସେମାନଙ୍କ ସେବା, ଶୁଶ୍ରୂଷା କରିବା ଓ ଦୈନନ୍ଦିନ କଥା ବୁଝିବା ତ ଦୂରର ବିଷୟ, ଗୋଟିଏ ଦୁଇଟି ବର୍ଷର ବ୍ୟବଧାନରେ ସେମାନେ ଗୃହକୁ ଆସିବାକୁ ଚାହିଁ ନ ଥାନ୍ତି। ଏହା ପଛରେ ଏକ ବାହାନା ରହିଥାଏ। ତାହା ହେଉଛି ବ୍ୟସ୍ତବହୁଳ। କିନ୍ତୁ ଛୋଟ ପ୍ରଶ୍ନବାଚୀ ସୃଷ୍ଟି ହୁଏ। ତାହା ହେଉଛି, ମାତାପିତାଙ୍କ ଭଲ ମନ୍ଦ ଖବର ବୁଝିବା ଏବଂ ପରିଣତ ବୟସରେ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତାକୁ ପୂରଣ କରିବା ଦାୟିତ୍ୱ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ନୁହେଁ କି ? ଦୁଃଖର ବିଷୟ, ମାତାପିତାଙ୍କ ପ୍ରତି ଥିବା ସେସବୁ ଦାୟିତ୍ୱ ଓ କର୍ତ୍ତବ୍ୟକୁ ସେ ଜାଣି ଜାଣି ଉପେକ୍ଷା କରେ। ତା'ର ମାନସିକତାରେ ପରିବାର ଓ ଦାୟିତ୍ୱ ନିର୍ବାହର ସୀମା କେବଳ ସ୍ତ୍ରୀ ଓ ପିଲାଙ୍କ ମଧ୍ୟରେ ସୀମିତ ରହିଯାଏ, ବାପା ମା' ସଦସ୍ୟ ହୋଇ ନ'ଥାନ୍ତି। ଏକ ଅସହାୟ ଓ ଯନ୍ତ୍ରଣାଦାୟକ ଜୀବନର ପରିସମାପ୍ତି ପରେ ଯେତେବେଳେ ମାତାପିତା ଇହଧାମ ତ୍ୟାଗ କରନ୍ତି, ସେତେବେଳେ ସନ୍ତାନଟିଏ ତା'ର ପୈତୃକ ବାସଗୃହ ତଥା ଗ୍ରାମକୁ ଆସିଥାଏ ୧୨ ଦିନ ପାଇଁ ଶୁଦ୍ଧିକ୍ରିୟା ଲାଗି। ଏତଦ୍‌ବ୍ୟତୀତ, ସେମାନେ ଜୀବିତ ଓ ସୁସ୍ଥ ଥିବା ଅବସ୍ଥାରେ ଯେଉଁ ସନ୍ତାନ ସେମାନଙ୍କ ମୁହଁରେ ଭଲ ମନ୍ଦ ଟିକିଏ ଦେଇ ନ ଥାଏ, ସେମାନଙ୍କ ସେବା ଶୁଶ୍ରୂଷା କରି ନ ଥାଏ ଏବଂ ଟଙ୍କାଟିଏ ବ୍ୟୟ କରି ନ ଥାଏ, ସେ ଉକ୍ତ ଶୁଦ୍ଧିକ୍ରିୟା ସମୟରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଭୋଜି ଦେଇଥାଏ ଏବଂ ଲୋକଙ୍କର ସାମାନ୍ୟ ପ୍ରଶଂସାରେ ଗର୍ବ ଅନୁଭବ କରିଥାଏ। ଉକ୍ତ ୧୨ ଦିନରେ ବ୍ୟୟ ହୋଇଥିବା ତା'ର ସମୟ, ଟଙ୍କା ଏବଂ ଦ୍ରବ୍ୟକୁ ଯଦି ସେ ମାତାପିତା ବଞ୍ଚିଥିବା ସମୟରେ ଦେଇଥାନ୍ତା, ତେବେ ସେମାନଙ୍କ ଜୀବନ କିଛି ମାତ୍ରାରେ ସାର୍ଥକ ହୋଇଥାନ୍ତା!

ଅଧିକାଂଶ ସନ୍ତାନ ନିଜର ମାତାପିତାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ି ଦେଉଛନ୍ତି। ଅପରପକ୍ଷରେ, ଭାରତୀୟ ସଭ୍ୟତା, ସଂସ୍କୃତି ଓ ଧର୍ମଗ୍ରନ୍ଥଗୁଡିକ ମାତାପିତାଙ୍କୁ ସନ୍ତାନଙ୍କ ଚଳନ୍ତି ଠାକୁର ତଥା ଜୀବନ୍ତ ଦେବତା ଭାବରେ ଅଭିହିତ କରିଥାନ୍ତି। ବୃଦ୍ଧ ମାତାପିତା ସେମାନଙ୍କର ପ୍ରତିଟି ସନ୍ତାନଙ୍କ ପାଇଁ ହେଉଛନ୍ତି ବିଶାଳ ବୃକ୍ଷ ସଦୃଶ। ଯଦିଓ ବୟସର ଅପରାହ୍ନରେ ପହଞ୍ଚି ସେମାନେ ଶାରୀରିକ ଓ ଆର୍ଥିକ ସାହାଯ୍ୟ, ସହଯୋଗ କରିବାକୁ ଅକ୍ଷମ, ତଥାପି ନିଃସ୍ୱାର୍ଥ ଭଲପାଇବା ଓ ଆଶୀର୍ବାଦ ରୂପକ ଛାୟାରୁ ତାଙ୍କର ସନ୍ତାନକୁ କେହି ବଞ୍ଚିତ କରି ପାରିବେ ନାହିଁ। ଗୃହରେ ସେମାନଙ୍କ ଉପସ୍ଥିତି ହିଁ ଯଥେଷ୍ଟ। ଯାହା ମାନସିକ ସ୍ତରରେ ପ୍ରତିଟି ସନ୍ତାନର ମନୋବଳ ବଢ଼ାଇବା ସହ ସାହସ ଦେଇଥାଏ। ମନ ଦୃଢ଼ ହୋଇ ସ୍ୱତଃ କହି ଉଠିବ, ମୋ ସହ ବାପା ଅଛନ୍ତି, ମୋ ନିକଟରେ ମା' ଅଛି। ଜଣେ ବ୍ୟକ୍ତିର ସମ୍ପୂର୍ଣ୍ଣ ଜୀବନ କାଳ ମଧ୍ୟରେ, ମାତାପିତାଙ୍କଠାରୁ ବଡ଼ ନିଃସ୍ୱାର୍ଥପର ଚରିତ୍ର ଏବଂ ଶୁଭାକାଂକ୍ଷୀ କେହି ଜଣେ ହେଲେ ମିଳିବେ ନାହିଁ। ସେମାନେ ଦୁନିଆର ସବୁଠାରୁ ବଡ଼ ମୂଲ୍ୟବାନ ସମ୍ପତ୍ତି। ଏଣୁ ପ୍ରତିଟି ସନ୍ତାନ ନିଜର ମାତାପିତାଙ୍କ ଆଶୀର୍ବାଦ ଓ ଭଲପାଇବାର ଛାଇ ତଳେ ଜୀବନ ବିତାଇବା ଉଚିତ। ଯାହା ସେମାନଙ୍କୁ ଜୀବନର ପ୍ରତିଟି ଝଡ଼ଝଞ୍ଜା, ବିପଦ, ଦୁଃଖ ଓ କଷ୍ଟ ପରିସ୍ଥିତିରୁ ଏକ ଅଦୃଶ୍ୟ ଶକ୍ତି ହୋଇ ରକ୍ଷା କରିବ।

**ବନ୍ଦାଳୋ, ଟାଙ୍ଗୀ, କଟକ**
**ମୋ: ୯୩୩୭୮ ୯୭୬୫୦**

## ଏଇ ଭାରତରେ

ହାଇଦ୍ରାବାଦସ୍ଥିତ ମହିନ୍ଦ୍ରା ୟୁନିଭର୍ସିଟିରେ ଇଞ୍ଜିନିୟରିଂ ପଢୁଥିବା ୨୨ ବର୍ଷୀୟ ରାହୁଲ ଆର୍‌ପାକା ରକ୍ଷକ ନାମକ ଏକ ରୋବୋ ନିର୍ମାଣ କରିଛନ୍ତି। ଏହାକୁ ନିର୍ମାଣ କରିବା ପାଇଁ ମହିନ୍ଦ୍ରା କମ୍ପାନୀ ତାଙ୍କୁ ସହଯୋଗ କରିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ( ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ଚାଳିତ ଏହି ରୋବୋ ଜମିରୁ ଘାସକୁ ନଷ୍ଟ କରିପାରୁଛି। ଏହାର ବ୍ୟବହାର କୃଷକମାନଙ୍କୁ ଘାସ ବଛା ଖର୍ଚ୍ଚ କମାଇପାରିବ ବୋଲି କହନ୍ତି ରହୁଲ। ଆର୍ଥିକ ଦୃଷ୍ଟିକୋଣରୁ ଏହା କୃଷକଙ୍କ ପାଇଁ ଲାଭଦାୟକ । ବଡ଼ କଥା ହେଉଛି, ରକ୍ଷକ ଜମିରେ ଏଆଇ ମାଧ୍ୟମରେ ଘାସକୁ କମ୍ ସମୟରେ ଠାବ କରିବା ସହ ତାହାକୁ ଲେଜର ଦ୍ୱାରା ନଷ୍ଟ କରୁଛି। ରକ୍ଷକ ଟ୍ରାକ୍ଟର ବ୍ୟାଟେରିରେ ଚାର୍ଜ ହୋଇପାରୁଛି। ରାହୁଲ କହନ୍ତି, ଏହି ରୋବୋର ମୂଲ୍ୟ ୧୦ ଲକ୍ଷ ଟଙ୍କା ରହିବ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୧୭ ଅକ୍ଟୋବର ୧୯୭୬

- କେନ୍ଦ୍ର ଜନସ୍ୱାସ୍ଥ୍ୟ ଓ ପରିପାର୍ଶ୍ୱ ଇଞ୍ଜିନିୟରିଂ ସଂସ୍ଥା ୧୧୫୧ ନିୟୁତ ଟଙ୍କା ବ୍ୟୟରେ ୫ଟି ଜଳଯୋଗାଣ ବ୍ୟବସ୍ଥା କାର୍ଯ୍ୟ କରିବା ପାଇଁ ବୈଷୟିକ ମଞ୍ଜୁରୀ ପାଇଛି।
- ସିଆଇଏର ସହାୟତାରେ କାଷ୍ଟ୍ରୋ ବିରୋଧୀମାନଙ୍କ ଦ୍ୱାରା କ୍ୟୁବା ଏୟାରଲାଇନ୍ସର ଗୋଟିଏ ବିମାନକୁ ଧ୍ୱଂସ କରିଦେବା ପରେ ଆମେରିକା ଓ କ୍ୟୁବା ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ କ୍ୟୁବା ପ୍ରତ୍ୟାହାର କରିନେଇଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | 4 | | 1 | | | 7 | |
| | 5 | | | 9 | | | | |
| 3 | | 1 | 5 | | 6 | 8 | | |
| | | | | | | 1 | | |
| | | 2 | | 4 | | | | |
| | | | 8 | | 2 | | | |
| | | | 9 | | 7 | | | 6 |
| 7 | | 8 | | | | | 1 | 3 |
| | | 3 | | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 9 | 2 | 3 | 8 | 4 | 7 | 6 |
| 7 | 4 | 3 | 5 | 6 | 9 | 8 | 2 | 1 |
| 2 | 6 | 8 | 7 | 4 | 1 | 3 | 9 | 5 |
| 4 | 7 | 1 | 8 | 5 | 2 | 6 | 3 | 9 |
| 9 | 2 | 5 | 6 | 1 | 3 | 7 | 8 | 4 |
| 3 | 8 | 6 | 9 | 7 | 4 | 1 | 5 | 2 |
| 8 | 3 | 2 | 4 | 9 | 6 | 5 | 1 | 7 |
| 6 | 9 | 7 | 1 | 8 | 5 | 2 | 4 | 3 |
| 5 | 1 | 4 | 3 | 2 | 7 | 9 | 6 | 8 |

ଗତକାଲିର ଉତ୍ତର

# ଆଢୁଆଳର ଦୁଇ କଥା



ଗଣେଶ୍ୱର ନାୟକ

ଆଢୁଆଳର ଦୁଇ କଥା, ଯାହା ଉପରେ ସାରା ସମାଜ ଛିଡ଼ା ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତାହା ଅତି ଶକ୍ତିଶାଳୀ, ତାହାର ଠିକ୍ ଉପଯୋଗ ନ ହେଲେ ସମାଜର ଅନେକ କ୍ଷତି ଘଟାଇବ, ଆମେ ମଧ୍ୟ କହିପାରିବା ସମାଜରେ ଯେତେ ବି ଅଘଟଣ ଘଟୁଛି, ତାହାର ମୂଳରେ ସେହି ଦୁଇଟିରୁ କୌଣସି ଗୋଟିଏ କାରକ ହୋଇଥିବ ନିଶ୍ଚିତ। ସେଥିପାଇଁ ଜ୍ଞାନୀଗୁଣୀଜନ ତାହାକୁ ଅତି ସନ୍ତର୍ପଣରେ, ସତର୍କତାର ସହିତ ସ୍ଥାନ, କାଳ, ପାତ୍ରରେ ଦେଖି ଆଲୋଚନା କରିବା ପାଇଁ ସବୁବେଳେ ଉପଦେଶ ଦେଇଥାନ୍ତି, ଯାହା ସର୍ବସମ୍ମୁଖରେ ସର୍ବଦା ପ୍ରକାଶ ଯୋଗ୍ୟ ନୁହେଁ ମଧ୍ୟ।

ସାମାଜିକ ବିଜ୍ଞାନରେ ରଚିଥିବା ବ୍ୟକ୍ତିଙ୍କୁ ଯଦି ପଚରା ଯାଏ କାହା ବିନା ମଣିଷ ସମାଜ ବଞ୍ଚିପାରିବ ନାହିଁ, ତାହାର ଉତ୍ତର ସେମାନଙ୍କ ନିକଟରୁ ଆସିବ 'ଯୌନାକାଂକ୍ଷା'। ଯଦିଓ ଆମଭଳି ସାଧାରଣ ମଣିଷ ମନକୁ ଅନେକ ଉତ୍ତର ଆସିବ, କିନ୍ତୁ ଆମେ ପଛକୁପଛ ସମୟକୁ ଫେରିଯିବା, ଶେଷରେ ଏହି ଉତ୍ତରରେ ଏକମତ ହେବା। ପଶୁପକ୍ଷୀ ପ୍ରାକୃତିକ ନିୟମକୁ ସମାହିତ କରି ବଂଶ ବିସ୍ତାର କରନ୍ତି। ସେହିପରି ଜୈବ ବିବର୍ତ୍ତନର ଧାରାରେ ଆଦିମ ମଣିଷ ଏହି ପ୍ରାକୃତିକ କ୍ରିୟାକୁ ସମାପନ କରୁଥିଲା। ଏହାକୁ ଆମେ ସମସ୍ତେ ଜାଣୁ, କିନ୍ତୁ ସର୍ବସମ୍ମୁଖରେ ଆଲୋଚନାକୁ ସମାଜ ଗ୍ରହଣ କରେ ନାହିଁ। ସମସ୍ତେ ସର୍ବଦା ଉହ୍ୟ ରଖିବାକୁ ଚାହାନ୍ତି।

ସରକାର ଏବେ ଏକ ପ୍ରୟାସ କରିଛନ୍ତି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ଯୌନ ଶିକ୍ଷା ଦେବେ। ଏହା ଏକ ସମୟୋପଯୋଗୀ ପଦକ୍ଷେପ ହୋଇପାରେ, କିନ୍ତୁ କେଉଁ ଉପାୟରେ ଶିକ୍ଷାଦାନ କରାଯିବ ତାହା ବିଚାରଯୋଗ୍ୟ। ଶିକ୍ଷକ ଉଭୟ ଛାତ୍ରୀ ଓ ଛାତ୍ର ଉପସ୍ଥିତିରେ ଏହି ଶିକ୍ଷାର ଆଲୋଚନା କଲାବେଳେ ମାନସପଟରେ ସକାରାତ୍ମକଠାରୁ ନକାରାତ୍ମକ ଭାବ ଅଧିକ ଉଦ୍ରେକ ହୋଇପାରେ। କିନ୍ତୁ ଛାତ୍ର ଓ ଛାତ୍ରୀଙ୍କୁ ପୃଥକ୍ ଭାବେ, ସେମାନଙ୍କ ଅଗୋଚରରେ, ସ୍ୱାସ୍ଥ୍ୟ କର୍ମୀ, ନର୍ସ ବା ଡାକ୍ତରମାନଙ୍କ ଦ୍ୱାରା ଗୋଟିଏ ଶିକ୍ଷା ବର୍ଷରେ ଅନେକ ସ୍ୱାସ୍ଥ୍ୟ କର୍ମଶାଳା ନାମରେ ଯୌନଶିକ୍ଷା ଦିଆଯାଇପାରେ। ଏହା ସତ୍ୟ, ଅନେକ ନାରୀ ଅଜ୍ଞତା ପାଇଁ ଅନେକ ଯୌନ ସମ୍ବନ୍ଧୀୟ ରୋଗର ସମ୍ମୁଖୀନ ହେଉଛନ୍ତି। ଏପରିକି ସହର, ଗାଁରେ ସମସ୍ତ ନାରୀଙ୍କୁ ସାମୂହିକ ଭାବେ ସ୍ୱାସ୍ଥ୍ୟ କର୍ମୀ, ମହିଳା ଡାକ୍ତରଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟ ସାକ୍ଷରତା ଅନୁଷ୍ଠିତ ହେବା ଉଚିତ। କେହି କେହି ଯୁକ୍ତି ରଖିପାରନ୍ତି, ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ତ ଏକାଠି ପୁଣି ଏ ସମ୍ବନ୍ଧୀୟ ପାଠ ପଢ଼ା ଯାଉଛି। ଏହା ଠିକ୍ କଥା। କିନ୍ତୁ ସେମାନେ ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ବୟସରେ ଆଉ ସେ ପାଠପଢ଼ା ବୃତ୍ତିକୁ ନେଇ। ତେଣୁ କୌଣସି ବିଷମ ଏତେଟା ଆସି ନ ପାରେ। ଜ୍ଞାନ ଅର୍ଜନ କ୍ଷେତ୍ରରେ ପରିବେଶ ଟିକେ ସକାରାତ୍ମକ ହେବା ଜରୁରୀ।

ଅନେକଙ୍କ ମନେଥିବ ନବେ ଦଶକରେ ଯେତେବେଳେ ଏଡ୍‌ସ ରୋଗ ବ୍ୟାପିବାକୁ ଲାଗିଲା, ଏ ସମ୍ବନ୍ଧରେ ଦୂରଦର୍ଶନରେ ବାରମ୍ବାର ସଚେତନତା ବିଜ୍ଞାପନ ପ୍ରଚାର କରାଗଲା, ଏହାକୁ ସମାଜ ସହଜରେ ଗ୍ରହଣ କଲା ନାହିଁ। ଅନେକେ ଅଭିଯୋଗ କଲେ ଘରେ ପରିବାର ସହିତ ଦୂରଦର୍ଶନ ଦେଖିବା ସହଜ ହେଉନାହିଁ ଅର୍ଥାତ୍ ଲଜ୍ଜାବୋଧ ହେଉଛି। ଏପରିକି କଥା ବିଧାନସଭାରେ ମଧ୍ୟ ଉଠିଥିଲା।




ଦ୍ୱିତୀୟ ଆଢୁଆଳର କଥା ହେଉଛି ଅର୍ଥ ବା ଧନ ଉପାର୍ଜନ କରିବାର ସଚେତନତା ଶିକ୍ଷା। ଆମେ ସାଧାରଣତଃ ବିଦ୍ୟାର୍ଥୀଙ୍କୁ ଯାହା ଦରକାର ନିଜେ କିଣି ଦେଇଥାଉ। ଆମର ଅନେକଙ୍କ ଧାରଣା ପିଲାଙ୍କ ହାତରେ ପଇସା ପଡ଼ିଲେ, ସେମାନେ ବିପଥଗାମୀ ହୋଇଯିବେ। ଅନେକ ସମୟରେ ଜ୍ଞାନୀଗୁଣୀ କହିଥାନ୍ତି ଯଦିଓ ବଞ୍ଚିବା ପାଇଁ କିଛି ଅର୍ଥର ପ୍ରୟୋଜନ, ତଥାପି ଟଙ୍କା ଜୀବନର ସବୁକିଛି ନୁହେଁ। 'ଅର୍ଥ'ର ଗୁରୁତ୍ୱକୁ ଆଖିଆଗରେ ରଖି କୌଟିଲ୍ୟ ରାଷ୍ଟ୍ର ପରିଚାଳନା ସମ୍ବନ୍ଧୀୟ ଶାସ୍ତ୍ରର ନାମ ରଖିଥିଲେ 'ଅର୍ଥ ଶାସ୍ତ୍ର', ଯଦିଓ ଏହି ଶାସ୍ତ୍ରର ଅର୍ଥ ସହିତ କିଛି ନେଣଦେଣ ନାହିଁ।

ଆମ ପିଲାମାନଙ୍କୁ ବ୍ୟବସାୟ ସମ୍ବନ୍ଧୀୟ ଜ୍ଞାନ ଆହରଣ ପାଇଁ ବାଣିଜ୍ୟ ପାଠ ରହିଛି। ସରକାର ଏବେ ଗୋଟିଏ ପ୍ରସ୍ତାବ ରଖିଛନ୍ତି, ଶେୟାର୍ ମାର୍କେଟ ସମ୍ବନ୍ଧରେ ସବୁପିଲାଙ୍କୁ ଶିକ୍ଷା ଦିଆଯିବ। ଏ ସମ୍ବନ୍ଧରେ ଅନେକେ ଏକମତ ହେଉ ନାହାନ୍ତି। ବିଦ୍ୟାର୍ଥୀଟିଏ ଧନ ଆଡ଼କୁ ମନ ଚଞ୍ଚଳ ହୋଇଗଲେ, ତାହା ସମାଜ ଉପରେ, ପରିବାର ଉପରେ, ନିଜ ଉପରେ ଅନେକ କୁପ୍ରଭାବ ପକାଇବ। ମାନସିକ ଭାବେ ଅନ୍ୟ କୌଣସି ସୃଜନାତ୍ମକ କାର୍ଯ୍ୟ ପ୍ରତି ଉଦାସୀନ ରହିବ। ଯଦିଓ କିଛି ଠିକ୍ ଆଉ ଭୁଲ୍‌ର ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଅନେକଙ୍କ ମତ ଏହା ପିଲାଙ୍କୁ ଜ୍ଞାନ ଅର୍ଜନ କରିବାର ପ୍ରକ୍ରିୟାକୁ ବ୍ୟାଘାତ କରିବ। ଏଠାରେ ସୂଚିତ କରାଯାଇପାରେ ଶେୟାର ମାର୍କେଟକୁ ଫଟକା ବଜାର ବୋଲି କୁହାଯାଏ। ମୋବାଇଲ ଯୁଗରେ ପିଲାଏ ଏମିତି ବିଭିନ୍ନ ଠକାମିର ଶିକାର ହେଉଛନ୍ତି, ଅଜଣା ଯୋଗୁ ନୁହେଁ, ଲୋଭ ଯୋଗୁ। ତାହା ଅନ୍‌ଲାଇନ ଜୁଆ ଖେଳ ହୋଇପାରେ ବା ଶେୟାର ମାର୍କେଟର ମନୋଲୋଭା ବିଜ୍ଞାପନ ହୋଇପାରେ। ସେଥିପାଇଁ କୌଣସି କଥା ସର୍ବସମ୍ମୁଖରେ ଥୋଇବା ବିଚାରର ବିଷୟ। ସବୁ ଛାତ୍ରୀଛାତ୍ରଙ୍କୁ ଶେୟାର ମାର୍କେଟର ଶିକ୍ଷା ଦେଲେ, ଆଉ ଯଦି ସଭିଏଁ ଷଣ୍ଢ ଲଢ଼େଇ ଆଉ ଭାଲୁ ଲଢ଼େଇ ମଧ୍ୟରେ ମନୋନିବେଶ କରନ୍ତି, ପିଲାଏ ପ୍ରକୃତ ଜ୍ଞାନ ଅର୍ଜନରୁ ବିରତ ରହିବେ ନିଶ୍ଚିତ। ସାମାଜିକ ଦାୟିତ୍ୱବୋଧ ଟିକକ କ୍ଷୁଣ୍ଣ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ମଣିଷର ସ୍ୱଭାବ ସହଜରେ କିପରି ଅର୍ଥ ଉପାର୍ଜନ କରିବ, ଆଉ ରାତିକା ରାତି ଧନୀ ହୋଇଯିବ। ଲଟେରି କ'ଣ ସମସ୍ତେ ଜାଣନ୍ତି, ଆଉ ଲଟେରି ଖେଳି ଅନେକେ କ୍ଷତି ସହୁଥିବାର ମଧ୍ୟ ଦେଖାଯାଉଛି, ଆଉ ଜୀବନ ବି ଯାଉଛି। ଆର୍ଥିକ ସାକ୍ଷରତା ପାଇଁ ସବୁ ବର୍ଗର ମଣିଷଙ୍କୁ ନେଇ ଅନେକ କର୍ମଶାଳା କରାଯାଇପାରେ।

ଅନେକ ଆଢୁଆଳର କଥା ଅଛି, ଯାହା ସର୍ବସମ୍ମୁଖରେ ବିଚାର ହେବା ଉଚିତ। କିନ୍ତୁ ଅନେକ କଥା ସମାଜ ଚାହେଁ ସ୍ଥାନ, କାଳ, ପାତ୍ରକୁ ତଉଲି ଆଲୋଚନା ହେଉ। ସେଥିପାଇଁ ଶିକ୍ଷାବିତ୍, ମନସ୍ତତ୍ତ୍ୱବିତ୍, ସମାଜର ଜ୍ଞାନୀଗୁଣୀଙ୍କ ପରାମର୍ଶ ନେଇ ତଥା ଅନେକ ବିଚାର କରି ଏସବୁ ପ୍ରୟୋଗ ହେବା ଜରୁରୀ ମନେହୁଏ, ନଚେତ୍ ପରବର୍ତ୍ତୀ ସାମାଜିକ ବିଭ୍ରାଟକୁ ହାତ,କାତ ପାଇବ ନାହିଁ....।

**ଗୋଗଲ, କାଏମା, ଯାଜପୁର**
**ମୋ:୯୭୭୭୭୪୯୭୨୭**

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତା ଦୁରବସ୍ଥା: ଦୁର୍ଘଟଣା ଆଶଙ୍କା

ମହାଶୟ,

ଗବକୁଣ୍ଡଠାରୁ ବଳଙ୍ଗା ବାମପଟ ପିଚୁ ରାସ୍ତା ହୋଇଥିଲା। ପରେ ସୁଆଣ୍ଡୋଠାରୁ ବିଦ୍ୟାଧରପୁର ପର୍ଯ୍ୟନ୍ତ ପ୍ରଶସ୍ତ ଦୋରସ୍ତ ପିଚୁରାସ୍ତା ହୋଇଛି। ମାତ୍ର ବିଦ୍ୟାଧରପୁର ପାଟଣା ସାହିଠାରୁ ଖଡ଼ିକୁଦା ଛକ ପର୍ଯ୍ୟନ୍ତ ରାସ୍ତାରୁ ପିଚୁ ଉଠିଯାଇ ଖାଲଖମାରେ ପରିପୂର୍ଣ୍ଣ। ଏହି ରାସ୍ତାରେ ଛାତ୍ରୀଛାତ୍ର ଗୁଆଲିଗୋରଡ଼ା ଉଚ୍ଚ ବିଦ୍ୟାଳୟ ଓ ବଳଙ୍ଗା ମହାବିଦ୍ୟାଳୟକୁ ଯାଉଛନ୍ତି। ଏଥିସହିତ ଏହାର ପାଖାପାଖି ୧୫ ଖଣ୍ଡ ଗ୍ରାମର ଚାଷୀ, ପଥଚାରୀ, ଭାରିଯାନ, ବସ୍, ଟ୍ରାକ୍ଟର, ଅଟୋ, ସାଇକେଲ, ବାଇକ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଅନେକ ବାଇକ, ସାଇକେଲ, ଆରୋହୀ ଉପର ନଦୀବନ୍ଧ ନାଲି ସଡ଼କରେ ମଧ ଯାତାୟାତ କରୁଛନ୍ତି। ସତ୍ୟବାଦୀ ବିଧାୟକ, ନିମାପଡ଼ା ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ତଥା ଜିଲାପାଳ, ପୁରୀ ସରଜମିନ ତଦନ୍ତ କରି ତୁରନ୍ତ ଏହି ରାସ୍ତା ମରାମତି କରାଯିବା ପାଇଁ ପଦକ୍ଷେପ ନିଅନ୍ତୁ। ଏହା ଦ୍ୱାରା ଅଞ୍ଚଳବାସୀ ଉପକୃତ ହେବେ।

**–ରାମଚନ୍ଦ୍ର ଦାସ, ବିଦ୍ୟାଧରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ସ୍ଫଟିକ ଧବଳ ଦଶନେ ତୁମର
ଦଶଦିଶ ଉଠୁ ହସି
ଅଧର ଶୋଭାକୁ ସରସ କରୁ ଗୋ
ତୃତୀୟାର ଶିଶୁ ଶଶି ।
–(ରୂପର ସ୍ତବ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ରାଜ୍ୟସ୍ତରୀୟ ସପ୍ତାହବ୍ୟାପୀ ଶ୍ରୀମଦ ଭାଗବତ ମହୋତ୍ସବ -୨୦୨୫, ସ୍ଥାନ: ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସର, ପ୍ରେସ କଲୋନୀ, ସମୟ: ଅପରାହ୍ନ ୪ଟା।
- ଟିଲୋ ଆଥଲେଟିକ୍ ଆସୋସିଏଶନ୍ ପକ୍ଷରୁ କନ୍‌କ୍ଲେଭ ଗେମ୍ ଚେଞ୍ଜର କାର୍ଯ୍ୟକ୍ରମ, ସ୍ଥାନ, ହୋଟେଲ୍ ଡୁରେନ୍, ସମୟ: ସନ୍ଧ୍ୟା ୬ଟା।
- ହିନ୍ଦୁସ୍ତାନୀ ସଙ୍ଗୀତ ସଭା ପକ୍ଷରୁ ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ସପ୍ତାହ ପାଳନ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ପାଣିଟାଙ୍କି ପାଖ, ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**
- ଓଡ଼ିଶା ପୋଲିସର କ୍ରାଇମବ୍ରାଞ୍ଚ ଶାଖା ଆନୁକୂଲ୍ୟରେ ୭୦ତମ ପୋଲିସ ବୃତ୍ତିଗତ ପ୍ରତିଯୋଗିତାର ଦ୍ୱିତୀୟ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବକ୍ସି ବଜାର, ସମୟ: ସକାଳ ୮ଟା।
- କଟକ ଜିଲାସ୍ତରୀୟ କଳା ଉତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଖାନନଗର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ କଟକ ନାଟ୍ୟୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ସେଭେନ୍ ପିଲର୍ସ ଅଫ୍ ୱିସ୍‌ଡମ ପ୍ରେକ୍ଷାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆକାଶବାଣୀର ପୂର୍ବତନ ନିର୍ଦ୍ଦେଶକ ଡ. ହୃଷୀକେଶ ପଣ୍ଡାଙ୍କ ୮ମ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ରାଇସିନା ମଣ୍ଡପ, ସିଡିଏ ସେକ୍ଟର-୯, ସମୟ: ଅପରାହ୍ନ ୫ଟା।

**ବାଲେଶ୍ୱର**
- ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ 'ଉତ୍ସାହ', ସ୍ଥାନ: ସ୍ପୋର୍ଟସ୍ ହଷ୍ଟେଲ କ୍ୟାମ୍ପସ, ଭୀମପୁରା, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ବିକାଶ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ମରଣିକା ଉନ୍ମୋଚନ ଉତ୍ସବ, ସ୍ଥାନ: ରାଣୀପାଟଣାସ୍ଥିତ ପ୍ରେସ ଇମ୍ପ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

**ଭଦ୍ରକ**
- କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ, ସ୍ଥାନ: ସରସଦା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦।

**କେନ୍ଦୁଝର**
- ସମ୍ବର୍ଦ୍ଧନା ସଭା ଓ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ,ସ୍ଥାନ: ସେଣ୍ଟ ମେରିଜ୍ ସ୍କୁଲ୍, ବଡ଼ବିଲ,ସମୟ:ସକାଳ ୮ଟା।

**ମୟୂରଭଞ୍ଜ**
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ଭାଜପା ପକ୍ଷରୁ ସ୍ମୃତି ଚାରଣ ସଭା, ସ୍ଥାନ: ୧୬ ନଂ. ଜାତୀୟ ରାଜପଥସ୍ଥିତ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

**କନ୍ଧମାଳ**
- ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ୍ କଲୋନୀ ପ୍ରାଥମିକ ବିଦ୍ୟାଳୟ କ.ନୂଆଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଦାରିଙ୍ଗବାଡ଼ି ବିଇଓଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ଜଗତ୍‌ସିଂହପୁର**
- ପାରାଦୀପ ପୌରପରିଷଦ ଆଗଧାଡିର କର୍ମଚାରୀଙ୍କ ପାଇଁ ସହଯୋଗ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ସମ୍ମିଳନୀ କକ୍ଷ, ପୌର କାର୍ଯ୍ୟାଳୟ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦ୍ରାପଡ଼ା**
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ୟାମସୁନ୍ଦରପୁର, କେନ୍ଦ୍ରାପଡ଼ା, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଜିଲା ପ୍ରଶାସନ ପକ୍ଷରୁ ଯାଜପୁର ଟାଉନରେ ଲକ୍ଷ୍ମୀନାରାୟଣ ଓ କାଳୀ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ : ଜିଲା ପରିଷଦ ସମ୍ମିଳନୀ କକ୍ଷ। ସମୟ : ଅପରାହ୍ନ ୫ଟା।

**ନୟାଗଡ଼**
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ:ନାରୁଗାଁ, ସୁବଳୟା,ସଜନାପଡା, ରଘୁନାଥପୁର, ଅଁଳାମଡା, ମେଳାମ୍ବ, ଅରାସାହି, ଆଙ୍କୁଲା ପାଟଣା, ସମୟ: ସକାଳ ୮ଟା ରୁ ରାତି ୯.୩୦।
- ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ନୟାଗଡ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ନୂଆଗାଁ ବ୍ଲକ ନୂଆଗାଁ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- କାଉନସିଲ ବୈଠକ, ସ୍ଥାନ: ନୟାଗଡ ମ୍ୟୁନିସିପାଲିଟି ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦.୩୦।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆଗାଁ ବ୍ଲକ ସଭାଗୃହ, ସମୟ:ପୂର୍ବାହ୍ନ ୧୧ଟା।
- ପୋଷାକ ବିତରଣ, ସ୍ଥାନ:ନୀଳମାଧବ ନୋଡାଲ ସ୍କୁଲ କଣ୍ଟିଲୋ, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥ ମନ୍ଦିରରେ ଭାଗବତ ମହାପୁରାଣ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଅବସରରେ ପ୍ରବଚନ, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ: ସଂଧ୍ୟା ୭ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ଅଷ୍ଟମ ଦିବସରେ ରାମ ଜଟାୟୁ ଉଦ୍ଧାର, ବାଳୀବଦ୍ଧ ଓ ସୁନ୍ଦରାକାଣ୍ଡ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ସଂଧ୍ୟା ୭ଟା।

**ଅନୁଗୋଳ**
- ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକସ୍ଥିତ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।

**ରାୟଗଡ଼ା**
- ବ୍ଲକ୍‌ସ୍ତରୀୟ ସୁରଭି ମହୋତ୍ସବ-୨୦୨୫, ସ୍ଥାନ: ସରକାରୀ ନୋଲାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନବରଙ୍ଗପୁର**
- ଉମରକୋଟରେ ୬୯ ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ଓ ସିପାକ୍ ଟାକ୍ରୋ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଉମରକୋଟ, ସମୟ: ସକାଳ ୯ଟା।
- ଭୀମଭୋଇ ଭିନ୍ନକ୍ଷମ ଶିବିର, ସ୍ଥାନ: ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତ, ସମୟ: ପୂର୍ବାହ୍ନ ୧୦ଟା।
- ପରିମଳ ମାଧ୍ୟମରେ ଗ୍ରାମୀଣ ସମୃଦ୍ଧି ନେଇ ତାଲିମ୍, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ପ୍ରାଥମିକ ବିଦ୍ୟାଳୟ, ମହୁଲି୧୭, ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ବନ୍ଧୁଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ, ସ୍ଥାନ: ଫୁପୁଗାଁ ସଦର ମହକୁମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁନ୍ଦୁରା ବ୍ଲକ୍, ସମୟ: ଅପରାହ୍ନ ୩ ଟା।

**ସମ୍ବଲପୁର**
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ ପରିସର, ସମୟ : ସକାଳ ୬ଟା।
- ମାତା ଭଗବତୀ ଦେବୀ ଏବଂ ଅଖଣ୍ଡ ଦୀପ ଜନ୍ମ ଶତାବ୍ଦୀ ବର୍ଷ ଉପଲକ୍ଷେ ରଥ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ଗାୟତ୍ରୀ ପୀଠ ସମ୍ମୁଖ ରାସ୍ତା, ସମୟ : ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ କଥା ମୃତ କାର୍ଯ୍ୟକ୍ରମ, ସ୍ଥାନ: କମିଶନର କଲୋନୀ ସ୍ଥିତ ଶ୍ରୀଶ୍ରୀ ଜ୍ଞାନ କ୍ଷେତ୍ର, ସମୟ: ଅପରାହ୍ନ ୫ଟା।
- ନବରତ୍ନ ସାଂସ୍କୃତିକ ଅନୁଷ୍ଠାନ ଆୟୋଜିତ ସମ୍ବଲପୁରୀ ନାଟକ ଶ୍ରୀରାମ ଅଯୋଦ୍ଧା ଫିରୁଛନ ମଞ୍ଚସ୍ଥ, ସ୍ଥାନ : ଗଙ୍ଗାଧରମୁକ୍ତ ମଞ୍ଚ, ସମୟ : ସନ୍ଧ୍ୟା ୭ଟା।
- ପ୍ରୟାସ ପରିବାର ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ମହାନଗର କାର୍ଯ୍ୟାଳୟ ସମ୍ମୁଖ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ବୁର୍ଡା ପ୍ରାଥମିକ କୃଷି ସମବାୟ ସମିତି ବୋର୍ଡ ବୈଠକ,ସ୍ଥାନ: ବୁର୍ଡା ସମିତି କାର୍ଯ୍ୟାଳୟ,ଲୋଇସିଂହା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଫିସ, ଢୁଢୁକା, ଆଗଲପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମହାଶକ୍ତି ଫାଉଣ୍ଡେଶନ ୨୧ ତମ ବାର୍ଷିକୋତ୍ସବ ତଥା କନ୍‌କ୍ଲେଭ ୨୦୨୫, ସ୍ଥାନ: ସ୍ୱୟମ୍ ହୋଟେଲ ଏଣ୍ଡ ରିସର୍ଟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭୀମପାହାଡ ମହୋତ୍ସବ ୨୦୨୫ ଲୋଗୋ ଉନ୍ମୋଚନ ଉତ୍ସବ,ସ୍ଥାନ: ଭୀମପାହାଡ, ଦେଓଗାଁ ବ୍ଲକ,ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

**ରାଉରକେଲା**
- ମା' ଦକ୍ଷିଣ କାଳୀଙ୍କ ଅଧିବାସ, ସ୍ଥାନ: ସେକ୍ଟର-୧, ସମୟ: ସକାଳ ୭ଟା।
- କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ: ରଘୁନାଥପାଲୀ ଉପ୍ରା ବିଦ୍ୟାଳୟ, ସମୟ: ସକାଳ ୯ଟା।
- କାଳୀପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୨୦ ଟିପ୍ ଟାଇପ୍ ମାର୍କେଟ, ସମୟ: ପୂର୍ବାହ୍ନ ୧୧ଟା।
- ହମ୍ ନିଶାଦ୍ ପକ୍ଷରୁ ଡିଲ୍ୟୁଗ୍-୨୦୨୫, ସ୍ଥାନ: ସେକ୍ଟର-୨୦ ରାଉରକେଲା କ୍ଲବ ମେନ୍ ହଲ୍, ସମୟ: ସନ୍ଧ୍ୟା ୬ଟା ୩୦।
- ପ୍ରଗତି ଉତ୍କଳ ସଂଘ ପକ୍ଷରୁ ଚନ୍ଦ୍ରଶେଖର ରଥଙ୍କ ଜନ୍ମ ଜୟନ୍ତୀ, ସ୍ଥାନ:ସେକ୍ଟର-୭, ପ୍ରଗତି ଉତ୍କଳ ସଂଘ କାର୍ଯ୍ୟାଳୟ ସମୟ: ସନ୍ଧ୍ୟା ୭ଟା।
- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଫର୍ଟିଲାଇଜର , ସମୟ: ପୂର୍ବାହ୍ନ ୧୧ଟା।
- ସାହିତ୍ୟ ସଭା, ସ୍ଥାନ: ନୋବେଲ ଆସୋସିଏଶନ, ଉଦିତନଗର, ସମୟ: ସନ୍ଧ୍ୟା ୭ଟା ୩୦।

**ସୁନ୍ଦରଗଡ଼**
- ଛାତ୍ର ଏବଂ ଶିକ୍ଷକମାନଙ୍କ ପାଇଁ ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ଏକ ଦିନିଆ ଜିଲା ସ୍ତରୀୟ କର୍ମଶାଳା, ସ୍ଥାନ: ସଂସ୍କୃତି ଭବନ, ସୁନ୍ଦରଗଡ଼,ସମୟ:ପୂର୍ବାହ୍ନ ୧୦ଟା।

**ବରଗଡ଼**
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବରଗେଇବିରା ଖେଳ ପଡିଆ, ବରଗଡ଼, ସମୟ: ସକାଳ ୮ଟା।
- 'ସମ୍ଭବ' ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ, ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

**କଳାହାଣ୍ଡି**
- ବିକାଶ ଡିଗ୍ରୀ କଲେଜରେ ବୈଷୟିକ କର୍ମଶାଳା, ସ୍ଥାନ: ଭବାନୀପାଟଣା ବିକାଶ ଡିଗ୍ରୀ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଯୋଜନା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ବୌଦ୍ଧ**
- ଜିଲାସ୍ତରୀୟ କପା ସଂଗ୍ରହ ବୈଠକ, ସ୍ଥାନ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**
- ହନୁମାନପାଲିଠାରେ ସୀତା ବିବାହ ପାଇଁ ନିର୍ବନ୍ଧ କାର୍ଯ୍ୟକ୍ରମ, ସ୍ଥାନ: ହନୁମାନପାଲି, ବୀରମହାରାଜପୁର, ସମୟ: ସକାଳ ୮ଟା।
- ରାମାୟଣ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ:ବରିଷ୍ଠ ସଙ୍ଗଠନ କାର୍ଯ୍ୟାଳୟ ବୀରମହାରାଜପୁର, ସମୟ: ସକାଳ ୯ଟା।
- ସହିଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ପଣ୍ଡିଆପାଲି, ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- ମାସ ବ୍ୟାପୀ ଅଖଣ୍ଡ ନାମଯଜ୍ଞର ଦଶମ ଦିବସ, ସ୍ଥାନ: ଖୁଣ୍ଟୁଲାପାଲି, ଉଲୁଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥ ମନ୍ଦିରରେ ସୁନ୍ଦରକାଣ୍ଡ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର ହନୁମାନ ମନ୍ଦିର, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।
- ହନୁମାନ ପାଲିଠାରେ ରାମଲୀଳାର ସୀତା ବିବାହ ନାଟକ ମଞ୍ଚସ୍ଥ, ସ୍ଥାନ : ହନୁମାନପାଲି ମନ୍ଦିର ସମ୍ମୁଖ, ସମୟ: ରାତି ୯ଟା।

**ନୂଆପଡ଼ା**
- ସୁରଭି କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପ୍ରାଥମିକ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅତି ନିକଟତର ବନ୍ଧୁଙ୍କ ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିବେ। କର୍ମକ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପାରନ୍ତି। ପରିବାରରେ ଛୋଟ କଥାରେ ଚିହ୍ନା ପଡିଲେ ଅପଦସ୍ଥ ହେବେ। ବିନା କାରଣରେ ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ।

**ବୃଷ**
କର୍ମକ୍ଷେତ୍ରରେ ଫାଇଲ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ପାରିବାରିକ ସମସ୍ୟା ବୃଦ୍ଧି ପାଇବା କାରଣରୁ କୌଣସି କାମ ଶୃଙ୍ଖଳିତ ରହିବ ନାହିଁ। ଅର୍ଥ ଓ ସମ୍ମାନ ପାଇବେ,ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହୋଇପାରନ୍ତି।

**ମିଥୁନ**
ସାଧାରଣ କଥାରେ ବନ୍ଧୁ ବିରକ୍ତ ପ୍ରକାଶ କରିପାରନ୍ତି। ଦୃଢ଼ ମନୋବଳ ଯୋଗୁ ବହୁ ବିପଦରୁ ରକ୍ଷା ପାଇବେ। ମାନସିକ ଦ୍ୱନ୍ଦ୍ୱ ବୃଦ୍ଧି ପାଇବା କାରଣରୁ ନିଷ୍ପତ୍ତି ନେବାରେ ବିଳମ୍ବ କରାଇବ। ମାନସିକ ସ୍ଥିତି ଠିକ୍ ରହିଲେ ମଧ୍ୟ ପାରିବାରିକ ସମସ୍ୟାଜଡିତ ରହିପାରନ୍ତି।

**କର୍କଟ**
ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ସହକର୍ମୀମାନେ ସହଯୋଗର ହାତ ବଢାଇବେ, କିନ୍ତୁ ସହଜରେ କାମ ହାସଲ ହେବା କାଠିକର ପାଠ ହେବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ନିଜ ଲୋକମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ସିଂହ**
କର୍ମକ୍ଷେତ୍ରରେ ଟେନ୍‌ସନ କମିଯିବ ଏବଂ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ସକାଳୁ ସକାଳୁ କୌଣସି ଶୁଭାକାଂକ୍ଷୀଙ୍କ ସାନ୍ନିଧ୍ୟ ଲାଭ କରିବେ। ଆର୍ଥିକ ଦିଗଟି ଭଲ ରହିବ, ମାତ୍ର ସ୍ୱାସ୍ଥ୍ୟ ହାନି ଘଟିବ। ରାଜନୈତିକ ସ୍ତରରେ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା**
ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। କଥା ଦେଇଥିବା ବନ୍ଧୁ ପର କ୍ଷଣରେ ଓଲଟା କଥା କହିବେ। ପରିବାରରେ ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢିପାରେ। ପରିବହନରେ ଲାଗିରହିଥିବା ସମସ୍ୟା ସମାଧାନ ହୋଇଯିବ।

**ତୁଳା**
କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ପ୍ରିୟଜନଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ ଓ ସାମୟିକ ଆନନ୍ଦ ପାଇବେ। ହାତରୁ ଖାଇ ପର ପାଇଁ ଖଟିବେ କିନ୍ତୁ ପ୍ରଶଂସା ବଦଳରେ ସମାଲୋଚିତ ହେବେ । ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ।

**ବିଛା**
ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ପିଲାମାନଙ୍କ ବୈବାହିକ ସମ୍ବନ୍ଧ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ପରିଜନମାନଙ୍କ ସହିତ ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ। ବନ୍ଧୁଙ୍କ ସହାୟତାରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**ଧନୁ**
ପଛକଥା ପଛକୁ ପକାଇ କାମ କରି ଚାଲନ୍ତୁ ଭଲ ହେବ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ କିନ୍ତୁ ସାମୟିକ ଆନନ୍ଦ ପାଇବେ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ ।

**ମକର**
କର୍ମକ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ । ପଡୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି। ଆଜିର ଯାତ୍ରା, ପରିଭ୍ରମଣ, ମନୋରଞ୍ଜନ ପ୍ରୀତିପ୍ରଦ ହେବ। ବାକ୍ ସଂଯମତା ରକ୍ଷା ନ କଲେ ଅଯଥା କଳହ ସୃଷ୍ଟି ହୋଇପାରେ।

**କୁମ୍ଭ**
ସଭାସମିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ପରିଜନଙ୍କ ସହିତ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ପୁରୁଣା ରୋଗ ପୀଡ଼ା ପାଇଁ ଟେନ୍‌ସନ୍ ବଢ଼ିଯାଇପାରେ।

**ମୀନ**
ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। କର୍ମକ୍ଷେତ୍ରର ସମସ୍ୟା କମିବା ଫଳରେ ରହିଥିବା ଟେନ୍‌ସନ୍ କମିଯିବ। ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। କର୍ମକ୍ଷେତ୍ରର ସମସ୍ୟାକୁ ସୁଧାରି ନେବାରେ ସମର୍ଥ ହେବେ।

ଆଜି ଅକ୍ଟୋବର ୧୭ ତାରିଖ, ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ ଦିବସ, ଗର୍ଭଣା ସଂକ୍ରାନ୍ତି, କାର୍ତ୍ତିକ କୃଷ୍ଣପକ୍ଷର ସର୍ବସମ୍ମତ ରମା ଏକାଦଶୀ ଯୁକ୍ତ ଦ୍ୱାଦଶୀ ଶୁକ୍ରବାର। ରାଶିନକ୍ଷତ୍ର-ଦିବା ଘ.୦୧।୫୮ ପର୍ଯ୍ୟନ୍ତ ମଘା/ସିଂହ, ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୪୫ ଗତେ, ଘ.୦୬।୩୧ ମଧ୍ୟେ, ଘ.୦୭।୧୭ ଗତେ, ଘ.୦୮।୩୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୫ ଗତେ, ଘ.୧୧।୩୧ ମଧ୍ୟେ ରାହୁକାଳ।

## ମୋଦି କହିଛନ୍ତି...

ପ୍ରଥମ ପୃଷ୍ଠାରୁ...

ଏଥିଯୋଗୁ ଭାରତକୁ ନିଜ ସାମଗ୍ରୀ ରପ୍ତାନି କରିବା କାଠିକର ହୋଇପଡ଼ିଛି। ଭାରତର ବାଣିଜ୍ୟିକ କାରବାର ଉପରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଛି। ୨୦୨୫ ସେପ୍ଟେମ୍ବରରେ ଭାରତର ବାଣିଜ୍ୟିକ ନିଅଣ୍ଟ ୩୨.୧୫ ବିଲିୟନ୍ ଆମେରିକୀୟ ଡଲାରକୁ ବୃଦ୍ଧି ପାଇଛି, ଯାହାକି ଗତ ୧୩ ମାସରେ ସର୍ବାଧିକ। ଭାରତ ଓ ଆମେରିକା ସମ୍ପର୍କରେ ତିକ୍ତତା ବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ ପାଲଟିଥିବା ରୁଷୀୟ ତୈଳ କ୍ରୟ ପ୍ରସଙ୍ଗରେ ବୁଧବାର ଟ୍ରମ୍ପ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ହ୍ୱାଇଟ୍‌ହାଉସ୍ ଓଭାଲ ଅଫିସରେ ଖବରଦାତାମାନଙ୍କୁ ଟ୍ରମ୍ପ କହିଛନ୍ତି, ଭାରତ ରୁଷୀୟ କ୍ରୁଡ୍ କିଣୁଥିବାରୁ ଏହା ୧୫ ଲକ୍ଷ ଲୋକଙ୍କ ଜୀବନ ଯାଇଥିବା ପୁଟିନ୍‌ଙ୍କ ହାସ୍ୟାସ୍ପଦ ଯୁଦ୍ଧ ପାଇଁ ଆର୍ଥିକ ସହାୟକ ହେଉଛି। ଏହାକୁ ନେଇ ଆମେରିକା ଅସନ୍ତୁଷ୍ଟ ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପ ମୋଦିଙ୍କୁ ତାଙ୍କର ଜଣେ ବନ୍ଧୁ ଦର୍ଶାଇ ଉଭୟଙ୍କ ମଧ୍ୟରେ ବହୁତ ଭଲ ସମ୍ପର୍କ ରହିଥିବା କହିଛନ୍ତି। ଟ୍ରମ୍ପ ଆହୁରି ଦାବି କରିଛନ୍ତି ଯେ, ଭାରତ ରୁଷିଆଠାରୁ ଆଉ କ୍ରୁଡ୍ ଅଏଲ୍ କିଣିବ ନାହିଁ ବୋଲି ବୁଧବାର ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ଆଶ୍ୱାସନା ଦେଇଛନ୍ତି। ଏହା ଏକ ବଡ଼ ପଦକ୍ଷେପ। ବର୍ତ୍ତମାନ ଚାଇନା ମଧ୍ୟ ରୁଷୀୟ ତୈଳ କ୍ରୟ ବନ୍ଦ କରୁ।

ମୋଦିଙ୍କୁ ଜଣେ ମହାନ୍ ବ୍ୟକ୍ତି ଭାବେ ଅଭିହିତ କରି ଟ୍ରମ୍ପ କହିଛନ୍ତି, ସେ ଟ୍ରମ୍ପଙ୍କୁ ଭଲ ପାଆନ୍ତି। ତାଙ୍କ ରାଜନୈତିକ କ୍ୟାରିୟର ନଷ୍ଟ ନ କରିବାକୁ ଟ୍ରମ୍ପ ଚାହାନ୍ତି ନାହିଁ। ସେ ଭାରତକୁ ଅନେକ ବର୍ଷ ଧରି ଦେଖିଆସିଛନ୍ତି। ଏହା ଏକ ଅବିଶ୍ୱସନୀୟ ଦେଶ, ଯେଉଁଠି ପ୍ରତିବର୍ଷ ଜଣେ ନୂଆ ନେତା କ୍ଷମତାକୁ ଆସିଥାନ୍ତି। ଏପରି କି ସେମାନଙ୍କ ମଧ୍ୟରୁ କେତେଜଣ କିଛି ମାସ ଭିତରେ ବଦଳିଥାନ୍ତି। ବର୍ଷ ବର୍ଷ ଧରି ଏପରି ଚାଲିଆସିଥିବାବେଳେ ବନ୍ଧୁ ମୋଦି ଦୀର୍ଘ ସମୟ ହେଲା ପ୍ରଧାନମନ୍ତ୍ରୀ ରହିଆସିଛନ୍ତି। ମୋଦି ତାଙ୍କୁ ଆଗକୁ ରୁଷୀୟ ତୈଳ କ୍ରୟ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପର୍ଯ୍ୟାୟକ୍ରମେ ତୈଳ କ୍ରୟ ବନ୍ଦ କରିବାକୁ ସମୟ ଲାଗିବ କିନ୍ତୁ ତାହା ଆରମ୍ଭ ହୋଇସାରିଛି ବୋଲି ମୋଦି କହିଥିବା ଟ୍ରମ୍ପ ପ୍ରକାଶ କରିଛନ୍ତି। ତେବେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବନ୍ଦ ହେବା ପରେ ଭାରତ ମସ୍କୋ ସହ ଶକ୍ତି ବାଣିଜ୍ୟ ଜାରି ରଖିପାରିବ। ଭାରତ ଯଦି ତୈଳ ନ କିଣେ ତେବେ ସବୁ ସୁବିଧାଜନକ ହେବ ବୋଲି ଟ୍ରମ୍ପ କହିଛନ୍ତି।

ପ୍ରକାଶ ଯେ, ବିଶ୍ୱର ତୃତୀୟ ବୃହତ୍ ତୈଳ ଆମଦାନୀକାରୀ ରାଷ୍ଟ୍ର ଭାରତ ନିଜ ଚାହିଦା ପୂରଣ ପାଇଁ ପାରମ୍ପରିକ ଭାବେ ମଧ୍ୟପ୍ରାଚ୍ୟ ତୈଳ ଉପରେ ନିର୍ଭରଶୀଳ ରହିଆସିଥିଲା। ତେବେ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରଠାରୁ ମସ୍କୋଠାରୁ ରିହାତି ମୂଲ୍ୟରେ ତୈଳ କ୍ରୟ ପରିମାଣ ଅହେତୁକ ବୃଦ୍ଧି ପାଇଛି। ପୂର୍ବରୁ ଭାରତ ରୁଷିଆଠାରୁ ୧% କ୍ରୁଡ୍‌ଅଏଲ୍ କିଣୁଥିବାବେଳେ ଏଥିରେ ହଠାତ୍ ପ୍ରାୟ ୪୦% ପର୍ଯ୍ୟନ୍ତ ବୃଦ୍ଧି ଦେଖିବାକୁ ମିଳିଛି। ତେବେ ଭାରତ ଏହାର ଜାତୀୟ ଶକ୍ତି ସୁରକ୍ଷା ଓ ଅପେକ୍ଷାକୃତ ସ୍ୱଳ୍ପ ମୂଲ୍ୟ ଯୋଗୁ ଏପରି କରୁଥିବା କହୁଛି। ଟ୍ରମ୍ପଙ୍କ ସଦ୍ୟ ମନ୍ତବ୍ୟ ପରେ ଭାରତ ସମାନ କଥା ଦୋହରାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଗୁରୁବାର କହିଛନ୍ତି, ଭାରତ ନିଜ ବଜାର ଚାହିଦା ପୂରଣ ପାଇଁ ଶକ୍ତି କ୍ଷେତ୍ରରେ ଉତ୍ସର ବିବିଧତା ଉପରେ ଜୋର୍ ଦେଉଛି। ଏନର୍ଜି ବଜାରର ଉଠାପକା ଭିତରେ ଭାରତୀୟ ଉପଭୋକ୍ତାମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଭିନ୍ନ ଆମଦାନୀ ନୀତି ଆପଣାଯାଉଛି। ଏହି କ୍ରମରେ ଆମେରିକା ସହ ମଧ୍ୟ ଶକ୍ତି ସମ୍ପର୍କକୁ ବ୍ୟାପକ କରିବାକୁ ନୂଆଦିଲ୍ଲୀ ଆଶାବାଦୀ ଥିବା ଜୟସ୍ୱାଲ ସ୍ପଷ୍ଟ କରିଛନ୍ତି। ଜୟସ୍ୱାଲ ଏପରି ସଫେଇ ଦେଉଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ଟ୍ରମ୍ପଙ୍କୁ ନେଇ ଭୟଭୀତ। ତେଣୁ ଭାରତର କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପାଇଁ ଆମେରିକା ଉପରେ ନିର୍ଭରଶୀଳ ହୋଇପଡ଼ିଛନ୍ତି। ମୋଦି ସରକାରଙ୍କ ବିଦେଶ ନୀତି ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ିପଡ଼ିଛି। କେନ୍ଦ୍ର ସରକାର ବିରୋଧୀ ନେତାମାନଙ୍କୁ ବିଶ୍ୱାସକୁ ନେଇ ସର୍ବଦଳୀୟ ବୈଠକ ଡାକନ୍ତୁ, ନଚେତ୍ ସମସ୍ତଙ୍କ ସହ ଜଣ ଜଣକରି ଆଲୋଚନା କରନ୍ତୁ ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଦାବି କରିଛନ୍ତି। ବିରୋଧୀଙ୍କ ସମାଲୋଚନା ପରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ମିଡିଆ ବିବୃତିରେ ଟ୍ରମ୍ପ-ମୋଦି ଆଲୋଚନା ପ୍ରସଙ୍ଗକୁ ଖଣ୍ଡନ କରାଯାଇଛି। ଦୁଇ ନେତାଙ୍କ ମଧ୍ୟରେ ବୁଧବାର ଫୋନ୍‌ରେ ରୁଷୀୟ ତୈଳ କ୍ରୟ ସମ୍ପର୍କରେ କୌଣସି ପ୍ରକାର ଆଲୋଚନା ହୋଇନାହିଁ ବୋଲି କୁହାଯାଇଛି। ଇତିମଧ୍ୟରେ ନୂଆଦିଲ୍ଲୀରେ ଅବସ୍ଥାପିତ ରୁଷିଆ ରାଷ୍ଟ୍ରଦୂତ ଡେନିସ୍ ଅଲିପୋଭ୍ କହିଛନ୍ତି, ଆମେ କାହାର ବାଣିଜ୍ୟିକ କାରବାରରେ ହସ୍ତକ୍ଷେପ କରୁନାହୁଁ। ଭାରତ ନିଜ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଆମଠାରୁ ତୈଳ କିଣୁଛି। ତେବେ ରୁଷିଆ ଭାରତ ସହ ଶକ୍ତି ସହଯୋଗ ବଜାୟ ରହିବା ନେଇ ଆଶାବାଦୀ ଏବଂ ନୂଆଦିଲ୍ଲୀ ତୈଳ ଆମଦାନୀ ଜାରି ରଖିବ ବୋଲି ରୁଷିଆ ଉପପ୍ରଧାନମନ୍ତ୍ରୀ ଆଲେକ୍‌ଜାଣ୍ଡାର ନେଭାକ୍ କହିଛନ୍ତି।

ସେପଟେ ବ୍ରିଟେନ୍ ରୁଷିଆର ସର୍ବବୃହତ୍ ତୈଳ ଉତ୍ପାଦନକାରୀଗୁଡ଼ିକ ସମେତ ଚାଇନାର ୨ଟି ଏନର୍ଜି ଫାର୍ମ ଏବଂ ଭାରତୀୟ ରିଫାଇନର୍ ନାୟରା ଏନର୍ଜି ଲିମିଟେଡ୍ ଉପରେ କଟକଣା ଜାରି କରିଛି। ରୁଷିଆ ସହ ତୈଳ କାରବାର ଯୋଗୁ ଏପରି ପଦକ୍ଷେପ ନିଆଯାଇଥିବା ବ୍ରିଟେନ୍ ସ୍ପଷ୍ଟ କରିଛି। ଏଭଳି ସ୍ଥିତିରେ ଅଶୋଧିତ ତୈଳ ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିଛି। ଗୁରୁବାର ବ୍ରେଣ୍ଟ ବ୍ୟାରେଲ ପିଛା ୬୨ ଡଲାରର ନିକଟତର ହୋଇଛି। ଆଗକୁ ଏଥିରେ ଆହୁରି ବୃଦ୍ଧି ଘଟିପାରେ ବୋଲି ଜଣେ ବିଶେଷଜ୍ଞ ମତ ଦେଇଛନ୍ତି। କ୍ରୁଡ୍ ଓ ବ୍ରେଣ୍ଟ ଅଧିକ ମହଙ୍ଗା ହେଲେ ଏହା ଜୁଲାଇ ପରଠାରୁ ସର୍ବାଧିକ ହେବ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି।

## ଜନଶୁଣାଣିକୁ ଗୁରୁତ୍ୱ...

ନ ଥିବାବେଳେ ମହିଳା ଓ ଶିଶୁ କଲ୍ୟାଣ ବିଭାଗରେ ୨ହଜାର ୩୧୯ ଅଭିଯୋଗ ଗଡୁଛି। ସେହିପରି ଜଳସମ୍ପଦ ବିଭାଗରେ ୧ହଜାର ୪୪୬, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୪ହଜାର ୯୮୮, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ୮ହଜାର ୬୫୨ ଏବଂ ଖଣି ଓ ଇସ୍ପାତ ବିଭାଗରେ ୫୦୬ଟି ଅଭିଯୋଗ ଗଡୁଛି। ପଞ୍ଚାୟତିରାଜ ବିଭାଗକୁ ବାଦ୍ ଦେଇ ଅନ୍ୟ ୫ଟି ବିଭାଗରେ ଅଭିଯୋଗ ସମାଧାନ ହାର ୮୦ପ୍ରତିଶତରୁ କମ୍ ରହିଛି।

ଇତିମଧ୍ୟରେ ରାଜ୍ୟରେ ୪୦ଟି ବିଭାଗକୁ ୪ଲକ୍ଷ ୯୯ହଜାର ୮୫୧ଟି ଅଭିଯୋଗ ମିଳିଥିବାବେଳେ ଗତ ସେପ୍ଟେମ୍ବରରେ ୧୭ହଜାର ୧୧ଟି ଅଭିଯୋଗ ସରକାରଙ୍କ ହସ୍ତଗତ ହୋଇଛି। ସେପ୍ଟେମ୍ବର ମାସରେ ସରକାରଙ୍କ ହସ୍ତଗତ ହୋଇଥିବା ଅଭିଯୋଗର ସମାଧାନ ହାର ୧୧ପ୍ରତିଶତ ଭିତରେ ରହିଛି। ଅଧିକାଂଶ ବିଭାଗର ଅଭିଯୋଗ ସମାଧାନ ହାର ୩ରୁ ୫ପ୍ରତିଶତ ମଧ୍ୟରେ ରହିଛି। ସେପ୍ଟେମ୍ବର ସୁଦ୍ଧା ରାଜ୍ୟରେ ୬୬ହଜାର ୮୬୮ଟି ଅଭିଯୋଗ ୪୦ଟି ବିଭାଗରେ ଗଡୁଛି। ଅଭିଯୋଗ ସମାଧାନ ହାର ମଧ୍ୟରେ ସାଧାରଣ ଉଦ୍ୟୋଗ, ସୂଚନା ଓ ଲୋକସମ୍ପର୍କ, ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନଶିଳ୍ପ ବିଭାଗର ସମାଧାନ ହାର ୯୭ରୁ ୯୮ପ୍ରତିଶତ ମଧ୍ୟରେ ରହିଛି।

## ବର୍ଷକରେ ୧.୫ କୋଟି...

ଦେଶର ଅର୍ଥନୀତି ଏବଂ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା ନେଇ ଅଧ୍ୟୟନରେ କୁହାଯାଇଛି। ଗତବର୍ଷ ବନାଗ୍ନି ଯୋଗୁ ବିଶ୍ୱବ୍ୟାପୀ ୩୭ ଲକ୍ଷ ବର୍ଗ କି.ମି. ଅଞ୍ଚଳ ଜଳିଯାଇଥିଲା, ଯାହା ଭାରତର କ୍ଷେତ୍ରଫଳଠାରୁ ମଧ୍ୟ ଅଧିକ। ଏଥିରୁ ନିର୍ଗତ ହୋଇଥିବା ଅଙ୍ଗାରକାମ୍ଳ ୮ ବିଲିୟନ ଟନ୍‌ରୁ ଅଧିକ ବୋଲି ରିପୋର୍ଟରେ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ବିଶ୍ୱବ୍ୟାପୀ ବନାଗ୍ନି ଘଟଣାକୁ ବଢ଼ାଇବା ସହ ଏହାର ଗମ୍ଭୀରତାକୁ ବୃଦ୍ଧି କରିଛି ବୋଲି ଏହି ଅଧ୍ୟୟନ ସ୍ପଷ୍ଟ ଭାବେ ପ୍ରମାଣିତ କରିଥିବା ଅଧ୍ୟୟନର ମୁଖ୍ୟ ଲେଖକ ଡଗ୍‌ଲାସ କେଲୀ କହିଛନ୍ତି। ଗତବର୍ଷ ସାରା ବିଶ୍ୱରେ ୧୦ କୋଟି ଲୋକ ବନାଗ୍ନିର ସମ୍ମୁଖୀନ ହୋଇ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ। ଦକ୍ଷିଣ ଏବଂ ଦକ୍ଷିଣପୂର୍ବ ଏସିଆ, ମଧ୍ୟ ଏବଂ ପୂର୍ବ ଆଫ୍ରିକାରେ ଏହି ସଂଖ୍ୟା ସର୍ବାଧିକ ଥିଲା ବୋଲି ଅଧ୍ୟୟନରେ କୁହାଯାଇଛି। ବନାଗ୍ନି ଯୋଗୁ ଭାରତ ଏବଂ ରିପବ୍ଲିକ ଅଫ୍ କଙ୍ଗୋରେ ସର୍ବାଧିକ ୧.୫ କୋଟି ଲେଖାଏ ଲୋକ ପ୍ରଭାବିତ ହୋଇଛନ୍ତି। ସେହିପରି ନାଇଜେରିଆ, ଚାଇନା, ମୋଜାମ୍ବିକ ଏବଂ ଦକ୍ଷିଣ ସୁଦାନରେ ୫୦ ଲକ୍ଷ ଲେଖାଏ ଲୋକ ପ୍ରଭାବିତ ହୋଇଥିବା ଏହି ଅଧ୍ୟୟନ କହିଛି। ବନାଗ୍ନି ଯୋଗୁ ଗତବର୍ଷ ବିଶ୍ୱବ୍ୟାପୀ ୨୧୫ ବିଲିୟନ ଡଲାର ମୂଲ୍ୟର ଘର ଏବଂ ଭିତ୍ତିଭୂମିକୁ କ୍ଷତି ପହଞ୍ଚିଛି। ଭାରତରେ ୪୪ ବିଲିୟନ ଡଲାର (ପ୍ରାୟ ୩.୬ ଲକ୍ଷ କୋଟି ଟଙ୍କା)ର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି। ଏହାପଛକୁ ଆମେରିକାରେ ୨୬ ବିଲିୟନ ଡଲାର ଏବଂ ଚାଇନାରେ ୧୭ ବିଲିୟନ ଡଲାର ମୂଲ୍ୟର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥିବା ଏହି ରିପୋର୍ଟ କହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଈଶ୍ୱର ଚାହିଁଲେ ସବୁ ହୁଏ**
**ଦୂବ ମଧ୍ୟ ଦାରୁ ହୁଏ ।**

ଈଶ୍ୱର ସର୍ବଶକ୍ତିମାନ୍ ତଥା ସର୍ବବିଦ୍ୟମାନ୍। ତାଙ୍କରି ନିର୍ଦ୍ଦେଶରେ ସୂର୍ଯ୍ୟ ଚନ୍ଦ୍ର ଆତଯାତ ହେଉଥିବା ବେଳେ ତାଙ୍କ ବିନା ଇଚ୍ଛାରେ ଗଛରୁ ପତ୍ରଟିଏ ମଧ୍ୟ ଝଡ଼ିପାରି ନ ଥାଏ। ଈଶ୍ୱରଙ୍କ କୃପା ମିଳିଲେ ଦୂବ ଘାସଟି ମଧ୍ୟ ଦାରୁରେ ପରିଣତ ହୋଇଯାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଇଷ୍ଟ ରୁଷ୍ଟ ହେଲେ ସଂଶୋଧନ**
**ଇଷ୍ଟ ରୁଷ୍ଟ ହେଲେ ବୈକୁଣ୍ଠ ସମାନ ।**

ନିଜର ଭୁଲ୍ ଥିଲେ ବା ଦୋଷ ଥିଲେ ସେଥିରେ ଯୁକ୍ତିତର୍କ ନ କରି ତାହାର ସଂଶୋଧନ କରିବା ଉଚିତ୍ ହୋଇଥାଏ। ଏପରି କରିବା ଦ୍ୱାରା ବିବାଦ ଆଗକୁ ବଢ଼ି ନ ଥାଏ ଓ ଏହାଦ୍ୱାରା ଅନେକ ସୁଫଳ ମିଳିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

Prestige®

ରୋଷେଇକୁ ଯିଏ ଭଲ ପାଆନ୍ତି, ପ୍ରେଷ୍ଟିଜ୍‌କୁ ଅସ୍ୱୀକାର କରିବେ କେମିତି!

## ଏଭଳି ଉଦ୍ଭାବନ ଯାହା ନେଇ ଗର୍ବ କରାଯାଏ, ଏଭଳି ଦାମରେ ଯାହା ଉଦଯାପନ କରାଯାଏ

ଶୁଭ ସଞ୍ଚୟ (କମି ଯାଇଥିବା GST ଦାମ) ଏବଂ ଶୁଭ ଉତ୍ସବ ଅଫର୍ସର ସହିତ ଉତ୍ସବ ଉଦଯାପନର ଆନନ୍ଦ ହେଉ ଦ୍ୱିଗୁଣ

Prestige ଶୁଭ ଉତ୍ସବ
10 ସେପ୍ଟେମ୍ବର – 31 ଅକ୍ଟୋବର, 2025

75 Years of Prestige




କିଣନ୍ତୁ*
ସ୍ୱଚ୍ଛ ଟ୍ରାଇ-ପ୍ଲାଇ 3 ଲି କୁକର୍
MRP: ₹3 535.00
(GST ହ୍ରାସର ପରବର୍ତ୍ତୀ ମୂଲ୍ୟ)

₹1 530.00 ମୂଲ୍ୟରେ ସ୍ୱଚ୍ଛ ଟ୍ରାଇ-ପ୍ଲାଇ କୁକର୍ ସହିତ ଷ୍ଟେନ୍‌ଲେସ୍ ଷ୍ଟିଲ୍ କଡ଼େଇ 24 ସେମି ମାଗଣାରେ*

କିଣନ୍ତୁ
ଟ୍ରାଇ-ପ୍ଲାଇ 3 ପିସ୍ କୁକ୍‌ୱେୟାର ସେଟ୍*
(କଡ଼େଇ, ଫ୍ରାଇ ପ୍ୟାନ୍, ସସ୍ ପ୍ୟାନ୍)
MRP : ₹4 990.00
(GST ହ୍ରାସର ପରବର୍ତ୍ତୀ ମୂଲ୍ୟ)
ଏବଂ ପାଆନ୍ତୁ
₹2 945.00 ମୂଲ୍ୟର ସ୍ୱଚ୍ଛ ଟ୍ରାଇ-ପ୍ଲାଇ କୁକର୍ 2 ଲି
ମାଗଣାରେ*

କିଣନ୍ତୁ
ମ୍ୟାଜିକ୍ ବେସ୍ ପ୍ରିମିୟମ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ କ୍ୟାସେରୋଲ୍ 24 ସେମି
MRP : ₹6 080.00
(GST ହ୍ରାସର ପରବର୍ତ୍ତୀ ମୂଲ୍ୟ)
ଏବଂ ପାଆନ୍ତୁ
₹3 100.00 ମୂଲ୍ୟର ନକ୍ଷତ୍ର ଆଲ୍‌ଫା ସ୍ୱଚ୍ଛ କୁକର୍ 3 ଲି
ମାଗଣାରେ*

କିଣନ୍ତୁ
ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ଲାଟିନା 3 ପିସ୍ କୁକ୍‌ୱେୟାର ସେଟ୍*
(କଡ଼େଇ, ଫ୍ରାଇ ପ୍ୟାନ୍, ସସ୍ ପ୍ୟାନ୍)
MRP : ₹3 730.00
(GST ହ୍ରାସର ପରବର୍ତ୍ତୀ ମୂଲ୍ୟ)
ଏବଂ ପାଆନ୍ତୁ
₹2 480.00 ମୂଲ୍ୟର ଷ୍ଟେନ୍‌ଲେସ୍ ଷ୍ଟିଲ୍ ନକ୍ଷତ୍ର ଏସେନସିଆଲ୍ ସ୍ୱଚ୍ଛ କୁକର୍ 3 ଲି
ମାଗଣାରେ*

PRASA-2025

ସମସ୍ତ ମୂଲ୍ୟ ହ୍ରାସ ପାଇଁ QR କୋଡ୍ ସ୍କାନ୍ କରନ୍ତୁ
সংশোধিত GST হার 22 সেপ্টেম্বর থেকে প্রযোজ্য।

CUSTOMER CARE NO 080-60004411 | Scan to find Prestige Xclusive stores | Shop Online on shop.ttkprestige.com | ttk

ସଂଶୋଧିତ GST ହାର 22 ସେପ୍ଟେମ୍ବର ଠାରୁ ପ୍ରଯୁଜ୍ୟ ।

*ନିୟମ ଓ ସର୍ତ୍ତାବଳୀ । ଗୋଟିଏ ଜିନିଷ ପାଇଁ ଯେଉଁ ଦାମ ଲେଖା ଅଛି, ସେଥିରେ ସବୁ ଟ୍ୟାକ୍ସ ଯୋଗ କରି ଏମଆରପି ଦିଆ ହୋଇଛି । ରିହାତି କେବଳ ଏମଆରପି ଉପରେ ପ୍ରଯୁଜ୍ୟ, ଏବଂ ଦୁଇଟି ଅଫର ଏକ ସାଥିରେ ନିଆ ଯାଇ ପାରିବ ନାହିଁ । ପ୍ରତିଟି ଅଫର କେବଳ ଏକ ୟୁନିଟ୍ କିଣିବା କ୍ଷେତ୍ରରେ ପ୍ରଯୁଜ୍ୟ । ପ୍ରତିଟି ଯୋଗ୍ୟ କ୍ରୟରେ ଏକ ୟୁନିଟ୍ ମାଗଣାରେ ଦିଆ ହେବ । ଅଫର କେବଳ ନିର୍ଦ୍ଦିଷ୍ଟ ମଡେଲ୍ ଓ ବଛା ଯାଇଥିବା ଷ୍ଟୋର୍‌ରେ ପ୍ରଯୁଜ୍ୟ, ଏବଂ ଷ୍ଟକ୍ ଥିବା ପର୍ଯ୍ୟନ୍ତ ଚାଲିବ । ଗୋଟିଏ ସ୍ୱଚ୍ଛ ଟ୍ରାଇ-ପ୍ଲାଇ 3 ଲିଟର ଇନର ଲିଡ୍ କୁକର୍ କିଣିଲେ, ଗ୍ରାହକ 24 ସେମିର ଗୋଟିଏ ଏସ୍‌ଏସ୍ କଡ଼େଇ ପାଇବେ । ଟ୍ରାଇ-ପ୍ଲାଇ 3-ପିସ୍ କୁକ୍‌ୱେୟାର ସେଟ୍‌ରେ ରହିଛି 24 ସେମି ଫ୍ରାଇ ପ୍ୟାନ୍, ଏସ୍‌ଏସ୍ ଲିଡ୍ ସହ 24 ସେମି କଡ଼େଇ ଓ 16 ସେମି ସସ୍‌ପ୍ୟାନ୍ । ଏସ୍‌ଏସ୍ ପ୍ଲାଟିନା 3-ପିସ୍ କୁକ୍‌ୱେୟାର ସହିତ ରହିଛି 22 ସେମି ଫ୍ରାଇ ପ୍ୟାନ୍, ଗ୍ଲାସ୍ ଲିଡ୍ ସହ 22 ସେମି କଡ଼େଇ ଓ ଗ୍ଲାସ୍ ଲିଡ୍ ସହ 16 ସେମି ସସ୍‌ପ୍ୟାନ୍ । ପ୍ରେଷ୍ଟିଜ୍‌ର ଲୋଗୋ ଭାରତରେ ଟିଟିକେ ପ୍ରେଷ୍ଟିଜ୍ ଲିମିଟେଡ୍‌ର ରେଜିଷ୍ଟର୍ଡ ଟ୍ରେଡମାର୍କ । ବିଶଦ ନିୟମ ଓ ସର୍ତ୍ତାବଳୀ ଜାଣିବା ପାଇଁ ଆପଣଙ୍କ ନିକଟବର୍ତ୍ତୀ ପ୍ରେଷ୍ଟିଜ୍ ଏକ୍ସକ୍ଲୁସିଭ୍/ଡିଲର୍ ଆଉଟଲେଟ୍‌କୁ ଯାଆନ୍ତୁ ।

**For Franchise Enquiry, please contact Mob - 7978985580 ■ For Distributor & Institutional enquiries Call +91 7008309169**

Prestige® Xclusive

**BHUBANESWAR, Rabi Takies Chhak:** opposite to Kedar Gouri Resort Mob: 7750925223 , **Bapuji Nagar**: 105 Bapuji Nagar, Behind Yes Bank(Old Post Office Lane) Lane No 08, 0674-2597141/9937138998 **Bapuji Nagar:** 237,Pani Tanki Lane,Bapuji Nagar Ph: 0674 2597685 Mob: 9777744071, **Sunderpada :**Shop No. 11, Vinayak Enclave, , 7008463572 **Satyangar:** 10, Janpath, Satyangar, Mob: 8280056821, **ID Market:** Shop No FG 3, I.D. Market, Near Reliance Fresh, IRC Village Mob: 9861404879, **Damana:** 248, Sailashree Vihar Road, Damana Mob : 7327902258, **Baramunda:** A/37, Ruchika Market, Baramunda, Mob : 9937073674, **CUTTACK, Dolmundai:** Hotel Akbari complex, Dolomundai, Haripur Road, Ph: 0671 2910337; Mob: 9348222581, **CDA:** Plot No.CM/3 (In front of Police Station), Markat Nagar, Sector - 7, Mob: 8917442506, 8280079702 , **Rourkela:** Daily Market, Near Reliance trend, Rourkela, Mob: 9777457774 , **BALUGAON**: Chilika Road, Balugaon, Mob: 8984858783 **KENDRAPARA**: Kakat Chhak, Ph: 06727 221241; Mob: 9040562233 **DHENKANAL:** I.G. Super Market, near SBI ATM; Mob: 9337477279/ 9348178750 **BOLANGIR:** A.B.S.S. Road, Near Samaleswari Temple, Ph: 06652 232419; Mob : 9437331171, 9437241863 **SEMILIGUDA:** Infront of RAM Mandir Gate,Main Road, Mob: 8328800974. **BARGARH:** C/o: New patra needs, infront of Gopal Goshala,NH-6, Main Road, Mob: 9776323188. **Berhampur:**Plot No 1865/2608, Khata No 833/395, Aska Road, opposite Chaturbhuj Petrol Pump- 09337748007,**Khordha:** Shop No- 140 & 145, Municipality Complex, New Bus Stand, in front of Bajaj Showroom,9552614450

**BHUBANESWAR:-**REETA-9938677424, Crockery Plaza-9938399889,BNM Enterprises-7008480152, Lingaraj Store-7978209549,Sulochana Enterprises-9338067682,Spectra Vision, Ph.-9937722277, Pratap Sewing Machine-9937138544, Utkal Light house-9937019272, Tammana Trading-7004248554 -Utkal Sales-9853150619, Triveni Agency-9937612806,Ghar Sansar Mart-7205377126,Bharat Electronics-9556760383, Balaji Electonics-9938469841, Sai Traders-7008298692-Bhubaneswar, S B Enterprises-9437310480, B S Enterprises, Ph 9861155551, ,Sai Associate-9937065641,Pursty Home appliances-8249694212,Sreeji Enterprises-9040533801, **Jatni-**D B enterprises-9078919100,**Khordha-**Maharana enterprises-7978018288,Kitchen Plaza-9337756820,**Balipatna-** Tarini Aluminum Stores-9438568797, **CUTTACK-** Patra Electonics-7008312282,Union Sales Emporium-9338461472,Nigam store-8249064237, Janata General Store-9937966355, Arbinda Plastic- 8763923528, Arbinda home Appliances-9438480346,Puspak Agency-7205016581, Balaji Distributor-8763153928 ,**Chowdar-**Prince Electronics-986110122, **Salepur-** Sanjaya electronics-9777777529, **Rahama** -Maa Padmavati Bastralaya-8908194534,**PARADEEP:-** Krishna Enterprise, **Kujanga-** Satapathy Enterprises-9437088525,**ROURKELA:-** Prestige-7064584070.Kitchen Accessories-7008058146 , **Sundergarh-**Laxmi Steel-8895443777 , **Sambalpur-**Samuka Steel Center-9437331074,Rathi Steel -9040448466, **Bhadrak-**Sako Sales-9777988814,Radhika Furniture-9437991876, **Baripada-**Aerovision-9861828643, ,**Angul-**Saralia Trading-9439471222, M.K Enterprises- 9776667882 **Nayagarh-**Ganapati Home Appliances-9583281930,**Balasore-**United Sales Agency-9583519516,**Pattamundei-**Nalini & Sons-9938175761 , **Pallahara** -Kanha Enterprises-9437334629 ,



MARUTI SUZUKI | NEXA

## CELEBRATIONS JUST GOT BIGGER.
### WITH GST BENEFITS + LIMITED PERIOD FESTIVE OFFERS*

| | PRICE REDUCTION OF UP TO# | NOW STARTING AT# | ADDITIONAL FESTIVE OFFERS OF UP TO* |
|---|---|---|---|
| FRONX | ₹1 12 600 | ₹6 84 900 | ₹75 000 |
| GRAND VITARA | ₹1 07 000 | ₹10 76 500 | ₹2 10 000 + 5 Year Extended Warranty |
| BALENO | ₹86 100 | ₹5 98 900 | ₹52 500 |
| IGNIS | ₹71 300 | ₹5 35 100 | ₹65 000 |
| INVICTO | ₹61 700 | ₹24 97 400 | ₹1 55 000 |
| XL6 | ₹52 000 | ₹11 52 300 | ₹55 000 |
| JIMNY | ₹51 900 | ₹12 31 500 | ₹85 000 |



SCAN TO CONNECT TO A SHOWROOM NEAR YOU

*FESTIVE OFFERS VALID TILL 23RD OCT ONLY

NEXA SAFETY SHIELD

UP TO 100% WAIVER ON CAR LOAN PROCESSING FEE (ONLY TILL 31ST OCT)##

E-BOOK TODAY @ WWW.NEXAEXPERIENCE.COM

Contact us at 1800-200-6392 1800-102-6392

For detailed T&C kindly visit your nearest dealership. Features and accessories shown may not be a part of the standard fitment. Black glass shade on the vehicle is due to the lighting effect. Images used are for illustration purposes only. All offers are brought to you by NEXA dealers only. Offers and features may vary subject to the model and variant purchased. *The mentioned offers include "Consumer Offer + Booking offer + Exchange Bonus + Rural offer", and may vary from city to city. Please contact nearby dealership for more details. Maruti Suzuki reserves the right to withdraw offers at any point in time without any advance notice. All offers are applicable till 23rd October '25 or till stocks last. Maruti Suzuki Smart Finance is now available pan India. Maruti Suzuki Subscribe is available only in selected cities. ##Offers include consumer offer, exchange bonus and institutional or rural offers (wherever applicable) on select models/variants. Finance is at the sole discretion of the financer by selected finance partners. #Prices and savings mentioned above are for select variants and may vary across cities/ variants.


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା–୮+୮
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୭/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, October 17/2025 | Page 16 | ₹ 7.00
୫୧ଶ ଭାଗ ୩୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 321 | ମୂଲ୍ୟ ₹୭/-




# ନୂଆପଡ଼ାର ବିକାଶ ମୋ ଦାୟିତ୍ୱ: ମୁଖ୍ୟମନ୍ତ୍ରୀ



ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ନେତୃବୃନ୍ଦ।

**ନୂଆପଡ଼ା,୧୬।୧୦ (ମକାରୁ ବେମାଲ)**

ନୂଆପଡ଼ାର ବିକାଶ ତାଙ୍କ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ଖରିଆର ରୋଡ୍ ଗୋତମା ଏୟାରଷ୍ଟ୍ରିପ ପଡ଼ିଆରେ ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆପଡ଼ାକୁ ସେ ସ୍ୱତନ୍ତ୍ର ଭାବରେ ଦେଖିବେ ଓ ବାରମ୍ବାର ଆସିବେ। ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଅଧୁରା ସ୍ୱପ୍ନକୁ ସେ ପୂରଣ କରିବେ ବୋଲି କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଇତିମଧ୍ୟରେ ସେ ଏହି ଜିଲାକୁ ୪ଥର ଆସି ସାରିଲେଣି। ମାରାଗୁଡ଼ା ମହୋତ୍ସବ ସମୟରେ ସେ ସାଢ଼େ ୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ପାଇଁ ଅନୁଦାନ ମଞ୍ଜୁର କରିଥିଲେ। ଗତ ୬ ତାରିଖରେ ୧,୧୦୧ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ନୂତନ ପ୍ରକଳ୍ପ ଘୋଷଣା କରିଛନ୍ତି। ଦୁଇଟି ଏନ୍‌ଏସି ଓ ଗୋଟିଏ ମ୍ୟୁନିସିପାଲିଟି ମଧ୍ୟ ଘୋଷଣା କରାଯାଇଛି। କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ରହିଛି। ତାଙ୍କ ସରକାର ସବୁବେଳେ ବିକାଶ ଚାହାନ୍ତି ଓ କେବଳ କଥାରେ ନୁହେଁ, କାମ କରି ଦେଖାନ୍ତି ବୋଲି ସେ କହିଛନ୍ତି। ସେ ପୁଣି କହିଛନ୍ତି, ୨୦୨୪ ନିର୍ବାଚନ ସମୟରେ ଯାହା କହିଥିଲୁ ତାହା କରି ଦେଖାଇଲୁ। ଚାଷୀଙ୍କ ଧାନ କୁଇଣ୍ଟାଲ ୩୧ ଶହ ଟଙ୍କା, ମହିଳାଙ୍କୁ ସୁଭଦ୍ରା ଯୋଜନାରେ ୫ ବର୍ଷରେ ୫୦ ହଜାର ଟଙ୍କା ଦେବାକୁ ଘୋଷଣା କରିଛୁ। ବର୍ତ୍ତମାନ ୩ଟି କିସ୍ତିରେ ୧୫ ହଜାର ଟଙ୍କା ଦିଆସରିଲାଣି। ୮୦ ବର୍ଷର ବୃଦ୍ଧାବୃଦ୍ଧଙ୍କ ଭତ୍ତା ୩୫ ଶହ ଟଙ୍କା କରିଛୁ। ରାଜ୍ୟରେ ୨୫ ବର୍ଷ ଶାସନରେ ଥିବା ବିଜେଡି ସରକାର ଆଦିବାସୀଙ୍କୁ ଅଣଦେଖା କରୁଥିଲା। ଭାଜପା ସରକାର କ୍ଷମତାକୁ ଆସିଲା ପରେ ଜଣେ ଆଦିବାସୀ ମହିଳା ରାଷ୍ଟ୍ରପତି ହୋଇଛନ୍ତି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ। ମନ୍ତ୍ରିମଣ୍ଡଳରେ ଅନେକ ଆଦିବାସୀ ନେତା ସଦସ୍ୟ ରହିଛନ୍ତି। ନୂଆପଡ଼ା ଏକ ଆଦିବାସୀ ବହୁଳ ଜିଲା ହୋଇଥିବାବେଳେ ସେମାନଙ୍କ ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ବର୍ତ୍ତମାନ ସମୟରେ ବିଜେଡି ଦେବାଳିଆ ହୋଇଗଲାଣି। ବିଜେଡିକୁ ☞ପୃଷ୍ଠା–୫

# ଅନ୍ଧାରରେ ରାଜ୍ୟର ୨୯% ଘର

## ୪୯% ଅଞ୍ଚଳରେ ମୋବାଇଲ ନେଟ୍‌ୱର୍କ ପହଞ୍ଚି ପାରିନାହିଁ

**ଓଡ଼ିଶାରେ ବର୍ତ୍ତମାନ ମଧ୍ୟ ୨୯% ପରିବାର ପାଖରେ ବିଦ୍ୟୁତ୍ ସେବା ପହଞ୍ଚି ପାରିନାହିଁ। ଓଡ଼ିଶା ଏକ ବିଦ୍ୟୁତ୍ ବଳକା ରାଜ୍ୟ ହୋଇଥିବା ସତ୍ତ୍ୱେ ଏତେ ସଂଖ୍ୟକ ପରିବାର ଅନ୍ଧାରରେ ରହିବା ସରକାରଙ୍କ ପାଇଁ ଚିନ୍ତାଜନକ ବିଷୟ। ଏ ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ଜନଜାତି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ସ୍ପଷ୍ଟ କୁହାଯାଇଛି ଯେ, ଓଡ଼ିଶାରେ ପର୍ଟିକୁଲାରଲି ଭଲ୍‌ନେରେବଲ୍ ଟ୍ରାଇବାଲ ଗ୍ରୁପ୍(ପିଭିଟିଜି) ବର୍ଗର ଜଣେ ମଧ୍ୟ ବ୍ୟକ୍ତି ବିଦ୍ୟୁତ୍ ସେବାରୁ ବଞ୍ଚିତ ହେବା ଅନୁଚିତ। ସେଥିପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି। ଗତ ୧୪ ତାରିଖରେ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ସଚିବ ବିଭୁ ନାୟାର ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଏନେଇ ପତ୍ର ଲେଖିଛନ୍ତି। ରାଜ୍ୟର ସମସ୍ତ ପିଭିଟିଜି ଗ୍ରାମକୁ ଅକ୍ଟୋବର–୨୦୨୫ ସୁଦ୍ଧା ସବୁ ପ୍ରକାର ସରକାରୀ ସେବା ପହଞ୍ଚାଇବା ଆବଶ୍ୟକ ବୋଲି ପତ୍ରରେ ଦର୍ଶାଇଛନ୍ତି।**

### ମୁଖ୍ୟ ଶାସନ ସଚିବଙ୍କୁ ଜନଜାତି ମନ୍ତ୍ରଣାଳୟର ନିର୍ଦ୍ଦେଶ

### ବିଦ୍ୟୁତ୍ ସଂଯୋଗରୁ ଜଣେ ବି ପିଭିଟିଜି ବାଦ୍ ନ ପଡ଼ନ୍ତୁ

**ଭୁବନେଶ୍ୱର,୧୬।୧୦ (ରବିନାରାୟଣ ଜେନା)**

ନଭେମ୍ବର ୨୦୨୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଏକ ମେଗା ଇଭେଣ୍ଟ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ପିଭିଟିଜି ଗ୍ରାମଗୁଡ଼ିକୁ 'ସ୍ୟାଚୁରେଟେଡ୍' ତଥା ସମସ୍ତ ସେବା ପହଞ୍ଚିଛି ବୋଲି ଘୋଷଣା ଓ ପ୍ରମାଣିତ କରାଯିବ। ଏହାକୁ ଦୃଷ୍ଟିରେ ରଖି 'ପିଏମ୍–ଜନମନ' ମିଶନରେ ରାଜ୍ୟରେ ଥିବା ପିଭିଟିଜି ବର୍ଗଙ୍କ ନିକଟରେ ଯେଭଳି ସମସ୍ତ ପ୍ରକାର ସରକାରୀ ସେବା ତଥା ଯୋଜନା ଉପଲବ୍ଧ ହୋଇପାରିବ ସେନେଇ ଗୁରୁତ୍ୱ ଦେବାକୁ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ସଚିବ ବିଭୁ ନାୟାର ରାଜ୍ୟ ସରକାରଙ୍କୁ ଚିଠି କରିଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ପିଏମ୍–ଜନମନ ଯୋଜନା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହା ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଚାଲିବ। ପିଏମ୍ ଜନମନ ଅଧୀନ ଅନେକ କାର୍ଯ୍ୟରେ ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ। ଓଡ଼ିଶାରେ ଏହି ଯୋଜନାରେ କିଛି ମୁଖ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଦେଖାଯାଇଛି, ତଥାପି ଏହି ଗତିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ନାୟାର ଦର୍ଶାଇଛନ୍ତି, ଓଡ଼ିଶାରେ ଅଦ୍ୟାବଧି ୭୧% ଘରେ ବିଦ୍ୟୁତ୍ ସଂଯୋଗ ହୋଇଛି। କିନ୍ତୁ ରାଜ୍ୟ ସରକାର ଏକ୍ଷେତ୍ରରେ ନିଶ୍ଚିତ କରିବା ଆବଶ୍ୟକ ଯେ ପିଭିଟିଜିମାନେ ବିଲ୍ ଦେଉ ନ ଥିବା ଯୋଗୁ ଯେଭଳି ତାଙ୍କର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଏନେଇ 'ଗ୍ରାମସଭା' ଏକ ପ୍ରମାଣପତ୍ର ଦେବା ଆବଶ୍ୟକ। ଏପରି କି 'ଡିସ୍‌କମ୍' କିମ୍ବା ଜିଲା ପ୍ରଶାସନ ଦ୍ୱାରା ବିଦ୍ୟୁତ୍ ☞ପୃଷ୍ଠା–୫

**ନୂଆପଡ଼ା ଉପନିର୍ବାଚନ**

# ଭାଜପାର ୪୦ ଷ୍ଟାର ପ୍ରଚାରକ

### ମୁଖ୍ୟମନ୍ତ୍ରୀଙ୍କ ସହ ବିଷ୍ଣୁଦେବ ସାଏ, ଧର୍ମେନ୍ଦ୍ର, ଅଶ୍ୱିନୀ, ଜୁଏଲ ପ୍ରଚାର କରିବେ

**ଭୁବନେଶ୍ୱର, ୧୬।୧୦ (ସୁନିତ୍ ମିଶ୍ର)**

ନୂଆପଡ଼ା ଉପନିର୍ବାଚନ ପାଇଁ ବିଗୁଲ ବାଜିସାରିଥିବା ବେଳେ ୩ ଦଳର ପ୍ରାର୍ଥୀଙ୍କ ନାମ ମଧ୍ୟ ଘୋଷଣା ସରିଛି। ଉପନିର୍ବାଚନ ଲାଗି ଭାଜପା ପକ୍ଷରୁ ୪୦ ଜଣିଆ ତାରକା ପ୍ରଚାରକ ତାଲିକା ଗୁରୁବାର ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ପ୍ରଦାନ କରାଯାଇଛି। ଏହି ତାରକା ପ୍ରଚାରକମାନେ ପ୍ରଚାରର ମଙ୍ଗ ଧରି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିବା ସହ ଦଳ ସହିତ ଯୋଡ଼ିହେବା ପାଇଁ ଭୋଟରଙ୍କୁ ଆକୃଷ୍ଟ କରିବେ ବୋଲି ଦଳର ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ଏହି ୪୦ ଜଣିଆ ତାଲିକାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ଜୁଏଲ ଓରାମ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସହ ପ୍ରଭାରୀ ଲତା ଉସେଣ୍ଡି, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ଓ ପ୍ରଭାତୀ ପରିଡ଼ା, ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଓ, ମନ୍ତ୍ରୀ ସୁରେଶ ପୂଜାରୀ, ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ସାଂସଦ ବ୍ରିଜମୋହନ ଅଗ୍ରୱାଲ, ଏମ୍‌ପି ସଂଗୀତା ସିଂଦେଓ, ମନ୍ତ୍ରୀ ରବିନାରାୟଣ ନାଏକ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଛତିଶଗଡ଼ ସରକାରଙ୍କ ମନ୍ତ୍ରୀ ଗୁରୁ ଖୁସ୍‌ୱନ୍ତ ସାହିବ, ସାଂସଦ ପ୍ରଦୀପ ପୁରୋହିତ, ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ସାଂସଦ ରୂପକୁମାରୀ ଚୌଧୁରୀ, ସାଂସଦ ମାଳବିକା ଦେବୀ, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ବିଧାୟକ ☞ପୃଷ୍ଠା–୫


# ଗୁଜରାଟ କ୍ୟାବିନେଟ୍‌ର ସମୂହ ଇସ୍ତଫା

### ଆଜି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

**ଗାନ୍ଧୀନଗର,୧୬।୧୦**

ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଶୁକ୍ରବାର ତାଙ୍କ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରିବାକୁ ଯାଉଥିବାରୁ ଗୁରୁବାର ତାଙ୍କୁ ବାଦ୍ ଦେଇ ସମ୍ପୂର୍ଣ୍ଣ କ୍ୟାବିନେଟ ଇସ୍ତଫା ଦେଇଛି। ସମସ୍ତ ୧୬ ମନ୍ତ୍ରୀଙ୍କ ଇସ୍ତଫାପତ୍ରକୁ ଭାଜପା ଗ୍ରହଣ କରିଛି। ବର୍ତ୍ତମାନର ସରକାର ପାଖାପାଖି ୩ ବର୍ଷ ପୂରଣ କରିଛି। ଆଗକୁ ଗୁରୁତ୍ୱପୂର୍ଣ୍ଣ ପୌର ନିର୍ବାଚନ, ଜିଲା ପଞ୍ଚାୟତ ଓ ତାଲୁକ ପଞ୍ଚାୟତ ନିର୍ବାଚନ ହେବାକୁ ଥିବାବେଳେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ନିଷ୍ପତ୍ତି ନିଆଯାଇଛି। ୧୮୨ ସଦସ୍ୟ ବିଶିଷ୍ଟ ଗୁଜରାଟ ବିଧାନସଭାରେ ୧୫ ପ୍ରତିଶତ ଅନୁପାତରେ ୨୭ ଜଣ ମନ୍ତ୍ରୀ ହୋଇପାରିବେ। ରାଷ୍ଟ୍ରମନ୍ତ୍ରୀ ଥିବା ଜଗଦୀଶ ବିଶ୍ୱକର୍ମାଙ୍କୁ ଚଳିତ ମାସରେ ଗୁଜରାଟ ଭାଜପା ରାଜ୍ୟ ସଭାପତି ନିଯୁକ୍ତ କରାଯାଇଥିଲା। ଶୁକ୍ରବାର ପୂର୍ବାହ୍ନ ୧୧ଟା ୩୦ରେ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ନବନିଯୁକ୍ତ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ।

# ବିଦାୟ ନେଲା ମୌସୁମୀ, ୨୧ରେ ଲଘୁଚାପ



**ଭୁବନେଶ୍ୱର, ୧୬।୧୦(ବନ୍ଦନା ସେଠୀ)**

ଓଡ଼ିଶା ସମେତ ସାରା ଦେଶରୁ ଗୁରୁବାର ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ବିଦାୟ ନେଇଛି। ଏବେ ରାଜ୍ୟରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନ ଥିବାବେଳେ ଗୁରୁବାର କାଁ ଭାଁ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ତେବେ ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ଓଡ଼ିଶାରେ ପାଗ ଶୁଖିଲା ରହିବ। କିନ୍ତୁ ଆସନ୍ତା ୨୧ ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଲଘୁଚାପଟି ଉତ୍ତର–ପଶ୍ଚିମ ଦିଗରେ ମୁହାଁଇ ମୁଖ୍ୟତଃ ତାମିଲନାଡୁ ଓ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଆଡକୁ ଗତି କରିବ। ୨୩ ତାରିଖ ବେଳକୁ ଏହା ଅବପାତରେ ରୂପ ନେଇପାରେ। ଅବପାତ ନେଇ ଜିଏଫ୍‌ଏସ୍ ମଡେଲ ଦର୍ଶାଇଥିବାବେଳେ ଅନ୍ୟ କୌଣସି ମଡେଲ ପୂର୍ବାନୁମାନ କରିନାହାନ୍ତି। କିନ୍ତୁ ଓଡ଼ିଶା ଉପରେ ଏହା ପ୍ରଭାବ ପକାଇବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ପଦାଧିକାରୀ ତାଲିକା ପ୍ରକାଶକଲା ଭାଜପା

- ୧୦ ଉପସଭାପତି, ୪ ସାଧାରଣ ସମ୍ପାଦକ , ୧୦ ସମ୍ପାଦକ ନିଯୁକ୍ତ
- ଜଣେ କୋଷାଧ୍ୟକ୍ଷ, ଜଣଙ୍କୁ ଯୁଗ୍ମ କୋଷାଧ୍ୟକ୍ଷ ପଦବୀ ମିଳିଲା

**ଭୁବନେଶ୍ୱର, ୧୬।୧୦(ସୁନିତ୍ ମିଶ୍ର)**

ଭାଜପା ରାଜ୍ୟ ସଭାପତି ଭାବେ ମନମୋହନ ସାମଲ ଦାୟିତ୍ୱ ଗ୍ରହଣକରିବା ପରେ ପ୍ରଥମ ପଦାଧିକାରୀ ତାଲିକା ଘୋଷଣା ହୋଇଛି। ଉକ୍ତ ତାଲିକାରେ ୧୦ ଜଣ ଉପସଭାପତି, ୪ ଜଣ ସାଧାରଣ ସମ୍ପାଦକ ଏବଂ ୧୦ ଜଣ ସମ୍ପାଦକ ରହିଛନ୍ତି। ଏହାସହ ଜଣେ କୋଷାଧ୍ୟକ୍ଷ ଏବଂ ଜଣେ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ପାଇଛନ୍ତି। ୧୦ ଉପସଭାପତିଙ୍କ ମଧ୍ୟରେ ଜତିନ ମହାନ୍ତି, ଅଶୋକ ମିଶ୍ର, କୁସୁମ ଟେଟେ, ରମେଶ ଚନ୍ଦ୍ର ସାହୁ, କେ. ନାରାୟଣ ☞ପୃଷ୍ଠା–୫



## କପିଳ ଶର୍ମାଙ୍କ କାନାଡା କାଫେକୁ ପୁଣି ଗୁଳିମାଡ଼

ନୂଆଦିଲ୍ଲୀ,୧୬।୧୦

ହାସ୍ୟାଭିନେତା କପିଳ ଶର୍ମାଙ୍କ କାନାଡାର ସୁରିସ୍ଥିତ କାପ୍ସ କାଫେରେ ବୁଧବାର ବିଳମ୍ବିତ ରାତିରେ ପୁଣି ଗୁଳିମାଡ଼ ହୋଇଛି। ଗତ ୪ ମାସ ମଧ୍ୟରେ ଏହା ତୃତୀୟ ଘଟଣା। ଲରେନ୍ସ ବିଷ୍ଣୋଇଙ୍କ ଗ୍ୟାଙ୍ଗର ୨ ସଦସ୍ୟ ଗୋଲ୍ଡି ଧିଲୋନ୍ ଏବଂ କୁଲଦୀପ୍ ସିଦ୍ଧୁ ସୋସିଆଲ ମିଡିଆ ଜରିଆରେ ଆକ୍ରମଣର ଶ୍ରେୟ ଦାବି କରିଛନ୍ତି। ଜନସାଧାରଣଙ୍କୁ ଦୂରେଇ ରହିବାକୁ ସେମାନେ ସତର୍କ କରାଇଥିଲେ। ଏକ ଗାଡ଼ିରୁ ଜଣେ ବ୍ୟକ୍ତି ୱିଣ୍ଡୋ ଦେଇ ଅନ୍ୟୂନ ୬ଟି ଗୁଳିମାଡ଼ କରିଥିବା ଭିଡିଓରେ ଦେଖିବାକୁ ମିଳିଛି। କାପ୍ସ କାଫେରେ ହୋଇଥିବା ୩ଟି ଗୁଳିମାଡ଼ ଘଟଣା ପାଇଁ ଗୋଲ୍ଡି ଧିଲୋନ୍ ଏବଂ କୁଲଦୀପ୍ ସିଦ୍ଧୁ ନିଜକୁ ଦାୟୀ କରିଛନ୍ତି। ତେବେ ଆମର ଜନସାଧାରଣଙ୍କ ସହ କୌଣସି ଶତ୍ରୁତା ନାହିଁ ବୋଲି ସେମାନେ କହିଛନ୍ତି।

# ଆଜିଥ୍ରୋମାଇସିନ୍‌ରେ ପୋକ

## ଅଭିଯୋଗ ପରେ ମଧ୍ୟପ୍ରଦେଶ ହସ୍ପିଟାଲରୁ ଔଷଧ ପ୍ରତ୍ୟାହୃତ

ଭୋପାଳ,୧୬।୧୦

ମଧ୍ୟପ୍ରଦେଶରେ କୋଲ୍ଡ୍ରିଫ୍ କଫ୍ ସିରପ୍ ସେବନ କରି ୨୩ ପିଲାଙ୍କ ମୃତ୍ୟୁ ଘଟଣା ପରେ ଏହାର ଉତ୍ପାଦନ ଓ ବିକ୍ରି ବନ୍ଦ ହୋଇଛି। ଏବେ ରାଜ୍ୟର ଏକ ସରକାରୀ ହସ୍ପିଟାଲରେ ଆଜିଥ୍ରୋମାଇସିନ୍ ଔଷଧରେ ପୋକ ଥିବା ଅଭିଯୋଗ ଆସିବା ପରେ ଉକ୍ତ ଔଷଧର ସମ୍ପୂର୍ଣ୍ଣ ଷ୍ଟକ୍‌କୁ ଫେରାଇ ନିଆଯାଇଛି। ଆଜିଥ୍ରୋମାଇସିନ୍ ଓରାଲ ସସ୍ପେନ୍‌ସନ୍‌ର ନମୁନା ପରୀକ୍ଷା ପାଇଁ ଭୋପାଳର ଏକ ଲାବରେଟୋରିକୁ ପଠାଯାଇଛି। ପିଲାମାନଙ୍କୁ ବିଭିନ୍ନ ସଂକ୍ରମଣରୁ ଆରୋଗ୍ୟ ପାଇଁ ସାଧାରଣତଃ ଆଜିଥ୍ରୋମାଇସିନ୍ ଦିଆଯାଇଥାଏ। ମଧ୍ୟପ୍ରଦେଶର ଏକ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଏହି ଜେନେରିକ୍ ଔଷଧକୁ ନେଇ ପ୍ରଶ୍ନ ଉଠିଛି।




ଆଜିଥ୍ରୋମାଇସିନ୍ ବୋତଲରେ ପୋକ ଥିବା ନେଇ ମୋରାରସ୍ଥିତ ସରକାରୀ ହସ୍ପିଟାଲରେ ଜଣେ ମହିଳା ଅଭିଯୋଗ କରିଥିଲେ ବୋଲି ଡ୍ରଗ୍ ଇନ୍ସପେକ୍ଟର ଅନୁଭୂତି ଶର୍ମା ଗଣମାଧ୍ୟମକୁ କହିଛନ୍ତି। ମହିଳା ଆଣିଥିବା ଔଷଧ ବୋତଲ ଖୋଲା ଥିବାବେଳେ ଘଟଣାର ତଦନ୍ତ କରାଯାଉଛି। ହସ୍ପିଟାଲକୁ ଆସିଥିବା ଓ ଷ୍ଟକ୍ ଥିବା ସମସ୍ତ ୩୦୬ ବୋତଲ ଆଜିଥ୍ରୋମାଇସିନ୍‌କୁ ଫେରାଇ ନିଆଯିବା ସହ ଜବତ କରାଯାଇଛି। ଔଷଧର ନିରାପତ୍ତା ସମ୍ପର୍କରେ ସ୍ପଷ୍ଟ ହେବା ପାଇଁ ଏହାକୁ ଭୋପାଳ ଲାବରେଟୋରିକୁ ପଠାଯାଇଥିବାବେଳେ କୋଲକାତାର ସେଣ୍ଟ୍ରାଲ ଡ୍ରଗ୍ ଲାବରେଟୋରିକୁ ପଠାଯିବ ବୋଲି ଡ୍ରଗ୍ ଇନ୍ସପେକ୍ଟର କହିଛନ୍ତି।

## କର୍ଣ୍ଣାଟକର ସର୍ବସାଧାରଣ ସ୍ଥାନରେ ଆର୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ବନ୍ଦ ହେବ

ବେଙ୍ଗାଲୁରୁ,୧୬।୧୦

### ରାଜ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି

କର୍ଣ୍ଣାଟକରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ବିଭିନ୍ନ କାର୍ଯ୍ୟକୁ ରୋକିବା ପାଇଁ ରାଜ୍ୟ କ୍ୟାବିନେଟ୍ ଗୁରୁବାର ନିଷ୍ପତ୍ତି ନେଇଛି। ଉକ୍ତ ନିଷ୍ପତ୍ତି ଅନୁଯାୟୀ ଆର୍‌ଏସ୍‌ଏସ୍ କାର୍ଯ୍ୟକର୍ତ୍ତାମାନେ ରାସ୍ତାରେ ଶୋଭାଯାତ୍ରା ଏବଂ ସର୍ବସାଧାରଣ ସ୍ଥାନରେ ତଥା ସରକାରୀ ଅନୁଷ୍ଠାନଗୁଡ଼ିକରେ କାର୍ଯ୍ୟକ୍ରମ କରିପାରିବେ ନାହିଁ। ଆର୍‌ଏସ୍‌ଏସ୍ ଏବଂ ଏହାର ସ୍ୱୀକୃତିପ୍ରାପ୍ତ ସଂଗଠନଗୁଡ଼ିକ ଉପରେ ନିଷେଧାଦେଶ ଲଗାଇବା ପାଇଁ ସୂଚନା ପ୍ରଯୁକ୍ତି ଓ ବାୟୋଟେକ୍ନୋଲୋଜି ମନ୍ତ୍ରୀ ପ୍ରିୟଙ୍କ ଖାର୍ଗେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କୁ ପତ୍ର ଲେଖିଥିଲେ।

୨୦୨୩ରେ ତତ୍କାଳୀନ ଭାଜପା ସରକାରଙ୍କ ପକ୍ଷରୁ ସର୍କୁଲାର ଜାରି କରାଯାଇଥିଲା, ଯେଉଁଥିରେ ସ୍କୁଲ୍ ପରିସର ଏବଂ ଏହା ସହ ସମ୍ପୃକ୍ତ ଖେଳପଡ଼ିଆକୁ ଅନ୍ୟ କାର୍ଯ୍ୟ ପାଇଁ ବ୍ୟବହାର ଉପରେ କଟକଣା ଲାଗିଥିଲା। ବର୍ତ୍ତମାନର କଂଗ୍ରେସ ସରକାର ଭାଜପା ସମାଲୋଚନାର ଜବାବ ଦେବାକୁ ଉକ୍ତ ସର୍କୁଲାରର ଅବତାରଣା କରିଛି। ଖାର୍ଗେ କହିଛନ୍ତି, ଆମେ କୌଣସି ସଂଗଠନକୁ ନିୟନ୍ତ୍ରଣ କରିପାରିବୁ ନାହିଁ, କିନ୍ତୁ ଏବେଠାରୁ ସେମାନେ ସର୍ବସାଧାରଣ ସ୍ଥାନ ଓ ରାସ୍ତାରେ ଯାହା ଚାହିଁବେ କରିପାରିବେ ନାହିଁ। ଏଥିପାଇଁ ସେମାନଙ୍କୁ ସରକାରଙ୍କ ଅନୁମତି ନେବାକୁ ହେବ। ଏଭଳି କାର୍ଯ୍ୟ ପାଇଁ ଅନୁମତି ଦିଆଯିବ କି ନାହିଁ ତାହା ସରକାରଙ୍କ ଉପରେ ନିର୍ଭର କରିବ।

## ଛତିଶଗଡ଼ର ଅବୁଝମାର ଅଞ୍ଚଳକୁ ମାଓବାଦୀ ମୁକ୍ତ ଘୋଷଣା କଲେ ଶାହା

ନୂଆଦିଲ୍ଲୀ, ୧୬।୧୦

ଛତିଶଗଡ଼ର ଉତ୍ତର ବସ୍ତରସ୍ଥିତ ଅବୁଝମାର ପାହାଡ଼ିଆ ଅଞ୍ଚଳରେ ଗୁରୁବାର ୧୭୦ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହାପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଅବୁଝମାର ପାହାଡ଼ିଆ ଅଞ୍ଚଳକୁ ମାଓବାଦୀ ମୁକ୍ତ ବୋଲି ସାମାଜିକ ଗଣମାଧ୍ୟମ 'X'ରେ ଘୋଷଣା କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହିଂସା ତ୍ୟାଗ କରି ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି ଏବଂ ଭାରତର ସମ୍ବିଧାନ ଉପରେ ବିଶ୍ୱାସ ପ୍ରକଟ କରିଛନ୍ତି। ସେମାନଙ୍କର ଏହି ନିଷ୍ପତ୍ତିକୁ ଶାହା ପ୍ରଶଂସା କରିଛନ୍ତି। ଭାରତରେ ମାଓବାଦର ଅନ୍ତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ପ୍ରୟାସକୁ ଏହା ଏକ ସଫଳତା ବୋଲି ସେ କହିଛନ୍ତି। ପ୍ରକାଶ ଯେ, ବୁଧବାର ଛତିଶଗଡ଼ରେ ୨୭ ଜଣ ମାଓବାଦୀ ଏବଂ ମଙ୍ଗଳବାର ମହାରାଷ୍ଟ୍ରରେ ୬୧ ଜଣ ମାଓବାଦୀ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ।

## ଆଫଗାନିସ୍ତାନ ସହ ସୀମା ସଂଘର୍ଷ ପାଇଁ ଭାରତକୁ ଦୋଷଦେଲା ପାକ୍

ନୂଆଦିଲ୍ଲୀ,୧୬।୧୦

### ପୁରୁଣା ଅଭ୍ୟାସ କହି ଖଣ୍ଡନ କଲା ନୂଆଦିଲ୍ଲୀ

ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ସପ୍ତାହେ ହେଲା ସୀମା ସଂଘର୍ଷ ଲାଗି ରହିଥିବାବେଳେ ଉତ୍ତେଜନା ହ୍ରାସ ପାଇଁ ଇସ୍‌ଲାମାବାଦ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହାୟତା ଲୋଡ଼ିଛି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଅସିଫ୍ ମଧ୍ୟସ୍ଥତା ପାଇଁ ଟ୍ରମ୍ପଙ୍କୁ ନିବେଦନ କରିଛନ୍ତି। ପାକିସ୍ତାନ-ଆଫଗାନିସ୍ତାନ ସଂଘର୍ଷରେ ହସ୍ତକ୍ଷେପ କରି ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ କରିବେ ବୋଲି ଟ୍ରମ୍ପ ଇଜିପ୍ଟରେ ଅନୁଷ୍ଠିତ ଗାଜା ଶାନ୍ତି ସମ୍ମିଳନୀରେ କହିଥିଲେ।

ଅସିଫ୍ ଆହୁରି କହିଛନ୍ତି, ଭାରତ ତରଫରୁ ତାଲିବାନ୍ ସରକାର ଛାୟା ଯୁଦ୍ଧ ଲଢୁଛନ୍ତି। ଅସ୍ତ୍ରବିରତି ଯଦି ସ୍ଥଗିତ ରହେ, ତେବେ ତାଲିବାନ୍‌ର ନିଷ୍ପତ୍ତି ଦିଲ୍ଲୀ ପ୍ରାୟୋଜିତ ବୋଲି ସେ ସନ୍ଦେହ କରୁଥିବା କହିଛନ୍ତି। ପାକ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ଅଭିଯୋଗକୁ ଭାରତ ଖଣ୍ଡନ କରିଛି। ନିଜ ଆଭ୍ୟନ୍ତରୀଣ ବିଫଳତା ପାଇଁ ପଡୋଶୀ ଦେଶକୁ ଦୋଷ ଦେବା ପାକିସ୍ତାନର ପୁରୁଣା ଅଭ୍ୟାସ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ସପ୍ତାହେ ମଧ୍ୟରେ ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ୨ ଥର ସୀମା ସଂଘର୍ଷ ହେଲାଣି। ଆଫଗାନିସ୍ତାନ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଥିବା ପାକିସ୍ତାନ ଅଭିଯୋଗ କରିଥିବାବେଳେ ଇସ୍‌ଲାମାବାଦ ଏଥିପାଇଁ ପରୋକ୍ଷରେ ଭାରତ ଉପରେ ଦୋଷ ଲଦୁଛି। ପାକିସ୍ତାନ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଥିବା ସମସ୍ତେ ଜାଣନ୍ତି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି। ସଂଘର୍ଷରେ ୨ ଦେଶର ଅନେକ ଲୋକ ମୃତାହତ ହେଲେଣି। ନାଗରିକମାନଙ୍କ ସୁରକ୍ଷା ପାଇଁ ସଂଘର୍ଷ ବନ୍ଦ କରିବାକୁ ଜାତିସଂଘ ଗୁରୁବାର ପାକିସ୍ତାନ ଓ ଆଫଗାନିସ୍ତାନକୁ ଆହ୍ୱାନ ଦେଇଛି।

## ବ୍ରିଟିଶ୍ ଏମ୍ପାୟର ମେଡାଲ ପାଇଲେ କୁଚିପୁଡ଼ି ନୃତ୍ୟଶିଳ୍ପୀ ଅରୁଣିମା



ଲଣ୍ଡନ, ୧୬।୧୦ (ପି.ଟି.)

ବ୍ରିଟେନ୍‌ର ପ୍ରସିଦ୍ଧ କଳାକାର ଅରୁଣିମା କୁମାର ଗୁରୁବାର ପ୍ରଥମ କୁଚିପୁଡ଼ି ନୃତ୍ୟଶିଳ୍ପୀ ଭାବେ କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କଠାରୁ ସମ୍ମାନଜନକ ବ୍ରିଟିଶ୍ ଏମ୍ପାୟର ମେଡାଲ ପାଇଛନ୍ତି। ଭାରତୀୟ ଶାସ୍ତ୍ରୀୟ ନୃତ୍ୟ କୁଚିପୁଡ଼ି ପାଇଁ ଅବଦାନକୁ ଦୃଷ୍ଟିରେ ରଖି ଅରୁଣିମାଙ୍କୁ ଏହି ସମ୍ମାନ ମିଳିଛି। ଅରୁଣିମା ବିଭିନ୍ନ ବିଶ୍ୱସ୍ତରୀୟ ମଞ୍ଚରେ କୁଚିପୁଡ଼ି ନୃତ୍ୟ ପ୍ରଦର୍ଶିତ ମାଧ୍ୟମରେ ବିଭିନ୍ନ ଦେଶ ମଧ୍ୟରେ ଆନ୍ତଃସାଂସ୍କୃତିକ ସମ୍ପର୍କକୁ ପ୍ରୋତ୍ସାହିତ କରିଛନ୍ତି। କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କଠାରୁ ସମ୍ମାନ ପାଇବା ଅବିଶ୍ୱସନୀୟ ଉପଲବ୍ଧି। ଏହାଦ୍ୱାରା ତାଙ୍କ କାର୍ଯ୍ୟକୁ ଅନ୍ତର୍ଜାତୀୟ ମାନ୍ୟତା ମିଳିଥିବା ଅରୁଣିମା କହିଛନ୍ତି।

## ୧୦୧ ଲେଖାଏ ଆସନରେ ପ୍ରାର୍ଥୀ ଦେଲେ ଭାଜପା, ଜେଡିୟୁ

ପାଟନା,୧୬।୧୦

### ଇଣ୍ଡିଆ ବ୍ଲକ୍‌ରେ ଆସନ ବୁଝାମଣା ହୋଇପାରିନି

ବିହାର ବିଧାନସଭା ନିର୍ବାଚନ ପାଇଁ ଶାସକ ଏନ୍‌ଡିଏ ମେଣ୍ଟର ୨ ମୁଖ୍ୟ ଦଳ ଭାଜପା ଏବଂ ଜେଡିୟୁ ସେମାନଙ୍କ କୋଟାରେ ଥିବା ୧୦୧ଟି ଲେଖାଏ ଆସନରେ ପ୍ରାର୍ଥୀ ଦେବା ସମ୍ପୂର୍ଣ୍ଣ କରିଛନ୍ତି। ଜେଡିୟୁ ବୁଧବାର ୫୭ ଜଣଙ୍କୁ ଟିକେଟ ଦେଇଥିବାବେଳେ ଗୁରୁବାର ଅବଶିଷ୍ଟ ୪୪ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ସେହିପରି ଭାଜପା ୩ ପର୍ଯ୍ୟାୟରେ ସମସ୍ତ ୧୦୧ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛି। ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ଶୁକ୍ରବାର ଶେଷ ହେଉଥିବାବେଳେ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍‌ରେ ଏପର୍ଯ୍ୟନ୍ତ ଆସନ ବୁଝାମଣା ଚୂଡ଼ାନ୍ତ ହୋଇପାରି ନାହିଁ। ଆସନ ବୁଝାମଣା ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା ହୋଇ ନ ଥିଲେ ମଧ୍ୟ ଇଣ୍ଡିଆ ବ୍ଲକ୍‌ର ଅନ୍ୟତମ ମୁଖ୍ୟ ଦଳ କଂଗ୍ରେସ ଶୁକ୍ରବାର ଏହାର ପ୍ରାର୍ଥୀମାନଙ୍କୁ ଦଳୀୟ ଚିହ୍ନଟ ବାଣ୍ଟିବା ଆରମ୍ଭ କରିଛି। କଂଗ୍ରେସ ପ୍ରଥମ ପର୍ଯ୍ୟାୟରେ ୧୭ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ୪୩ ଆସନ ପାଇଁ ପ୍ରାର୍ଥୀଙ୍କ ନାମକୁ ଅନୁମୋଦନ କରିଛି।

ଜେଡିୟୁର ରାଜ୍ୟ ସାଧାରଣ ସମ୍ପାଦକ ତଥା ମୁଖ୍ୟାଳୟ ଦାୟିତ୍ୱରେ ଥିବା ଚନ୍ଦନକୁମାର ସିଂ ଗୁରୁବାର ୪୪ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ଏହି ଦ୍ୱିତୀୟ ତାଲିକାରେ ନୱାଦାର ବାହୁବଳୀ ନେତା ରାଜବଲ୍ଲଭ ପ୍ରସାଦ ଯାଦବଙ୍କ ସ୍ତ୍ରୀ ବିଭା ଦେବୀ, ଆନନ୍ଦ ମୋହନଙ୍କ ପୁଅ ଚେତନ ଆନନ୍ଦଙ୍କ ନାଁ ରହିଛି। ଜେଡିୟୁ ୯ ଜଣ ମହିଳା ଏବଂ ସଂଖ୍ୟାଲଘୁ ମୁସଲମାନ ସମ୍ପ୍ରଦାୟରୁ ୪ ଜଣଙ୍କୁ ପ୍ରାର୍ଥୀ କରିଛି।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଭାଜପା ଗୁରୁବାର ୪୦ ଜଣ ତାରକା ପ୍ରଚାରକଙ୍କ ନାମ ଘୋଷଣା କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଦଳର କେନ୍ଦ୍ରୀୟ ଏବଂ ରାଜ୍ୟସ୍ତରର ଶୀର୍ଷ ନେତାମାନେ ପ୍ରଚାରରେ ଭାଗନେବେ। ସେମାନଙ୍କ ମଧ୍ୟରେ ଅଛନ୍ତି ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା, ବରିଷ୍ଠ ମନ୍ତ୍ରୀ ରାଜନାଥ ସିଂ, ଅମିତ୍ ଶାହା, ନିତୀନ ଗଡ଼କରୀ, ଶିବରାଜ ସିଂ ଚୌହାନ୍, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ, ରବିଶଙ୍କର ପ୍ରସାଦ, ରାଧାମୋହନ ସିଂ, ସାଧ୍ୱୀ ନିରଞ୍ଜନ ଜ୍ୟୋତି, ଅଶ୍ୱିନୀ କୁମାର ଚୌବେ, ବିହାର ବିଧାନସଭା ବାଚସ୍ପତି ନନ୍ଦକିଶୋର ଯାଦବ, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ ଏବଂ ବିଜୟ କୁମର ସିହ୍ନାଙ୍କୁ ଷ୍ଟାର ପ୍ରଚାରକ କରାଯାଇଛି।

# ଅପରାଧ

## ନାବାଳିକା ବଳାତ୍କାର ମାମଲା: ଦୋଷୀଙ୍କୁ ୨୦ ବର୍ଷ ଜେଲ

ଜଗତ୍‌ସିଂହପୁର, ୧୬।୧୦
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅଞ୍ଚଳରେ ୨୦୨୧ରେ ହୋଇଥିବା ନାବାଳିକା ବଳାତ୍କାର ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ୍ କୋର୍ଟ (ପୋକ୍ସୋ) ବିଚାରପତି ସଏଦ ଅବଦୁଲ କାଦିର ଜାହିର ଅହମ୍ମଦ ଏହି ମାମଲାର ବିଚାର କରି ଅଭିଯୁକ୍ତ ତଥା ବିରିଡି ଥାନା ଅଞ୍ଚଳର ସୌମ୍ୟରଞ୍ଜନ ବେହେରାଙ୍କୁ ୨୦ ବର୍ଷ ଜେଲଦଣ୍ଡ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦାୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ଅଛି। ଅନ୍ୟପଟେ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ଦୋଳଗୋବିନ୍ଦ ଦାସ କହିଛନ୍ତି, ୨୦୨୧ ଅଗଷ୍ଟ ୨୧ରେ ଏହି ଥାନା ଅଞ୍ଚଳର ଜଣେ ନାବାଳିକା ରାତିରେ ଘରେ ଶୋଇଥିବାବେଳେ ଅଭିଯୁକ୍ତ ସୌମ୍ୟରଞ୍ଜନ ସେଠାରେ ପହଞ୍ଚି ପୀଡ଼ିତାଙ୍କୁ ବଳାତ୍କାର କରିଥିଲେ। ଏହି ସମୟରେ ପୀଡିତାଙ୍କ ସାନ ଭଉଣୀ ଦେଖିଦେବାରୁ ସୌମ୍ୟରଞ୍ଜନ ଖସି ପଳାଇଥିଲେ। ୫ ଦିନ ପରେ ସାନ ଭଉଣୀ ଏକଥା ମା'ଙ୍କ ଆଗରେ ପ୍ରକାଶ କରିଥିଲେ। ଏହାପରେ ଅଭିଯୁକ୍ତ ବିବାହ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ପୁଣି ବଳାତ୍କାର କରିଥିଲେ। ୨୦୨୧ ଅଗଷ୍ଟ ୨୬ରେ ପୀଡ଼ିତାଙ୍କ ମା' ଏନେଇ ବିରିଡ଼ି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ବିରିଡି ଥାନାରେ ମାମଲା (ନଂ. ୧୬୪/୨୧) ରୁଜୁ କରାଯାଇଥିଲା। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଅଜମଣି ଟୁଡୁ ଥିଲେ। ସେତେବେଳେ ପୀଡ଼ିତାଙ୍କୁ ୧୬ ବର୍ଷ ହୋଇଥିଲା। ଏହି ଘଟଣାରେ ୧୯ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

## ପୋଲିସ କବ୍‌ଜାରେ ବାହାର ରାଜ୍ୟର ୫ ଯୁବକ, ମାଷ୍ଟରମାଇଣ୍ଡ

ବ୍ରହ୍ମପୁର,୧୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)

### ପୀତବାସ ପଣ୍ଡା ହତ୍ୟା ମାମଲା

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ପଛରେ ବାହାର ରାଜ୍ୟର ଲିଙ୍କ୍ ରହିଥିବା ଜଣାପଡ଼ିଛି। ଶତାଧିକ ସିସିଟିଭି ଓ ଡମ୍ପ ଡାଟା ଆନାଲିସିସ୍ କରି ପୋଲିସ ପୀତବାସଙ୍କୁ ଗୁଳି କରିଥିବା ସୁଟରଙ୍କୁ ଚିହ୍ନଟ କରିବା ସହ ଘଟଣାର ମାଷ୍ଟରମାଇଣ୍ଡଙ୍କ ସମେତ ୬ଜଣଙ୍କୁ କାବୁ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସେମାନେ ବିହାର, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ଉତ୍ତରାଖଣ୍ଡ ରାଜ୍ୟର ବୋଲି ସୂଚନା ମିଳିଛି। ବିହାରୀ ଯୁବକ ଜଣଙ୍କ ବନ୍ଧୁକରେ ପୀତବାସଙ୍କୁ ବ୍ଲାଙ୍କ ପଏଣ୍ଟରୁ ହତ୍ୟା କରିଥିବା ସ୍ପଷ୍ଟ ହୋଇଥିବା କୁହାଯାଉଛି। ବାହାର ରାଜ୍ୟକୁ ଯାଇଥିବା ପୋଲିସ ଟିମ୍ ଗୁରୁବାର ବ୍ରହ୍ମପୁର ଫେରିଛି। ଅଟକ ଯୁବକମାନଙ୍କୁ ବିଭିନ୍ନ ସ୍ଥାନରେ ରଖି ଜେରା ଚାଲିଛି। ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି ପୋଲିସର ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ।

ଗତ ୬ ତାରିଖ ରାତିରେ ଆଇନଜୀବୀ ପୀତବାସଙ୍କୁ ହତ୍ୟା କରାଯାଇଥିଲା। ଏହାପରେ ପୋଲିସ ସହର ତଥା ଜିଲାର ୭୦ରୁ ଊର୍ଦ୍ଧ୍ୱ ବିଭିନ୍ନ ନେତା, ପୋଲିସ, ମାଫିଆଙ୍କ ସମେତ ଏକାଧିକ ଲୋକଙ୍କୁ ସନ୍ଦେହରେ ଡାକି ପଚରାଉଚରା କରିଥିଲା। ଏପରିକି ପୀତବାସଙ୍କ ମୋବାଇଲକୁ ବର୍ଷକ ମଧ୍ୟରେ କେଉଁମାନେ ଫୋନ କରିଥିଲେ, ସେମାନଙ୍କ ମଧ୍ୟରେ କ'ଣ ସବୁ କଥାବାର୍ତ୍ତା ହୋଇଥିଲା ତାହାର ରେକର୍ଡ ଯାଞ୍ଚ କରିଥିଲା। ପ୍ରାଥମିକ ତଦନ୍ତରୁ ପଚରାଉଚରା ବେଳେ ଘଟଣା ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୋଲିସର ହସ୍ତଗତ ହୋଇଥିଲା। ପୀତବାସଙ୍କ ସହ କାହାର ଶତ୍ରୁତା ନ ଥିବା ପରିବାର ଲୋକେ କହିଥିଲେ। ସୁପାରି କିଲର ଦ୍ୱାରା ପୀତବାସଙ୍କୁ ହତ୍ୟା କରାଯାଇଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଥିଲା। ବ୍ରହ୍ମପୁର ସହର ସମେତ କେତେକ ବାହାର ରାଜ୍ୟର ମୋବାଇଲ ଟୱାରରୁ ଡାଟା ସଂଗ୍ରହ କରି ଅପରାଧୀଙ୍କୁ ଧରିବା ପାଇଁ ପ୍ରୟାସ ଚଳାଇଥିଲା। ଏହି ସମ୍ବେଦନଶୀଳ ଘଟଣାର ପ୍ରକୃତ ଅପରାଧୀଙ୍କୁ ଧରିବା ପାଇଁ ନୂତନ ଜ୍ଞାନକୌଶଳ ବ୍ୟବହାର କରାଯାଇଥିବା ଜଣାପଡିଛି।

## ମଧ୍ୟସ୍ଥ ମୁନା ମହାନ୍ତି, ୨ ସହଯୋଗୀ ଗିରଫ

ଭୁବନେଶ୍ୱର,୧୬।୧୦
(ସତ୍ୟଜିତ ରାଉତ)

### ବହୁଚର୍ଚ୍ଚିତ ଏସ୍‌ଆଇ ପରୀକ୍ଷା ଜାଲିଆତି

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାର ଅନ୍ୟତମ ମୋଷ୍ଟୱାଣ୍ଟେଡ ତଥା ମଧ୍ୟସ୍ଥ ମୁନା ମହାନ୍ତିଙ୍କୁ କ୍ରାଇମବ୍ରାଞ୍ଚ ଗୁରୁବାର ରାତିରେ ଦଶପଲ୍ଲା ନିକଟରୁ ଗିରଫ କରିଛି। ଏଥିସହିତ ମୁନାଙ୍କ ସହଯୋଗୀ ସୁକାନ୍ତ ମହାରଣା ଓରଫ ରିଙ୍କୁ ଓ ତାଙ୍କ ଭାଇ ଶ୍ରୀକାନ୍ତଙ୍କୁ ମଧ୍ୟ ଗିରଫ କରାଯାଇଥିବା ଜଣାପଡ଼ିଛି। ଗିରଫ ପରେ ସେମାନଙ୍କୁ ବ୍ରହ୍ମପୁର ନିଆଯାଇଥିବା ବିଶେଷସୂତ୍ରରୁ ସୂଚନା ମିଳିଛି। ଏହି ଘଟଣାର ମାଷ୍ଟରମାଇଣ୍ଡ (ମୁଖ୍ୟ ଅଭିଯୁକ୍ତ) କୁହାଯାଉଥିବା ପଞ୍ଚସଫ୍ଟ ସଂସ୍ଥା ମାଲିକ ଶଙ୍କର ପୃଷ୍ଟି ବିଦେଶ ଚାଲିଯାଇଥିବା ଚର୍ଚ୍ଚା ହେଉଛି।

ପ୍ରକାଶ ଯେ, ଶଙ୍କରଙ୍କ ମୁଖ୍ୟ ସହଯୋଗୀ ତଥା ମଧ୍ୟସ୍ଥ ମୁନା ଏବଂ ୨ସହଯୋଗୀ ସୁକାନ୍ତ ଏବଂ ଶ୍ରୀକାନ୍ତ ଦଶପଲ୍ଲାର ଏକ ଫାର୍ମ ହାଉସରେ କିଛିଦିନ ହେବ ଆତ୍ମଗୋପନ କରିଥିଲେ। ଏନେଇ କ୍ରାଇମବ୍ରାଞ୍ଚ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। କ୍ରାଇମବ୍ରାଞ୍ଚ ଟିମ୍ ଫାର୍ମ ହାଉସରେ ଚଢ଼ାଉ କରିଥିଲେ ମଧ୍ୟ ତାହା ପୂର୍ବରୁ ଅଭିଯୁକ୍ତମାନେ ସେଠାରୁ ଖସି ପଳାଇ ଯାଇଥିଲେ। ପରେ ସେମାନଙ୍କୁ କାବୁ କରାଯାଇଥିବା ଜଣାପଡ଼ିଛି।

## ସ୍ତ୍ରୀଙ୍କ ତଣ୍ଟିଚିପି ହତ୍ୟା: ସ୍ୱାମୀ ଗିରଫ

ସୁନ୍ଦରଗଡ଼,୧୬।୧୦
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା କିଞ୍ଜିରିକେଲା ଥାନା ଅନ୍ତର୍ଗତ ବନ୍ଧବାହାଲ ଗ୍ରାମରେ ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଘରୋଇ କଳିକୁ କେନ୍ଦ୍ରକରି ସ୍ତ୍ରୀଙ୍କ ତଣ୍ଟିଚିପି ସ୍ୱାମୀ ହତ୍ୟା କରିଛନ୍ତି। ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏନେଇ କିଞ୍ଜିରିକେଲା ଥାନାରେ ନଂ. ୨୧୬/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ସ୍ୱାମୀ ଅର୍ଜୁନ ସିଂହ(୩୬) ବିଭିନ୍ନ ସମୟରେ ସ୍ତ୍ରୀ ସଞ୍ଜୁଲତା ସିଂହ(୩୨)ଙ୍କ ସହ ଝଗଡା କରନ୍ତି। ଘଟଣା ରାତିରେ ଅର୍ଜୁନ ନିଶାସକ୍ତ ଅବସ୍ଥାରେ ଘରକୁ ଆସିଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ କୌଣସି କଥାକୁ ନେଇ ସ୍ତ୍ରୀଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅର୍ଜୁନ ସ୍ତ୍ରୀ ସଞ୍ଜୁଙ୍କ ତଣ୍ଟି ଚିପିଦେଇଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ସକାଳେ ପଡୋଶୀ ସଞ୍ଜୁଙ୍କୁ ନ ଦେଖି ଘର ଭିତରକୁ ଯାଇ ଦେଖିଲା ବେଳକୁ ଖଟ ଉପରେ ମୃତଦେହ ପଡିଥିଲା। ଏନେଇ ସେମାନେ କିଞ୍ଜିରିକେଲା ଥାନାକୁ ସୂଚନା ଦେଇଥିଲେ। ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର, ଆଇଆଇସି ଅଜୟ ଜେନା ସାଇଣ୍ଟିଫିକ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହାପରେ ଅର୍ଜୁନଙ୍କୁ ଆଣି ଥାନାରେ ପଚରାଉଚରା ବେଳେ ସେ ରାତିରେ ସଞ୍ଜୁଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ



ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀ।

ମାଲକାନଗିରି, ୧୬।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କୋଣ୍ଡାଗାଁ ଜିଲା ପୋଲିସ ନିକଟରେ ଗୁରୁବାର ଜଣେ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ପୂର୍ବ ବସ୍ତର ଡିଭିଜନ ଟେଲର ଟିମ୍ କମାଣ୍ଡର ତଥା ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମହିଳା ମାଓବାଦୀ ଗୀତା ଓରଫ କମଲୀ ସଲାମ କୋଣ୍ଡାଗାଁ ଏସ୍‌ପି ଅକ୍ଷୟ କୁମାରଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ ସରକାରଙ୍କ ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣକାରୀ ଯୋଜନାରେ ପ୍ରଭାବିତ ହୋଇ ଏବଂ ସମାଜର ମୁଖ୍ୟସ୍ରୋତରେ ସାମିଲହେବାକୁ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀ ପ୍ରକାଶ କରିଛନ୍ତି। କୋଣ୍ଡାଗାଁ ପୋଲିସ ତରଫରୁ ଗୀତାଙ୍କୁ ୫୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

## ମାଓବାଦୀଙ୍କଠାରୁ ଟଙ୍କା ନେଇ ତଥ୍ୟ ଦେଉଥିଲେ ରୁପୁ ସିଂ

ଭୁବନେଶ୍ୱର,୧୬।୧୦
(ସତ୍ୟଜିତ ରାଉତ)

### ରେଲୱେ ଟ୍ରାକ୍‌ରେ ବିସ୍ଫୋରଣ ଘଟଣା

ସରିଲା ରିମାଣ୍ଡ, ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କଲା ଏନ୍‌ଆଇଏ

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅଞ୍ଚଳରେ ମାଓବାଦୀମାନେ ରେଲୱେ ଟ୍ରାକ୍‌ରେ ବିସ୍ଫୋରଣ କରି ଉଡ଼ାଇବା ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପକ୍ଷରୁ ତଦନ୍ତ କରାଯାଉଛି। ତେବେ ଏହି ମାମଲାରେ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ରୁପୁ ସିଂଙ୍କୁ ୩ ଦିନିଆ ରିମାଣ୍ଡରେ ଆଣି ଏନ୍‌ଆଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ରିମାଣ୍ଡ ସରିବା ପରେ ରୁପୁଙ୍କୁ ପୁଣି ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେ ମାଓବାଦୀଙ୍କଠାରୁ ଟଙ୍କା ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଉଥିଲେ ବୋଲି ଜଣାପଡିଛି। ରୁପୁଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ଏନ୍‌ଆଇଏ ଟିମ୍ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଅଧିକ ଖୋଳତାଡ଼ ଚଳାଇଛି। ଝାଡ଼ଖଣ୍ଡରେ ଏନ୍‌ଆଇ ଟିମ୍ ଛାନ୍‌ଭିନ୍ ଚଳାଇଥିବା ବେଳେ ମାମଲାରେ ସମ୍ପୃକ୍ତ ଥିବା ଜଣେ ମାଓନେତାଙ୍କ ସମେତ ୮ ଜଣଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗତ ଅଗଷ୍ଟରେ ପୃଥକ୍ ବିସ୍ଫୋରଣରେ ରେଲୱେ କର୍ମଚାରୀ ଏତୁଆ ଓରାମଙ୍କ ମୃତ୍ୟୁ ହୋଇଥିବାବେଳେ ବୁଦ୍ଧୁରାମ ମୁଣ୍ଡା ଗୁରୁତର ହୋଇଥିଲେ। ବିମଳାଗଡ଼-କିରିବୁରୁ ସେକ୍ସନର ରାଞ୍ଜଡା ରେଳ ଷ୍ଟେଶନରୁ ୩ କିଲୋମିଟର ଦୂର ରେଳଧାରଣାର ପିଲର ନଂ. ୪୭୮/୧ରେ ମାଓବାଦୀମାନେ ଲ୍ୟାଣ୍ଡ ମାଇନ ଖଞ୍ଜି ଥିଲେ। ଅଗଷ୍ଟ ୨ ରାତିରେ ବୁଦ୍ଧୁରାମ ସେଠାରେ ଡ୍ୟୁଟି କରୁଥିବାବେଳେ ହଠାତ୍ ବିସ୍ଫୋରଣ ଘଟିବାରୁ ସେ ଗୁରୁତର ହୋଇଥିଲେ। ପରଦିନ ସକାଳେ ପିଲର ନଂ.୪୭୭/୩୪-୩୫ ନିକଟରେ ପୁଣି ବିସ୍ଫୋରଣ ଘଟି କାର୍ଯ୍ୟରତ ରେଲୱେ କର୍ମଚାରୀ ଏତୁଆଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସରକାରୀ ରେଳପଥ ଥାନା ପୋଲିସ ଅଭିଯୁକ୍ତ ରୁପୁଙ୍କୁ ଗିରଫ କରିଥିଲା। ଏହି ଘଟଣା ଜାତୀୟ ସୁରକ୍ଷା ସମ୍ପର୍କିତ ହୋଇଥିବାରୁ ଏନ୍‌ଆଇ ତଦନ୍ତ ଭାର ନେଇ ତଦନ୍ତ ଆରମ୍ଭ କରିଥିଲା।

## କୁକୁଡ଼ା ଫାର୍ମ ମାଲିକଙ୍କୁ ହତ୍ୟା ଘଟଣା

## ଆତ୍ମସମର୍ପଣ କଲେ ଅଭିଯୁକ୍ତ ପାର୍ଟନର

ଚାନ୍ଦବାଲି,୧୬।୧୦(ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ଥାନା ବଡ଼ସିଂହପୁର (ବଙ୍ଗାଳୀପଡ଼ା) ଗ୍ରାମରେ ଥିବା ଏକ କୁକୁଡ଼ା ଫାର୍ମର ମାଲିକ ଅଜୟ ଗିରି(୪୧)ଙ୍କୁ ହତ୍ୟା ମାମଲାରେ ଅଭିଯୁକ୍ତ ଫାର୍ମର ପାର୍ଟନର ଶୁଭ୍ରାଂଶୁ ସ୍ୱାଇଁ ବୁଧବାର ରାତିରେ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତଦନ୍ତକାରୀ ଅଫିସର ମତୋ ଫାଣ୍ଡି ଅଧିକାରୀ ଛତିଶ କୁମାର ଗୋଛି ଓ ଚାନ୍ଦବାଲି ଥାନାଧିକାରୀ ପରେଶ କୁମାର ମହାନ୍ତି କର୍ମଚାରୀଙ୍କ ସହ ଶୁଭ୍ରାଂଶୁଙ୍କ ସହ ଅଟକ ଥିବା ଫାର୍ମର କର୍ମଚାରୀ କିଶୋର କୁମାର ପଣ୍ଡାଙ୍କୁ ଗୁରୁବାର ଅପରାହ୍ଣରେ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଶନ କରାଇଛନ୍ତି।

ପ୍ରକାଶ ଯେ, ଗତ ୧୩ ତାରିଖରେ ହତ୍ୟା ଘଟଣା ଘଟିଥିବା ବେଳେ ପୋଲିସ କିଶୋରଙ୍କ ସମେତ ଫାର୍ମର ୨ କର୍ମଚାରୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଥିଲା। ସେମାନଙ୍କଠାରୁ କିଛି ସୁରାକ୍ ପୋଲିସକୁ ମିଳିଥିଲା। ଫାର୍ମର ଅନ୍ୟ ପାର୍ଟନର ଶୁଭ୍ରାଂଶୁ ଘଟଣା ଦିନ ଅଜୟଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚାନ୍ଦବାଲି ଡାକ୍ତରଖାନା ପଠାଇବା ପରେ ସକାଳୁ ଫେରାର ହୋଇଯାଇଥିଲେ। ଏଣୁ ମୃତ ଅଜୟଙ୍କ ପରିବାର ଲୋକଙ୍କର ତାଙ୍କ ଉପରେ ସନ୍ଦେହ ହୋଇଥିଲା। ମୃତ ଅଜୟଙ୍କ ଭଣଜା ଚନ୍ଦନ ଦେଙ୍କ ଅଭିଯୋଗକ୍ରମେ ଚାନ୍ଦବାଲି ଥାନାରେ ଏକ ହତ୍ୟା ମାମଲା (ନଂ.୪୨୪/୨୫) ରୁଜୁ ହୋଇଥିଲା। ତଦନ୍ତ ଜାରି ରହିଥିବା ବେଳେ ଶୁଭ୍ରାଂଶୁ ବୁଧବାର ରାତିରେ ମତୋ ଫାଣ୍ଡିରେ ଆତ୍ମସମର୍ପଣ କରିଥିଲେ। ଫାର୍ମରେ ଆର୍ଥିକ ଅନିୟମିତତାକୁ ନେଇ ଅଜୟଙ୍କ ସହ ତାଙ୍କର ବଚସା ହୋଇଥିଲା। ଏହାକୁ ନେଇ ଅଜୟଙ୍କୁ ହତ୍ୟା କରାଯାଇଛି। ଘଟଣା ଦିନ ବିଳମ୍ବିତ ରାତିରେ ସେ ଫାର୍ମର ସିସିଟିଭିର ତାରକାଟି ଅଜୟ ଶୋଇଥିବା ବେଳେ ଏକ ଲୁହା ପାଇପ୍‌ରେ ତାଙ୍କ ମୁଣ୍ଡକୁ ୩ଥର ଆଘାତ କରିଥିଲେ। ଘଟଣାସ୍ଥଳରେ ଅଜୟଙ୍କ ମୃତ୍ୟୁ ଘଟିଥିଲା। କିଶୋର ଏଥିରେ ସହାୟତା କରିବା ସହ ଦୁହେଁ ମିଶି ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ ବୋଲି ଶୁଭ୍ରାଂଶୁ ସ୍ୱୀକାର କରିଥିବା ଥାନାଧିକାରୀ ମହାନ୍ତି କହିଛନ୍ତି।

# ଟ୍ରେନ ଟିକେଟ କ୍ୟାନସେଲ ଟଙ୍କାକୁ ନେଇ ହୋଇଥିଲା ବଚସା

**ଗୋପବନ୍ଧୁ ନଗର ଡିଏମ୍ କମ୍ୟୁନିକେଶନ ଟ୍ରାଭେଲ ସଂସ୍ଥା କାର୍ଯ୍ୟାଳୟକୁ ଗୁଳିକାଣ୍ଡ ଘଟଣା**

■ ୨ ଅଭିଯୁକ୍ତ ଗିରଫ, ଦେଶୀ ପିସ୍ତଲ, ୪ ରାଉଣ୍ଡ ଗୁଳି ଜବତ

**ଯାଜପୁରରୋଡ୍, ୧୬।୧୦ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁର ରୋଡ୍ ପୋଲିସକୁ ମିଳିଛି ସଫଳତା। ଗୋପବନ୍ଧୁ ନଗର ଡିଏମ୍ କମ୍ୟୁନିକେଶନ ଟ୍ରାଭେଲ ସଂସ୍ଥା କାର୍ଯ୍ୟାଳୟରେ ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ, ୪ ଅଫୁଟା ଗୁଳି, ଗୋଟିଏ ନମ୍ବର ବିହୀନ ବାଇକ ଓ ଗୋଟିଏ ମୋବାଇଲ ଫୋନ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କୋରେଇ ଥାନା ପୂର୍ବକୋଟ ଅଞ୍ଚଳର ମାଇକେଲ ସନ୍ତୋଷ(୨୨) ଓ ଯାଜପୁରରୋଡ ଥାନା ମୁଣ୍ଡମାଳ ଅଞ୍ଚଳର ସନ୍ତୋଷ ପ୍ରଧାନ(୨୩)। ଗୁରୁବାର ଥାନାରେ ଆୟୋଜିତ ଖବରଦାତା ଏକ ସମ୍ମିଳନୀରେ ଯାଜପୁର ଏସ୍‌ପି ଯଶପ୍ରତାପ ଶ୍ରୀମଲ ଏହି ସୂଚନା ଦେଇଛନ୍ତି।

ଏସ୍‌ପି କହଛନ୍ତି, ଗିରଫ ଅଭିଯୁକ୍ତମାନେ ପେସାଦାର ଅପରାଧୀ। ସେମାନେ ବାହାର ରାଜ୍ୟରେ ଚୋରି, ଡକାୟତି, ଛିନତାଇ ଆଦି କାର୍ଯ୍ୟରେ ଲିପ୍ତ ଅଛନ୍ତି। ଅଭିଯୁକ୍ତ ମାଇକେଲ ଆସାମର ଦେବ୍ରିଗଡ଼ରୁ ଭୁବନେଶ୍ୱରକୁ ସମ୍ପୃକ୍ତ ଟ୍ରାଭେଲ ସଂସ୍ଥା ମାଧ୍ୟମରେ ୪ଟି ଟ୍ରେନ ଟିକେଟ ବୁକ କରିଥିଲେ। ହେଲେ କୌଣସି କାରଣରୁ ଅଭିଯୁକ୍ତ ଟିକେଟ କ୍ୟାନସେଲ କରିଥିଲେ। ଏ ବାବଦ ଟଙ୍କା ଫେରସ୍ତକୁ ନେଇ ଟ୍ରାଭେଲସ ସଂସ୍ଥାର ମାଲିକ ଦେବୀଦତ୍ତ ଓ ମାଇକେଲଙ୍କ ମଧ୍ୟରେ ବଚସା ହୋଇଥିଲା। ଅଭିଯୁକ୍ତ ଦେବୀଦତ୍ତଙ୍କୁ ଦେଇଥିବା ୮ ହଜାର ଟଙ୍କାର ଦଶଗୁଣା ମାଗିଥିଲେ। ଏଥିରେ ଦେବୀଦତ୍ତ ଅରାଜି ହେବାରୁ ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତମାନେ ତାଙ୍କ କାର୍ଯ୍ୟାଳୟ ଉପରକୁ ଗୁଳିମାଡ଼ କରିଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ମାଇକେଲଙ୍କ ନାମରେ ପୂର୍ବରୁ କୋରେଇ ଥାନାରେ ଗୋଟିଏ କେସ ରହିଛି। ଏହି ଖବରଦାତା ସମ୍ମିଳନୀରେ ଯାଜପୁରରୋଡ୍ ଥାନାଧିକାରୀ ଆଶିଷ କୁମାର ସାହୁ ଓ ଏସଡିପିଓ ଲକ୍ଷ୍ମୀକାନ୍ତ ନାୟକ ଉପସ୍ଥିତ ଥିଲେ। ଏନେଇ ଥାନାରେ ନଂ.୬୧୯/୨୫ରେ ଏକ ମାମଲା ରୁଜୁ ହୋଇଛି ବୋଲି ଏସ୍‌ପି ପ୍ରକାଶ କରିଛନ୍ତି।



୨ ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ଏସ୍‌ପି ସୂଚନା ଦେଉଛନ୍ତି।

# ୫ ଦିନିଆ 'ସମ୍ଭବ' ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଯାଜପୁରଟାଉନ, ୧୬।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଟାଉନ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ପାଇଁ 'ସମ୍ଭବ' ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଯାଜପୁର ଓ ବରୀ ବ୍ଲକ ଅନ୍ତର୍ଗତ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ସମସ୍ତ ହାଇସ୍କୁଲରୁ ୮୯ ପ୍ରଧାନଶିକ୍ଷକ ଯୋଗ ଦେଇଛନ୍ତି। ଉକ୍ତ ବିଦ୍ୟାଳୟର ପ୍ରଧାଶିକ୍ଷୟିତ୍ରୀ ସୁପ୍ରଭା ପରିଡ଼ାଙ୍କ ସଭାପତିତ୍ୱରେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଯୋଗଦେଇ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ପ୍ରଶିକ୍ଷାର୍ଥୀଙ୍କୁ ଏନଇପି-୨୦୨୦, ସ୍କିଲ ଡେଭଲପମେଣ୍ଟ, ସ୍କୁଲ ମ୍ୟାନେଜମେଣ୍ଟ, କ୍ୟାରିୟର କାଉନସେଲିଂ, ଭୋକେଶନାଲ ଟ୍ରିଟିଂ, ଇଂକଲୁଜୀଭ ଏଜୁକେସନ ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯିବ। ଜିଲ୍ଲା ପ୍ରଶିକ୍ଷକ ଭାବେ ଅଭିଜିତ ବାରିକ, ଯୁଗପ୍ରଭା ସାବତ, ରଞ୍ଜନ କୁମାର ନାୟକ ଓ ସଂଯୁକ୍ତା ଦାସ ପ୍ରଧାନଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବେ। ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ତରଫରୁ ପ୍ରିୟମ୍ବଦା ମିଶ୍ର, ସୁଦର୍ଶନ ପଣ୍ଡାଙ୍କ ସହ ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।




# ବାଲିଚନ୍ଦ୍ରପୁରରେ ଦୁଇ ଦିନିଆ ଭସାଣି ଉତ୍ସବ ଆରମ୍ଭ

**ଚଣ୍ଡିଖୋଲ, ୧୬।୧୦ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲ୍ଲାର ବାଲିଚନ୍ଦ୍ରପୁରଠାରେ ଚାଲିଥିବା ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଗୁରୁବାର ସନ୍ଧ୍ୟାରେ ଶେଷ ହୋଇଯାଇଛି। ମା'ଙ୍କ ପୂଜା ଶେଷ ପରେ ପ୍ରତ୍ୟେକ କମିଟି ପକ୍ଷରୁ ଘଟ ବିସର୍ଜନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଭସାଣି ପର୍ବ ଦୁଇ ଦିନ ଧରି ଚାଲିବ। ପ୍ରଥମ ଦିନରେ ମା' ମଙ୍ଗଳା ପୂଜା କମିଟି ପକ୍ଷରୁ ଭସାଣି ଉତ୍ସବ ବେଶ ଧୁମଧାମରେ ଚାଲିଛି। ବିଭିନ୍ନ ପ୍ରକାର ବାଦ୍ୟ, ନୃତ୍ୟ ପରିବେଷଣ ସହ ବାଣ ଫୁଟାଇ ରୋଷଣୀ କରାଯାଇଛି। ରାତିରେ ପଞ୍ଚାମୁଣ୍ଡେଇ କେନାଲରେ ମେଢ଼ ବିସର୍ଜନ କରାଯାଇଛି। ସେହିଭଳି ମହାବୀର ପୂଜା କମିଟି ପକ୍ଷରୁ ମଧ ଭସାଣି ଉତ୍ସ ଶେଷ ହୋଇଛି। ଚଳିତ ବର୍ଷ କେବଳ ବାଲିଚନ୍ଦ୍ରପୁର ବଜାରରେ ୧୨ରୁ ଉର୍ଦ୍ଧ୍ୱ ସ୍ଥାନରେ ମା'ଙ୍କ ପୂଜା ହୋଇଛି। ଏହାର ଆଖ ପାଖ ଗ୍ରାମରେ ୩୦ରୁ ଉର୍ଦ୍ଧ୍ୱ ମେଢ଼ ପୂଜା ପାଇଥିଲେ।



ମା' ଗଜଲକ୍ଷ୍ମୀଙ୍କୁ ବିସର୍ଜନ ପାଇଁ ନିଆଯାଉଛି।

# ବସ୍ ଯାତ୍ରୀଙ୍କ ବ୍ୟାଗ୍ ଛଡ଼ାଇ ନେଲେ ଦୁର୍ବୃତ୍ତ

**ପାଣିକୋଇଲି, ୧୬।୧୦ (ବିକାଶ ମଲ୍ଲିକ):**

ବସରେ ଯାତ୍ରା କରୁଥିବା ଜଣେ ଯୁବକଙ୍କ ବ୍ୟାଗକୁ ଦୁର୍ବୃତ୍ତ ଛଡ଼ାଇ ନେଇଥିବା ପାଣିକୋଇଲି ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛି।

ଅଭିଯୋଗ ମୁତାବକ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅଞ୍ଚଳର ଗଣେଶ୍ୱର ପାଢ଼ୀଙ୍କ ପୁଅ ଗିରିଜାଶଙ୍କର ବୁଧବାର ଭୁବନେଶ୍ୱରରୁ ଏକ ଘରୋଇ ବସରେ ଆନନ୍ଦପୁର ଫେରୁଥିଲେ। ରାତି ପ୍ରାୟ ୧୧ରେ ଯାତ୍ରୀଙ୍କ ରାତ୍ରୀଭୋଜନ ନିମନ୍ତେ ବସଟି ଜାତୀୟ ରାଜପଥ ୧୬ର ଏକ ଢାବା ନିକଟରେ ଅଟକିଥିଲା। ଏହି ସମୟରେ ଗିରିଜା ନିଜ ବ୍ୟାଗକୁ ଧରି ବସର ପଛପଟେ ଛିଡ଼ି ହୋଇଥିବାବେଳେ ଜଣେ ବ୍ୟକ୍ତି କାରରୁ ଓହ୍ଲାଇ ତାଙ୍କ ବ୍ୟାଗଟିକୁ ଛଡ଼ାଇ ନେଇ କାରରେ ବସି ଭଦ୍ରକ ଅଭିମୁଖେ ପଳାଇଯାଇଥିଲେ। ଉକ୍ତ ବ୍ୟାଗରେ ଏକ ମୋବାଇଲ ଫୋନ, ଦୁଇ ହଜାର ଟଙ୍କା ସମେତ ଗିରିଜାଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି।



**୨ ମନ୍ଦିରରୁ ସୁନା, ରୁପା ଅଳଙ୍କାର ଚୋରି**

ରଘୁନାଥପୁର, (ରାଜେନ୍ଦ୍ର ନାରାୟଣ ସିଂହ): ରଘୁନାଥପୁର ଥାନା ଅନ୍ତର୍ଗତ ତାରପୁର ପଞ୍ଚାୟତ ହରିଶପୁର ଗ୍ରାମର ମା'ମଲ୍ଲିକେଶ୍ୱରୀ ମନ୍ଦିର ଓ ଗୋକୁଳପୁର ଗ୍ରାମ ହନୁମାନ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। କୌଣସି ଦୁର୍ବୃତ୍ତ ଉଭୟ ମନ୍ଦିର ଗେଟ୍ ଗ୍ରୀଲ ଭାଙ୍ଗି ସେଠାରୁ ସୁନା, ରୁପା ଅଳଙ୍କାର ଚୋରିକରି ନେଇଛନ୍ତି। ଗୁରୁବାର ସକାଳୁ ପୂଜକ ମନ୍ଦିରକୁ ଆସି ଗେଟ୍ ଗ୍ରୀଲ ଭଙ୍ଗା ହୋଇଥିବା ଦେଖି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମଲ୍ଲିକେଶ୍ୱରୀ ମନ୍ଦିରରୁ ସୁନା ସିନ୍ଥି, ଟିଭା, ରୁପା ବଡ଼ମୁକୁଟ ୩ଟି ଓ ଛୋଟ ମୁକୁଟ ୨ଟି, ହାତ ଶଙ୍ଖା ଓ ଚେନ୍ ଚୋରି ହୋଇଥିବାବେଳେ ହନୁମାନ ମନ୍ଦିରରୁ ଏକ ରୁପା ମୁକୁଟ ଓ ପିତଳ ଚାନ୍ଦୁଆ ଚୋରି ହୋଇଛି। ଏହାର ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବବୋଲି ଗ୍ରାମବାସୀ କହିଛନ୍ତି।

# ଧରାପଡ଼ିଲା ମନ୍ଦିର ଚୋରି ସିଣ୍ଡିକେଟ୍: ମା' ସହ ୩ ପୁଅ ଗିରଫ

## ବହୁ ପିତ୍ତଳ ସାମଗ୍ରୀ, ମୂର୍ତ୍ତି ଓ ଟଙ୍କା ଜବତ

ଜଗତ୍ସିଂହପୁର, ୧୬।୧୦
(ପ୍ରମୋଦ କୁମାର ନାୟକ)


ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

ଜଗତ୍ସିଂହପୁର ପୋଲିସ ଗୁରୁବାର ମନ୍ଦିର ଚୋରି ସିଣ୍ଡିକେଟ୍ର ସଦସ୍ୟମାନଙ୍କୁ କାବୁ କରିଛି। ଏହି ମନ୍ଦିର ଚୋରି ସିଣ୍ଡିକେଟ୍ରେ ଗୋଟିଏ ପରିବାରର ୪ ସଦସ୍ୟ ଅର୍ଥାତ୍ ମା'ଙ୍କ ସହ ୩ ପୁଅ ରହିଛନ୍ତି। ଏନେଇ ଜଗତ୍ସିଂହପୁର ଥାନାରେ ମାମଲା (ନଂ. ୮୨୮/୨୫) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜଗତ୍ସିଂହପୁର ଥାନା ଆଶ୍ରମପାଟଣା ମାଳିତୋଟାର ନିର୍ମଳା ଆଚାର୍ଯ୍ୟ (୫୧) ଓ ତାଙ୍କ ପୁଅ ଯଥା ସାରଦା ଆଚାର୍ଯ୍ୟ (୩୮), ବରଦା ଆଚାର୍ଯ୍ୟ (୩୧) ଓ ଆନନ୍ଦ ଆଚାର୍ଯ୍ୟ (୨୬)। ସେମାନଙ୍କଠାରୁ ଏକ ପିତ୍ତଳ ବଡ଼ ଥାଳି, ୨ଟି ଛୋଟ ପିତ୍ତଳ ଥାଳି, ଏକ ପିତ୍ତଳ ଘଣ୍ଟ, ଏକ ପିତ୍ତଳ ଘଣ୍ଟି, ଏକ ପିତ୍ତଳ ଲୋଟା, ଏକ ଛୋଟ ପାତ୍ର, ଏକ ହାଲୋଜେନ ଲାଇଟ, ୨ ରୁପା ମୁକୁଟ, ୨ ସୁନା ପରି ଦିଶୁଥିବା କାନଫୁଲ, ଗୋଟିଏ ବଡ ପିତ୍ତଳ ନାଗ ମୂର୍ତ୍ତି, ଏକ ଚୀନା ମାଟିର ଦୀପ ଜବତ କରାଯାଇଛି। ଏଥିସହ ଏକ ଛୋଟ ପର୍ସ ଭିତରେ ଥିବା ୬୪ ହଜାର ଟଙ୍କା, ଏକ ବାଇକ୍ ମଧ୍ୟ ଜବତ କରାଯାଇଛି। ଜଗତ୍ସିଂହପୁର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍ପି ଅଙ୍କିତ ବର୍ମା ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ଏସ୍ପି ବର୍ମା କହିଛନ୍ତି, ଅଭିଯୁକ୍ତମାନଙ୍କ ବିରୋଧରେ ରାଜ୍ୟର ବିଭିନ୍ନ ଥାନାରେ ମାମଲା ରହିଛି। ସାରଦାଙ୍କ ନାମରେ ଜଗତ୍ସିଂହପୁର ଥାନାରେ ୧୦, ନାଉଗାଁ ୧ ଓ କଟକ ଜିଲା ନିଆଳି ଥାନାରେ ଗୋଟିଏ ମାମଲା ରହିଛି। ସେହିପରି ବରଦାଙ୍କ ନାମରେ ଜଗତ୍ସିଂହପୁର ଥାନାରେ ୧୦, ନାଉଗାଁ ୧, ନିଆଳି ୧ ଓ ଖୋର୍ଦ୍ଧା ଜିଲାର ବାଲିପାଟଣା ଥାନାରେ ୧ଟି ମାମଲା ରହିଛି। ଆନନ୍ଦଙ୍କ ନାମରେ ଜଗତ୍ସିଂହପୁର ଥାନାରେ ୮, ନାଉଗାଁ ୧, ନିଆଳି ୧ ଓ ବାଲିପାଟଣା ଥାନାରେ ୨ଟି ମାମଲା ରହିଛି। ମା'ନିର୍ମଳାଙ୍କ ନାମରେ ଜଗତ୍ସିଂହପୁର ଥାନାରେ ୮, ନାଉଗାଁ ୧ ଓ ନିଆଳି ଥାନାରେ ଗୋଟିଏ ମାମଲା ରହିଛି। ଅଭିଯୁକ୍ତମାନେ ଜଗତ୍ସିଂହପୁର ଥାନା ଅନ୍ତର୍ଗତ ବେଣ୍ଣୁପୁରସ୍ଥିତ ବିଶ୍ୱେଶ୍ୱର ମହାଦେବ ମନ୍ଦିର ଏବଂ ବିରିବାଟୀସ୍ଥିତ ବାଗଦେବୀ ମନ୍ଦିରରୁ ଚୋରି କରିଥିବା ଜଣାଯାଇଛି। ଏହି ୨ ମନ୍ଦିରରୁ ଚୋରି ହେବାପରେ ଶ୍ରଦ୍ଧାଳୁଙ୍କ ମନରେ ଗଭୀର ଆଘାତ ଲାଗିଥିଲା। ଲୋକମାନଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଏସ୍ଡିପିଓ ଆଜିଙ୍କ୍ୟ ମାଣେଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିଲା। ଏହି ଦଳ ଚୋରମାନଙ୍କୁ ଧରିବା ପାଇଁ ପୁରୁଣା ଚୋରି ମାମଲାକୁ ଅନୁଧ୍ୟାନ କରି ଅଭିଯୁକ୍ତମାନଙ୍କ ବିଷୟରେ ଅନେକ ତଥ୍ୟ ସଂଗ୍ରହ କରିଥିଲା। ଅଭିଯୁକ୍ତମାନେ ଯେଉଁସବୁ ସାମଗ୍ରୀ ଚୋରି କରିଥିଲେ ସେଗୁଡ଼ିକୁ ବିକ୍ରି ଉଦ୍ଦେଶ୍ୟରେ ସ୍ଥାନାନ୍ତର ପାଇଁ ଉଦ୍ୟମ କରୁଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ। ଏହାପରେ ପୋଲିସ ଯୋଜନାବଦ୍ଧ ଭାବେ ଚଢ଼ାଉ କରି ସେମାନଙ୍କୁ କାବୁ କରିବାକୁ ସକ୍ଷମ ହୋଇଛି।

ପଚରାଉଚୁରା ପରେ ଅଭିଯୁକ୍ତମାନେ କିଛି ମାସ ପୂର୍ବରୁ ଜଗତ୍ସିଂହପୁର ଓ ବାଲିପାଟଣା ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିବା ସ୍ୱୀକାର କରିଛନ୍ତି। ସେମାନେ କହିଥିଲେ, ଜାମିନରେ ଫେରିଲା ପରେ ଏକ ସିଣ୍ଡିକେଟ୍ ଗଠନ କରି ଯୋଜନାବଦ୍ଧଭାବେ ଚୋରି କରୁଥିଲେ। ଆଉ ଏହି ସାମଗ୍ରୀକୁ ଏକାଧିକ ବ୍ୟକ୍ତିଙ୍କୁ ବିକି ମୋଟା ଅଙ୍କର ଅର୍ଥ ପାଇଛନ୍ତି। ଏହା ଭିତରେ ବାଲିକୁଦା, ରଘୁନାଥପୁର, ନାଉଗାଁ, ବିରିଡ଼ି ଓ ଜଗତ୍ସିଂହପୁର ଥାନା ଅଞ୍ଚଳରେ ଏକାଧିକ ମନ୍ଦିରରୁ ଅଭିଯୁକ୍ତମାନେ ଚୋରି କରିଛନ୍ତି। ସେପ୍ଟେମ୍ବରରେ ଅଭିଯୁକ୍ତମାନେ ବିଶ୍ୱେଶ୍ୱର ମହାଦେବ ମନ୍ଦିର ଓ ବିରିବାଟି ବାଗଦେବୀ ମନ୍ଦିରରୁ ଚୋରି କରିଥିବା କହିଛନ୍ତି। ଏହି ଚୋରି ସାମଗ୍ରୀ ମଧ୍ୟରୁ ସେମାନେ କେତେକ ଅଳଙ୍କାର ଜିଲା ବାହାରର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିଲେ। ବୁଧବାର ଭୁବନେଶ୍ୱରସ୍ଥିତ ବାଳ କାଟିରେ କିଛି ବିକ୍ରି କରିଛନ୍ତି।

ଯୋଜନା ସମ୍ପର୍କରେ ସେମାନେ କହିଥିଲେ ନିର୍ମଳା ଦିନବେଳା ପୁଅ ସହ ମନ୍ଦିର ବୁଲିବା ବାହାନାରେ ଯାଇ ସବୁକିଛି ସନ୍ଧାନ କରିଥାନ୍ତି। ଏହାପରେ ରାତିରେ ଯୋଜନାବଦ୍ଧ ଭାବେ ଅନ୍ୟ ପୁଅମାନେ ଚୋରି କରିଥାନ୍ତି। ନିର୍ମଳା ଚୋରି ସାମଗ୍ରୀ ମାଟି ଖୋଳି ରଖୁଥିଲେ। ସମୟ ସୁବିଧା ଦେଖି କିଛି କିଛି ବିକ୍ରି କରୁଥିଲେ। ଆୟୋଜିତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏସ୍ଡିପିଓ ଆଜିଙ୍କ୍ୟ ମାଣେ, ଡିଏସ୍ପି ରଶ୍ମିରଞ୍ଜନ ଦାଶ, ଜଗତ୍ସିଂହପୁର ଆଇଆଇସି ସରୋଜକାନ୍ତ ସାମଲ ଉପସ୍ଥିତ ଥିଲେ।

# କନ୍ଧମାଳ ଏମ୍ପିଙ୍କୁ ମହିଳାଙ୍କ ୧୨ ଦଫା ଦାବିପତ୍ର ପ୍ରଦାନ

କୁଜଙ୍ଗ, ୧୬।୧୦ (ମନୋଜ ପ୍ରଧାନ)

କନ୍ଧମାଳ ଏମ୍ପି ତଥା କେନ୍ଦ୍ର ସରକାରଙ୍କ କୃଷି, ମତ୍ସ୍ୟ ଓ ସମବାୟ ବିଭାଗ ଷ୍ଟାଣ୍ଡିଂ କମିଟି ସଦସ୍ୟ ତଥା ଦିନଦୟାଲ ପାରାଦୀପ ଇଣ୍ଡଷ୍ଟ୍ରିଆଲ ୱାର୍କରସ ୟୁନିୟନ ଉପଦେଷ୍ଟା ସୁକାନ୍ତ ପାଣିଗ୍ରାହୀ ଗୁରୁବାର ଢିଙ୍କିଆ ଚାରିଦେଶ ଗସ୍ତରେ ଆସି ଶିଳ୍ପ ପ୍ରଭାବିତ ଅଞ୍ଚଳ ବୁଲି ଦେଖିଥିଲେ। ଏହି ଅବସରରେ ସେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ଜୀବନଜୀବିକା ଉପରେ ପଚାରିବୁଝିଥିଲେ। ନୂଆଗାଁସ୍ଥିତ ଦିନଦୟାଲ ପାରାଦୀପ ଇଣ୍ଡଷ୍ଟ୍ରିଆଲ ୱାର୍କର୍ସ ୟୁନିଅନ କାର୍ଯ୍ୟାଳୟରେ ଶିଳ୍ପ ପ୍ରଭାବିତ ଢ଼ିଙ୍କିଆ ଚାରି ଦେଶ ଉନ୍ନୟନ ସମିତି ପକ୍ଷରୁ ମହିଳାମାନେ ୧୨ ଦଫା ସମ୍ବଳିତ ଦାବିପତ୍ର ପାଣିଗ୍ରାହୀଙ୍କୁ ଦେଇଥିଲେ। ସେମାନେ ଉଲ୍ଲେଖ କରିଛନ୍ତି ଯେ, ପ୍ରାକୃତିକ ସୁଉଚ୍ଚ ବାଲୁକା ସ୍ତୁପକୁ ସୁରକ୍ଷା ଦିଆଯାଉ। ତୁରନ୍ତ ଭୂତଳ ଜଳ ଉତ୍ତୋଳନ ବନ୍ଦ କରାଯାଉ। ଶିଳ୍ପପ୍ରଭାବିତ ଅଞ୍ଚଳର ବେକାର ଯୁବତୀ, ଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ, ଅଣକୁଶଳୀଙ୍କୁ କୁଶଳୀ କରାଇ ସ୍ଥାୟୀ ନିଯୁକ୍ତି, ପାନ ବରଜରେ କାମ କରୁଥିବା ଶ୍ରମିକଙ୍କୁ ମାସିକ ଭତ୍ତା ପ୍ରଦାନ, ବାକି ଥିବା କ୍ଷତିପୂରଣ ପ୍ରଦାନ, ଶତକଡା ୭୦ ଭାଗ ସ୍ଥାନୀୟ ନିଯୁକ୍ତି ଓ ମହିଳାମାନଙ୍କୁ ବ୍ୟବସାୟିକ ସୁବିଧା ପ୍ରଦାନ ଭଳି ୧୨ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଏ ସମସ୍ୟା ଉପରେ ଜିଲା ପ୍ରଶାସନ ଓ ସରକାରଙ୍କ ସହ ଆଲୋଚନା କରି ସମାଧାନର ପନ୍ଥା ବାହାର କରିବେ ବୋଲି ପାଣିଗ୍ରାହୀ ପ୍ରତିଶ୍ରୁତି ଦେଇଛନ୍ତି।




# ସମ୍ପର୍କୀୟା ନାବାଳିକା ଭଉଣୀଙ୍କୁ ବଳାତ୍କାର: ଅଭିଯୁକ୍ତ ଫେରାର

କୁଜଙ୍ଗ, ୧୬।୧୦ (ମନୋଜ ପ୍ରଧାନ)

ଜଗତ୍ସିଂହପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳରେ ସମ୍ପର୍କୀୟା ଭଉଣୀଙ୍କୁ ବଳାତ୍କାର କରି ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏନେଇ ପୀଡ଼ିତାଙ୍କ ମା' ବୁଧବାର ଥାନାରେ ଅଭିଯୋଗ କରିବା ପରେ ଗୁରୁବାର ପୋଲିସ ମାମଲା (ନଂ. ୩୭୮/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତା ନାବାଳିକା ଦଶମ ଶ୍ରେଣୀର ଛାତ୍ରୀ। ୧୪ ତାରିଖ ରାତି ପ୍ରାୟ ୮ଟାରେ ପୀଡ଼ିତାଙ୍କ ବଡ଼ବାପାଙ୍କ ପୁଅ ତଥା ଅଭିଯୁକ୍ତ ସାରଦା ପ୍ରସାଦ ମଲ୍ଲ(୨୫) ନାବାଳିକା ଭଉଣୀଙ୍କୁ ଜୋର ଜବରଦସ୍ତ ଘରୁ ଟାଣି ନେଇ ବାଗିପଟେ ଥିବା କଦଳୀ ବଣ ନିକଟରେ ବଳାତ୍କାର କରିଥିଲେ। ଗୋଟିଏ ଦିନ ବିଳମ୍ବରେ ଥାନାରେ ଅଭିଯୋଗ ହେବାରୁ ସାରଦା ଫେରାର ହେବାକୁ ସୁଯୋଗ ପାଇଗଲେ। ତାଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଜାରି ରଖିଛି ବୋଲି ସବ୍ଇନ୍ସପେକ୍ଟର ରଶ୍ମି ରଞ୍ଜନ ସାହୁ କହିଛନ୍ତି। ଅଭିଯୁକ୍ତ ସାରଦା ବିବାହିତ ହୋଇଥିବାବେଳେ ତାଙ୍କର ଗୋଟିଏ ପୁତ୍ର ସନ୍ତାନ ଥିବା ଜଣାପଡ଼ିଛି।

# କଲେଜ ପରସରରୁ ବାଇକ ଚୋରି

ବାଲିକୁଦା,୧୬।୧୦(ତାପସ ସ୍ୱାଇଁ)

ବାଲିକୁଦା ମହିଳା ମହାବିଦ୍ୟାଳୟ ପରିସରରୁ ବାଇକ୍ ଚୋରି ହୋଇଥିବା ଗୁରୁବାର ଅଭିଯୋଗ ହୋଇଛି। ମହାବିଦ୍ୟାଳୟର କିରାଣି ତଥା ବାଲିକୁଦା ଥାନା ଅନ୍ତର୍ଗତ ବାଲିସାହି ଗ୍ରାମର ସଂଗ୍ରାମ ସାହୁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସଂଗ୍ରାମ ସବୁଦିନ ଭଳି କଲେଜ ପରିସରରେ ନିଜର ବାଇକ ରଖି ନିଜ କାର୍ଯ୍ୟରେ ବ୍ୟସ୍ତ ଥିଲେ। ପୂର୍ବାହ୍ନ ପ୍ରାୟ ୧୧ ଟା ୩୦ ମିନିଟ ସମୟରେ ତାଙ୍କର ବାଇକ କଲେଜ ପରିସରରେ ନ ଥିବା ଅନ୍ୟ ଜଣେ ସହଯୋଗୀ କହିଥିଲେ। ଏହାପରେ ସଂଗ୍ରାମ ଥାନାରେ ଅଭିଯୋଗ କରିଥିଲେ।



*T&C Apply. *Consumers shall be eligible to any one gift - home upgrade, air fryer or extended warranty per scratch card. Gifts are assigned on random basis. Offer not applicable for online purchases. **Offer is valid till 31st October 2025. Image used for representation purposes only. Contact your dealer to know more.** BSH reserves the right to withdraw or modify this offer at any time without prior notice. To learn more about our offer, visit www.bosch-home.in/promotions/festive-offer-2025.
BoschHomeIn

**Authorised Dealer :- Bhubaneshwar :** Zircon Tech - Puri Bypass Road - 8658136888 **Bapuji Nagar:** Raj Electronics - 6371041749, Spectravision - 9861293933, Great Eastern Retail - 7377510785 **Patia :** Hindustan Electronics - 7978528105, Gupta Distributors - 7008412492 **Barmunda :** Gupta Distributors- 8249510245 **Cuttack:** Sai World, Mahanadi Vihar - 93377 86661, Durgashree Electronics, Link Road- 9338100078 **Pattamundai :** Shree Gajanan Electronics - 91785 01018 **Kendrapara :** Tulasi Home Appliances - 9348181076
**For More Details, Contact : 9861244687, 9262548870**

# ଏସ୍ଆଇ, କନ୍ଷ୍ଟେବଲଙ୍କୁ ଓଏଚ୍ଆର୍‌ସିଙ୍କ ଗିରଫ ନିର୍ଦ୍ଦେଶ

## କଣ୍ଟିଲୋ ଫାଣ୍ଡିରେ ଦମ୍ପତିଙ୍କୁ ପୋଲିସର ଦୁର୍ବ୍ୟବହାର ଘଟଣା

ଖଣ୍ଡପଡ଼ା,୧୬।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଥାନା କଣ୍ଟିଲୋର ପୂର୍ବତନ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ଓ କନ୍ଷ୍ଟେବଲ ସୁଧୀର କୁମାରଙ୍କୁ ଗିରଫ କରିବାକୁ ରାଜ୍ୟ ମାନବ ଅଧିକାର କମିଶନ ଗତ ୯ ତାରିଖରେ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। କଣ୍ଟିଲୋ ଫାଣ୍ଡିକୁ ଏକ ଗଣ୍ଡଗୋଳ ଘଟଣାକୁ ନେଇ ଅଭିଯୋଗ କରିବାକୁ ଯାଇଥିବା ଜଣେ ମହିଳାଙ୍କୁ ମିଥ୍ୟା ମାମଲାରେ ଫସାଇବା ଘଟଣାରେ ରାଜ୍ୟ ମାନବ ଅଧିକାର କମିଶନ(ଓଏଚ୍ଆର୍‌ସି)ଙ୍କ ନିକଟରେ ସମ୍ପୃକ୍ତ ମହିଳା ଅଭିଯୋଗ କରିଥିଲେ।

ସୂଚନାନୁଯାୟୀ, ୨୦୨୪ ମାର୍ଚ୍ଚ ୧୯ରେ କଣ୍ଟିଲୋ ଅଞ୍ଚଳର ଅନୁସୂଚିତ ଜାତିର ମହିଳା ପ୍ରତିମା ଦଳେଇ ତାଙ୍କ ସ୍ୱାମୀଙ୍କ ସହ କଣ୍ଟିଲୋ ଫାଣ୍ଡିକୁ ଅଭିଯୋଗ କରିବାକୁ ଯାଇଥିବା ବେଳେ ଫାଣ୍ଡି ଅଧିକାରୀ ଜେନା ଓ କନ୍ଷ୍ଟେବଲ ସୁଧୀର କୁମାର ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ମହିଳା ଜଣକ ନୟାଗଡ଼ ଏସ୍‌ପିଙ୍କ ସମେତ ପୋଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ତାଙ୍କୁ ନ୍ୟାୟ ପ୍ରଦାନରେ ପୋଲିସ ପ୍ରଶାସନ ବିଫଳ ହୋଇଥିଲା। ଏହାର ପ୍ରତିବାଦରେ ନ୍ୟାୟ ପାଇବା ନିମନ୍ତେ ଉକ୍ତ ଦମ୍ପତି ମାନବ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ମାନବ ଅଧିକାର କମିଶନ ଘଟଣାରେ ହସ୍ତକ୍ଷେପକରି ଏ ନେଇ ଏକ ମାମଲା ରୁଜୁକରି ଏ ସମ୍ପର୍କିତ ରିପୋର୍ଟ ତୁରନ୍ତ ପ୍ରଦାନ କରିବାକୁ ନୟାଗଡ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଦୁଇ ଦୁଇ ଥର ଶୁଣାଣି ପରେ ମଧ୍ୟ ନୟାଗଡ଼ ଏସ୍‌ପି କିମ୍ବା ସମ୍ପୃକ୍ତ ୨ ପୋଲିସ ଅଧିକାରୀ ମାନବ ଅଧିକାର କମିଶନଙ୍କ ନିକଟରେ ହାଜର ନ ହେବାରୁ କମିଶନ ୨ ପୋଲିସ ଅଧିକାରୀଙ୍କୁ ଗିରଫ( ବେଲେବୁଲ ୱାରେଣ୍ଟ) ନିମନ୍ତେ ନିର୍ଦ୍ଦେଶନାମା ଜାରି କରିଥିବା ଜଣାପଡିଛି। ମାନବ ଅଧିକାର କମିଶନ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘନ ପୂଜହାରୀ ଘଟଣାର ଶୁଣାଣି କରିଥିବା ବେଳେ ଆସନ୍ତା ୩୧ ତାରିଖକୁ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଥିବା ଜଣାପଡିଛି। ମାନବ ଅଧିକାର କମିଶନରେ ନଂ. ୮୩୪/୨୪ ରେ ମାମଲା ରୁଜୁ ହୋଇଛି।

ଏ ସମ୍ପର୍କରେ ପୂର୍ବତନ ଫାଣ୍ଡି ଅଧିକାରୀ ତଥା ବର୍ତ୍ତମାନ ରଣପୁର ଥାନା ଏସ୍ଆଇ ରମେଶ ଚନ୍ଦ୍ର ଜେନାଙ୍କୁ ପଚାରିବାରୁ ଅଭିଯୋଗର କୌଣସି ସତ୍ୟତା ନାହିଁ। କିନ୍ତୁ ଆମେ କାର୍ଯ୍ୟବ୍ୟସ୍ତତା ଦୃଷ୍ଟିରୁ କମିଶନଙ୍କ ନିକଟରେ ହାଜର ହୋଇ ନ ଥିଲୁ ସେଥିଲାଗି ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ପରେ ଏହାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

# ୨ ଗିରଫ, ଫୁଲବାଣୀରୁ ଜଟଣୀ ଯାଉଥିଲା ଟ୍ରକ୍

## ଏଚ୍‌ପି ଗ୍ୟାସ୍ ବୋଝେଇ ଟ୍ରକ୍ ସହ ୨୦ କେଜି ଗଞ୍ଜେଇ ଜବତ

ନୟାଗଡ଼,୧୬।୧୦
(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଗୋଡ଼ିପଡ଼ା ଫାଣ୍ଡି ପୋଲିସ ନୂଆ ଜଗନ୍ନାଥ ସଡ଼କ ଡିମିଶର ପନ୍ଦାରି ଛକରୁ ଗୁରୁବାର ପୂର୍ବାହ୍ନରେ ଏଚ୍‌ପି ଗ୍ୟାସ୍ ବୋଝେଇ ଟ୍ରକ୍ ସହ ୨୦ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଦଶପଲ୍ଲା ବ୍ଲକ୍ ବାଣିଗୋଛା ଗାଁର ଅଜିତ ନାୟକ(୩୫) ଓ ଖୋର୍ଦ୍ଧା ଜିଲା ଜଟଣୀର ସୌମ୍ୟ ରଞ୍ଜନ ଜେନା(୩୭)ଙ୍କୁ ଗିରଫ କରିଛି। ଶୁକ୍ରବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ। ନଂ. ୨୨୯/୨୫ରେ ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଏଚ୍‌ପି ଗ୍ୟାସ୍ ଟ୍ରକ୍‌ରେ ଗଞ୍ଜେଇ ଫୁଲବାଣୀରୁ ଜଟଣୀ ଯାଉଥିବା ଜଣାପଡ଼ିଛି ।




# ବଦଳିବ ରଣପୁର ମଣିନାଗ ପୀଠ ରୂପରେଖ




ବୈଠକରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲାପାଳ ଓ ଅତିରିକ୍ତ ଜିଲାପାଳ ଆଲୋଚନା କରୁଛନ୍ତି।

ନୟାଗଡ଼,୧୬।୧୦
(ଲୋକନାଥ ମିଶ୍ର)

- ବିକାଶ ପାଇଁ ୭ କୋଟି ଟଙ୍କା ମଞ୍ଜୁର
- କଣ୍ଟିଲୋ ନୀଳମାଧବ ମନ୍ଦିରର ବିକାଶ ପାଇଁ ପ୍ରସ୍ତାବ ପ୍ରସ୍ତୁତ

ନୟାଗଡ଼ ଜିଲା ରଣପୁର ମଣିନାଗ ପୀଠର ରୂପ ରେଖ ବଦଳିବ । ତଳ ଓ ଉପର ମଣିନାଗର ବିକାଶ ପାଇଁ ୭କୋଟି ଟଙ୍କା ମଞ୍ଜୁର ହୋଇଛି । ଉଭୟ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି ଉପରେ ଗୁରୁତ୍ୱ ଦେଇ କାମ କରାଯିବ ବୋଲି ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ ବେହେରା ସୂଚନା ଦେଇଛନ୍ତି। ସେହିପରି ଆଦ୍ୟ ଶ୍ରୀକ୍ଷେତ୍ର କଣ୍ଟିଲୋ ନୀଳମାଧବ ମନ୍ଦିରର ବିକାଶ ପାଇଁ ଅନ୍ତିମ ପ୍ରସ୍ତାବ ଗୁରୁବାର ପ୍ରସ୍ତୁତ କରାଯାଇଛି । ଏହା ରାଜ୍ୟ ସରକାରଙ୍କ ପାଖକୁ ପଠାଯିବ। କଣ୍ଟିଲୋ ନୀଳମାଧବ ମନ୍ଦିରର ବିକାଶ ହେଲେ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ଖଣ୍ଡପଡା ବ୍ଲକ ସ୍ପଷ୍ଟ ଭାବେ ସ୍ଥାନ ପାଇପାରିବ। ଖଣ୍ଡପଡା ଅଞ୍ଚଳକୁ ପର୍ଯ୍ୟଟକ ବଢ଼ିବା ସହିତ ରାଜସ୍ୱ ବୃଦ୍ଧି ପାଇବ। ଅପରପକ୍ଷେ କଣ୍ଟିଲୋ ଐତିହ୍ୟ, ସଂସ୍କୃତି ଓ ପର୍ଯ୍ୟଟନ କେନ୍ଦ୍ର ଭାବେ ପରିଗଣିତ ହୋଇ ଜଗନ୍ନାଥ ଚେତନାକୁ ବିଶ୍ୱ ବିଦିତ କରିବ ବୋଲି କୁହାଯାଇଛି । ଏହି ଅବସରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ରୋଜିନା ଦାସଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଭୋଟ ଚୋରି ଦସ୍ତଖତ ଅଭିଯାନ ଅଗ୍ରଗତି ସମୀକ୍ଷା

**ନୟାଗଡ଼,୧୬।୧୦(ଲୋକନାଥ ମିଶ୍ର):** ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ନୟାଗଡ଼ ଜିଲା ବ୍ୟାପୀ ଭୋଟ ଚୋରି ଦସ୍ତଖତ ଅଭିଯାନ ଅଗ୍ରଗତି ସମ୍ପର୍କରେ ସମୀକ୍ଷା ବୈଠକ ଡିସିସି କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସ ଜିଲା ସଭାପତି ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପିସିସି ପର୍ଯ୍ୟବେକ୍ଷକ ସ୍ୱାଗତିକା ପଟ୍ଟନାୟକ ଯୋଗଦେଇ ଜିଲାର ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଆସନ୍ତା ୧୯ ତାରିଖ ସୁଦ୍ଧା ଅନ୍ୟୂନ ୧୦ ହଜାର ସାଧାରଣ ଜନତାଙ୍କର ଦସ୍ତଖତ କରାଯିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଅଦ୍ୟାବଧି ସମଗ୍ର ଜିଲାରେ ପ୍ରାୟ ୧୫ ହଜାର ଦସ୍ତଖତ ସଂଗ୍ରହ କାର୍ଯ୍ୟ ଶେଷ ହୋଇଥିବା ବ୍ଲକ ସଭାପତି ରିପୋର୍ଟ ଦେଇଥିଲେ ।

ବରିଷ୍ଠ କଂଗ୍ରେସ ନେତା ତଥା କନ୍ଧମାଳ ଜିଲା ପର୍ଯ୍ୟବେକ୍ଷକ ହୁସେନ ଖାଁ, ରଣପୁର ବିଧାୟକ ପ୍ରାର୍ଥୀ ବିଭୁପ୍ରସାଦ ମିଶ୍ର, ଜିଲା ଡିସିସି କିଷାନ ସେଲ୍ ଅଧ୍ୟକ୍ଷ ବସନ୍ତ କର, ଆରଜିପିଆରଏସ୍ ଜିଲା ଅଧ୍ୟକ୍ଷ ସୁକାନ୍ତ ଶତପଥୀ, ଜିଲା ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଅମ୍‌ଜାଦ ଖାନ୍, ଜିଲା ଓବିସି ସେଲ୍ ଅଧ୍ୟକ୍ଷ ନାରାୟଣ ସାହୁ, ଜିଲା ଆଇଏନ୍‌ଟିୟୁସି ଆବାହକ ଆଲୋକ ପ୍ରଧାନ, ନୟାଗଡ଼ ବ୍ଲକ କଂଗ୍ରେସ ସଭାପତି ଫକୀର ଚରଣ ମଲ୍ଲ, ରଣପୁର ଶତ୍ରୁଘ୍ନ ପାଇକରାୟ, ନୂଆଗାଁର ଅଶୋକ କୁମାର ନାୟକ, ଦଶପଲ୍ଲାର ବୁଲୁ ପରିଡ଼ା, ଗଣିଆ କାଶୀନାଥ ନାୟକ, ଜିଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ, ବରିଷ୍ଠ ନେତା ରାଜୀବ ମିଶ୍ର, ବେଣୁଧର ନାୟକ, ଆଇନଜୀବୀ ବିଭୂତି ରାଉତ, ପୂର୍ଣ୍ଣଚନ୍ଦ୍ର ଶାନ୍ତଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ସମୀକ୍ଷା ବୈଠକରେ ଉପସ୍ଥିତ ରହି ଜିଲାରେ ଭୋଟ ଚୋରି ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ସଫଳ କରିବା ପାଇଁ ନିଷ୍ପତ୍ତି କରିଥିଲେ।

ଅପରପକ୍ଷେ ଖଣ୍ଡପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ଚୋରି ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ସଫଳ କରିବା ପାଇଁ ଜିଲା ସଭାପତି ରଣଜିତ ଦାଶ ଏକ ସଂଯୋଜନା ମଣ୍ଡଳୀ ଜିଲା କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ବରିଷ୍ଠ ନେତା ସୁକାନ୍ତ ଶତପଥୀଙ୍କ ଅଧ୍ୟକ୍ଷତାରେ ଗଠନ କରିଛନ୍ତି। ବରିଷ୍ଠ ନେତ୍ରୀ ବିନୋଦିନୀ ମହାନ୍ତି, ବସନ୍ତ କୁମାର ମହାରଣା, ପ୍ରକାଶ କୁମାର ଖୁଣ୍ଟିଆ, ଯୁବ ନେତା ଦିଲୀପ ଖୁଣ୍ଟିଆଙ୍କୁ ନେଇ ଦସ୍ତଖତ ଅଭିଯାନ ତ୍ୱରାନ୍ୱିତ କରାଇବା ପାଇଁ କମିଟି ଗଠନ କରାଯାଇ ପ୍ରଦେଶ କଂଗ୍ରେସ ଭୋଟ ଚୋରି ୱାର ରୁମକୁ ଅବଗତ କରାଯାଇଛି।






## ସଂକ୍ଷେପରେ

### ପୋଲିସକୁ ଦୁର୍ବ୍ୟବହାର ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା,୧୬ା୧୦(ବଟକୃଷ୍ଣ ପରିଡ଼ା): ଜେନାପୁର ପୋଲିସ ବୁଧବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ସ୍ଥାନୀୟ ଷେଣ୍ଟପୁର ଗ୍ରାମର ଜଣେ ଯୁବକ ପୋଲିସକୁ ଦୁର୍ବ୍ୟବହାର କରିବା ସହ ମାରିଦେବାକୁ ଧମକ ଦେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ସଂପୃକ୍ତ ଯୁବକକୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଗ୍ରାମର ଆଲୋକ ଭାରତୀ(୨୮)। ଜେନାପୁର ପୋଲ ତଳେ ପୋଲିସ ସହ ଆଲୋକଙ୍କ ବଚସା ହୋଇଥିଲା। ଆଲୋକ ଏସ୍ଆଇ ମନୋରଞ୍ଜନ ସେଠୀଙ୍କୁ ଖରାପ ଭାଷାରେ ଗାଳିଗୁଲଜ୍ କରିବା ସହ ମାରିଦେବାକୁ ଧମକ ଦେଇଥିଲା। ଏନେଇ ପୋଲିସ ନଂ.୩୬୪/୨୫ରେ ମାମଲା ରୁଜୁ କରିଥିବା ଥାନାଅଧିକାରୀ ନିରୁପମା ଜେନା ଓ ଏସ୍ଆଇ ରଞ୍ଜନ ବେହେରା ସୂଚନା ଦେଇଛନ୍ତି।

### ସ୍କାଉଟ୍ସ, ଗାଇଡ୍ସ ପ୍ରଶିକ୍ଷଣ ଶିବିର

**ପାଣିକୋଇଲି,୧୬ା୧୦(ବିକାଶ ମଲ୍ଲିକ):** କୋରେଇ ଶିକ୍ଷା ମଣ୍ଡଳ ଅଧୀନ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସର ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରେଇ, ସୁକିନ୍ଦା, ରସୁଲପୁର ଓ ଦାନଗଦୀ ବ୍ଲକର ୧୪ ବିଦ୍ୟାଳୟରୁ ୩୨୮ ପ୍ରଶିକ୍ଷାର୍ଥୀ ଯୋଗ ଦେଇ ପ୍ରଶିକ୍ଷଣ ନେବା ସହ ତୃତୀୟ ସୋପାନ ପରୀକ୍ଷା ଦେଇଥିଲେ। ଶିବିରକୁ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଗାୟତ୍ରୀ ନାୟକ ଉଦ୍‌ଘାଟନ କରିଥିଲେ। ଜିଲାର ବହୁ ସ୍କାଉଟ୍ସ ଓ ଗାଇଡ୍ସର ପ୍ରଶିକ୍ଷକ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଖେଳ ଶିକ୍ଷକ କାହ୍ନୁଚରଣ ନାୟକ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

# ସ୍ଲରି ପାଇପ୍ ଲାଇନକୁ ଆର୍‌ଡି ବିଭାଗର ଅନୁମତି

- ଗ୍ରାମ୍ୟ ରାସ୍ତା ପ୍ରଭାବିତ ହେବା ଆଶଙ୍କା
- ଯାଜପୁର ଜିଲା ଦେଇ ଯୋଡ଼ା-ପାରାଦୀପ ପ୍ରକଳ୍ପ


ସ୍ଲରି ପାଇପ ଲାଇନ ।

ଯାଜପୁର,୧୬ା୧୦(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟ ଏକକ ବାତାୟନ ପ୍ରଣାଳୀ ମାଧ୍ୟମରେ ଶିଳ୍ପ ସଂସ୍ଥାଗୁଡିକ ଦ୍ୱାରା ସ୍ଲରି ପାଇପ ଲାଇନ ଯୋଗେ ଖଣିଜ ପଦାର୍ଥ ପରିବହନ ପାଇଁ ୧୨ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏସବୁ ପ୍ରକଳ୍ପରେ ପ୍ରାୟ ୮ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଶିଳ୍ପସଂସ୍ଥା ଦ୍ୱାରା ପ୍ରତିଶ୍ରୁତି ଦିଆଯାଇଛି। ଏଥିରେ ବୈତରଣୀ ନଦୀରୁ ୫ଟି ପ୍ରକଳ୍ପ ରହିଛି। ତେବେ ଏହି ସ୍ଲରି ପାଇପ ଲାଇନ ପ୍ରକଳ୍ପ ନିର୍ମାଣକ୍ରମରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ ପକ୍ଷରୁ ୧୫ା୧୦ା୨୫ରେ ଯୋଡ଼ା ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ ଲିମିଟେଡ (ଜେଏସ୍‌ଡବ୍ଲୁୟୁଏଲ)ଠାରୁ ପାରାଦୀପ ଜେଏସ୍‌ଡବ୍ଲୁ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ (ଜେଏସ୍‌ଡବ୍ଲୁଆଇଏଲ) ପର୍ଯ୍ୟନ୍ତ ସ୍ଲରି ପାଇପ ଲାଇନ ଯୋଗେ ଲୁହାପଥର ପରିବହନ ପାଇଁ ଅନୁମତି ଦିଆଯାଇଛି। ଏଭଳିସ୍ଥିତିରେ ଯାଜପୁର ଜିଲାର ଶତାଧିକ ଗ୍ରାମ୍ୟ ରାସ୍ତା ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। ଅନ୍ୟପକ୍ଷେ ନିଯୁକ୍ତିର ପ୍ରଲୋଭନ ଦେଖାଇ ପରବର୍ତ୍ତୀ ସମୟରେ ସ୍ଥାନୀୟ ନିଯୁକ୍ତି ସଂଖ୍ୟାରେ ବାସ୍ତବତା ଭିନ୍ନ ରହୁଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀ ସମସ୍ୟାର ସମ୍ମୁଖୀନ ହେବେ ବୋଲି ମତପ୍ରକାଶ ପାଇଛି।

୨୦୨୨ରେ ବିଧାନସଭାରେ ତତ୍କାଳୀନ କେନ୍ଦୁଝର ବିଧାୟକ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ଦେଇଥିବା ଉତ୍ତର ଅନୁସାରେ, ଜାତୀୟ ରାଜପଥ ପ୍ରାଧିକରଣ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ନିର୍ମାଣ ବିଭାଗ, ଜଳ ସମ୍ପଦ, ଭାରତୀୟ ରେଳବାଇ ଦେଇ ବିଭିନ୍ନ ସ୍ଲରି ପାଇପଲାଇନ ବିଛା ଯାଉଛି। ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ ଲିଃ ବୈତରଣୀରୁ ୩୯ ଘନ ମିଟର ପାଣି ନେବାକୁ ଯୋଜନା ଥିବାବେଳେ ଏଥିରେ ୩୫୦ଜଣ ନିଯୁକ୍ତି ପାଇବେ ବୋଲି କୁହାଯାଇଛି। ଏହି ସ୍ଲରି ପାଇପ ଲାଇନ ପାଇଁ କେନ୍ଦୁଝର, ଯାଜପୁର, କଟକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ୭.୪୫୦ କିମି ନଦୀ, କେନାଲ, ନାଳ, ଡ୍ରେନ ଆଦି ଅତିକ୍ରମ କରିବ। ଏହାସହ ପ୍ରାୟ ୭୦ କି.ମି. ସଂରକ୍ଷିତ ଜଙ୍ଗଲ, ୩୦ କି.ମି. ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଓ ୨୦ କି.ମି. ଅନ୍ୟାନ୍ୟ ଜଙ୍ଗଲ ଦେଇ ଯାଉଥିବା କୁହାଯାଉଛି। ତେବେ ନଦୀ ସୁରକ୍ଷା ସମିତି ଏଥିପାଇଁ ସମ୍ପୃକ୍ତ ନଦୀସବୁ ଶୁଷ୍କ ଓ ପ୍ରଦୂଷିତ ହେବ ବୋଲି ପୂର୍ବରୁ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ତେଣୁ ନଦୀସବୁର ସୁରକ୍ଷା କରିବାକୁ ସେମାନେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୈତରଣୀ ନଦୀର ଉପରମୁଣ୍ଡରେ ନିର୍ମାଣାଧୀନ କାନପୁର ଜଳସେଚନ ପ୍ରକଳ୍ପ ଗର୍ଭରୁ କମ୍ପାନୀ ପାଣି ଉଠେଇବାକୁ ନିଷ୍ପତ୍ତି ହୋଇଛି। ତେବେ ରବି ଏବଂ ଖରାଦିନିଆ ଚାଷ ଯେପରି ପ୍ରଭାବିତ ନ ହେବ ସେଥିପାଇଁ ଫେବୃଆରୀଠାରୁ ଜୁନ ପର୍ଯ୍ୟନ୍ତ କାନପୁର ଜଳସେଚନ ପ୍ରକଳ୍ପରୁ ପାଣି ବ୍ୟବହାର ହୋଇପାରିବ ନାହିଁ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ ୪ା୯ା୨୦୨୩ରେ ୱାଟର ଏଲୋକେସନ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହିକ୍ରମରେ କାନପୁର ଜଳସେଚନ ପ୍ରକଳ୍ପରୁ ପାଣି ବ୍ୟବହାର କରାଗଲେ ନଦୀ ଜଳ ଶୁଷ୍କ ହେବା ସହ ଚାଷ ଉପରେ ସମ୍ପୂର୍ଣ୍ଣ ପ୍ରଭାବ ପକାଇବ ବୋଲି ଜଳ ସମ୍ପଦ ବିଭାଗ ପରୋକ୍ଷରେ ସ୍ୱୀକାର କରିଥିବା ସ୍ପଷ୍ଟ ହେଉଛି। କେନ୍ଦୁଝର ଜିଲା ଗୋନାସିକା ପର୍ବତରୁ ଉତ୍ପତ୍ତି ହୋଇଥିବା ବୈତରଣୀ ନଦୀର ପ୍ରସିଦ୍ଧ ବାରୁଣୀ ସ୍ନାନ ଇତିହାସ ହୋଇଯିବ। ଯାଜପୁର ଜିଲା ସଦର ବ୍ଲକ ସମେତ ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ପ୍ରାୟ ୧୩ ହଜାର ହେକ୍ଟର ଚାଷଜମିରେ ହେଉଥିବା ଜଳସେଚନ ପାଇଁ ଆଉ ପାଣି ମିଳିବ ନାହିଁ। ବୈତରଣୀ ନଦୀ ଶୁଷ୍କ ହୋଇଯିବ ବୋଲି ଆଶଙ୍କା ଉପୁଜିଛି। ପୂର୍ବରୁ ଯୋଡାରୁ ପାରାଦୀପକୁ ଏସାର ଷ୍ଟିଲର ସ୍ଲରି ପାଇପଲାଇନ କାର୍ଯ୍ୟ ଚାଲିଥିବାବେଳେ କଳିଙ୍ଗନଗରକୁ ବିଆର୍‌ପିଏଲ୍‌ର ସ୍ଲରି ପାଇପଲାଇନ ଯୋଗେ ଲୁହାପଥର ପରିବହନ ଜାରି ରହିଛି। କେନ୍ଦୁଝର ଜିଲା ଯୋଡ଼ା ଖଣି ଅଞ୍ଚଳରୁ ପାଇପ ଯୋଗେ ଲୁହାପଥର ଓ ପାଣି ନେବାକୁ କେତେଗୋଟି କମ୍ପାନୀ ଅପେକ୍ଷାରେ ରହିଛନ୍ତି। ସେଥିମଧ୍ୟରୁ ଜେଏସ୍‌ଡବ୍ଲୁ ବୈତରଣୀ ନଦୀର ମିରିଗିସିଂହାଠାରେ ଇନଟେକ ୱେଲ ନିର୍ମାଣ କରି ବର୍ଷା ଋତୁରେ ପାଣି ଉତ୍ତୋଳନ କରିବ। ତେବେ ଜଳ ସମ୍ପଦ ବିଭାଗର ସମୀକ୍ଷାରୁ ଜଣାପଡିଛି ଯେ, ରବି ଏବଂ ଖରାଦିନିଆ ଚାଷରେ ଜଳର ଅଭାବ ରହିବ। ତେଣୁ କମ୍ପାନୀ ଫେବୃଆରୀଠାରୁ ଜୁନ ପର୍ଯ୍ୟନ୍ତ କାନପୁର ଡ୍ୟାମରୁ ପାଣି ନ ଉଠାଇଲେ ଅତିକମ୍‌ରେ ୭୫ ପ୍ରତିଶତ ରବି ଋତୁ ଚାଷ ହୋଇପାରିବ। ଏହିକ୍ରମରେ ଜେଏସ୍‌ଡବ୍ଲୁ କାରଖାନା ପରିସରରେ ଏକ ଜଳଭଣ୍ଡାର ନିର୍ମାଣ କରି ଆବଶ୍ୟକ ଜଳ ଅଭାବ ପୂରଣ କରିପାରିବ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ବଡ଼ବିଲ, ରିମୁଲି, କେନ୍ଦୁଝର, ଆନନ୍ଦପୁର, ଯାଜପୁରରୋଡ, କଳିଙ୍ଗନଗର, ଚଣ୍ଡିଖୋଲ ଦେଇ ପାରାଦୀପକୁ ପାଇପ ବିଛା କାମ ଚାଲିଛି। ଭୂତଳ ପାଇପ ଯୋଗେ ଲୁହାପଥର ପରିବହନ ପ୍ରକଳ୍ପ ଯଦି ହୋଇ ନ ଥାନ୍ତା ତେବେ ଯୋଡ଼ା, ବଡବିଲଠାରୁ ପାରାଦୀପ ପର୍ଯ୍ୟନ୍ତ ଲୁହାପଥର ପରିବହନ କରି ଯାଜପୁର ଓ କେନ୍ଦୁଝର ଜିଲାର ୫୦ ହଜାରରୁ ଉର୍ଦ୍ଧ୍ୱ ଟ୍ରକ୍ ମାଲିକ ଲାଭବାନ ହୋଇ ପାରିଥାନ୍ତେ ବୋଲି ମତପ୍ରକାଶ ପାଇଛି।

### ମେସ୍କୋ କାରଖାନା ଚାଲୁ ନ କଲେ ଆନ୍ଦୋଳନ

କଳିଙ୍ଗନଗର,୧୬ା୧୦(ଶୁଭାଶିଷ ରାଉତ): କଳିଙ୍ଗନଗର ମେସ୍କୋ କାରଖାନା ୬ ବର୍ଷ ହେବ ବନ୍ଦ ହୋଇ ପଡ଼ିରହିଛି। କାରଖାନା ସ୍ୱାଭାବିକ ଚାଲିଥିବାବେଳ ହଠାତ ମାନ୍ଦାବସ୍ଥାର ଆଳଦେଖାଇ କାରଖାନା କର୍ତ୍ତୃପକ୍ଷ ବନ୍ଦ କରିଦେଇଛନ୍ତି। ଫଳରେ କାରଖାନା ପାଇଁ ଭିଟାମାଟି ହରାଇଥିବା ୨୦୦ ଶହ ପରିବାର ଏବେ ଭୋକ ଉପବାସରେ ଦିନ କାଟୁଛନ୍ତି। ଜିଲା ପ୍ରଶାସନ, କାରଖାନା କର୍ତ୍ତୃପକ୍ଷ ଏବଂ ବିସ୍ଥାପିତ ପରିବାର ଲୋକେ ବୈଠକ ପରେ ବୈଠକ କରିଚାଲିଛନ୍ତି। ହେଲେ ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲିଛନ୍ତି କାରଖାନା ମାଲିକ। ଯାହାକୁ ନେଇ ନିକଟରେ କାରଖାନା ବିସ୍ଥାପିତ ଓ କଳିଙ୍ଗନଗର ମଜଦୁର ୟୁନିୟନର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଶିଳ୍ପ ମନ୍ତ୍ରୀ, ଶିଳ୍ପ ସଚିବ, ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଏ ସମ୍ପର୍କରେ ଅବଗତ କରିଛନ୍ତି। ହେଲେ କେହିବି ଶୁଣୁନାହାନ୍ତି।

ଏନେଇ ଗୁରୁବାର କଳିଙ୍ଗନଗର ମଜଦୁର ୟୁନିୟନ ମେସ୍କୋ ଶାଖା କର୍ମକର୍ତ୍ତା, ବିସ୍ଥାପିତ ପରିବାର ଓ କର୍ମଚାରୀମାନେ କାରଖାନା ଫାଟକ ସମ୍ମୁଖରେ ଏକ ଖବରଦାତା ସମ୍ମିଳନୀ କରି ପ୍ରଶାସନ ଏବଂ କାରଖାନା କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦେଇଛନ୍ତି। ଆସନ୍ତା ୧୦ ଦିନ ମଧ୍ୟରେ କାରଖାନା ଚାଲୁ ନ କଲେ ଆନ୍ଦୋଳନ କରାଯିବ। ଏଥିସହିତ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରୋଉ ସହ ଅଫିସକୁ ବନ୍ଦ କରାଯିବ ବୋଲି କହିଛନ୍ତି। ୟୁନିୟନ ସଭାପତି ସେକ ମହମ୍ମଦ ଯାହେଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସମ୍ପାଦକ ନରେନ୍ଦ୍ର ସାମଲଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ପୂଜା କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ଚଣ୍ଡିଖୋଲ,୧୬ା୧୦(ପ୍ରଦୀପ୍ତ କୁମାର ପୃଷ୍ଟି):

ଗଜଲକ୍ଷ୍ମୀ ପୂଜା ଅବସରରେ ବାଲିଚନ୍ଦ୍ରପୁର ଶ୍ୟାମସୁନ୍ଦର ବଜାର କମିଟି ଆନୁକୂଲ୍ୟରେ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବୁଧବାର ସନ୍ଧ୍ୟାରେ ବଜାର କମିଟି ସଭାପତି ପ୍ରଦୀପ୍ତ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ଯୋଗଦେଇ କହିଥିଲେ, ଏଠାରେ ପୂଜା ଭାଇଚାରାର ବାର୍ତ୍ତା ବହନ କରିଥାଏ। ଚଳିତ ବର୍ଷ ବିଭିନ୍ନ ଜିଲାରୁ ପୂଜା କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ଏକ ନିଆରା ପରମ୍ପରା। କମିଟି ପକ୍ଷରୁ ଯେଉଁ ପ୍ରଚେଷ୍ଟା କରାଯାଇଛି ତାହା ଦ୍ୱାରା ଆମ ସଂସ୍କୃତି ଓ ପରମ୍ପରା ପ୍ରତି ଯୁବ ପିଢି ଆକୃଷ୍ଟ ହେବେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ବିନ୍ଦୁ ମିତ୍ର ବଳ ଯୋଗଦେଇ କହିଥିଲେ, ଆମର ଐତିହ୍ୟ ଓ ପରମ୍ପରା ହେଉଛି ମା' ଗଜଲକ୍ଷ୍ମୀଙ୍କ ପୂଜା। ଏହି ପୂଜା ମାଧ୍ୟମରେ ବିଭିନ୍ନ କମିଟି ଯେଉଁ ସୁନ୍ଦର ବାର୍ତ୍ତା ସମାଜ ପାଇଁ ଦେଉଛନ୍ତି ତାହା ଅନନ୍ୟ।

ଏହି ଅବସରରେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବଜାର ପୂଜା କମିଟି ସଭାପତି ସଞ୍ଜୟ କୁମାର ସାହୁ, କଟକ ଜିଲା ମାହାଙ୍ଗା ବ୍ଲକ କୁଆଁପାଳ ବଜାର କମିଟି ପକ୍ଷରୁ ସଭାପତି ଜ୍ଞାନେନ୍ଦ୍ର କୁମାର ତ୍ରିପାଠୀ, ରଇପୁର ପୂଜା କମିଟି ପକ୍ଷରୁ ଜ୍ଞାନେନ୍ଦ୍ର ଦାସ ଓ ବଡ଼ଚଣା ସାର୍ବଜନୀନ ପୂଜା କମିଟି ପକ୍ଷରୁ ଅକ୍ଷୟ କୁମାର ସିଂହ ଏବଂ ମନୋରଞ୍ଜନ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବାଲିଚନ୍ଦ୍ରପୁରର ସର୍ବ ପୁରାତନ ଆୟୁର୍ବେଦିକ ଔଷଧର ପ୍ରସ୍ତୁତ କାରୀ କମ୍ପାନୀ ଭିଟୋନା ହର୍ବସର ପ୍ରତିଷ୍ଠାତା ଅନନ୍ତ କୁମାର ଦେବଦର୍ଶୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଜାର କମିଟି ସମ୍ପାଦକ ପ୍ରଭାସ କୁମାର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହାପରେ ଭଜନ ପରିବେଷଣ କରା ଯାଇଥିଲା।

## ଆର୍ଥିକ ବ୍ୟବସ୍ଥାରେ ସାଇବର ବିପଦ ଶୀର୍ଷକ ଆଲୋଚନାଚକ୍ର




ବଡ଼ଚଣା,୧୬ା୧୦(ଦିଲୀପ କୁମାର ମହାନ୍ତି):

ବଡଚଣା ବ୍ଲକ ଅନ୍ତର୍ଗତ ନୂଆ ହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ପକ୍ଷରୁ 'ଆର୍ଥିକ ବ୍ୟବସ୍ଥାରେ ସାଇବର ବିପଦ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗର ମୁଖ୍ୟ ଅଧ୍ୟାପକ ଡକ୍ଟର ଭାଗ୍ୟଧର ନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପବିତ୍ର ମୋହନ ମାହାଲା ଯୋଗଦେଇ ଆର୍ଥିକ ବ୍ୟବସ୍ଥାରେ ସାଇବର ବିପଦର କାରଣ ଓ ନିରାକରଣ ଏବଂ ସାଇବର ଠକେଇରୁ ଜନସାଧାରଣଙ୍କ ଆର୍ଥିକ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ସିଏମଏ ନିରଞ୍ଜନ ସାହୁ ଯୋଗଦେଇ ସାଇବର ଠକମାନେ କିପରି ଉଚ୍ଚ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରି ଲୋକଙ୍କ ଅର୍ଥ ହଡ଼ପ କରୁଛନ୍ତି ସେ ବିଷୟରେ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତାଭାବେ ସିଏମଏ ପ୍ରକାଶ ଚନ୍ଦ୍ର ସାହୁ ସାଇବର ବିପଦର ଏକମାତ୍ର ସୁରକ୍ଷା ହେଲା ସଚେତନତା ବୋଲି କହିଥିଲେ। ଏହି ଆଲୋଚନାଚକ୍ରରେ ଯୁକ୍ତ ଦ୍ୱିତୀୟ ବର୍ଷ ଛାତ୍ର ଅଭିଜିତ ନାୟକ ଓ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ର ଜିତେନ୍ଦ୍ର ବସନ୍ତିଆ ସ୍ୱଲିଖିତ ସନ୍ଦର୍ଭ ପାଠ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପକ ସତ୍ୟ ପ୍ରକାଶ ନାୟକ ଧନ୍ୟବାଦ ଦେଇଥିଲେ।

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ

**ଚଣ୍ଡିଖୋଲ/ବଡ଼ଚଣା,୧୬ା୧୦(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ଥାନା ଅଞ୍ଚଳର ଜଣେ ଦଳିତ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ବୁଧବାର ରାତିରେ ସମ୍ପୃକ୍ତ ମହିଳା ଓ ତାଙ୍କ ଝିଅ ଶୌଚହେବାକୁ ଘର ନିକଟ ପୋଖରୀକୁ ଯାଇଥିଲେ। ଏହି ସମୟରେ ଗୋବିନ୍ଦ ସାମଲ ନାମକ ବ୍ୟକ୍ତି ହଠାତ ମହିଳାଙ୍କୁ ଅସଦାଚରଣ କରିଥିଲେ। ଏନେଇ ପୀଡ଼ିତା ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ବଡ଼ଚଣା ଥାନା ଭାରପ୍ରାପ୍ତ ଅଧିକାରୀ ସୁରେନ୍ଦ୍ର ଜେନା ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ଲାୟନ୍ସ କ୍ଲବ ପକ୍ଷରୁ ଯୋଗ ଶିବିର


ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଲାୟନ୍ସ କ୍ଲବର ସଦସ୍ୟମାନେ ।

**ରସୁଲପୁର,୧୬ା୧୦(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ଚଣ୍ଡିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କୁ ନେଇ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଲାୟନ୍ସ କ୍ଲବ କୁଆଖିଆ ସେବକ ଶାଖା ପକ୍ଷରୁ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କ୍ଲବ ସଭାପତି ଜନ୍ମେଜୟ କୁମାର ସାହୁ, ସମ୍ମାନିତ ଅତିଥି ଭାବରେ ପ୍ରଧାନଶିକ୍ଷକ ବୈଦ୍ୟେନ୍ଦ୍ର ନାଥ ସାହୁ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ବିଦ୍ୟାର୍ଥୀ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟରେ ଯୋଗାଭ୍ୟାସକୁ ସଂଯୋଗ କରିବାକୁ ଅତିଥି ପରାମର୍ଶ ଦେଇଥିଲେ। ଦକ୍ଷ ଯୋଗବିତ୍‌ମାନେ ଯୋଗଦେଇ ବିଦ୍ୟାର୍ଥୀଙ୍କୁ ଯୋଗ ଶିକ୍ଷା ସଂପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଯୋଗାଭ୍ୟାସ ସମୟରେ କେଉଁ ଦିଗପ୍ରତି ପିଲାମାନେ ଧ୍ୟାନ ଦେବାକୁ ହେବ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇ କହିବା ସହ ବିଭିନ୍ନ ଯୋଗଭ୍ୟାସର ଭିଡିଓ କ୍ଲିପିଂ ପ୍ରଦାନ କରିଥିଲେ। ଉକ୍ତ କ୍ଲିପିଂକୁ ଅନୁସରଣକରି ପିଲାମାନେ ଯୋଗାଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଶିବିରକୁ ପରିଚାଳନା କରିଥିଲେ। ଲାୟନ୍ସ କ୍ଲବ କୁଆଖିଆ ସେବକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ବଂଟନ କରାଯାଇଥିଲା।

## ମଦମୁକ୍ତ ଭାରତ ପାଇଁ ରାଷ୍ଟ୍ରପତିଙ୍କୁ ସାକ୍ଷାତ



**ଯାଜପୁରଟାଉନ,୧୬ା୧୦ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):**

ମଦମୁକ୍ତ ଭାରତ ଅଭିଯାନର ଆବାହକ ଓ ମିଳିତ ଓଡ଼ିଶାର ନିଶା ନିବାରଣ ଅଭିଯାନ(ମୋନା)ର ସଭାପତି ପଦ୍ମଚରଣ ନାୟକଙ୍କ ନେତୃତ୍ୱରେ ନିଶା ନିବାରଣ କର୍ମୀଙ୍କ ଏକ ୬ ଜଣିଆ ପ୍ରତିନିଧି ଦଳ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରିଛନ୍ତି। ପ୍ରତିନିଧି ଦଳ, ପରିବାର ଏବଂ ସମାଜ ଉପରେ ମଦ ଏବଂ ନିଶା ଦ୍ରବ୍ୟର ବିନାଶକାରୀ ପ୍ରଭାବ ବିଷୟରେ ରାଷ୍ଟ୍ରପତିଙ୍କୁ ଅବଗତ କରାଇଛନ୍ତି। ନିଶା ସମଗ୍ର ଭାରତରେ ଘରୋଇ ହିଂସା, ଅପରାଧ, ଦାରିଦ୍ର୍ୟ, ସ୍ୱାସ୍ଥ୍ୟହାନୀ ଓ ନୈତିକ ଅବକ୍ଷୟର ପ୍ରମୁଖ କାରଣ ପାଲଟିଛି ବୋଲି ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କ ନିକଟରେ ତଥ୍ୟ ଉପସ୍ଥାପନ କରିଛନ୍ତି। ଜାତୀୟ ସମନ୍ୱୟ ବିନା ରାଜ୍ୟସ୍ତରୀୟ ନିଶା ନିବାରଣ ନୀତି ହୋଇପାରୁନାହିଁ। କାରଣ ପଡ଼ୋଶୀ ରାଜ୍ୟରୁ ମଦ ଅନୁପ୍ରବେଶ ସମସ୍ତ ପ୍ରୟାସକୁ ଦୁର୍ବଳ କରି ଦେଉଛି। ଭାରତୀୟ ସମ୍ବିଧାନ ଅନ୍ତର୍ଗତ ରାଷ୍ଟ୍ର ପାଇଁ ସାମ୍ବିଧାନିକ ନିତି ନିର୍ଦ୍ଦେଶକର ଧାରା ୪୭କୁ ପ୍ରତିନିଧି ଦଳ ଉଲ୍ଲେଖ କରିଛନ୍ତି। ସ୍ପଷ୍ଟ ଭାବରେ ରାଜ୍ୟଗୁଡ଼ିକୁ ନାଗରିକଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ନିଶା ଦ୍ରବ୍ୟ ଏବଂ ମାଦକ ଦ୍ରବ୍ୟକୁ ନିଷିଦ୍ଧ କରିବାକୁ ନିର୍ଦ୍ଦେଶ ରହିଛି। ସମ୍ବିଧାନର ସର୍ବୋଚ୍ଚ ସଂରକ୍ଷକ ଭାବେ ରାଷ୍ଟ୍ରପତି ଏଥିରେ ହସ୍ତକ୍ଷେପ କରି ମଦ ପ୍ରସାର ପରିବର୍ତ୍ତେ ଏହାର ସମ୍ପୂର୍ଣ୍ଣ ନିଷେଧକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରତିନିଧି ଦଳ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଓଡ଼ିଶା ସରକାରଙ୍କୁ ପତ୍ର ଲେଖି ପରାମର୍ଶ ଦେବେ ବୋଲି ରାଷ୍ଟ୍ରପତି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ମୋନାର ସଭାପତି ପଦ୍ମଚରଣ ନାୟକ, ଉତ୍ତରପ୍ରଦେଶର ସୁଲତନା ସିଂହ, ପଶ୍ଚିମବଙ୍ଗର କଲ୍ୟାଣୀ ପାଲୁଇ, ଦିଲ୍ଲୀର ଅବିନ୍ଦର ସିଂହ, ଓଡ଼ିଶାର ଗୀତାଞ୍ଜଳି ସ୍ୱାଇଁ, ମୋନାର କାର୍ଯ୍ୟକାରୀ ସଭାପତି(ଓଡ଼ିଶା) କାହ୍ନୁ ଚରଣ ବେହୁରା ପ୍ରମୁଖ ସାମିଲ ହୋଇଥିଲେ।

## ୩୦୦ ଫୁଟ ଧସିଲା ବୈତରଣୀ ନଦୀବନ୍ଧ

### ଆତଙ୍କିତ କୟାଁ ପଞ୍ଚାୟତବାସୀ

**ଦଶରଥପୁର,୧୬ା୧୦ (ସୁଶାନ୍ତ କୁମାର ବେହୁରିଆ):**

ବୈତରଣୀ ନଦୀର ପ୍ରଖର ସ୍ରୋତରେ ଦଶରଥପୁର ବ୍ଲକ ଅନ୍ତର୍ଗତ କୟାଁ ପଞ୍ଚାୟତ ଗୁଣ୍ଠୁଣିପଡା ଗ୍ରାମ ନିକଟରେ ମଙ୍ଗଳବାର ରାତିରେ ବୈତରଣୀ ନଦୀବନ୍ଧ ପ୍ରାୟ ୩୦୦ ଫୁଟ ଧସିଯାଇଛି। ଫଳରେ ନିକଟ ଗ୍ରାମବାସୀଙ୍କ ସମେତ ଆଖପାଖ ପଞ୍ଚାୟତର ଜନସାଧାରଣ ଆତଙ୍କିତ ହୋଇପଡ଼ିଛନ୍ତି। ଏହାବ୍ୟତୀତ ଏଠାରେ ସମୁଦ୍ରର ଜୁଆର ପାଣି ସିଧାସଳଖ ଭାବରେ ନଦୀକୁ ଆସିଥାଏ। ଫଳରେ ଉକ୍ତ ଭଙ୍ଗା ବନ୍ଧ ଅତିକ୍ରମ କରି ଚାଷଜମିକୁ ଜୁଆର ପାଣି ମାଡ଼ି ଆସି ଫସଲ ନଷ୍ଟ କରିବାର ଆଶଙ୍କା ସୃଷ୍ଟି କରିଛି। ବୁଧବାର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରାୟ ୮୦ ମିଟର ନଦୀବନ୍ଧ ଧସିଥିବା ସେମାନେ ସୂଚନା ଦେଇଛନ୍ତି। ତେବେ ଏଯାଏ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇନାହିଁ। ପୂର୍ବରୁ ଏଠାରେ ଏକାଧିକ ଥର ଅତଡ଼ା ଖସୁଥିବା ସମ୍ପର୍କରେ ବିଭାଗକୁ ଅବଗତ କରାଯାଇଥିଲେ ସୁଦ୍ଧା ବନ୍ଧ ମରାମତି ଉପଯୁକ୍ତ ଭାବେ ହୋଇ ପାରିନାହିଁ। ନିମ୍ନମାନର ବନ୍ଧ କାର୍ଯ୍ୟ ଓ ଠିକାଦାର ପ୍ରୀତି ଯୋଗୁ ବ୍ଲକର ନଦୀକୂଳ ଗ୍ରାମବାସୀ ଚଳିତ ବର୍ଷା ଋତୁରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ବର୍ଷା ଋତୁ ତମାମ ନଦୀ ବନ୍ଧରୁ କେତେବେଳେ ଅତଡ଼ା ଖସୁଛି ତ କେଉଁଠି ନଦୀବନ୍ଧରେ ଘଳିଆ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀଯନ୍ତ୍ରୀ ମହାନ୍ତିଙ୍କୁ ପଚାରିବାରୁ ତୁରନ୍ତ ବନ୍ଧ ମରାମତି କରାଯିବ ବୋଲି କହିଛନ୍ତି।


ବୈତରଣୀ ନଦୀବନ୍ଧ ୩୦୦ ଫୁଟ ଧସିଯାଇଛି।

**ପୂର୍ବତନ ରାଷ୍ଟ୍ରପତି ଡ. କଲାମଙ୍କ ଜୟନ୍ତୀ ପାଳନ**

କେନ୍ଦ୍ରାପଡା, (ଜଗନ୍ନାଥ ଧଳ): କନ୍ଦ୍ରାପଡ଼ା ସହର ମେଡିକାଲ ରୋଡ୍‌ସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଭାରତରତ୍ନ ଡ. ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଡ. କଲାମ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ସଭାରେ ସଂଘ ସଭାପତି ବ୍ରଜକିଶୋର ଜେନା ଅଧକ୍ଷତା କରିଥିଲେ। ସ୍ମୃତି କମିଟି ଆବାହକ ହେମନ୍ତ କୁମାର ଜେନା, ରବୀନ୍ଦ୍ରନାଥ ରଥ, ଗୋପୀନାଥ ବାରିକ, କାଶୀନାଥ ରାଉତରାୟ ଓ ହିରଣ୍ୟ କୁମାର ପଣ୍ଡା ସଭାରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଡ. କଲାମଙ୍କ ଦେଶ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ କମିଟି ପକ୍ଷରୁ ଭାରତରତ୍ନ ଡ. କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ଗ୍ୟାସ୍ ସିଲିଣ୍ଡର ଲିକ୍‌ରୁ ଅଗ୍ନିକାଣ୍ଡ, ୩ ବଖରା ଜଳିଗଲା

- ୮ ଛେଳି ଜୀବନ୍ତ ଦଗ୍ଧ
- ଉଦ୍ଧାର ବେଳେ ଜଣେ ଆହତ
- ସରକାରୀ ସହାୟତା ଦାବି

ମହାକାଳପଡ଼ା, ୧୬।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ)


ସୁଗଲ ଗ୍ରାମରେ ନିଆଁ ଲାଗି ଘର ଜଳିଯାଇଛି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ସୁନିତି ପଞ୍ଚାୟତ ସୁଗଲ ଗ୍ରାମରେ ଗୁରୁବାର ଗ୍ୟାସ ଲିକ୍ ଯୋଗୁ ସିଲିଣ୍ଡର ଫାଟି ଅଗ୍ନିକାଣ୍ଡ ଘଟିଛି। ଗୁହାଳରେ ଥିବା ୮ ଛେଳି ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ନିଆଁ ଲିଭାଇବାକୁ ଯାଇ ଗ୍ରାମର ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଏହି ଗ୍ରାମର କାଳୀପଦ ମଣ୍ଡଳଙ୍କ ଘରେ ରୋଷେଇ ଚାଲିଥିବା ବେଳେ ଗ୍ୟାସ ଲିକ୍ ଯୋଗୁ ସିଲିଣ୍ଡର ଫାଟି ଚାରି ପାଖରେ ନିଆଁ ବ୍ୟାପି ଯାଇଥିଲା। ନିକଟକୁ ଯିବା ପାଇଁ ଭୟ ସଞ୍ଚାର ହୋଇଥିଲା। ଖବରପାଇ ଘଟଣା ସ୍ଥଳରେ ମହାକାଳପଡ଼ା ଅଗ୍ନିଶମ କର୍ମଚାରୀ ପହଞ୍ଚିଲା ବେଳକୁ ଘର ପୋଡ଼ି ପାଉଁଶ ହୋଇଯାଇଥିଲା। ନିଆଁ ଏତେ ପ୍ରଖର ଥିଲା ଯେ ଘରର ସମସ୍ତ ଆସବାବପତ୍ର ସହ ଗୁହାଳରେ ଥିବା ୮ ଛେଳି ପୋଡି ଯାଇଥିଲେ। ଘର ନିର୍ମାଣ ଲାଗି ଥିବା ନଗଦ ଟଙ୍କା, ସୁନା, ରୁପା, ଧାନ,ଚାଉଳ, ମୁଗ, ବିରି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦ୍ରବ୍ୟ ପୋଡ଼ି ପାଉଁଶ ହୋଇଥିଲା। ନିଆଁକୁ ଲିଭାଇବାକୁ ଯାଇ ଗ୍ରାମର ଦିବାକର ନାୟକ ଆହତ ହୋଇ ବାବର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଖବରପାଇ ପୂର୍ବତନ ସରପଞ୍ଚ ମନୋଜ ପାତ୍ର, ଗଗନ କୁମାର ପ୍ରଧାନ, ରତ୍ନାକର ନାୟକ, ଗଗୁଆ ରାଜସ୍ୱ ସର୍କଲ ସହକାରୀ ନିରୀକ୍ଷକ ରାଜ କିଶୋର ମାରାଣ୍ଡି , ତନ୍ତିଆପାଳ ସାମୁଦ୍ରିକ ଥାନା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଦଳାଇ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦନ କୁମାର ଦାସ ପହଞ୍ଚି ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ସାମଗ୍ରୀ ଯୋଗାଇ ଦେଇଛନ୍ତି। ଏ ସଂକ୍ରାନ୍ତରେ ବିଡିଓ ତଥା ଭାରପ୍ରାପ୍ତ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରେ ରିଲିଫ କୋଡ୍ ଅନୁସାରେ ସହାୟତା ଯୋଗାଇ ଦେବାକୁ ବ୍ୟବସ୍ଥା ରହିଛି। ପ୍ରାଥମିକ ପର୍ଯ୍ୟାୟରେ ରନ୍ଧା ଖାଦ୍ୟ, ପଲିଥିନ ପ୍ରଦାନ କରାଯାଇଛି। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ପ୍ରତିବାଦରେ ଏକାଧିକ ଏତଲା ଦେଲେ ଗ୍ରାମବାସୀ

ପଟ୍ଟାମୁଣ୍ଡାଇ,୧୬।୧୦ (କଳ୍ପତରୁ ନାୟକ)

## ଗ୍ରାମାଞ୍ଚଳ ଥାନାରେ ତଦନ୍ତ ନ କରି ମାମଲା ରୁଜୁ


ମହିଳାମାନେ ଥାନାରେ ଏତଲା ଦେଉଛନ୍ତି।

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏକ ଅଭାବନୀୟ ଦୃଶ୍ୟ ଗୁରୁବାର ଦେଖିବାକୁ ମିଳିଛି। ପୋଲିସ ମିଛ ଅଭିଯୋଗର ତଦନ୍ତ ନ କରି କାର୍ଯ୍ୟାନୁଷ୍ଠାନ ନେବା ପ୍ରତିବାଦରେ ଗାଁର ଶତାଧିକ ଲୋକ ହାତରେ ଗୋଟିଏ ଲେଖାଏ ଅଭିଯୋଗ ପତ୍ର ଧରି ଥାନା ଆଗରେ ଲମ୍ବା ଲାଇନ୍ ଦେଇଥିଲେ। ପୋଲିସ ଯେପରି ସମ୍ପୃକ୍ତ ବ୍ୟକ୍ତିଙ୍କ ଅଭିଯୋଗର କୌଣସି ତଦନ୍ତ ନ କରି ମାମଲା ରୁଜୁ କରିଥିଲା, ସେପରି ଦାଏର କରାଯାଇଥିବା ଏକାଧିକ ଲିଖିତ ଅଭିଯୋଗ ଉପରେ ମାମଲା ରୁଜୁ କରିବାକୁ ଥାନାକୁ ଆସିଥିବା ଗ୍ରାମବାସୀ ଦାବି କରିଛନ୍ତି। ତେବେ ଏହି ଅଭାବନୀୟ ଘଟଣାରେ ଗ୍ରାମାଞ୍ଚଳ ଥାନା ପୋଲିସର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

ବିଲିକଣା ପଞ୍ଚାୟତ ବାଲିଆଯୋଡ଼ି ଗ୍ରାମରେ ସର୍ବସାଧାରଣ ରାସ୍ତାକୁ ମାଡ଼ି ଜଣେ ବ୍ୟକ୍ତି ଘର ତିଆରି କରୁଥିବାରୁ ଗ୍ରାମବାସୀ ଏହାର ବିରୋଧ କରି ତାଙ୍କ ନାମରେ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତି ଗ୍ରାମର ୩ଜଣ ମୁରବିଙ୍କ ନାମରେ ପାଲଟା ଲିଖିତ ଅଭିଯୋଗ କରିଥିଲେ। ଏହି ଲିଖିତ ଅଭିଯୋଗପତ୍ରରେ ଜଣେ ମୁରବି ଗାଁରେ ରହୁ ନ ଥିଲେ ମଧ୍ୟ ତାଙ୍କ ନାମରେ ଅଭିଯୋଗ କରାଯାଇଛି। ମାତ୍ର ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କ ଅଭିଯୋଗର କୌଣସି ତଦନ୍ତ ନ କରି ମାମଲା ରୁଜୁ କରିବା ଘଟଣାରେ ଗ୍ରାମବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଫଳରେ ବାଲିଆଯୋଡ଼ି ଗ୍ରାମର ପ୍ରତ୍ୟେକ ପରିବାରର ଜଣେ ଲେଖାଏ ସଦସ୍ୟ ସର୍ବସାଧାରଣ ରାସ୍ତାକୁ ମାଡ଼ି ଘର କରୁଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ନାଁରେ ଥାନାରେ ଏକାଧିକ ଲିଖିତ ଅଭିଯୋଗ କରିଥିଲେ।

# ୨ ନାବାଳିକାଙ୍କୁ ଅସଦାଚରଣ: ଜେଲ ଗଲେ ଅଭିଯୁକ୍ତ

ରାଜନଗର,୧୬।୧୦ (ଭାସ୍କର ରାଉତରାୟ)

10

୨ ନାବାଳିକାଙ୍କୁ ସମ୍ପର୍କୀୟ ଦାଦା ଅସଦାଚରଣ କରିବା ଅଭିଯୋଗରେ ଜେଲ ଯାଇଛନ୍ତି। ରାଜନଗର ଥାନା ଅଞ୍ଚଳରେ ସମ୍ପର୍କୀୟ ଦାଦା ନିଶାଗ୍ରସ୍ତ ଅବସ୍ଥାରେ ନାବାଳିକା ଝିଆରୀ ଓ ତା'ର ସାଙ୍ଗକୁ ଅସଦାଚରଣ କରିଥିବା ନେଇ ବୁଧବାର ଅଭିଯୋଗ ହୋଇଥିଲା। ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ. ୩୫୩/୨୫ରେ ମାମଲା ରୁଜୁ କରିଥିଲା। ପୋଲିସ ସୂଚନା ମୁତାବକ, ନାବାଳିକାଙ୍କ ମା' ରାତିରେ ଏହି ଅଭିଯୋଗ ଆଣିଥିଲେ। ଅଭିଯୋଗରେ ତାଙ୍କ ୧୩ବର୍ଷର ଝିଅ ସହିତ ୧୧ବର୍ଷର ଝିଅ ସାଙ୍ଗ ସନ୍ଧ୍ୟାରେ ପାଖ ଦୋକାନକୁ ଯାଉଥିଲେ। ଏହି ସମୟରେ ଅନ୍ଧାର ଥିବା ସ୍ଥାନରେ ସମ୍ପର୍କୀୟ ଦାଦା ପ୍ରମୋଦ ଖଣ୍ଡୁଆଳ ନିଶାଗ୍ରସ୍ତ ଅବସ୍ଥାରେ ରାସ୍ତାରେ ଉଭୟ ନାବାଳିକାଙ୍କୁ ଅଟକାଇ ଅସଦାଚରଣ କରିଥିଲେ। ସେମାନଙ୍କ ସମ୍ବେଦନଶୀଳ ସ୍ଥାନରେ ହାତ ମାରିଥିଲେ। ଦୁଇ ସାଙ୍ଗ ଚିତ୍କାର କରିଥିଲେ। ପିଲାଙ୍କ ଚିତ୍କାର ଶୁଣି ଲୋକମାନେ ଆସି ସେମାନଙ୍କୁ ଉଦ୍ଧାର କରିଥିଲେ। ସେମାନେ କାନ୍ଦି କାନ୍ଦି ଆସି ଘରେ କହିଥିଲେ। ନାବାଳିକାଙ୍କ ମା' ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଧରିଥିଲା। ପୋଲିସ ପ୍ରମୋଦଙ୍କୁ ଗିରଫ କରି କେନ୍ଦ୍ରାପଡ଼ା ପୋକ୍‌ସୋ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ୩ ବର୍ଗରେ କେନ୍ଦ୍ରାପଡ଼ା ଚାମ୍ପିୟନ

କେନ୍ଦ୍ରାପଡ଼ା,୧୬।୧୦ (ଜଗନ୍ନାଥ ଧଳ)

## ରାଜ୍ୟ ବିଦ୍ୟାଳୟସ୍ତରୀୟ ଭଲିବଲ ପ୍ରତିଯୋଗିତା


ଅତିଥିଙ୍କ ଗହଣରେ ଟ୍ରଫି ସହ ଛାତ୍ରୀଛାତ୍ର।

୬୯ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟସ୍ତରୀୟ ଭଲିବଲ ପ୍ରତିଯୋଗିତା ଭଦ୍ରକ ଜିଲା ଚରମ୍ପାସ୍ଥିତ ଶ୍ରୀହନୁମାନଜୀଉ ଉଚ୍ଚ ବିଦ୍ୟାଳୟ ପରିସରରେ ଗତ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲାର ଖେଳାଳି ୪ଟି ମଧ୍ୟରୁ ୩ଟି ବର୍ଗରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଆୟୋଜିତ ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବର୍ଗର ବାଳକ ବିଭାଗରେ କେନ୍ଦ୍ରାପଡ଼ା ଜିଲା ଚାମ୍ପିୟନ ହୋଇ ଟ୍ରଫି ହାସଲ କରିଛି। ସେହିପରି ୧୭ବର୍ଷରୁ କମ୍ ବର୍ଗର ବାଳକ ଓ ବାଳିକା ବିଭାଗରେ ମଧ୍ୟ କେନ୍ଦ୍ରାପଡ଼ା ଜିଲା ଚାମ୍ପିୟନ ହୋଇ ଟ୍ରଫି ପାଇଛି। ମଙ୍ଗଳବାର ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଉଚ୍ଚଶିକ୍ଷା, କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳ କେନ୍ଦ୍ରାପଡ଼ା ଜିଲାର ୩ ଦଳକୁ ୩ଟି ଚାମ୍ପିୟନ୍ସ ଟ୍ରଫି ପ୍ରଦାନ କରିଥିଲେ। ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କ ପ୍ରୋତ୍ସାହନ ଓ ସହଯୋଗ ଯୋଗୁ ପ୍ରଥମଥର ପାଇଁ ଜିଲାକୁ ଏଭଳି ସଫଳତା ମିଳିଥିବା କ୍ରୀଡାବିତ୍‌ମାନେ କହିଛନ୍ତି। କେନ୍ଦ୍ରାପଡ଼ାରୁ ମ୍ୟାନେଜର ଶଶାଙ୍କ ଶେଖର ସାହୁ ଓ ତୃପ୍ତିମୟୀ ତରାଇ, କୋଚ୍ ଉତ୍କଳ ମହାପାତ୍ର ଓ ସୁଶ୍ରୀ ସଙ୍ଗୀତା ଜେନାଙ୍କ ତତ୍ତ୍ୱାବଧାନରେ ମୋଟ ୪୮ ଜଣ ଶିକ୍ଷାର୍ଥୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିସହ କେନ୍ଦ୍ରାପଡ଼ା ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସ୍ମିତାପ୍ରତିଭା ସାହୁ ଓ ମନୋଜ କୁମାର ସାହୁ ଷ୍ଟେଟ ଅଫିସିଆଲ ଭାବେ ଏହି ପ୍ରତିଯୋଗିତାରେ ଯୋଗଦେଇଥିଲେ।

# ବୃଦ୍ଧାଙ୍କ ଭତ୍ତା ନେଇ ଫେରିବା ବାଟରେ ମୃତ୍ୟୁ

ମହାକାଳପଡ଼ା, ୧୬।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନା ନାଞ୍ଜୁରା ପଞ୍ଚାୟତ ଆଦିବାସୀ ଅଧ୍ୟୁଷିତ ପାଣିଖିଆ ଗାଁର ଆଦିବାସୀ ବିଧବା ବୃଦ୍ଧା ସୀତା ହେମ୍ବ୍ରମ (୭୫) ଭତ୍ତା ନେଇ ଫେରିବା ବାଟରେ ଗୁରୁବାର ମୃତ୍ୟୁ ଘଟିଛି। ନାଞ୍ଜୁରା ପଞ୍ଚାୟତ କାର୍ଯ୍ୟାଳୟରୁ ୪ କି.ମି. ଟାଣ ଖରାରେ ଭତ୍ତା ପାଇ ଫେରିବା ବେଳେ ବାଟରେ ହଠାତ୍ ସଂଜ୍ଞାହୀନ ଅବସ୍ଥାରେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକମାନେ ସୀତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ପରେ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସୀତାଙ୍କ ମୃତ୍ୟୁ ହୋଇଯାଇଥିଲା ବୋଲି ଗ୍ରାମର ଲୋକମାନେ ଅଭିଯୋଗ କରିଛନ୍ତି। ପରେ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଘରକୁ ନେଇଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ଗରିବ ଆଦିବାସୀ ସାନ୍ତାଳୀ ବୃଦ୍ଧାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଲବ ମାରାଣ୍ଡି, ଚରଣ ଟୁଡ୍ଡୁ, କୁଶ ମାରାଣ୍ଡି, ସୁନାରାମ ମାରାଣ୍ଡି, ଶଙ୍କର ମାରାଣ୍ଡି, ଶିବ ଟୁଡୁ ଓ ଗୁରୁଭା ହାଁସଦା ପ୍ରମୁଖ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ୩ ବର୍ଷ ପୂର୍ବେ ସ୍ୱାମୀ ପିରୁ ହେମ୍ବ୍ରମ ଆରପାରିକୁ ଚାଲିଯିବା ପରେ ସାନ ପୁଅ ପାଖରେ ସେ ରହୁଥିଲେ। ଶୁକ୍ରବାର ମୃତା ବୃଦ୍ଧାଙ୍କ ସଂସ୍କାର କରାଯିବ ବୋଲି ଜଣାପଡ଼ିଛି। ଏ ସଂକ୍ରାନ୍ତରେ ବିଡିଓ ତଥା ଭାରପ୍ରାପ୍ତ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରେ ତଦନ୍ତ ରିପୋର୍ଟ ମିଳିଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି


ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଜକନିକା, ୧୬।୧୦(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ବୁଧବାର ଜରିସାହି କ୍ଲଷ୍ଟର ଅଯୋଧ୍ୟା ବିଦ୍ୟାପୀଠ ଓ ପଞ୍ଚବରାହୀ ଉପ୍ରା ବିଦ୍ୟାଳୟ, ବାଂଶରିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିନିୟର, ଜୁନିୟର ଓ ସବ୍ ଜୁନିୟର ୩ଟି ବିଭାଗରେ ପ୍ରବନ୍ଧ, ବିତର୍କ, ଚିତ୍ରାଙ୍କନ, ସଙ୍ଗୀତ ଓ ନୃତ୍ୟ ଆଦି ୨୭ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ୨ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହିକ୍ରମରେ ଆୟୋଜିତ ସଭାରେ ଜରିସାହି କ୍ଲଷ୍ଟର ସିଆର୍‌ସିସି ଖଗେଶ୍ୱର ପଢ଼ିହାରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଏବିଇଓ କୈଳାସ ଚନ୍ଦ୍ର ସାହୁ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଏବିଇଓ ସୁରୁଚିପ୍ରଭା ଦାଶ ଓ ସମ୍ମାନିତ ଅତିଥି ଭାବେ ରାଜକନିକା ଓଷ୍ଟାର ସଭାପତି ସୁରେନ୍ଦ୍ର କୁମାର ରାଉତ, ପୂର୍ବତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମିଶ୍ର, ଅଯୋଧ୍ୟା ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଶୁକଦେବ ପ୍ରଧାନ, ପଞ୍ଚବରାହୀ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ସଞ୍ଜୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ଉପସ୍ଥିତ ଅତିଥି ମାନେ ପୁରସ୍କୃତ କରିଥିଲେ। କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ମଣ୍ଡଳସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ରାଜକନିକା ଓଷ୍ଟାର ସମ୍ପାଦକ ଅରବିନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସମାନ୍ତରାଳ ଭାବେ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସ ପାଳିତ




ବସନ୍ତ ବିଶ୍ୱାଳଙ୍କ ପକ୍ଷରୁ ନବୀନ ବାବୁଙ୍କ ଜୟନ୍ତୀ ପାଳନ କରାଯାଉଛି। କୁମର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ଜନ୍ମୋତ୍ସବ।

ପାରାଦୀପ,୧୬।୧୦(ଶରତ ରାଉତ)

## ପଦାରେ ପଡ଼ିଲା ବିଜେଡି ଗୋଷ୍ଠୀ କନ୍ଦଳ

ପାରାଦୀପ ବିଜେଡି ରାଜନୀତିରେ ପୂର୍ବପରି ବିବାଦ ରହିଛି। ଗୁରୁବାର ଦଳ ମଧ୍ୟରେ ଥିବା ଗୋଷ୍ଠୀ କନ୍ଦଳ ପୁନର୍ବାର ପଦାରେ ପଡ଼ିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସ ପାରାଦୀପରେ ସମାନ୍ତରାଳ ଭାବେ ପାଳିତ ହୋଇଛି। ମଧୁବନ ଶ୍ରମିକ ଭବନ ପରିସରରେ ନଗର ବିଜେଡି ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ନବୀନଙ୍କ ଜନ୍ମଦିବସ ପାଳନ କରାଯାଇଥିଲା। ଏଥିରେ ପୂର୍ବତନ ଏମ୍‌ପି ଡାକ୍ତର କୁଳମଣି ସାମଲଙ୍କ ସମେତ ୯ଜଣ କାଉନ୍‌ସିଲର ଓ ଆଗଧାଡିର କର୍ମୀ ଉପସ୍ଥିତ ଥିଲେ। ସମାନଭାବେ ନୂଆବଜାର ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପରିସରରେ ନଗର ଉପସଭାପତି କୁମର ନାୟକଙ୍କ ନେତୃତ୍ୱରେ ନବୀନଙ୍କ ଜନ୍ମ ଦିନ ପାଳନ କରାଯାଇଛି। ଏଥିରେ ପୂର୍ବତନ ଜିଲା ପରିଷଦ ଅଧକ୍ଷା ସବିତା ମହାପାତ୍ର, ଜ୍ୟୋତିକାନ୍ତ ପରିଡା, ଅନୁପ ସାହାଣୀ, ସମୀର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବିବାଦ ବିଜେଡି ଶାସନରେ ଥିଲାବେଳୁ ଚାଲିଆସିଛି। ବିଜେଡି ସମାନ୍ତରାଳ କାର୍ଯ୍ୟକ୍ରମ ଓ ବିବାଦ ସମ୍ପର୍କରେ ନଗର ସଭାପତି ବିଶ୍ୱାଳଙ୍କୁ ପଚାରିଲେ କେତେଜଣ ଲୋକ ନିଜର ବ୍ୟବସାୟ ସୁରକ୍ଷା ପାଇଁ ଦଳକୁ ଆସି ଏପରି କାର୍ଯ୍ୟକ୍ରମ କରୁଛନ୍ତି। ପାରାଦୀପ ଲୋକ ଜାଣିଛନ୍ତି କିଏ ଦଳ ପାଇଁ କାମ କରୁଥିଲେ ଓ ଏବେ କରୁଛନ୍ତି। ପ୍ରତିପକ୍ଷ ସଭାରେ ଯୋଗ ଦେଇଥିବା ଦଳର ପ୍ରମୁଖ କାର୍ଯ୍ୟକର୍ତ୍ତା ରଶ୍ମିରଞ୍ଜନ କହିଛନ୍ତି, ଦଳ ବିରୋଧୀ କାମ କିଏ କରୁଛନ୍ତି ତାହା ସମସ୍ତଙ୍କୁ ଜଣା। ଦିନରେ ବସନ୍ତ ରାତିରେ ବାସନ୍ତୀ ହୋଇ କେତେବେଳେ ଭାଜପା ନେତାଙ୍କ ସହ ରହୁଛନ୍ତି ତ କେତେବେଳେ ବିଜେଡି ପାଇଁ କାମ କରୁଛନ୍ତି।

# ନାବାଳିକାଙ୍କୁ ବଳାତ୍କାର: ଅଭିଯୁକ୍ତ ଗଲେ ଜେଲ

ରାଜକନିକା,୧୬।୧୦ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

ରାଜକନିକା ଥାନା ଅଞ୍ଚଳରେ ପାଖ ଗାଁକୁ ଦୁର୍ଗାପୂଜା ଦେଖିବାକୁ ଯାଇ ଫେରୁଥିବାବେଳେ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ବୁଧବାର କଟକରୁ ଗିରଫ କରିଛି। ସେ ହେଲେ ଦୀପକ କୁମାର ତରାଇ ଓରଫ ସୁକାନ୍ତ। ଗୁରୁବାର ସୁକାନ୍ତଙ୍କୁ କେନ୍ଦ୍ରାପଡ଼ା ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଆଇଆଇସି ସଞ୍ଜୟ କୁମାର ମଲ୍ଲିକ କହିଛନ୍ତି। ଗତ ୨ ତାରିଖ ସନ୍ଧ୍ୟାରେ ଗାଁ ପାଖରେ ହେଉଥିବା ଦୁର୍ଗାପୂଜା ଦେଖି ଫେରିବା ସମୟରେ ପଦ୍ମ ପୋଖରୀ ନିକଟରେ ପୂର୍ବରୁ ପ୍ରସ୍ତୁତ ଥିବା ଆଖୁଳିପଡ଼ା ଗାଁର ଦୀପକ ପୀଡ଼ିତାଙ୍କୁ ଏକାକୀ ଦେଖି ବେକରେ ଛୁରି ଲଗାଇ ବଣକୁ ଟାଣି ନେଇଥିଲେ। ପୀଡ଼ିତାଙ୍କୁ ଗାଳିଗୁଲଜ କରିବା ସହ ଶରୀରର ସମ୍ବେଦନଶୀଳ ସ୍ଥାନରେ ଏକ ଛୁରି ଲଗାଇ ବଳାତ୍କାର କରିବା ପରେ ଧମକଚମକ ଦେଇ ଛାଡ଼ି ଦେଇଥିଲେ। ଏ ନେଇ ଗତ ୩ ତାରିଖରେ ପୀଡ଼ିତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ନଂ. ୫୦୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ମଣ୍ଡଳସ୍ତରୀୟ କଳା ଉତ୍ସବ

କେନ୍ଦ୍ରାପଡ଼ା,୧୬।୧୦ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ ଭରତପୁର ପଞ୍ଚାୟତ ମେହେନ୍ଦିପୁରସ୍ଥିତ ଲାଲବାହାଦୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ କଳା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦାସ, ସହମଣ୍ଡଳ ଶିକ୍ଷାଧିକାରୀ ବଳଦେବ ପ୍ରସାଦ ଜେନା, ବୁଢୀ ବିଲାଶୁଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ରାଉତ ଓ ପୂର୍ବତନ ପ୍ରଧାନ ଶିକ୍ଷକ ରାଧାନାଥ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଉତ୍କଳୀୟ କଳା ଓ ସଂସ୍କୃତି ସମ୍ପର୍କରେ ଆଲୋକପାତ ସହ ଏ ସମ୍ପର୍କରେ ଶିକ୍ଷାର୍ଥୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଉଦ୍‌ଭାସିତ କରିବାକୁ ଏହି ଉତ୍ସବର ଆୟୋଜନ କରାଯାଇଛି ବୋଲି ବକ୍ତାମାନେ କହିଥିଲେ। ଅପରାହ୍ଣରେ କଳା ଓ ସଂସ୍କୃତି ଉପରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଜିଲାସ୍ତରରେ ସେମାନଙ୍କ ପ୍ରତିଭାକୁ ପ୍ରଦର୍ଶନ କରିବାକୁ ଅତିଥିମାନେ କହିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରକାଶ କୁମାର ବେହେରା ଏହାକୁ ପରିଚାଳନା କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଡେରାବିଶ, ୧୬।୧୦ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଧୀନ ରଘୁଦେଇପୁର ପଞ୍ଚାୟତ କଂସାରୀପାଟଣା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାରଣା (୯୩)ଙ୍କ ଗୁରୁବାର ଅପରାହ୍ଣରେ ବାସଭବନରେ ପରଲୋକ ହୋଇଯାଇଛି। ଜଣେ ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ ଭାବେ ପରିଚିତ ପୂର୍ଣ୍ଣଚନ୍ଦ୍ରଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସନ୍ଧ୍ୟାରେ ଶୋକସନ୍ତପ୍ତ ପରିବାର ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ପେଟ୍ରୋଲ ଢାଳି ମହିଳାଙ୍କୁ ହତ୍ୟା ମାମଲା: ସୁଦାମଙ୍କୁ ଆଜୀବନ କାରାଦଣ୍ଡ

ଜଗତ୍‌ସିଂହପୁର, ୧୬।୧୦ (ପ୍ରମୋଦ ନାୟକ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ମଙ୍ଗପୁର ଗ୍ରାମରେ ୨୦୨୧ରେ ଏକଅଭାବନୀୟ ଘଟଣା ଘଟିଥିଲା। ସସ୍ମିତା ପାଲ ନାମ୍ନୀ ମହିଳାଙ୍କୁ ଏହି ଥାନା ଖାଲଗାଁ ଗ୍ରାମର ସୁଦାମ ସ୍ୱାଇଁ ପେଟ୍ରୋଲ ଢାଳି ହତ୍ୟା କରିଥିଲେ। ଏହି ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍‌ସିଂହପୁର ଜିଲା ଓ ଦୌରାଜଜ୍ ଶ୍ରୀନିବାସ ପ୍ରତିହାରୀ ଅଭିଯୁକ୍ତ ସୁଦାମଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦାୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଅଛି। ସସ୍ମିତା ଖାଲଗାଁର ଦେବାଶିଷ ଦାସଙ୍କୁ ବିବାହ କରିଥିଲେ। ଏହି ଗାଁର ସୁଦାମଙ୍କ ସହ ଦେବାଶିଷଙ୍କ ଭଲ ବନ୍ଧୁତା ଥିଲା। ବିଭିନ୍ନ ସମୟରେ ଦେବାଶିଷଙ୍କଠାରୁ ସୁଦାମ ଧାର ସୂତ୍ରରେ ଅର୍ଥ ନେଇଥିଲେ। କିନ୍ତୁ ଦୁର୍ଭାଗ୍ୟ ଦେବାଶିଷଙ୍କ ଦେହାନ୍ତ ଯୋଗୁ ଏହି ପରିବାର ଉପରେ ଚଡ଼କ ପଡିଥିଲା। ସୁଦାମ କିନ୍ତୁ ସହଯୋଗ ପାଇଁ ହାତ ବଢ଼ାଇଥିଲେ। ସେ ସସ୍ମିତାଙ୍କ ବ୍ୟାଙ୍କ ଟଙ୍କା କାରବାର କରିବା ସହ ଚାଉଳ ଆଦି ଦିଆନିଆରେ ସହଯୋଗ କରୁଥିଲେ। ଏହା ଭିତରେ ସସ୍ମିତାଙ୍କୁ ସୁଦାମ ଏକତରଫା ଭଲ ପାଇ ବିବାହ କରିବାକୁ ନିବେଦନ କରିଥିଲେ। କିନ୍ତୁ ସସ୍ମିତା ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ଏନେଇ ସୁଦାମ ପ୍ରତିକ୍ରିୟାଶୀଳ ହୋଇ ପଡ଼ିଥିଲେ। ତେଣୁ ସସ୍ମିତା ତାଙ୍କ ବ୍ୟାଙ୍କ ପାସବୁକ୍ ସହ ସ୍ୱାମୀ ବଞ୍ଚିଥିବାବେଳେ ଧାର ସୂତ୍ରରେ ଦେଇଥିବା ଟଙ୍କା ମାଗିଥିଲେ। ମାତ୍ର ସୁଦାମ ନ ଦେଇ ବିବାହ ପାଇଁ ବାଧ କରିବା ସହ ହଇରାଣ କରିଥିଲେ। ଏନେଇ ସସ୍ମିତା ୨୦୨୧ ମାର୍ଚ୍ଚ ୧୧ରେ ବାଲିକୁଦା ଥାନାରେ ଅଭିଯୋଗ କରିଥିଲେ। ଏହାପରେ ସୁଦାମ ତାଙ୍କୁ ଧମକାଇବାରୁ ସେ ବାଧହୋଇ ବାପଘର ଚାଲି ଯାଇଥିଲେ। ୨୦୨୧ ଏପ୍ରିଲ ୧୧ରେ ସସ୍ମିତା ଘରେ ଶୋଇଥିବାବେଳେ ସୁଦାମ ଏକ ବାଡିରେ କପଡ଼ା ଗୁଡ଼ାଇ ସେଥିରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଖୋଲା ଝରକା ପଟେ ସସ୍ମିତାଙ୍କ ଦେହରେ ଲଗାଇ ଦେଇଥିଲେ। ଏହି ସମୟରେ ସସ୍ମିତା ଚିତ୍କାର କରିବାରୁ ସୁଦାମ ଖସି ପଳାଇଥିଲେ। ଗୁରୁତର ଅବସ୍ଥାରେ ସସ୍ମିତାଙ୍କୁ ପ୍ରଥମେ ବାଲିକୁଦା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ବଡ ଡାକ୍ତରଖାନା ନିଆଯାଇଥିଲା। ପରଦିନ ସସ୍ମିତା କଟକରୁ ଆଉ ଏକ ଅଭିଯୋଗପତ୍ର ଭାଇଙ୍କ ହାତରେ ବାଲିକୁଦା ଥାନାକୁ ପଠାଇଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୧୩୫/୨)ରୁଜୁ କରିଏସ୍‌ସିବି ମେଡିକାଲରେ ସସ୍ମିତାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ କରିଥିଲା। ଏହାର ୨ ଦିନ ପରେ ତାଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲା ପ୍ରଥମେ ଅତିରିକ୍ତ ପିପି ଭଜହରୀ କର ଓ ଏବେର ଭାରପ୍ରାପ୍ତ ପିପି ତପନ କୁମାର ପାଲ ପରିଚାଳନା କରିଥିଲେ।

# ନିମ୍ନମାନର କାମ ଯୋଗୁ ଛାତରୁ ଖସିଲା ପଲସ୍ତରା

ଆଳି, ୧୬।୧୦(ବନମାଳୀ ସେନାପତି)



ବିଦ୍ୟାଳୟ ଛାତରୁ ପଲସ୍ତର ଖଣ୍ଡ ଖସି ପଡିଯାଇଛି।

## ଗଣେଶ୍ୱରପୁର ପ୍ରାଥମିକ ବିଦ୍ୟାଳୟ

- ପରୀକ୍ଷା ବେଳେ ଅଳ୍ପକେ ବର୍ତ୍ତିଲେ ଛାତ୍ରୀଛାତ୍ର
- ଅଭିଭାବକ ମହଲରେ ଉତ୍ତେଜନା

ନିମ୍ନମାନର କାମ ଯୋଗୁ ବିଦ୍ୟାଳୟର ଛାତରୁ ଗୁରୁବାର ପଲସ୍ତରା ଖସିପଡ଼ିଛି। ପରୀକ୍ଷାବେଳେ ଅଳ୍ପକେ ଛାତ୍ରୀଛାତ୍ର ବର୍ତ୍ତି ଯାଇଛନ୍ତି। ଏହାକୁ ନେଇ ଅଭିଭାବକ ମହଲରେ ଉତ୍ତେଜନା ଦେଖାଦେଇଛି। ଏଭଳି ଅଘଟଣ ଘଟିଛି କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ପାଳିମି ପଞ୍ଚାୟତରେ ଥିବା ଗଣେଶ୍ୱରପୁର ପ୍ରାଥମିକ ବିଦ୍ୟାଳୟରେ। ବିଦ୍ୟାଳୟରେ ଅର୍ଦ୍ଧବାର୍ଷିକ ପରୀକ୍ଷା ଚାଲିଥିବାବେଳେ ପୂର୍ବାହ୍ନ ୧୧ ଟାରେ ହଠାତ ଶ୍ରେଣୀ ଗୃହ ଛାତରୁ ପଲସ୍ତରା ଖଣ୍ଡ ଫ୍ୟାନ ଉପରେ ପଡିବା ପରେ ଶିକ୍ଷକ ଶ୍ରେଣୀ ଗୃହରେ ପରୀକ୍ଷା ଦେଉଥିବା ୧୩ଜଣ ପିଲାଙ୍କୁ ବାହାରକୁ ନେଇ ଆସିଥିଲେ। ଏହି ସମୟରେ ଫଡା ଫଡା ହୋଇ ପଲସ୍ତରା ଖସିଥିଲା। ଫଳରେ ଏକ ବଡ଼ ଦୁର୍ଘଟଣାରୁ ଛାତ୍ରୀଛାତ୍ର ବର୍ତ୍ତି ଯାଇଛନ୍ତି। ଘଟଣା ଦେଖି ଛାତ୍ରୀଛାତ୍ରମାନେ ଭୟଭୀତ ହୋଇ ସ୍କୁଲ ବାହାରକୁ ପଳାଇ ଯାଇଥିଲେ। ଏହି ଖବର ଜଣାପଡିବା ପରେ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଅଭିଭାବକମାନେ ଅଭିଯୋଗ କରିଛନ୍ତି, କିଛିଦିନ ପୂର୍ବେ ଏହି ବିଦ୍ୟାଳୟ ମରାମତି ନିମନ୍ତେ ଅର୍ଥ ଆସିଥିବା ବେଳେ ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଛାତରୁ ପଲସ୍ତରା ଖସିଲା। ତୁରନ୍ତ ଘଟଣାର ତଦନ୍ତ କରିବା ସହ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀଛାତ୍ରୀଙ୍କ ସୁରକ୍ଷା ଦିଗରେ ଦୃଷ୍ଟି ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୦ଜଣ ପିଲା ପାଠ ପଢୁଛନ୍ତି।

# ସମସ୍ୟାବହୁଳ କଣ୍ଟିଲୋ ପଞ୍ଚାୟତ

## ପାନୀୟଜଳ, ବିଦ୍ୟୁତ୍, ସ୍ୱାସ୍ଥ୍ୟସେବା ପରି ମୌଳିକ ସେବାରୁ ବଞ୍ଚିତ ଅଞ୍ଚଳବାସୀ

ଖଣ୍ଡପଡା, ୧୬।୧୦(ଅଜୟ କୁମାର ମହାରଣା)

ନୟାଗଡ ଜିଲା ଖଣ୍ଡପଡା ବ୍ଲକ କଣ୍ଟିଲୋ ଏକ ସର୍ବବୃହତ ପଞ୍ଚାୟତ ଭାବେ ଜଣାଶୁଣା। ୨୫ ୱାର୍ଡକୁ ନେଇ ଏଠାରେ ୧୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବାସ କରୁଛନ୍ତି। ବିଗତ ବିଜେଡି ସରକାର କଣ୍ଟିଲୋକୁ ଏନ୍‌ଏସିର ମାନ୍ୟତା ଦେଇ ନ ଥିବା ବେଳେ ବର୍ତ୍ତମାନର ଭାଜପା ସରକାରଙ୍କ ସମୟରେ କଣ୍ଟିଲୋକୁ ଏନ୍‌ଏସିର ମାନ୍ୟତା ଦେବାରେ ଟାଳଟୁଳି ନୀତି ଗ୍ରହଣ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଶ୍ରୀ ନୀଳମାଧବଙ୍କ ପୀଠକୁ ବର୍ଷ ତମାମ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଓ ବାହାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି। ଏହି ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରାଯାଇଥିବା ବେଳେ ଏହାର ସାମଗ୍ରିକ ବିକାଶ ସହ ରୂପାନ୍ତରୀକରଣ ଲାଗି ପୂର୍ବ ସରକାର ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ମାତ୍ର କାର୍ଯ୍ୟ ସମ୍ପାଦନର ନିର୍ଦ୍ଧାରିତ ସମୟ ସୀମା ବାଦ୍ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଗଲାଣି । ଅପରପକ୍ଷରେ ରୂପାନ୍ତରୀକରଣର ଅନିୟମିତତା ଓ ବିଳମ୍ବକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପର୍ଯ୍ୟଟକଙ୍କ ଲାଗି କଣ୍ଟିଲୋଠାରେ ସେଭଳି କୌଣସି ସୁବିଧା ନ ଥିବାରୁ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି।

ପର୍ଯ୍ୟଟକଙ୍କ ରାତ୍ରିଯାପନ ଲାଗି ସେଭଳି କୌଣସି ବ୍ୟବସ୍ଥା ନ ଥିବା ବେଳେ ମହିଳା ପର୍ଯ୍ୟଟକମାନେ ସ୍ନାନ, ଶୌଚାଦି ନିମନ୍ତେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ପ୍ରତିବର୍ଷ କଣ୍ଟିଲୋକୁ ଆସୁଥିବା ପର୍ଯ୍ୟଟକମାନେ ମହାନଦୀରେ



ସ୍ନାନ ଆଦି କରୁଥିବା ବେଳେ ଗଭୀର ପାଣିରେ ବୁଡ଼ିଯାଇ ମୃତ୍ୟୁ ଘଟୁଥିବା ନଜିର ରହିଛି। ଜିଲା ପ୍ରଶାସନ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ଲଗାଇବାକୁ ସାଧାରଣରେ ଦାବି ହେଉଛି। ସେହିପରି କଂସାବାସନ ଶିଳ୍ପ ପାଇଁ ଦେଶ ବିଦେଶରେ କଣ୍ଟିଲୋ ଗ୍ରାମର ଖ୍ୟାତି ରହିଛି। ୧ ହଜାରରୁ ଊର୍ଦ୍ଧ୍ୱ ପରିବାର କଂସାବାସନ ଶିଳ୍ପ ପରି କୌଳିକ ବୃତ୍ତିକୁ ଆପଣେଇ ପରିବାର ଚଳାଉଛନ୍ତି। ମାତ୍ର ସେମାନଙ୍କୁ ସରକାରୀସ୍ତରରୁ ସେଭଳି ପ୍ରୋତ୍ସାହନ ମିଳୁନଥିବାରୁ କୁଶଳୀ କାରିଗରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମହାନଦୀ କଣ୍ଟିଲୋ ଗ୍ରାମପାର୍ଶ୍ୱ ଦେଇ ପ୍ରବାହିତ ହେଉଛି। ମାତ୍ର ବର୍ଷ ତମାମ ସ୍ୱଚ୍ଛ ପାନୀୟଜଳ ମୁନ୍ଦେ ପାଇବା ଲାଗି ପଞ୍ଚାୟତବାସୀ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। କଣ୍ଟିଲୋ ଏକ ରାଜସ୍ୱ ଗ୍ରାମ ହୋଇଥିବାରୁ ରାଜ୍ୟ ସରକାରଙ୍କ ବିଧି ବ୍ୟବସ୍ଥା କ୍ରମେ କଲ୍ୟାଣ ସମିତିକୁ ବର୍ଷକୁ ମାତ୍ର ୧୦ ହଜାର ଟଙ୍କାର ଅନୁଦାନ ରାଶି ୧୫ ହଜାର ଜନସଂଖ୍ୟା ବିଶିଷ୍ଟ ତଥା ୨୫ ୱାର୍ଡ ପରିଚାଳନା ପାଇଁ ସମୁଦ୍ରକୁ ଶଙ୍ଖେ ପରି।

ସୂଚନାଯୋଗ୍ୟ, ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୧୬୦ ଗାଁ କଲ୍ୟାଣ ସମିତିକୁ ବର୍ଷକୁ ୧ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରାଯାଉଥିବା ମୁଖ୍ୟ ଚିକିତ୍ସାଧିକାରୀ ଡ.ଅଭିସାର ପଣ୍ଡା ସୂଚନା ଦେଇଛନ୍ତି। ଏଥିରୁ କୋସ୍କା ପଞ୍ଚାୟତରେ ସର୍ବାଧିକ ୧୮ ଗାଁ କଲ୍ୟାଣ ସମିତି ଥିବା ବେଳେ ସମ୍ବରବିନ୍ଧା ୧୪, ବନମାଳୀପୁର ପଞ୍ଚାୟତରେ ୧୩ ସମିତି ରହିଛି। ଏହାଛଡା କଣ୍ଟିଲୋ ବ୍ୟତୀତ ବିଭିନ୍ନ ପଞ୍ଚାୟତରେ ୬/୭ରୁ ଊର୍ଦ୍ଧ୍ୱ ଗାଁ କଲ୍ୟାଣ ସମିତି ରହିଛି । ବିଶେଷ କରି ୭/ ୮ ହଜାର ଜନସଂଖ୍ୟା ବିଶିଷ୍ଟ ପଞ୍ଚାୟତକୁ ୭୦ / ୮୦ ହଜାର ଟଙ୍କା ଲେଖାଏ ଗାଁ କଲ୍ୟାଣ ସମିତି ଅର୍ଥ ମିଳୁଥିବା ବେଳେ ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ କଣ୍ଟିଲୋ ପଞ୍ଚାୟତରେ ମାତ୍ର ଗୋଟିଏ ଗାଁ କଲ୍ୟାଣ ସମିତି ଥିବାରୁ ଏଠାରେ ୧୦ ହଜାର ଟଙ୍କାରେ କେଉଁ ଉନ୍ନତିମୂଳକ କାର୍ଯ୍ୟ ହେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଠାରେ ଏକାଧିକ ଗାଁ କଲ୍ୟାଣ ସମିତି ଗଠନର ଆବଶ୍ୟକତା ଥିବାରୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। କଣ୍ଟିଲୋରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତରଙ୍କ ଅଭାବ ଯୋଗୁ ଜରୁରିକାଳୀନ ପରିସ୍ଥିତିରେ ସ୍ୱାସ୍ଥସେବା ପାଇବା ଲାଗି ଲୋକେ ହଇରାଣ ହେଉଛନ୍ତି। କଣ୍ଟିଲୋରେ ଏକ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ତିଆରି ଲାଗି ରାଜ୍ୟ ସରକାର ଅନୁଦାନ ରାଶି ମଞ୍ଜୁର କରିଛନ୍ତି। ମାତ୍ର ଅର୍ଥ ମଞ୍ଜୁରୀର ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ ଆବଶ୍ୟକ ସ୍ଥାନାଭାବ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣରେ ବାଧକ ସାଜିଛି । ତେବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ନୂତନ ମେଡିକାଲ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି। କଂସାପିତଳ କାରିଗରମାନଙ୍କ ଲାଗି ଉଦ୍ଦିଷ୍ଟ ବ୍ୟାଖ୍ୟାନ କେନ୍ଦ୍ରରେ ମିଶନ ଶକ୍ତି କାଫେ ଚାଲୁ କରିବା ଲାଗି ବ୍ଲକ ପ୍ରଶାସନ ପକ୍ଷରୁ ଚାଲିଥିବା ଉଦ୍ୟମକୁ କଣ୍ଟିଲୋ ଗ୍ରାମବାସୀ ବିରୋଧ କରିବା ସହ ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି।

ନୀଳମାଧବ ବିଦ୍ୟାପୀଠ ପାର୍ଶ୍ୱ ପଲ୍‌ଟନ୍ ପଡ଼ିଆକୁ ମିନିଷ୍ଟାଡିୟମ୍‌ର ମାନ୍ୟତା ପ୍ରଦାନ କରାଯାଇଛି। ମାତ୍ର ସ୍ୱଳ୍ପ ପରିମାଣର ଅନୁଦାନ ଅର୍ଥ ପଡ଼ିଆର ଉନ୍ନତୀକରଣ କାର୍ଯ୍ୟରେ ବାଧକ ସାଜିଛି । ମିନି ଷ୍ଟାଡିୟମର ୩ଟି ପାର୍ଶ୍ୱ ପାଚେରି ତିଆରି ହୋଇ ନ ଥିବାରୁ ଏହା ଗୋରୁ ଏବଂ ରାତ୍ରିକାଳରେ ଉକ୍ତ ସ୍ଥାନ ମଦ୍ୟପ ଓ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। କଣ୍ଟିଲୋଠାରେ ଏକ ସ୍ଥାୟୀ ବସ୍‌ଷ୍ଟାଣ୍ଡ, ଟ୍ୟାକ୍ସିଷ୍ଟାଣ୍ଡ ଓ ଯାତ୍ରୀ ବିଶ୍ରାମାଗାର ସହ କଂସାପିତଳ କାରିଗରମାନଙ୍କ ଲାଗି ଏକ କଞ୍ଚାମାଲ୍ ଡିପୋ ପ୍ରତିଷ୍ଠା ନିମନ୍ତେ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ପ୍ରତିବର୍ଷ ମାଘମାସରେ ନୀଳମାଧବ ଜୀଉଙ୍କ ମାଘମେଳା ଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଉଦ୍ଦିଷ୍ଟ ମାଘମେଳା ପଡିଆକୁ ୫-ଟି ଯୋଜନାରେ ଯାନବାହନ ପାର୍କିଂ ବ୍ୟବସ୍ଥା କରାଯାଇଥିବାରୁ ନୀଳମାଧବ ଜୀଉଙ୍କ ପବିତ୍ର ମାଘମେଳା ଶ୍ରୀହୀନ ହେଉଥିବା ଜଣାଯାଇଛି ।

ପ୍ରଶାସନିକ ଉଦାସୀନତା ଯୋଗୁ ଶ୍ରୀଜୀଉଙ୍କ ମାଘମେଳା ଯାତ୍ରା ସମୟାନୁକ୍ରମେ ଲୋକପ୍ରିୟତା ହରାଉଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ସେହିପରି ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କଣ୍ଟିଲୋଠାରେ କାର୍ଯ୍ୟ କରୁଥିବା ଫାଣ୍ଡିକୁ ଥାନା ମାନ୍ୟତା, ଗାନ୍ଧୀପାର୍କର ସାମଗ୍ରିକ ବିକାଶ ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି। କଣ୍ଟିଲୋ ପୂର୍ତ୍ତ ବିଭାଗ ବଙ୍ଗଳା ପରିସରରେ ପର୍ଯ୍ୟଟକମାନଙ୍କ ନିମନ୍ତେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଥାଇ ଏକାଧିକ ଶୀତତାପ ନିୟନ୍ତ୍ରିତ କକ୍ଷ କରାଗଲେ ଏଠାକୁ ଆସୁଥିବା ରାଜ୍ୟ ବାହାରର ପର୍ଯ୍ୟଟକମାନେ ଉପକୃତ ହୋଇପାରିବେ। ବିଶେଷକରି ଏହି ଅଞ୍ଚଳରେ ବିଦ୍ୟୁତ୍ କାଟ ଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ପ୍ରତିଦିନ ବହୁ ସମୟଧରି ବିଦ୍ୟୁତ୍ ସରବରାହ ବ୍ୟାହତ ହେଉଥିବା ଯୋଗୁ ସମସ୍ୟା ଉପୁଜୁଛି । ନୟାଗଡ଼ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଜିଲାସ୍ତରୀୟ କଳା ଉତ୍ସବ



ସୁଶୀଲ କୁମାର ନାଏକଙ୍କୁ ପୁରସ୍କୃତ କରାଯାଉଛି।

## ତବଲା ବାଦନ: ସୁଶୀଲଙ୍କ ସହ ୧୧ ଛାତ୍ରୀଛାତ୍ର ଜୋନାଲସ୍ତରକୁ ଉତ୍ତୀର୍ଣ୍ଣ

ନୟାଗଡ଼, ୧୬।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ବୁଧବାର ଜିଲାସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଦ୍ୟଯନ୍ତ୍ର ବାଦନ ବିଭାଗ ଅଧୀନରେ ତବଲା ବାଦନରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶ୍ରୀବନ୍ତଦେଇପୁରର ୧୦ମ ଶ୍ରେଣୀ ଛାତ୍ର ସୁଶୀଲ କୁମାର ନାଏକଙ୍କ ସହ ୧୧ ପ୍ରତିଯୋଗୀ ଜୋନାଲସ୍ତରୀୟ କଳା ଉତ୍ସବକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ମାସ ୧୭ ତାରିଖରେ ଖୋର୍ଦ୍ଧା ବିଜେବି ହାଇସ୍କୁଲରେ ଜୋନାଲସ୍ତରୀୟ କଳା ଉତ୍ସବ ହେବ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଓ ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବନଲତା ବେହେରା, ସନ୍ଧ୍ୟାରାଣୀ ରାଉତ ଓ ଗୀତାଞ୍ଜଳି ସାହୁ ଉପସ୍ଥିତ ଥିଲେ। ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶ୍ରୀବନ୍ତଦେଇପୁରର ସହକାରୀ ଶିକ୍ଷକ ଡ. ପ୍ରତାପ କୁମାର ପରିଡ଼ା, ଗାଇଡ୍ ଶିକ୍ଷକ ଭାବେ ଜିଲା ସମଗ୍ର ଶିକ୍ଷା ବିଭାଗ ତରଫରୁ ବଳରାମ ଦାସ ଯୋଗଦାନ ଓ ସହଯୋଗ କରିଥିଲେ ।

# ୧୮ରେ ଜିଲା ସ୍ୱାସ୍ଥ୍ୟ ସମିତି ଗଭର୍ନିଂ ବଡି ବୈଠକ

- ୨୩ ମାସ ହେଲା ହୋଇ ନ ଥିଲା
- ପ୍ରତି ୬ମାସରେ ଥରେ ବୈଠକ କରିବାକୁ ଅଛି ଗାଇଡ୍‌ଲାଇନ

ନୟାଗଡ଼, ୧୬।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ଗଭର୍ନିଂ ବଡି ବୈଠକ ଚଳିତ ମାସ ୧୮ ତାରିଖରେ ଜିଲା ପରିଷଦର ସମ୍ମିଳନୀ କକ୍ଷ ସୃଜନରେ ଅନୁଷ୍ଠିତ ହେବ। ଏଥିପାଇଁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପକ୍ଷରୁ ଚିଠି ହୋଇଛି। ତେବେ ପ୍ରାୟ ୨୩ ମାସ ହେଲା ଜିଲା ସ୍ୱାସ୍ଥ୍ୟ ସମିତି ଗଭର୍ନିଂ ବଡି ବୈଠକ ହୋଇ ନ ଥିବାବେଳେ ଜିଲା ସ୍ୱାସ୍ଥ୍ୟ ସମିତି କାର୍ଯ୍ୟକାରିଣୀ ବୈଠକ କରାଯାଇ କାମ ଚଳାଇ ନିଆଯାଉଥିବା ଅଭିଯୋଗ ହୋଇଆସୁଥିଲା। ଜିଲା ସ୍ୱାସ୍ଥ୍ୟ ସମିତି ଗଭର୍ନିଂ ବଡି ଚେୟାରମ୍ୟାନ ଜିଲା ପରିଷଦ ଚେୟାରମ୍ୟାନ ଥିବାବେଳେ କାର୍ଯ୍ୟକାରିଣୀ ବୈଠକର ଚେୟାରମ୍ୟାନ ଜିଲାପାଳ ଅଛନ୍ତି। ଜିଲା ସ୍ୱାସ୍ଥ୍ୟ ସମିତି ଗଭର୍ନିଂ ବଡିରେ ଯାହା ପ୍ରସ୍ତାବ ଗୃହୀତ ହେବ ତାହା ବୈଠକ କରାଇ କାର୍ଯ୍ୟକାରୀ କରାଯାଏ। ତେବେ ଜିଲା ସ୍ୱାସ୍ଥ୍ୟ ସମିତି ଗଭର୍ନିଂ ବଡି ବୈଠକ ୬ମାସକୁ ଥରେ ନ କରିବା ଜିଲା ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟଦକ୍ଷତାକୁ ପଦାରେ ପକାଇଥିଲା।

ଏପରିକି ଅନୁଦାନ ଖର୍ଚ୍ଚ ଉପରେ ଅନିୟମିତତା ଅଭିଯୋଗ ହୋଇ ଆସୁଥିବାବେଳେ ୨୩ ମାସ ତଳେ ହୋଇଥିବା ଜିଲା ସ୍ୱାସ୍ଥ୍ୟ ସମିତି ଗଭର୍ନିଂ ବଡି ବୈଠକରେ ଏହା ପ୍ରମାଣିତ ହୋଇଥିଲା। ଏହା ସତ୍ତ୍ୱେ ସରକାରୀ ଗାଇଡ୍‌ଲାଇନକୁ ଶୀତଳଭଣ୍ଡାରକୁ ଫୋପାଡି ସରକାରୀ ଅନୁଦାନ ଅପବ୍ୟୟ କରାଯିବା ପରି ଅଭିଯୋଗ ସାଧାରଣରେ ଅସନ୍ତୋଷ ସୃଷ୍ଟି କରୁଥିଲା। ଅଭିଯୋଗ ଅନୁସାରେ ପୂର୍ବରୁ ୭ ବର୍ଷ ହେଲା ଜିଲା ସ୍ୱାସ୍ଥ୍ୟ ସମିତି ବୈଠକ ବସି ନ ଥିଲା। ଲୋକ ପ୍ରତିନିଧିଙ୍କ ପାଟିତୁଣ୍ଡ ପରେ ୨୦୨୩ ନଭେମ୍ବର ୧୮ରେ ବୈଠକ ବସିଥିଲା। ବୈଠକରେ ପ୍ରବଳ ହଇଗୋଳ ହୋଇଥିଲା। ଏପରିକି ୭ ବର୍ଷ ତଳେ ହୋଇଥିବା ବୈଠକର ପ୍ରୋସିଡିଂ ଅଥବା କୌଣସି କାଗଜପତ୍ର ନ ଥିଲା। ସେହିପରି ୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମନଇଚ୍ଛା ଖର୍ଚ୍ଚ କରାଯିବା ପ୍ରସଙ୍ଗକୁ ନେଇ ଅସନ୍ତୋଷ, କ୍ଷୋଭ ଓ ପାଟିତୁଣ୍ଡ ହୋଇଥିଲା। ବୈଠକପରେ ଯାହା ଥିଲା ତାହା ରହିଛି। ସ୍ୱାସ୍ଥ୍ୟ ମିଶନର ବିନା ଅନୁମୋଦନରେ ବହୁ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଜିଲା ସ୍ୱାସ୍ଥ୍ୟ ସମିତି ଗଭର୍ନିଂ ବଡି ବୈଠକ ଠିକ୍‌ରେ ହେଉ ନ ଥିବାରୁ ଜିଲା ପରିଷଦ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିବାବେଳେ ସାଧାରଣରେ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଥିଲା।


# ଜାକେଲାରୁ ଗଣିଆ ରାସ୍ତା କାମ ନିମ୍ନମାନର

## ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ବିଧାୟକ

ଖଣ୍ଡପଡ଼ା, ୧୬।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡ଼ା ପଞ୍ଚାୟତ ଜାକେଲା ଗ୍ରାମରୁ କୁମ୍ଭାରପଡ଼ା ଓ ରୟତ ଢୋଲମରା ପଞ୍ଚାୟତ ଦେଇ ନିକଟସ୍ଥ ଗଣିଆକୁ ସଂଯୋଗ କରୁଥିବା ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ପରେ ଖଣ୍ଡପଡ଼ା ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ଘଟଣାରେ ହସ୍ତକ୍ଷେପ କରି ନୟାଗଡ଼ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏ ସମ୍ପର୍କରେ ଅବଗତ କରିଥିବା ଜଣାଯାଇଛି। ଏପରି କି ରାସ୍ତାର ସିମେଣ୍ଟ କଂକ୍ରିଟ ସ୍ଥାନରୁ ଗୋଡ଼ି ଉଠିଯାଉଥିବା ଜଣାପଡ଼ିବା ପରେ ତୁରନ୍ତ ରାସ୍ତାର ନବୀକରଣ କାର୍ଯ୍ୟ ଆରମ୍ଭ କରିବାକୁ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ବିଧାୟକ ସ୍ୱାଇଁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

# ଭାଜପାରେ ମିଶିଲେ ବିଜେଡି କର୍ମୀ



ଭାଜପାରେ ମିଶିଥିବା ବିଜେଡି କର୍ମକର୍ତ୍ତା।

ନୟାଗଡ଼, ୧୬।୧୦(ଲୋକନାଥ ମିଶ୍ର)

ଭାଜପା ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ବରିଷ୍ଠ ନେତ୍ରୀ ତଥା ପୂର୍ବତନ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ନେତୃତ୍ୱରେ ଗୁରୁବାର ଏକ ମିଶ୍ରଣ ପର୍ବ କାଳିକାପ୍ରସାଦ ନାଗମୁଣ୍ଡଳି ମଧୁକେଶ ଶୈବପୀଠ, କେନ୍ଦୁଡିପିର ମା’ ମଙ୍ଗଳା ପୀଠରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାରତୀୟ ଜନତା ପାର୍ଟିର ନୀତି ଓ ଆଦର୍ଶ, ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ନୟାଗଡ଼ରେ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ନେତୃତ୍ୱ ଉପରେ ଭରସା ତଥା ଆସ୍ଥା ରଖି ମିଶ୍ରଣ ପର୍ବ ହୋଇଛି।

ନବଘନପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ନେତା କବିରାଜ ସାହୁ ଓ ତାଙ୍କର ସମର୍ଥକ, ଚଣ୍ଡୀବସ୍ତର ଭାନୁଜା ବିଶ୍ୱାଳ, କାଳିକାପ୍ରସାଦ ପଞ୍ଚାୟତର ବିଭିନ୍ନ ଗ୍ରାମ ସଭାପତିଙ୍କ ସମେତ ପାଖାପାଖି ୫୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଓ କେନ୍ଦୁଡିପି ପଞ୍ଚାୟତ ୱାର୍ଡମେମ୍ବରଙ୍କ ସମେତ ବିଜେଡି କର୍ମକର୍ତ୍ତା ଭାଜପାରେ ଯୋଗ ଦେଇଛନ୍ତି। ବୁଧବାର କାର୍ଯ୍ୟକ୍ରମରେ ନୟାଗଡ଼ ବିଧାନସଭା ମଣ୍ଡଳୀର ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ବରାଡ଼, ସମସ୍ତ ମଣ୍ଡଳ ସଭାପତି, ମଣ୍ଡଳ ପ୍ରତିନିଧି ଓ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଭାଜପାରେ ଯୋଗ ଦେଇଥିବା ନେତା ଏବଂ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଦେଇ ସମ୍ମାନିତ କରି ଦଳରେ ମିଶାଇଥିଲେ। ଆପଣମାନଙ୍କ ସହଯୋଗ ନୟାଗଡ଼କୁ ସଶକ୍ତ ଓ ଶ୍ରେଷ୍ଠ ଭାବେ ଗଢ଼ି ତୋଳିବା ନିମନ୍ତେ ବଳ ଯୋଗାଇବ ବୋଲି ଉଦ୍‌ବୋଧନୀ ଭାଷଣରେ କହିଥିଲେ।

# ଅନୁମତି ମିଳିନି, ବିକ୍ରି ହେଲାଣି ବାଣ

କବିସୂର୍ଯ୍ୟନଗର, ୧୬।୧୦(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଏନଏସିର ବିଭିନ୍ନ ଗଳିକନ୍ଦିରେ ବେଆଇନ ଭାବେ ବିକ୍ରି ପାଇଁ ଲକ୍ଷାଧିକ ଟଙ୍କାର ବାଣ ମହଜୁଦ ରହିଥିବା ଅଭିଯୋଗ ହେଉଛି। ମହାମାୟୀ ମନ୍ଦିର ନିକଟ, କୁମୁଟି ସାହି ଛକ, ମାଛଗଳି, ଗଣେଶ ବଜାର, ମୁଖ୍ୟ ରାସ୍ତା, ଆଇବି ଛକ, ପଥରା, ତେଲି ସାହି ଓ ଦେଶୀ ବେହେରା ସାହି ମଧ୍ୟଭାଗରେ ଏହି ବାଣ ମହଜୁଦ ରଖାଯାଇଥିବା ଖବର ମିଳିଛି। ବିକ୍ରି ପାଇଁ ବ୍ୟବସାୟୀଙ୍କୁ ଲାଇସେନ୍ସ ମିଳିନି କି ପ୍ରଶାସନ ପକ୍ଷରୁ ଅନୁମତି ପତ୍ର ମଧ୍ୟ ମିଳିନି। ପ୍ରଶାସନ , ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ନୀରବ ସାଜିଛି। ଲାଇସେନ୍ସ ପାଇଁ ଆବେଦନ କରି କେତେ ଜଣ ବ୍ୟବସାୟୀ ବହୁ ପରିମାଣରେ ବାଣ ବିକ୍ରି କରି ସାରିଲାଣି। ହାତ ଗଣତି କେତେ ଜଣ ବ୍ୟବସାୟୀ ଲାଇସେନ୍ସ ପାଇଁ ଆବେଦନ କରିଥିବା ବେଳେ ଶତାଧିକ ବ୍ୟବସାୟୀ ଲୁଚାଛପାରେ ବାଣ ବିକ୍ରି କଲେଣି। ବାଣ ବିକ୍ରି ପାଇଁ ପୋଲିସ, ତହସିଲ, ଅଗ୍ନିଶମ ବିଭାଗର ଅନୁମତି ନେଇ ଉପଜିଲାପାଳଠାରୁ ଲାଇସେନ୍ସ ଆଣି ଜନବସତିଠାରୁ ୫୦୦ ମିଟର ଦୂରରେ ବାଣ ଦୋକାନ ଖୋଲିବା, ପାଖରେ ଜଳାଶୟ, ଅଗ୍ନିର୍ନିବାପକ ଯନ୍ତ୍ର ରଖିବା ନିୟମକୁ ବ୍ୟବସାୟୀ ମାନୁନାହାନ୍ତି।

# କୁମ୍ଭାରପଡ଼ା ପଞ୍ଚାୟତରେ ଧାନମଣ୍ଡି ଖୋଲିବାକୁ ଦାବି

ଖଣ୍ଡପଡ଼ା, ୧୬।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ କୁମ୍ଭାରପଡ଼ା ପଞ୍ଚାୟତରେ ଧାନମଣ୍ଡି ଖୋଲିବା ଲାଗି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ଦୀର୍ଘ ବର୍ଷଧରି କୁମ୍ଭାରପଡ଼ା ଅଞ୍ଚଳର ଚାଷୀମାନେ ନିକଟସ୍ଥ ରୟତ ଢୋଲମରା ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ଖୋଲୁଥିବା ମଣ୍ଡିରେ ଧାନ ବିକ୍ରୟ କରିଥା’ନ୍ତି। କୁମ୍ଭାରପଡ଼ା ପଞ୍ଚାୟତଠାରୁ ବହୁ ଦୂରରେ ଧାନ ବିକ୍ରି କରିବା ନିମନ୍ତେ ରୟତ ଢୋଲମରା ସେବା ସମବାୟ ସମିତିରେ ଖୋଲୁଥିବା ଧାନମଣ୍ଡିକୁ ଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନୟାଗଡ ଜିଲାପାଳ, ଜିଲା ଯୋଗାଣ ଅଧିକାରୀ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ କୁମ୍ଭାରପଡ଼ା ସରପଞ୍ଚ ଚିନ୍ମୟ କୁମାର ପଣ୍ଡାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି । ଖଣ୍ଡପଡ଼ା ବିଧାୟକ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# କାଜୁ କାରଖାନା ବଢ଼ାଉଛି ପ୍ରଦୂଷଣ

## ପ୍ରଶାସନିକ ନିୟମକୁ ବ୍ୟବସାୟୀଙ୍କ ଫୁ

ପାରଳାଖେମୁଣ୍ଡି, ୧୬।୧୦(ଗିରିଧାରୀ ପରିଚ୍ଛା)

ଗଜପତି ଜିଲାର କେଉଁ ଅଞ୍ଚଳରେ କେତେ କାଜୁ କାରଖାନା ଅଛି ଜିଲା ପ୍ରଶାସନ କି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାହାରି ପାଖରେ ତଥ୍ୟ ନାହିଁ। ଜିଲାରେ ବହୁ ସଂଖ୍ୟାରେ କାଜୁ କାରଖାନା ଗଢ଼ି ଉଠୁଥିବାରୁ ପରିବେଶ ପ୍ରଦୂଷଣ ହେଉଥିବା ଅଭିଯୋଗ ହେଉଛି। ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଅଞ୍ଚଳ ହୋଇଥିବାରୁ କାଜୁ ଏକ ଲାଭଜନକ ବ୍ୟବସାୟ ରୂପେ ପରିଣତ ହୋଇଛି। ଜିଲାରେ ପ୍ରଚୁର ପରିମାଣର କାଜୁ ଉତ୍ପାଦନକୁ ଦୃଷ୍ଟିରେ ରଖି ବହୁ ସଂଖ୍ୟାରେ କାଜୁ ପ୍ରୋସେସିଂ ୟୁନିଟ୍ ଗଢ଼ି ଉଠୁଛି। ଏହିସବୁ ୟୁନିଟ୍ ଚଳାଇବାକୁ ପ୍ରତ୍ୟହ ଶହ ଶହ କୁଇଣ୍ଟାଲ କାଠ ପୋଡା ହେଉଛି। ଏତେ ପରିମାଣର କାଠ କେଉଁଠୁ ଆସୁଛି, କେଉଁ ଜଙ୍ଗଲରୁ କଟା ହେଉଛି, ଏତେ ପରିମାଣର ଗଛ କାଟିବା ପାଇଁ କିଏ ଅନୁମତି ଦେଉଛି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏସବୁ ଉପରେ କାହାରି ନିୟନ୍ତ୍ରଣ ନ ଥିବାରୁ ସବୁ ଆଇନକୁ ଉଲ୍ଲଂଘନ କରି ଅବାଧରେ ଚାଲିଛି କାଜୁ କାରଖାନା। କାରଖାନା ମାଲିକ ଲାଭ ଉଠାଉଥିବା ବେଳେ ପରିବେଶ ପ୍ରଦୂଷଣ ବଢ଼ିଚାଲିଛି। ବିଶେଷ କରି ଜିଲାର ଗୋଷାଣୀ ଓ କାଶୀନଗର ବ୍ଲକ ଅଞ୍ଚଳରେ ଗଢ଼ି ଉଠିଥିବା କାଜୁ କାରଖାନା ପାଇଁ ନିକଟବର୍ତ୍ତୀ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି। ଗୋଟିଏ ପଟେ ସରକାର ପରିବେଶ ନିୟନ୍ତ୍ରଣ ସକାଶେ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଉଥିବା ବେଳେ ଏହାର ପ୍ରଭାବ କୌଣସି କାଜୁ ବ୍ୟବସାୟୀଙ୍କ ଉପରେ ପଡୁନି। କାରଖାନାରୁ ନିର୍ଗତ ଧୂଆଁରେ ବାୟୁମଣ୍ଡଳ ପ୍ରଦୂଷଣ ବୃଦ୍ଧି ପାଇବା ସହ ଏହାର ପ୍ରଭାବ ସ୍ଥାନୀୟ ଅଞ୍ଚଳର ଜଳ ଓ ବାୟୁମଣ୍ଡଳ ଉପରେ ଗଭୀର ପ୍ରଭାବ ପକାଉଛି। ଏହାକୁ ନେଇ ପ୍ରଶାସନର କୌଣସି ଚିନ୍ତା ନ ଥିବା ବେଳେ ନିୟନ୍ତ୍ରଣ ଦିଗରେ ମଧ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କିଛି ପଦକ୍ଷେପ ନାହିଁ। ଏ ଦିଗରେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ଡିଏଫଓ କେ.ନାଗରାଜୁଙ୍କୁ ପଚାରିବାରୁ ସେ କହିଲେ, ଜିଲାରେ ଚାଲିଥିବା କାଜୁ କାରଖାନାଗୁଡିକ ସମ୍ପର୍କରେ ଜାଣିବା ପରେ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲି। ନାରଣପୁର ରେଞ୍ଜର ଏହାର ତଦନ୍ତ କରିଥିଲେ। କାରଖାନା ମାଲିକମାନେ ଆନ୍ଧ୍ରର ପଲାସାରୁ କାଠ ଆଣି କାରଖାନା ଚଳାଉଥିବା ତଦନ୍ତ ବେଳେ ଜଣାପଡିଥିବା ସେ କହିଥିଲେ।



କାଜୁ କାରଖାନା ଚଳାଇବା ପାଇଁ ରଖାଯାଇଥିବା କାଠ।

# ଏବେ ବି ରହିଛି ‘ଆକାଶ ଦୀପ’ପରମ୍ପରା


ଖଣ୍ଡପଡା, ୧୬।୧୦
(ଅଜୟ କୁମାର ମହାରଣା)

ଗତ ୭ ତାରିଖଠାରୁ କାର୍ତ୍ତିକ ବ୍ରତ ଆରମ୍ଭ ହୋଇଛି। ତେବେ ଏଇ ମାସରେ ଆକାଶଦୀପ ପ୍ରଜ୍ୱଳନ କରାଯାଉଥିବା ପରମ୍ପରା ଗାଁଗହଳ ତଥା ସହରରେ ଦେଖିବାକୁ ମିଳୁଛି। ବିଶେଷକରି ବିଭିନ୍ନ ମଠ, ମନ୍ଦିର, ଦେବାଳୟ ତଥା ତୁଳସୀ ଚଉଁରା ନିକଟରେ ପୋତାଯାଇଥିବା ଏକ ଲମ୍ବ ବାଉଁଶରେ ଦଉଡ଼ି ସଂଯୋଗ କରାଯାଇ ଏକ ଶିକାରେ ମାଟି ହାଣ୍ଡିରେ ଛୋଟ ଛୋଟ ରନ୍ଧ୍ର(କଣା) କରାଯାଇ ଏଥିରେ ଦୀପ ପ୍ରଜ୍ୱଳନ କରାଯାଇଥାଏ। ଏହାକୁ ଆକାଶଦୀପ କୁହାଯାଏ। ସନ୍ଧ୍ୟା ସମୟରେ କାର୍ତ୍ତିକ ମାସସାରା ଆକାଶ ଦୀପ ଜଳାଯାଏ। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏହି ଆକାଶ ଦୀପର ଆଲୋକ ମଞ୍ଜିମିଞ୍ଜି ହୋଇ ଜଳୁଥିବା ପ୍ରତୀୟମାନ ହୁଏ। କାହିଁ କେଉଁ ଆବହମାନ କାଳରୁ ଏହି ଆକାଶ ଦୀପ ପରମ୍ପରା ପ୍ରଚଳିତ ହେଉଥିଲେ ମଧ୍ୟ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଏବେ ବି ଆଜିର ଯୁବପିଢିମାନଙ୍କ ମଧ୍ୟରେ ପ୍ରଶ୍ନ ହୋଇ ରହିଛି। ତେବେ କାର୍ତ୍ତିକ ମାସରେ ପାରମ୍ପରିକ ଆକାଶ ଦୀପ ପ୍ରଜ୍ୱଳନର ଧାରା ପ୍ରଚଳନ ଓଡ଼ିଶାରେ ବହୁ ବର୍ଷରୁ ଚଳି ଆସୁଛି।

ସେହିପରି ଦେବାଳୟ ତଥା ତୁଳସୀ ଚଉଁରା ମୂଳରେ ଦୀପଦାନ କରାଯାଏ। ଆକାଶ ଦୀପଦାନ ସର୍ବୋତ୍ତମ। ଅତି ଉଚ୍ଚରେ ଦୀପ ଜାଳିଲେ ୩ ବର୍ଷରେ ସାତ ଜନ୍ମର ପାପ କ୍ଷୟ ହୁଏ ବୋଲି ବ୍ରହ୍ମ ପୁରାଣରେ ଲେଖାଅଛି। ଅନ୍ୟ ଏକ ତଥ୍ୟାନୁସାରେ ସମୁଦ୍ର ତଟରେ ନାବିକମାନଙ୍କ ସୂଚନା ଲାଗି ଦିଗବାରେଣୀ(ବତିଘର) ଆଲୋକର ବ୍ୟବସ୍ଥା କରାଯାଇଛି। ସେହିପରି ନୌବାଣିଜ୍ୟ ପରମ୍ପରାର ସଙ୍କେତ ଭାବରେ ମଧ୍ୟ ଏହି ଆକାଶ ଦୀପ ପ୍ରଚଳିତ ହେଉଥିବା କୁହାଯାଏ। ଅତୀତର ସାଧବ ପୁଅମାନେ ବୋଇତରେ ଜାଭା ଓ ସୁମାତ୍ରା ଆଦି ଦେଶକୁ ବେପାର ବଣିଜ କରିବାକୁ ଯାଇ ଜଳପଥରେ ନିଜ ଦେଶକୁ ଫେରୁଥିଲେ। ସେହି ସମୟରେ ବତିଘର ନ ଥିଲା। ଏହି ଆକାଶଦୀପ ଦେଖି ସାଧବ ପୁଅମାନେ ଦିଗ ଚିହ୍ନଟ କରି ସମୁଦ୍ରକୂଳକୁ ଆସୁଥିଲେ।



# ୫୧ ସରପଞ୍ଚ, ସମିତି ସଭ୍ୟ ଭାଜପାରେ ମିଶିଲେ




ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଅନ୍ୟ ଦଳର କର୍ମକର୍ତ୍ତା ଭାଜପାରେ ସାମିଲ ହେଉଛନ୍ତି।

## ଏମ୍‌ପି ପ୍ରାର୍ଥୀ ଲମ୍ବୋଦର, ବ୍ଲକ ଅଧକ୍ଷା ତାରେଶ୍ୱରୀ ସାମିଲ

ନୂଆପଡ଼ା,୧୬।୧୦ (ମକାରୁ ବେମାଲ)

ନୂଆପଡ଼ା ଜିଲ୍ଲା ଖରିଆର ରୋଡ଼ ଗୋଡମା ଏୟାରଷ୍ଟ୍ରିପ ପଡିଆଠାରେ ଗୁରୁବାର ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ ଓ ବିଧାୟକଙ୍କ ଉପସ୍ଥିତିରେ ଜିଲାର ଶତାଧିକ ବିଜେଡି କର୍ମକର୍ତ୍ତା ଭାଜପାରେ ଯୋଗ ଦେଇଛନ୍ତି। ବିଜେଡିର ତୁଙ୍ଗ ନେତା ଲମ୍ବୋଦର ନିଆଲ ଶଙ୍ଖ ଛାଡି ପଦ୍ମ ଧରିଛନ୍ତି। ସେ ବିଜେଡି ଟିକେଟରେ ୨୦୧୪, ୨୦୧୯ରେ ଖଡିଆଳ ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ହୋଇଥିବା ବେଳେ ୨୦୨୪ରେ କଳାହାଣ୍ଡି ଏମ୍‌ପି ପ୍ରାର୍ଥୀ ହୋଇଥିଲେ। ସେହିପରି ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁଙ୍କ ସମେତ ନୂଆପଡ଼ା ଓ କୋମନା ବ୍ଲକର ୫୧ ଜଣ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଭାଜପାରେ ଯୋଗ ଦେଇଛନ୍ତି। ଏହି ସମୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଯଦୁମଣି ପାଣିଗ୍ରାହୀ, ଯୁବମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ଖରିଆର ରୋଡ ଏନ୍‌ଏସି ଅଧକ୍ଷା ରେଣିଆ ଜୈନ, ଜିଲା ସଭାପତି କମଳେଶ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ବ୍ଲକ, ୨ ଏନ୍‌ଏସି ଦାୟିତ୍ୱ ୫୨ ନେତାଙ୍କୁ ବାଣ୍ଟିଲା ବିଜେଡି

ଭୁବନେଶ୍ୱର,୧୬।୧୦ (ବୁନିଫିମିଶ୍ର)

ନୂଆପଡ଼ା ଉପନିର୍ବାଚନ ଲାଗି ବିଜେଡି ପକ୍ଷରୁ ଦଳୀୟ ନେତାମାନଙ୍କୁ ଗୁରୁତର ଦାୟିତ୍ୱ ବଣ୍ଟାଯାଇଛି। ଏବେଲେ ଦଳ ପକ୍ଷରୁ ବିଭିନ୍ନ ସ୍ତରରେ ଦାୟିତ୍ୱ ପାଇଥିବା ନେତାଙ୍କ ତାଲିକା ପ୍ରକାଶ ପାଇଛି। ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ୨ଟି ବ୍ଲକ ଏବଂ ୨ଟି ଏନ୍‌ଏସି ଦାୟିତ୍ୱ ୫୨ ଜଣ ନେତାଙ୍କ ଭିତରେ ବଣ୍ଟାଯାଇଛି। ନୂଆପଡ଼ା ବ୍ଲକ ଦାୟିତ୍ୱ ୧୮ ଜଣଙ୍କୁ ଦିଆଯାଇଛି। ସେମାନଙ୍କ ମଧ୍ୟରେ ନିରଞ୍ଜନ ପୂଜାରୀ, ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ଦିବ୍ୟଶଙ୍କର ମିଶ୍ର, ପ୍ରତିରଞ୍ଜନ ଘଡେଇ, ଧ୍ରୁବ ସାହୁ, ମନୋହର ରନ୍ଧାରୀ, ପ୍ରଦୀପ ଦିଶାରୀ, ତୁଷାରକାନ୍ତି ବେହେରା, ବ୍ରଜ କିଶୋର ପ୍ରଧାନ, ରମେଶ ଚନ୍ଦ୍ର ବେହେରା, ସାରଦା ପ୍ରସନ୍ନ ଜେନା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସୁଦର୍ଶନ ହରିପାଲ, ପ୍ରଶାନ୍ତ କୁମାର ବେହେରା, ଦେବୀ ରଞ୍ଜନ ତ୍ରିପାଠୀ ଏବଂ ନୀହାର ରଞ୍ଜନ ବେହେରାଙ୍କୁ ଦିଆଯାଇଛି। ନୂଆପଡ଼ା ଏନ୍‌ଏସି ଦାୟିତ୍ୱରେ ୮ ଜଣ ରହିଛନ୍ତି। ସେଥିରେ ଅତନୁ ସବ୍ୟସାଚୀ ନାୟକ, ସାରଦା ପ୍ରସାଦ ନାୟକ, ଦେବେଶ ଆଚାର୍ଯ୍ୟ, ମନୋରମା ମହାନ୍ତି, ଦିପାଳୀ ଦାସ, ଆୟୁବ ଖାନ, ରିତା ସାହୁ, ସ୍ୱରୂପ ଦାସ ରହିଛନ୍ତି। ସେହିପରି କୋମନା ବ୍ଲକ ଦାୟିତ୍ୱରେ ପ୍ରଭବ ପ୍ରକାଶ ଦାସ, ପ୍ରତାପ ଦେବ, ଅଧିରାଜ ପାଣିଗ୍ରାହୀ, ପୁଷ୍ପେନ୍ଦ୍ର ସିଂହଦେଓ, ଯୋଗେଶ ସିଂ, ରବି ନନ୍ଦ, ପ୍ରଦୀପ ମାଝୀ, ନଳିନୀକାନ୍ତ ପ୍ରଧାନ, ବ୍ୟୋମକେଶ ରାଏ, ସୁଶାନ୍ତ କୁମାର ରାଉତ, ଭୁଜଙ୍ଗ ଖୁଣ୍ଟିଆ, ଜଗନ୍ନାଥ ସାରକା, ସରୋଜ ମେହେର, ବିଶ୍ୱରଞ୍ଜନ ମଲ୍ଲିକ, ଅବିନାଶ ସାମଲ, ଈଶ୍ୱର ପାଣିଗ୍ରାହୀ, ରୋହିତ ଯୋଶେଫ ତିର୍କୀ ଏବଂ ଉମାକାନ୍ତ ସାମନ୍ତରାୟ ରହିଛନ୍ତି। ଖରିଆର ରୋଡ଼ ଏନ୍‌ଏସି ଦାୟିତ୍ୱରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିକ୍ରମ ପଣ୍ଡା, କଳିକେଶ ନାରାୟଣ ସିଂହଦେଓ, ସୌଭିକ ବିଶ୍ୱାଳ, ଗୌତମ ବୁଦ୍ଧ ଦାସ, ପ୍ରଶାନ୍ତ ମୁଦୁଲି ଏବଂ ଗୁରୁ ପ୍ରସାଦ ମହାରଥୀ ରହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ନୂଆପଡ଼ାର ବିକାଶ ...

ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀ ନ ମିଳିବାରୁ ବରଗଡ଼ ଜିଲାରୁ ପ୍ରାର୍ଥୀ ଆଣି ଛିଡ଼ା କରିଛି। ନୂଆପଡ଼ାର କର୍ମକର୍ତ୍ତାଙ୍କ ଉପରେ ବିଶ୍ୱାସ ନ ଥିବାରୁ ବାହାର ଜିଲାରୁ ପ୍ରାର୍ଥୀ ଆଣିଛନ୍ତି। ଯେଉଁଠୁ ପ୍ରାର୍ଥୀ ଆଣିଲେ ମଧ୍ୟ ନୂଆପଡ଼ା ଉପନିର୍ବାଚନରେ ପଦ୍ମ ଫୁଟିବ। ପୂର୍ବତନ ବିଧାୟକ ସ୍ୱର୍ଗତ ଢୋଲକିଆ ଓ ପୂର୍ବତନ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଉଭୟ ଦଳର ସଂଗଠନକୁ ମଜବୁତ କରି ରଖିଥିଲେ। ଉଭୟଙ୍କ ସଙ୍ଗଠନ ଏକାଠି ମିଶିଗଲେ ଭାଜପା ଆହୁରି ମଜବୁତ ହୋଇଯିବ। ବର୍ତ୍ତମାନ ନୂଆପଡ଼ାରେ ବିଜେଡି ନାହିଁ। ଢୋଲକିଆଙ୍କ ଅନୁଯାୟୀ ଦଳ ରହିଥିଲା। ସ୍ୱର୍ଗତ ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଭାଜପାରେ ଯୋଗଦାନ କରିବା ପରେ ବିଜେଡିର ସମସ୍ତ କର୍ମକର୍ତ୍ତା ଭାଜପାରେ ଯୋଗଦାନ କରୁଛନ୍ତି। ପ୍ରାର୍ଥୀ ଜୟ ଢୋଲକିଆ ବହୁମତରେ ବିଜୟୀ ହେବେ। ୨୦୩୬ ପର୍ଯ୍ୟନ୍ତ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ କରିବା ସହ ନୂଆପଡ଼ାକୁ ବିକାଶଶୀଳ ଜିଲାରେ ପରିଣତ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ସମାବେଶରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ସୁରେଶ ପୂଜାରୀ, ମୁକେଶ ମହାଲିଙ୍ଗ, ବିଭୂତି ଭୂଷଣ ଜେନା, କୃଷ୍ଣଚନ୍ଦ୍ର ପାତ୍ର, ଏମ୍‌ପି ପ୍ରଦୀପ ପୁରୋହିତ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଜୟନାରାୟଣ ମିଶ୍ର, ଆକାଶଦାସ ନାୟକ, ବାବୁ ସିଂ, ଇରାଶିଷ ଆଚାର୍ଯ୍ୟ, ଲିଲୁ ସାହୁ, ପୂର୍ବତନ ବିଧାୟକ ନାରାୟଣ ନାୟକ, କୁସୁମ ଟେଟେ, ସ୍ୱର୍ଗତ ଢୋଲକିଆଙ୍କ ପତ୍ନୀ କଳ୍ପନା ଢୋଲକିଆଙ୍କ ସମେତ ଜିଲା ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲା ସଭାପତି କମଳେଶ ଦୀକ୍ଷିତ ମଞ୍ଚ ପରିଚାଳନା କରିଥିଲେ।

## ଭାଜପାର ୪୦...

ସିଦ୍ଧାନ୍ତ ମହାପାତ୍ର, ପୂର୍ବତନ ଏମ୍‌ପି ଅନୁଭବ ମହାନ୍ତି, ବିଧାୟକ ଆକାଶ ଦାସନାୟକ, ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ କୁମାର ମହାନ୍ତି, ବରିଷ୍ଠ ନେତା ରଞ୍ଜନ କୁମାର ପଟେଲ, ପ୍ରସିଦ୍ଧ ଅଭିନେତା ତଥା ଛତିଶଗଡ଼ ବିଧାୟକ ଅନୁଜ ଶର୍ମା, ରୋହିତ ସାହୁ, ଯୋଗେଶ୍ୱର ରାଜୁ ସିହ୍ନା, ବିଧାୟକ ଲକ୍ଷ୍ମଣ ବାଗ ଏବଂ ସନତ ଗଡ଼ତିଆ ପ୍ରମୁଖ ସାମିଲ ଅଛନ୍ତି। ଏହି ଷ୍ଟାର ପ୍ରଚାରକ ତାଲିକା ପ୍ରଦାନ ସମୟରେ ରାଜ୍ୟ ଉପସଭାପତି ସୁସ୍ମିତା ସୁରେନ୍ଦ୍ରୀ ଓରାମ, ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ଦିଲୀପ ମଲ୍ଲିକ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ, ରାଜ୍ୟ ଲିଗାଲ ସେଲ ସଂଯୋଜକ ଜୟନ୍ତ ଜେନା, ବରିଷ୍ଠ ନେତା ମୁରଲୀ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ପଦାଧିକାରୀ ତାଲିକା ...

ରାଓ, ଶିବାଜୀ ମହାନ୍ତି, ଭବେନ୍ଦ୍ର କୁମାର ପଣ୍ଡା, ସିପ୍ରା ବାଜପେୟୀ, ସୁଦର୍ଶନ ଗୋଏଲ ଏବଂ ବିଷ୍ଣୁ ଦାସ ରହିଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ବିରଞ୍ଚି ନାରାୟଣ ତ୍ରିପାଠୀ,ସାରଦା ପ୍ରସାଦ ଶତପଥୀ, ସାମାକ୍ଷ ଖଟେଇ ଏବଂ ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାୟକଙ୍କୁ ନିଯୁକ୍ତି ଦିଆଯାଇଛି। ସମ୍ପାଦକ ଭାବେ ସରୋଜ କୁମାର କର, କାଳନୀ ସାମଲ, ସ୍ମୃତି ପଟ୍ଟନାୟକ, ପ୍ରାପ୍ତିପ୍ରତିଭା ଭୋଳ, ଭଗବାନ ମହାନ୍ତି, ପିଙ୍କି ପ୍ରଧାନ, ରାମଚନ୍ଦ୍ର ହାଁସଦା, ମମତା ସିଂ, ପୁଷ୍ପାରାଜ ମହାପାତ୍ର, ସ୍ମିତା ପ୍ରଧାନ ନିଯୁକ୍ତ ପାଇଛନ୍ତି। କୋଷାଧ୍ୟକ୍ଷ ଭାବେ ଅଜୟ କୁମାର ଅଗ୍ରୱାଲ ଏବଂ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଦିବାକର ହରିଚନ୍ଦନଙ୍କୁ ନୂଆ ଦାୟିତ୍ୱ ମିଳିଛି। ଏହି ପଦପଦବୀ ଲାଗି ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଅନୁମୋଦନ କରିଥିବା ବେଳେ ଦଳର ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତିଙ୍କ ଦସ୍ତଖତରେ ବିଜ୍ଞପ୍ତି ଜାରି କରାଯାଇଛି।

## ଅନ୍ଧାରରେ ରାଜ୍ୟର ...

ସେବା ଶତପ୍ରତିଶତ ପହଞ୍ଚିଛି ବୋଲି ପ୍ରମାଣପତ୍ର ଗ୍ରହଣ କରିବା ଲାଗି ସଚିବ ନାୟାର ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ମୋବାଇଲ ନେଟୱର୍କ ସେବା ଏବେ ସୁଦ୍ଧା ୫୧% ରହିଛି। ଅବ୍ୟାବଧି ୪୯% ଅଞ୍ଚଳରେ ମୋବାଇଲ ନେଟୱର୍କ ପହଞ୍ଚି ପାରିନାହିଁ। ତେବେ ୨୧ଟି ଅଞ୍ଚଳରେ ଏପର୍ଯ୍ୟନ୍ତ ସର୍ଭେ ହୋଇନାହିଁ। ୫ଟି ଗ୍ରାମର ସ୍ଥିତି ନେଇ ତଥ୍ୟରେ ତାଳମେଳ ନାହିଁ। ଏହି ପରିପ୍ରେକ୍ଷୀରେ ଗଞ୍ଜାମ, କେନ୍ଦୁଝର ଓ କନ୍ଧମାଳ ଜିଲାରେ ବିଶେଷ ଧ୍ୟାନ ଦେବା ଲାଗି ସଚିବ ପରାମର୍ଶ ଦେଇଛନ୍ତି। ସଚିବ ନାୟାର ଦର୍ଶାଇଛନ୍ତି, ରାଜ୍ୟରେ ୭୬ଟି ଆଦିବାସୀ ଛାତ୍ରାଛାତ୍ରୀଙ୍କ ପାଇଁ ଛାତ୍ରାବାସ ନିର୍ମାଣକୁ ଅନୁମୋଦନ କରାଯାଇଛି। ସେଥିମଧ୍ୟରୁ ୬ଟିରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି, କିନ୍ତୁ ବାକିଜିଲାଗୁଡିକ ଯଥା– ଡେଙ୍କାନାଳ, ଗଞ୍ଜାମ, କନ୍ଧମାଳ, କେନ୍ଦୁଝର, ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା ଓ ସୁନ୍ଦରଗଡ଼ରେ କାମ ଆରମ୍ଭ ହୋଇନାହିଁ। ସମସ୍ତ ଛାତ୍ରାବାସ ନିର୍ମାଣ କାର୍ଯ୍ୟ ଚଳିତ ମାର୍ଚ୍ଚ ୨୦୨୬ ପୂର୍ବରୁ ସମାପ୍ତ ହେବ, ସେ ଦିଗରେ ତୁରିତ ପଦକ୍ଷେପ ଗ୍ରହଣ କରିବା ଲାଗି ସେ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଗଙ୍ଗନଗରଠାରେ ଜନସମ୍ପର୍କ ଯାତ୍ରାରେ ଯୋଗଦେଲେ ନବୀନ



ଭୁବନେଶ୍ୱର,୧୬।୧୦ (ବୁନିଫିମିଶ୍ର)

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗୁରୁବାର ୮୦ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କ ଜନ୍ମଦିନ ଅବସରରେ ସେ ପୂର୍ବାହ୍ନରେ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ଗଙ୍ଗନଗର ବିଜୁ ଆଦର୍ଶ କଲୋନିଠାରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ଅବସରରେ ବିଜେଡି ନେତା ଓ କର୍ମୀମାନଙ୍କ ଗହଣରେ ନବୀନ କିଛି ବାଟ ଚାଲିବା ସହିତ ଆୟୋଜିତ ସଭାରେ ଉପସ୍ଥିତ ଜନତା ଏବଂ କର୍ମୀଙ୍କୁ ଜନ୍ମଦିନର ଶୁଭେଚ୍ଛା ପାଇଁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ବିଜେଡି ରାଜ୍ୟବାସୀଙ୍କ ସହିତ ସବୁବେଳେ ରହିଛି ଓ ରହିଥିବ। ସେବା ବିଜେଡିର ମୂଳମନ୍ତ୍ର। ତେଣୁ ଲୋକଙ୍କ ସେବା ଜାରି ରଖିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେବା ସହିତ ଶେଷ ପର୍ଯ୍ୟନ୍ତ ସେ ଓଡ଼ିଶାର ସେବା କରିଚାଲିବେ ବୋଲି ନବୀନ କହିଛନ୍ତି। ଭୁବନେଶ୍ୱର ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ଏମ୍‌ପି ଦେବାଶିଷ ସାମନ୍ତରାୟ, ବିଧାୟକ ପ୍ରମିଳା ମଲ୍ଲିକ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ବିଜୁଟି ବଳବନ୍ତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ଏବଂ ବିଜେଡିର କର୍ପୋରେଟରମାନେ ଯୋଗଦେଇଥିଲେ। ଏହି ଅବସରରେ ନବୀନ ପିଲାମାନଙ୍କୁ ଚକୋଲେଟ ବାଣ୍ଟିଥିଲେ। ନବୀନ ତାଙ୍କ ଜନ୍ମଦିନ ଏସ୍‌ଓଏସ୍ ଭିଲେଜର ପିଲାମାନଙ୍କ ଗହଣରେ ପାଳିଛନ୍ତି। ସେଠାରେ ପୂର୍ବାହ୍ନରେ ପହଞ୍ଚିବା ପରେ ପିଲାମାନେ ତାଙ୍କୁ ସ୍ୱାଗତ କରିଥିଲେ। ପିଲାଙ୍କ ଦ୍ୱାରା ପ୍ରସ୍ତୁତ କେକ୍ କାଟିବା ସହ ପିଲାଙ୍କୁ ତାହା ଖୁଆଇ ଦେଇଥିଲେ। ପିଲାଙ୍କୁ ଉପହାର ଦେଇଥିଲେ। ପିଲାଙ୍କୁ ଆଶୀର୍ବାଦ କରି ନବୀନ କହିଛନ୍ତି, ବର୍ତ୍ତମାନ ପିଲାଙ୍କ ସହ ଜନ୍ମଦିନ ପାଳନ କରି ସେ ବହୁତ ଖୁସି। ତାଙ୍କ ଜନ୍ମଦିନରେ ସାମିଲ ହୋଇଥିବାରୁ ପିଲାମାନଙ୍କୁ ସେ ଧନ୍ୟବାଦ ଜଣାଇବା ସହ ଭବିଷ୍ୟତରେ ଭଲ ମଣିଷ ହେବା ପାଇଁ ଆଶୀର୍ବାଦ କରିଛନ୍ତି।

# ଦାରିଦ୍ର୍ୟରେ ଥିବା ପରିବାର ପାଇଁ ସମ୍ମାନଜନକ ବ୍ୟବସ୍ଥା




ପ୍ରତିବର୍ଷ ଅକ୍ଟୋବର ୧୭ରେ ପାଳନ ହୋଇଆସୁଛି ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ। ଏହି ଦିବସ ଦାରିଦ୍ର୍ୟରେ ବାସ କରୁଥିବା ଲୋକଙ୍କର ବ୍ୟାପକ ସମାଜ ମଧ୍ୟରେ ବୁଝାମଣା ଏବଂ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖେ। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟରେ ଉଲ୍ଲେଖ କରାଯାଇଥିବା ତଥ୍ୟ ଅନୁସାରେ, ୨୦୩୦ ସୁଦ୍ଧା ସବୁଠି ସମସ୍ତ ଲୋକଙ୍କ ପାଇଁ ଚରମ ଦାରିଦ୍ର୍ୟ ଦୂରକରିବା। କ୍ଷୁଧାରୁ ମୁକ୍ତି, ଅସୁରକ୍ଷିତ ବାସସ୍ଥାନ ଏବଂ ବିପଜ୍ଜନକ କାର୍ଯ୍ୟ ପରିସ୍ଥିତି ଅନ୍ତର୍ଭୁକ୍ତ ସହ ସମ୍ମାନର ଜୀବନ ପ୍ରଦାନକରି ଦାରିଦ୍ର୍ୟରେ ବଞ୍ଚିଥିବା ଲୋକଙ୍କ ଅନୁପାତକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବା। ଏଥିସହ ଏହା ଏକ ସ୍ଥାୟୀ ଭବିଷ୍ୟତକୁ ପ୍ରୋତ୍ସାହିତକରେ ଯେଉଁଠାରେ ଭବିଷ୍ୟତ ପିଢ଼ିର ନିଜସ୍ୱ ଆବଶ୍ୟକତା ପୂରଣ କରିବାର କ୍ଷମତାକୁ କ୍ଷତି ନ ପହଞ୍ଚାଇ ବର୍ତ୍ତମାନର ଆବଶ୍ୟକତା ପୂରଣ ହୁଏ। ସୂଚନାଯୋଗ୍ୟ, ୧୯୮୭ ଅକ୍ଟୋବର ୧୭ରେ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ଆରମ୍ଭ ହୋଇଥିଲା, ଯେତେବେଳେ ଦାରିଦ୍ର୍ୟର ଶିକାର ହୋଇଥିବା ଲୋକଙ୍କୁ ସମ୍ମାନିତ କରିବା ଏବଂ ଦାରିଦ୍ର୍ୟକୁ ମାନବାଧିକାର ଉଲ୍ଲଂଘନ ଘୋଷଣା କରିବା ପାଇଁ ପ୍ୟାରିସ୍‌ଠାରେ ୧ଲକ୍ଷରୁ ଅଧିକ ଲୋକ ଏକତ୍ରିତ ହୋଇଥିଲେ। ତେବେ ୧୯୯୨ ମସିହାରେ ଜାତିସଂଘ ସାଧାରଣ ସଭା ଆନୁଷ୍ଠାନିକ ଭାବରେ ୧୭ ଅକ୍ଟୋବରକୁ ଦାରିଦ୍ର୍ୟ ବିରୋଧରେ ସଚେତନତା ସୃଷ୍ଟି ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦିବସ ଭାବରେ ନାମିତ କରିଥିଲା। ଚଳିତବର୍ଷ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ଲାଗି ବିଷୟବସ୍ତୁ ରହିଛି 'ପରିବାର ପ୍ରତି ସମ୍ମାନ ଓ ପ୍ରଭାବଶାଳୀ ସମର୍ଥନ' ସୁନିଶ୍ଚିତକରି ସାମାଜିକ ଏବଂ ସାଂଗଠନିକ ଦୁର୍ବ୍ୟବହାରର ଅନ୍ତ ଘଟାଇବା। ଏହା ଦାରିଦ୍ର୍ୟରେ ଥିବା ପରିବାରଗୁଡ଼ିକୁ ଦଣ୍ଡ ଦେଉଥିବା କିମ୍ବା ଦୁର୍ବ୍ୟବହାର କରୁଥିବା ବ୍ୟବସ୍ଥାଗୁଡ଼ିକୁ ଭାଙ୍ଗିବା ଏବଂ ସେମାନଙ୍କୁ ସମ୍ମାନଜନକ ଓ ସହାୟକ ବ୍ୟବସ୍ଥା ସହ ବଦଳାଇବା ଉପରେ ଗୁରୁତ୍ୱାରୋପ କରେ।

# ୧୮ରେ ପ୍ରାର୍ଥିପତ୍ର ଦାଖଲ କରିବେ ଜୟ

ନୂଆପଡ଼ା,୧୬।୧୦ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ଲାଗି ଚଳିତମାସ ୧୩ ତାରିଖରୁ ପ୍ରାର୍ଥୀପତ୍ର ଦାଖଲ ପାଇଁ ବିଜ୍ଞପ୍ତି ଜାରି ହୋଇଛି। ହେଲେ ଗୁରୁବାର ସୁଦ୍ଧା ଜଣେ ହେଲେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ଚତୁର୍ଥ ଦିନ ସୁଦ୍ଧା ୧୪ ଜଣ ପ୍ରାର୍ଥୀ ୧୫ ଗୋଟି ଫର୍ମ କ୍ରୟ କରିଛନ୍ତି। ଗୁରୁବାର ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ବିଶାଳ ପଟୁଆରରେ ଆସି ପ୍ରାର୍ଥୀପତ୍ର ଦାଖଲ କରିବାର ଥିଲା। ହେଲେ କୌଣସି କାରଣବଶତଃ ସେ ପ୍ରାର୍ଥୀପତ୍ର ଦାଖଲ କରିନାହାନ୍ତି। ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ଯେ, ଗୁରୁଙ୍କ ଆଦେଶ କ୍ରମେ ୧୮ ତାରିଖ ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ଜଣାପଡିଛି। ବାପା ବିଧାୟକ ହୋଇ ଜିଲାର ବିକାଶ ପାଇଁ କାର୍ଯ୍ୟ କରିବା ସହ ଲୋକଙ୍କ ସେବା କରୁଥିଲେ। ଜନତା ଜନାର୍ଦ୍ଦନ ଆଶୀର୍ବାଦ କଲେ ବାପାଙ୍କ ଅଧୁରା ସ୍ୱପ୍ନ ପୂରା କରିବି ବୋଲି ଜୟ କହିଥିଲେ।


**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜ୍ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେକିପି-୨୫-୨୦ ତାରିଖ: ୧୫।୧୦।୨୦୨୫

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲକୁଡ଼ିକର ପରିବହନ ପାଇଁ ୦୩ (ତିନି) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜ୍ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି। କ୍ୟାଟ: ପାର୍ସଲ, କାଟାଲଗ୍ ନଂ.: ଲିଜ୍-କେକିପି-୨୫-୨୦, ଇ-ନିଲାମ ତାରିଖ: ୩୧।୧୦।୨୦୨୫। ନିଲାମ ଆରମ୍ଭ ସମୟ: ୧୦.୦୦ ଘଣ୍ଟା। ନିଲାମ ସମାପ୍ତି ସମୟ: ୧୬.୩୦ ଘଣ୍ଟା ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟେଣ୍ଡରଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-728) ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ (ନିର୍ମାଣ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୦୨-ଟେଣ୍ଡର-ଇଏଲ୍‌ଇସି-ସିଏନ୍-୨୫-୨୬, ତାରିଖ: ୧୫।୧୦।୨୦୨୫। କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ... www.ireps.gov.in ... (PR-731)



**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchery Road, Ranchi-834001, Jharkhand.
Ph No.:+91-651-2225878,
CIN: U45200JH2013SGC001752,
e-mail Id-juidcolimited@gmail.com

NIT No.: JUIDCO/NIT/H to B/Road/RNC/671
Date- 16.10.2025

**e-Procurement (Tender Notice)**

| | | |
|---|---|---|
| 1 | Name of Work | Resurfacing/ Refurbishing work of Road from Hinoo Chowk to Birsa Chowk in Ranchi Jharkhand. |
| 2 | Mode of Bid Submission | e-tendering (http://jharkhandtenders.gov.in) |
| 3 | Estimated Cost (Rs.) | Rs. 6,94,39,040.00/- (Rupees Six Crore Ninety-Four Lakhs, Thirty-Nine Thousand, Fourty) only. |
| 4 | Time of Completion | 06 Months |
| 5 | Tender Fee and Bid Security to be submitted online | Tender document fee: Rs 25,000/- (Rupees Twenty-Five Thousand) only. Non-Refundable. Bid Security: Rs 6,95,000.00/- (Rupees Eight Lakhs Thirty-Seven Thousand) only |
| 6 | Date/Time of Publication of Tender on Website | 17.10.2025 at 15:00 Hrs. |
| 7 | Last Date/Time of Bid Submission | 07.11.2025 at 17:00 Hrs. |
| 8 | Date/Time of opening of Bid | 10.11.2025 at 17:00 Hrs. |
| 9 | Bid Submission Address | Jharkhand Urban Infrastructure Development Company Limited, JUIDCO Bhawan, Kutchery Chowk, Ranchi, Jharkhand- 834001 |
| 10 | Helpline Number of e-procurement cell | 0651-2225878 |

Further details can be seen on website http://jharkhandtenders.gov.in

Sd/-
Project Director (Technical)
JUIDCO Ltd, Ranchi

PR 364300 (Urban Development)25-26*D



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ,
ଭୁବନେଶ୍ୱର – 751 001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନର ପ୍ରଥମ ତଳ ପୋର୍ଟିକୋ ସାମ୍ନା ବାମ କୋଣରେ ନୋମିନାଲ ସାଇଜ 15 ଫୁଟ୍ x 9 ଫୁଟ୍ ର ପି4 କିମ୍ବା ତାହାଠାରୁ ଭଲ ସଂପୂର୍ଣ୍ଣ ରଙ୍ଗିନ୍ ଆଉଟଡୋର୍ ଏକ୍ଟିଭ୍ ଏଲଇଡି ଭିଡିଓ ୱାଲର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କାର୍ଯ୍ୟକ୍ଷମତା ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ନଭେମ୍ବର 10, 2025 ଅପରାହ୍ନ 02:00 ଟା ଅଟେ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**AUL EMBANKMENT DIVISION, AUL**
Dist : Kendrapara, Odisha - 754219
Tel/Fax : 06729-295188, Mail id : aulembankment@gmail.com

**'e' Procurement Notice No. AUL-14 OF 2025-26**

1. No. of the work : 47 no. Flood Control & Road works.
2. Tender Cost : Varies from ₹ 39,67,360.00 to ₹ 83,92,152.00
3. Bid Document Cost : Rs.6000.00 to 10000.00
4. Bid Security : Varies from Rs.39,700.00 to 84,000.00
5. Class of Contractor : C & B Class
6. Period of Completion : Six calendar months
7. Other details are as follows.

| Procurement Officer | Bid Identification No. | Availability of Tender On-line for bidding From | To | Date of Opening of Technical Bid |
|---|---|---|---|---|
| Superintending Engineer, Aul Embankment Division, Aul | AUL 01 of 2025-26 To AUL 47 of 2025-26 (47 nos. work) | 18.10.2025 10.00 A.M. | 27.10.2025 5.00 P.M. | 28.10.2025 11.00 A.M. |

8. e-mail Id : aulembankment@gmail.com
9. **If required Lottery will be held on dtd.18.11.2025 at 11.00 A.M.**

Further detail conditions can be seen from the Govt. website www.tendersodisha.gov.in

Sd./- Superintending Engineer
Aul Embankment Division
Aul



**e-Procurement Cell**
**Executive Engineer, National Rural Employment Programme, Ranchi**
**JHARKHAND, RANCHI**

**Very Short Term e-Procurement Notice**
**Tender Reference No.16/2025-26**

| Sl. No | Name of Scheme | Estimated Amount (Lac) | Earnest Money (Lac) | BoQ Cost | Scheme Completion Date | Tools & Plant |
|---|---|---|---|---|---|---|
| 1 | Construction of New Class Room 10 ACR with Hall cum library Room at the campus of KGBV CM SOE Namkum Ranchi | 191.02900 | 3.85 | 10000.00 | 12 month | कार्य के अनुरूप |
| 2 | Construction of 6 ACR in Kasturba Gandhi Balika Vidyalaya Under Silli Block | 74.48300 | 1.50 | 10000.00 | 12 month | कार्य के अनुरूप |
| 3 | Construction of 6 ACR in Jharkhand Residential Girls School Under Rahe Block | 74.48300 | 1.50 | 10000.00 | 12 month | कार्य के अनुरूप |

| | | |
|---|---|---|
| 3 | Date of Publication of Tender on Website | 17.10.2025 at 9:00 AM |
| 4 | Start Date of Submission of Bids | 17.10.2025 at 11:00 AM |
| 5 | Last Date/Time of Submission of Bids | 01.11.2025 at 11:00 AM |
| 6 | Date/Time of opening of Bid | 03.11.2025 at 2:00 PM |
| 7 | Name & Address of office Inviting tender e-Procurement Cell, | National Rural Employment Programme, Ranchi. |
| 8 | Helpline Number of e-procurement Cell | 94727-45569 |

Any change can be seen on Website http:// Jharkhandtenders.gov.in.
Any other information can be seen on http:// Jharkhandtenders.gov.in.

PR 364277 (NREP) 25-26 (D)

Nodal Officer
e-Procurement Cell
Executive Engineer, National Rural Employment Program me, Ranchi

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଜାରରେ ମହିନ୍ଦ୍ରାର ନୂଆ ବୋଲେରୋ ରେଞ୍ଜ

ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା)





ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ (ଏମ୍ ଆଣ୍ଡ ଏମ୍) ପକ୍ଷରୁ ବୋଲେରୋ ନୂଆ ରେଞ୍ଜର ବଜାର ପ୍ରବେଶ ହୋଇଛି। ଗୁରୁବାର ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ଉତ୍କଳ ଅଟୋମୋବାଇଲ ପକ୍ଷରୁ ବଜାର ପ୍ରବେଶ କାର୍ଯ୍ୟକ୍ରମରେ ଏରିଆ ସେଲ୍‌ସ ମ୍ୟାନେଜର ତନ୍ମୟ ଦେ, ଜେନେରାଲ ମ୍ୟାନେଜର ସଞ୍ଜୟ ବିଶ୍ୱାଳ ଏବଂ ବିଜ୍‌ନେସ୍ ଡେଭଲପମେଣ୍ଟ ମ୍ୟାନେଜର ରୋମିଲା ମଜୁମଦାର ଏବଂ ରାଜେଶ ରଥ ପ୍ରମୁଖ ଏହି ଅତ୍ୟାଧୁନିକ ଡିଜାଇନ ସହ ପ୍ରସ୍ତୁତ ଗାଡ଼ିର ଅନାବରଣ କରିଥିଲେ। ନୂତନ ବୋଲେରୋର ମୂଲ୍ୟ ଏକ୍ସ-ଶୋ'ରୁମ୍ ଆଧାରରେ ୭.୯୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଥିବାବେଳେ ନୂତନ ଟପ୍-ଏଣ୍ଡ ବି୮ ଭାରିଆଣ୍ଟ ୯.୬୯ ଲକ୍ଷ ଟଙ୍କାରେ ଉପଲବ୍ଧ। ନୂତନ ବୋଲେରୋ ନିଓର ମୂଲ୍ୟ ୮.୪୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି, ଯାହାର ନୂତନ ଟପ୍-ଏଣ୍ଡ ଏନ୍୧୧ ଭାରିଆଣ୍ଟ ୯.୯୯ ଲକ୍ଷ ଟଙ୍କାରେ ମିଳିବ। ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ଏହି ନୂଆ ବୋଲେର ଗ୍ରାହକଙ୍କ ଦ୍ୱାରା ଆଦୃତ ହୋଇପାରିବ ବୋଲି ଆଶା କରାଯାଉଛି। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍‌ର ଅଟୋମୋଟିଭ ଡିଭିଜନର ମୁଖ୍ୟ ଏକ୍ଜିକ୍ୟୁଟିଭ ଅଫିସର ନଳିନୀକାନ୍ତ ଗୋଲ୍ଲଗୁଣ୍ଟା କହିଛନ୍ତି, ୨୫ ବର୍ଷରୁ ଅଧିକ ସମୟରୁ ବୋଲେରୋ ଲୋକାଦୃତ ଥିବାବେଳେ ଏସ୍‌ୟୁଭି ଭାବେ ସ୍ଥାନ ପାଇଛି। ନୂଆ ବୋଲେରୋ ରେଞ୍ଜକୁ ବର୍ତ୍ତମାନ ପିଢ଼ି ବିଶେଷକରି ସହରାଞ୍ଚଳ ଗ୍ରାହକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି।

## କେନ୍ଦୁଝରରେ ବିଓଆଇ ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର,୧୬।୧୦

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) ପକ୍ଷରୁ କେନ୍ଦୁଝରରେ ସତର୍କତା ସଚେତନତା ସପ୍ତାହ ଅକ୍ଟୋବର ୨୮ରୁ ନଭେମ୍ବର ୩ ପର୍ଯ୍ୟନ୍ତ କେନ୍ଦୁଝର ଅଞ୍ଚଳରେ ପାଳନ ହେବାକୁ ଯାଉଛି। ଏହି ଉପଲକ୍ଷେ ଲୋକମାନଙ୍କ ମଧ୍ୟରେ ସଚେତନତା ଆଣିବା ପାଇଁ ବିଓଆଇର କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯାଇଛି। କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଅମିତ୍ କୁମାର ପାଲ୍‌ଙ୍କ ମାର୍ଗଦର୍ଶନରେ କେନ୍ଦୁଝର ଅଞ୍ଚଳ ଅନ୍ତର୍ଗତ ଗ୍ରାମୀଣ ଓ ଅର୍ଦ୍ଧ ସହରୀ ଶାଖାଗୁଡ଼ିକରେ 'ଗ୍ରାମସଭା'ର ଆୟୋଜନ କରାଯାଇଥିଲା। ଏଥିରେ ଉପ-ଆଞ୍ଚଳିକ ପ୍ରବନ୍ଧକ ସିଦ୍ଧାର୍ଥ କୁମାର ବେହେରା ଉପସ୍ଥିତ ଥିଲେ। ସତର୍କତା ଅଧିକାରୀ ବି. ମହେଶ ଏବଂ ଶାଖା ପ୍ରବନ୍ଧକ ଲିଙ୍ଗରାଜ ବେହେରା ଉପସ୍ଥିତ ରହିଥିଲେ। ଚଳିତ ବର୍ଷ ସତର୍କତା ସଚେତନତା ସପ୍ତାହ- ୨୦୨୫ର ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

# ରାଉରକେଲାରେ ତନିସ୍କ ଷ୍ଟୋରର ରିଲଞ୍ଚ୍



ଭୁବନେଶ୍ୱର,୧୬।୧୦

ତନିସ୍କ ରାଉରକେଲା ଆମ୍ବେଦକର ଛକ କଚେରି ରୋଡ୍‌ରେ ଏକ ଷ୍ଟୋରକୁ ଗୁରୁବାର ରିଲଞ୍ଚ୍ କରାଯାଇଛି। ଟାଇଟନ କମ୍ପାନୀ ଲିମିଟେଡ୍‌ର ରିଜିଓନାଲ ବିଜ୍‌ନେସ୍ ହେଡ୍ ଶାହ ଗୌରବ କ୍ରିଷ୍ଣା ଏବଂ ତନିସ୍କର ସର୍କଲ ବିଜ୍‌ନେସ୍ ମ୍ୟାନେଜର ଅରିନ୍ଦମ ପରମାଣିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଷ୍ଟୋର ପକ୍ଷରୁ ସ୍ୱତନ୍ତ୍ର କଲେକ୍ସନ ସହ ଅଫର ଘୋଷଣା କରାଯାଇଛି। ସୁନାଗହଣା ବଦଳ ଉପରେ ଶୂନ୍ୟ ପ୍ରତିଶତ କାଟ୍ ଘୋଷଣା କରାଯାଇଥିବାବେଳେ ଅକ୍ଟୋବର ୨୧ ପର୍ଯ୍ୟନ୍ତ ପ୍ରତି ଗ୍ରାମ୍‌ରେ ୪୫୦ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ। ୧୦ ହଜାର ବର୍ଗଫୁଟ୍ ପରିମିତ ଅଞ୍ଚଳରେ ନିର୍ମିତ ଏହି ଷ୍ଟୋରରେ ସୁନା, ହୀରା, କୁନ୍ଦନ ଏବଂ ପୋଲକି ଗହଣା ଉପଲବ୍ଧ ରହିଛି। ଏହି ଅବସରରେ ପାର୍ବଣ କଲେକ୍ସନ 'ମୃଗାଙ୍କ'ର ମଧ୍ୟ ପ୍ରଦର୍ଶନ ତଥା ବିକ୍ରୟର ଶୁଭାରମ୍ଭ କରାଯାଇଛି। ଏହା ସହ 'ଆବାହନ' ଓ ଗ୍ଲାମ୍ ଡେଜ୍ ଭଳି କଲେକ୍ସନରେ ସ୍ୱତନ୍ତ୍ର ଡିଜାଇନର ଗହଣା ରହିଛି। 'ଡୋର' ଅଧୀନରେ ଏକ୍ସକ୍ଲୁସିଭ ରେଞ୍ଜର ମଙ୍ଗଳସୂତ୍ର ଏବଂ 'ଷ୍ଟନିଙ୍ଗ୍ ଏଭ୍ରି ଇୟର' ଅଧୀନରେ ସୁନାର ଓ ହୀରାର ସ୍ୱତନ୍ତ୍ର ଡିଜାଇନର କାନଫୁଲ ରହିଛି। 'କଲାଇ' ଅଧୀନରେ ଆକର୍ଷଣୀୟ ଚୁଡ଼ି ଏବଂ 'ଅବୀର' ଏବଂ 'ରିବାହ' ଅଧୀନରେ ଉପଲବ୍ଧ ଗହଣା ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଏହି ଅବସରରେ ଶାହ ଗୌରବ କ୍ରିଷ୍ଣା କହିଛନ୍ତି, ରାଉରକେଲା ଅପେକ୍ଷାକୃତ ଅଧିକ ବଡ଼ ଷ୍ଟୋରର ଲଞ୍ଚକରି ଆମେ ଖୁସି ଅନୁଭବ କରୁଛୁ। ଗ୍ରାହକ ସେବାକୁ ତନିସ୍କ ସବୁବେଳେ ପ୍ରାଥମିକତା ଦେଇ ଆସୁଥିବାବେଳେ ଉକ୍ତ ଷ୍ଟୋର ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି।

### ଚାହିଦାରେ ପାର୍ବଣ କଲେକ୍ସନ 'ମୃଗାଙ୍କ'

# ଏଲ୍ଆଇସିର ଜନସୁରକ୍ଷା, ବୀମା ଲକ୍ଷ୍ମୀ ପ୍ଲାନ୍




ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି)ର ସିଇଓ ଏବଂ ଏମ୍‌ଡି ଆର୍. ଦୋରଇସ୍ୱାମୀଙ୍କ ଦ୍ୱାରା ଦୁଇଟି ନୂତନ ଯୋଜନା ଜନସୁରକ୍ଷା, ବୀମା ଲକ୍ଷ୍ମୀ ପ୍ଲାନ୍‌ର ଶୁଭାରମ୍ଭ କରାଯାଇଛି। ନୂତନ ନେକ୍ସଟ ଜେନ୍ ଜିଏସ୍‌ଟି ରେଜିମ୍‌ରେ ଏଲ୍ଆଇସି ଦ୍ୱାରା ପରିଚାଳିତ ପ୍ରଥମ ଦୁଇଟି ଉତ୍ପାଦ। ବର୍ତ୍ତମାନର ଅସ୍ଥିର ସୁଧ ହାରର ପରିସ୍ଥିତିରେ ଏହି ଦୁଇଟି ଯୋଜନା ନୀତି କାଳ ସମଗ୍ର ବୀମା କାଳରେ ଗ୍ୟାରେଣ୍ଟି ଯୋଗଦାନ ପ୍ରଦାନ କରୁଛି। ଏହି ଦୁଇଟି ଯୋଜନାରେ ୩ ବର୍ଷର ପୂର୍ଣ୍ଣ ପ୍ରିମିୟମ ପେମେଣ୍ଟ ପରେ ଅଟୋ କଭର ସୁବିଧା ଉପଲବ୍ଧ। ଜନସୁରକ୍ଷା ଏକ ଜୀବନ ମାଇକ୍ରୋ ବୀମା ଯୋଜନା। ଏହା ନିମ୍ନ ଆୟ ଗୋଷ୍ଠୀର ଲୋକମାନଙ୍କ ପାଇଁ ପ୍ରସ୍ତୁତ ହୋଇଛି। ସେହିପରି ବୀମା ଲକ୍ଷ୍ମୀ ପ୍ଲାନ୍ ମହିଳାଙ୍କ ପାଇଁ ବିଶେଷ ଭାବେ ପ୍ରସ୍ତୁତ କରାଯାଇଛି। ଉକ୍ତ ପ୍ଲାନ୍‌ରେ ପ୍ରତ୍ୟେକ ୨ ବର୍ଷ କିମ୍ବା ୪ ବର୍ଷ ପରେ ନିୟମିତ ନିର୍ଦ୍ଧାରିତ ଟଙ୍କା ଫେରସ୍ତ କିମ୍ବା ପ୍ରିମିୟମ ପେମେଣ୍ଟ ବନ୍ଦ ହେବା ପରେ ଆକର୍ଷଣୀୟ ଗ୍ୟାରେଣ୍ଟି ମ୍ୟାଚୁରିଟି ସୁବିଧା ପ୍ରଦାନ କରୁଛି। ଅଧିକ ସୂଚନା ପାଇଁ ଏଲ୍ଆଇସି ୱେବ୍‌ସାଇଟ କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

# ଡୁରିଆନ୍ ଫର୍ନିଚରର ପାର୍ବଣ ଅଫର

ଭୁବନେଶ୍ୱର,୧୬।୧୦

Durian

ସାମନ୍ତରାପୁରସ୍ଥିତ ଡୁରିଆନ୍ ଫର୍ନିଚର ପକ୍ଷରୁ ପାର୍ବଣର ଅଫର ଘୋଷଣା କରାଯାଇଛି। ସେପ୍ଟେମ୍ବର ୯ରୁ ଆରମ୍ଭ ହୋଇଥିବା ଏହି ଅଫର ଅକ୍ଟୋବର ୨୬ ପର୍ଯ୍ୟନ୍ତ ଚାଲିବ। ଏଠାରେ ମିଳୁଥିବା ବିଭିନ୍ନ ପ୍ରଡକ୍ଟ ଉପରେ ନିର୍ଦ୍ଧାରିତ ସର୍ତ୍ତ ସହ ୫୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଛି। ଡୁରିଆନ୍ ଫର୍ନିଚର ମ୍ୟାନେଜର ଅନୀଲ କୁମାର ମହାପାତ୍ର କହିଛନ୍ତି, ଶୋ'ରୁମ୍‌ରେ ୨୦ ହଜାର ଟଙ୍କାରୁ ବେଡ୍ ଆରମ୍ଭ ହେଉଥିବାବେଳେ ୧୨ ହଜାରରୁ ସୋଫା ଆଦି ଉପଲବ୍ଧ ହେଉଛି। ଗ୍ରାହକଙ୍କ ବରାଦ ଅନୁସାରେ କଷ୍ଟୋମାଇଜଡ୍ ଫର୍ନିଚର ମଧ୍ୟ ଯୋଗାଇଦିଆଯାଉଛି। କ୍ୱିନ୍ ବେଡ୍, କିଙ୍ଗ୍ ବେଡ୍‌ର ଚାହିଦା ଅଧିକ ରହିଥିବାବେଳେ ଫାବ୍ରିକ୍, ଲେଦର ଏବଂ ଉଡେନ୍ ସୋଫାକୁ ମଧ୍ୟ ଖୁବ୍ ପସନ୍ଦ କରୁଛନ୍ତି। ଡାଇନିଂ ସେଟ୍ ସହ ଚେୟାର, ଟେବୁଲ ଆଦି ଅଫିସ୍ ଫର୍ନିଚର ମଧ୍ୟ ସୁଲଭ ମୂଲ୍ୟରେ ମିଳିପାରୁଥିବା ଅନୀଲ କହିଛନ୍ତି। ତେବେ ବିକ୍ରି ପରବର୍ତ୍ତୀ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି। ସେହିପରି ବିଭିନ୍ନ ଉତ୍ପାଦ ଉପରେ ୩ରୁ ୫ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ରହୁଥିବା ଡୁରିଆନ୍ ଫର୍ନିଚର ପକ୍ଷରୁ ସୂଚନା ଦିଆଯାଇଛି।

## ପଣ୍ୟ ପରିବହନରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ରେକର୍ଡ

ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧ (ଏପ୍ରିଲ-ସେପ୍ଟେମ୍ବର ୨୦୨୫) ମଧ୍ୟରେ ପଣ୍ୟ ପରିବହନରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଏହି ସମୟ ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୫୬.୫୭ ମିଲିୟନ ଟନ୍ ପଣ୍ୟ ପରିଚାଳନା କରିଛି। ଏହି ସମୟ ମଧ୍ୟରେ ୮୬.୧୬ ନିୟୁତ ଟନ୍ ପଣ୍ୟ ବୋଝେଇ କରାଯାଇଥିଲା ବେଳେ ୭୦.୪୧ ନିୟୁତ ଟନ୍ ପଣ୍ୟ ପରିବହନ ରେଳମଣ୍ଡଳର କ୍ଷେତ୍ରାଧିକାର ମଧ୍ୟରେ ନିକାଶନ କରାଯାଇଥିଲା। ପୂର୍ବ ଆର୍ଥିକ ବର୍ଷର ସମାନ ସମୟ (ଏପ୍ରିଲ-ସେପ୍ଟେମ୍ବର ୨୦୨୪) ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୪୮.୧୩ ନିୟୁତ ଟନ୍ ପଣ୍ୟ କାରବାର କରିଥିଲା, ଯେଉଁଥିରେ ୭୯.୨୫ ନିୟୁତ ଟନ୍ ବୋଝେଇ ଏବଂ ୬୮.୮୮ ନିୟୁତ ଟନ୍ ନିକାଶନ ଅନ୍ତର୍ଭୁକ୍ତ ଥିଲା । ଗତବର୍ଷର ସମାନ ସମୟ ତୁଳନାରେ ଏହି ମଣ୍ଡଳ ୮.୪୪ ନିୟୁତ ଟନ୍ ଅଧିକ ପଣ୍ୟ ପରିବହନ କରିଛି, ଯାହା ଗତ ବର୍ଷ ତୁଳନାରେ ୫.୭% ଅଭିବୃଦ୍ଧିକୁ ଦର୍ଶାଉଛି। ଏଥିରେ ପୂର୍ବ ବର୍ଷର ପ୍ରଦର୍ଶନ ତୁଳନାରେ ଲୋଡିଂରେ ୬.୯୧ ମିଲିୟନ ଟନ୍ (୮.୭% ଅଭିବୃଦ୍ଧି) ଏବଂ ଅପସାରଣରେ ୧.୫୩ ମେଟ୍ରିକ ଟନ୍ (୨.୨% ଅଭିବୃଦ୍ଧି) ଅନ୍ତର୍ଭୁକ୍ତ । ଗତ ବର୍ଷର ସମାନ ସମୟ ମଧ୍ୟରେ ୫୪.୩ ନିୟୁତ ଟନ୍ ତୁଳନାରେ ତାଳଚେର ଅଞ୍ଚଳ ସର୍ବାଧିକ ୫୭.୦ ମିଲିୟନ ଟନ୍ ପଣ୍ୟ ପରିବହନ ଅବଦାନ ରଖିଛି। ପାରାଦୀପ ଅଞ୍ଚଳରେ ୨୮.୧ ମିଲିୟନ ଟନ୍ ଲୋଡିଂକରି ଯଥେଷ୍ଟ ବୃଦ୍ଧି ଘଟିଛି, ଯାହା ଗତ ଆର୍ଥିକ ବର୍ଷରେ ୨୫.୨ ମିଲିୟନ ଟନ୍ ଥିଲା । ସେହିପରି ଧାମରା ବନ୍ଦର ଅଞ୍ଚଳ ୧୮.୩ ମେଟ୍ରିକ ଟନ୍ ପରିଚାଳନା କରିଥିଲା, ଯାହା ପୂର୍ବ ବର୍ଷରେ ୧୬.୫ ମିଲିୟନ ଟନ୍ ଥିଲା। ଗୋପାଳପୁର ବନ୍ଦର ଅଞ୍ଚଳ ୧.୫ ମେଟ୍ରିକ ଟନ୍ ଅବଦାନ ଦେଇଥିଲା ଯାହା ପୂର୍ବ ବର୍ଷରେ ୧.୩ ମିଲିୟନ ଟନ୍ ଥିଲା। ନୟାଗଡ଼-କେନ୍ଦୁଝର ଅଞ୍ଚଳ ୪.୮ ମେଟ୍ରିକ ଟନ୍ ପରିଚାଳନା କରିଥିଲା, ଯାହା ପୂର୍ବ ବର୍ଷରେ ୪.୫ ମେଟ୍ରିକ ଟନ୍ ଥିଲା। ଇସ୍ପାତ କାରଖାନାରୁ ପଣ୍ୟ ପରିବହନ ସ୍ଥିର ରହିଛି। ଏହା ଗତ ଆର୍ଥିକ ବର୍ଷର ସମାନ ଅବଧିରେ ୧୪.୪ ମିଲିୟନ ଟନ୍ ପରିଚାଳିତ ହୋଇଥିଲା। ଏହା ସାମାନ୍ୟ ବୃଦ୍ଧି ପାଇ ୧୪.୫ ମିଲିୟନ ଟନ୍ ହୋଇଛି।


# Classified Everyday
**0674-2580101, 9692975378**


**REAL ESTATE**
**SALE**

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.** D-2018

**3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992.** D-76860

ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ **N.H.-16** ପାଖରେ **Litigation free 30ft. Road,** ଇଲେକ୍ଟ୍ରି, **Possession** ଥାଇ ଉପଲବ୍ଧ। **6372526344.** D-04




Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-2217

The massage felt totally professional! & comfortable at all times- 7978109255. D-76500

Newly open Jyoti spa positively health benefits (Expert therapist). 8458067955. D-76942

## LOST

Anil Kumar Bansal Prop. of M/s Ram Pratap Rice & Chuda Mill At-Dunguripali, P.S.- Belpada, Dist.- Bolangir reported at Kantabanji P.S.- bearing GD No.- 014/dtd.- 16.10.2025 that the Security Deposit Receipt of an amount Rs. 5,81,554.60 paisa for Electric Connection bearing Consumer No.912000000019 was issued on 1.11.2021 has been lost somewhere in residential House at near Govt. Boys, High School,Kantabanji P.O./ P.S.- Kantabanji, Dist.- Bolangir. D-2296

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dt.- 06.10.25, I, MAGA MUDULI, Resident of Muduli Sahi, P.O./P.S.- Satyabadi, Puri, 752014, that I have changed my name MAGUNI MUDULI to MAGA MUDULI. Henceforth, I shall be know as MAGA MUDULI for all purposes.
MAGA MUDULI
D-2294

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Sri Giridhara Nayak declared that as per affidavit No.-983 Dtd- 9/10/2025 before the Notary Public, Sunabeda my sons old name Splandana Nayak has been changed to Spandan Nayak. Henceforth, he will be known as Spandan Nayak, son of Giridhara Nayak of Village Khadagapur, P.O.- Nandapur, Dist.- Koraput for all purposes.
D-2293

By virtue of an affidavit before the Executive Magistrate, Rasulpur, Dist.- Jajpur, dated- 24.09.2025. I, Runu Nayak, D/o- Basanta Nayak, At- Bantara, P.O.- Bhotaka, P.S.- Kuakhia, Dist.- Jajpur, PIN- 755009, Odisha declare that I have changed my name & father name from Jhuni Nayak, D/o- Niranjan Nayak to Ranu Nayak, D/o- Basanta Nayak. Henceforth, I shall be known as Runu Nayak, D/o- Basanta Nayak for all future purpose. D-2301

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Pattamundai, dated- 26.08.2025, I, Sanjana Ojha, At/P.O.- Ainipada, P.S.- Pattamundai, Dist.- Kendrapara, Odisha declare that I have changed my name from Sanjana Samantsinghar to Sanjana Ojha. Henceforth, I shall be known as Sanjana Ojha for all purposes.
Sanjana Ojha
D-2292

I, Rina Rani Samal (formerly Miss Sajani Rani Palai, D/o- Durjyadhan Palai), W/o- Kumud Charan Samal, holder of LIC Policy No.- 589504620, presently residing at Plot- 1009, Anand Vihar, Nayapalli, Bhubaneswar- 751012, earlier of Urunia, P.O.- Lunga, P.S.- Basudevpur, Dist.- Bhadrak- 756124, and later at Goramati, P.O.- Sabarang, Dist.- Bhadrak- 756123, declare both names refer to the same person. D-2298

By virtue of an affidavit in the Court of Executive Magistrate, Khaira, I, Debasmita Ghanta, W/o- Arun Kumar Jena of Vill- Sampei, P.S.- Khaira, Dist.- Balasore declare that in my Aadhaar Card my name has been recorded as Debasmita Ghanta but in my Husband's service regd (Military) my name has been mentioned as Debasmita Jena. Both the above names belongs to one & same person.
Debasmita Ghanta
D-2300

By virtue of an affidavit sworn before the Executive Magistrate, Puri on dtd- 18.09.2025. I, Balaram Das, S/o- Bhima Das, resident of At- Gopalpur Road, P.O.- Baliguali, P.S.- Penthakata Marine, Dist.- Puri, PIN- 752002, Odisha declare that I have changed my name from Balaram Behera, S/o- Bhima Behera to Balaram das, S/o- Bhima Das. Henceforth, I shall be known as Balaram Das for all future purpose. D-2299

I, Lanka Prasanna Kumar, S/o- Lanka Purna Chandra Rao, presently residing at TRL Township, Belpahar, Dist.- Jharsuguda, Odisha, 768218 declared by this affidavit vide No.- 12, Dtd.- 15.10.2025 that true and correct name of my wife is Lanka Sharmila Tagore and she will be known as Lanka Sharmila Tagore for all purpose. D-2297

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି (ସପ୍ତମ ବର୍ଷ)



**ସ୍ୱର୍ଗତା ସ୍ନେହଲତା ମହାନ୍ତି**
ସ୍ୱାମୀ: ସ୍ୱର୍ଗତ ଗିରିଧାରୀ ମହାନ୍ତି
ବାପୁଜୀ ନଗର, ଭୁବନେଶ୍ୱର
ଗ୍ରାମ: ବଡ଼ଗାଁ, ଜିଲ୍ଲା: କେନ୍ଦ୍ରାପଡ଼ା
ସପ୍ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଏହି ପୁଣ୍ୟ ତିଥିରେ ଆମେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ।
-: ଶୋକସନ୍ତପ୍ତ :-
ବନ୍ଧୁ ଓ ପରିବାରବର୍ଗ।
ଧ-୨୨୯୪

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



ଅଶୋକ ମହାନ୍ତି




# ୧୯୬୦ ଦଶକରେ ଭୁବନେଶ୍ୱରର କ୍ରୀଡ଼ା ଦୃଶ୍ୟପଟ



**ଆମ ରାଜ୍ୟର ରାଜଧାନୀ ଦେଶର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନେଶ୍ୱର ସହରର ଇତିହାସ ୨୦୦୦ ବର୍ଷ ପୁରାତନ ହେଲେ ମଧ୍ୟ ଆଧୁନିକ ଭୁବନେଶ୍ୱର ସହର ୧୯୪୮ରେ ରାଜ୍ୟର ନୂତନ ରାଜଧାନୀର ମାନ୍ୟତା ପାଇଥିଲା। ୧୯୬୦ ଦଶକରେ ଶୈଶବ ଅବସ୍ଥାରୁ ଯୁବାବସ୍ଥାରେ ପ୍ରବେଶ କରିଥିବା ପ୍ରାୟ ୩୫ ହଜାର ଲୋକସଂଖ୍ୟାର ସହର ଭୁବନେଶ୍ୱରର ସେ ସମୟରେ କ୍ରୀଡ଼ା ଦୃଶ୍ୟପଟ କିପରି ଥିଲା ତା' ଉପରେ ସମ୍ୟକ ଆଲୋକପାତ...**

ଅଧୁନା ଭୁବନେଶ୍ୱରକୁ ଦେଶର 'ଅଘୋଷିତ କ୍ରୀଡ଼ା ରାଜଧାନୀ', 'ଆଇଡିଆଲ୍ ସ୍ପୋର୍ଟସ ଡେଷ୍ଟିନେଶନ', 'କ୍ରୀଡ଼ା ହବ୍' ଭାବେ ବର୍ଣ୍ଣନା କରାଯାଉଛି। ୬୦ ଦଶକରେ ଆଜିର ଦିନ ଭଳି ଖେଳାଳିମାନଙ୍କୁ ପ୍ରଚୁର ଅର୍ଥରାଶି ପୁରସ୍କାର, ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କରେ କର୍ମନିଯୁକ୍ତି, ଖେଳ ଅଭ୍ୟାସ ଏବଂ ପ୍ରତିଯୋଗିତା ପାଇଁ ଅତ୍ୟାଧୁନିକ କ୍ରୀଡ଼ାଙ୍ଗନ, ସନ୍ତରଣାଗାର, ଜିମ୍ନାସିୟମ୍, ଶୀତତାପ ନିୟନ୍ତ୍ରିତ କୋଠରିରେ ରହିବାର ବ୍ୟବସ୍ଥା ପ୍ରଭୃତି ପର୍ଯ୍ୟାପ୍ତ ସୁବିଧାସୁଯୋଗ ଉପଲବ୍ଧ ନ ଥିଲା। ଖେଳକୁ ଭଲ ପାଉଥିବା ଯୁବବର୍ଗ କ୍ରୀଡ଼ା ଅଭ୍ୟାସ ସହିତ କ୍ରୀଡ଼ା କାର୍ଯ୍ୟକ୍ରମରେ ଭାଗ ନେଉଥିଲେ ଏବଂ ଏହା ଥିଲା ମନୋରଞ୍ଜନର ଏକ ପ୍ରକୃଷ୍ଟ ମାଧ୍ୟମ।

ସେ ସମୟର କ୍ରୀଡ଼ା ଭିତ୍ତିଭୂମି (ଆଉଟ୍‌ଡୋର): ଭୁବନେଶ୍ୱର ସହରରେ ଯେଉଁ କେତୋଟି ସୀମିତ ଖେଳପଡ଼ିଆ ଥିଲା– ସେଗୁଡ଼ିକ ମଧ୍ୟରେ ପ୍ରମୁଖ ଥିଲା– ଏକ ନମ୍ବର ହାଇସ୍କୁଲ ପଡ଼ିଆ, ୩ ନମ୍ବର କ୍ୟାପିଟାଲ ହାଇସ୍କୁଲ ପଡ଼ିଆ, ଷ୍ଟୁଆର୍ଟ ସ୍କୁଲ୍ ପଡ଼ିଆ, ରିଜିଓନାଲ କଲେଜ ପଡ଼ିଆ, ଓୟୁଏଟି ପଡ଼ିଆ, ପୁରୁଣା ପରେଡ ଗ୍ରାଉଣ୍ଡ (ବର୍ତ୍ତମାନ ଆଇଜି ପାର୍କ), ବି.ଏମ୍. ହାଇସ୍କୁଲ (ପୁରୁଣା ଭୁବନେଶ୍ୱର) ଏବଂ ଭୁବନେଶ୍ୱର ଉପକଣ୍ଠରେ ଥିବା ଯଦୁପୁର ଗ୍ରାମ ପଡ଼ିଆ। କେବଳ ରିଜିଓନାଲ କଲେଜ ପଡ଼ିଆ ବ୍ୟତୀତ ଅନ୍ୟ ସମସ୍ତ ପଡ଼ିଆର ଉପରଭାଗ ଥିଲା ଗୋଡ଼ି ଭର୍ତ୍ତି ଟାଙ୍ଗରା ଭୂମି। ଏପରି ପ୍ରତିକୂଳ ଅବସ୍ଥାରେ ମଧ୍ୟ କ୍ରୀଡ଼ାବିତ୍‌ମାନେ ଛୋଟ ଛୋଟ ଜଖମକୁ ଖାତିର ନ କରି କ୍ରୀଡ଼ା ଅଭ୍ୟାସ ଜାରି ରଖିଥିଲେ। ପ୍ରାୟତଃ ଏକ ନମ୍ବର ହାଇସ୍କୁଲ ପଡ଼ିଆ ଏବଂ ପରେଡ ପଡ଼ିଆରେ ଭୁବନେଶ୍ୱର ଫୁଟ୍‌ବଲ ଏବଂ କ୍ରିକେଟ ଲିଗ୍ ଆୟୋଜିତ ହେଉଥିଲା।

ଇନ୍‌ଡୋର ଗେମ୍ସ ଯଥା କ୍ୟାରମ୍, ଚେସ୍, ବ୍ରିଜ, ଟେବୁଲ ଟେନିସ୍ ପ୍ରଭୃତି ଦୁଇ ନମ୍ବରସ୍ଥିତ ସେକ୍ରେଟାରିଏଟ୍ ରିକ୍ରିଏଶନ କ୍ଲବରେ ଖେଳାଯାଉଥିଲା ଏବଂ ପ୍ରତିଯୋଗିତା ଆୟୋଜନ ହେଉଥିଲା।

କ୍ରୀଡ଼ା ସଙ୍ଗଠନ/କ୍ଲବ: ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ବା କ୍ଲବ ମଧ୍ୟରେ ଥିଲା ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ, ପୁରୁଣା ଭୁବନେଶ୍ୱରର ଟାଉନ କ୍ଲବ, ଏକନମ୍ବରସ୍ଥିତ କିଶୋର କ୍ଲବ, କ୍ୟାପିଟାଲ ସ୍ପୋର୍ଟ୍ସ କ୍ଲବ, ସେକ୍ରେଟାରିଏଟ୍ ରିକ୍ରିଏଶନ କ୍ଲବ, ଏଜି ରିକ୍ରିଏଶନ କ୍ଲବ, କପିଳେଶ୍ୱର –ସୁନ୍ଦରପଦା ଫୁଟବଲ କ୍ଲବ, ଯଦୁପୁର ଫୁଟବଲ ଆସୋସିଏଶନ ପ୍ରଭୃତି। ସେ ସମୟର ବିଶିଷ୍ଟ କ୍ରୀଡ଼ା ସଙ୍ଗଠକମାନେ ଥିଲେ ସ୍ୱର୍ଗତ ଗତିକୃଷ୍ଣ ପଣ୍ଡା (ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନର ପ୍ରତିଷ୍ଠାତା ସଭ୍ୟ ଏବଂ ସମ୍ପାଦକ), ରବି ରାୟ, ସାରଦା କାନୁନ୍‌ଗୋ, ଜୟଦେବ ମହାପାତ୍ର(ଟାଉନ କ୍ଲବ ସମ୍ପାଦକ), ଜୟନ୍ତ ମହାପାତ୍ର, ମନୋରଞ୍ଜନ ମହାନ୍ତି, ଜି.ସି. ଭୋଳ (ରିଜିଓନାଲ କଲେଜର କ୍ରୀଡ଼ା ଶିକ୍ଷକ), ବାସୁଦେବ ଗରାବଡୁ (ପୁରୁଣା ଭୁବନେଶ୍ୱର) ଏବଂ ରାମ ନାରାୟଣ ପଟ୍ଟନାୟକ ପ୍ରମୁଖ। ବର୍ତ୍ତମାନ ରାମନାରାୟଣ ପଟ୍ଟନାୟକଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ପରଲୋକ ଗମନ କରି ସାରିଛନ୍ତି।

୬୦ ଦଶକରେ ଭୁବନେଶ୍ୱର ସହରରେ ସବୁଠାରୁ ଲୋକପ୍ରିୟ ଖେଳ ଥିଲା ଫୁଟ୍‌ବଲ। ଶୁଭେନ୍ଦୁ ପଟ୍ଟନାୟକ ଭୁବନେଶ୍ୱରର ପ୍ରଥମ ଖେଳାଳି ଭାବେ ୧୯୬୫ରେ ରାଜ୍ୟ ସନ୍ତୋଷ ଟ୍ରଫି ଦଳର ସଦସ୍ୟ ହୋଇଥିଲେ। କ୍ୟାପିଟାଲ ସ୍ପୋର୍ଟସ କ୍ଲବର ଖେଳାଳିମାନଙ୍କ ମଧ୍ୟରେ ଥିଲେ– ଶୁଭେନ୍ଦୁ ପଟ୍ଟନାୟକ, ବ୍ରଜ, ନିଶି ମହାନ୍ତି, ଜୀବନାନନ୍ଦ ଆଚାର୍ଯ୍ୟ, ବୈକୁଣ୍ଠ ବେହେରା, ସୁବାସ ପାଣିଗ୍ରାହୀ, ସ୍ୱର୍ଗତ ମନୋରଞ୍ଜନ ମହାନ୍ତି, ବରେଶ ମହାପାତ୍ର, ପ୍ରମେଶ ମହାପାତ୍ର, ଅଶୋକ ମହାନ୍ତି (ମଣ୍ଟୁ), ମନମୋହନ ହୋତା, ମନ୍ମଥ ସାହୁ (ଗୁଣ), ଜୟନ୍ତ ସାହୁ (ଟୁକୁ), ସ୍ୱର୍ଗତ ବାଦଲ ପଟ୍ଟନାୟକ, ଭକ୍ତବତ୍ସଳ ଦାସ (ଗଟ୍ଟୁ), ସଞ୍ଜୟ ଦାସ (କଇଁ), ସ୍ୱର୍ଗତ ସତ୍ୟ ମହାନ୍ତି, ପତାକି (ସ୍ୱର୍ଗତ), ଆଶିଷ ପଟ୍ଟନାୟକ, ବସନ୍ତ ହୋତା ଏବଂ ଅଶୋକ ମହାନ୍ତି (ଲେଖକ) ପ୍ରମୁଖ । ପୁରୁଣା ଭୁବନେଶ୍ୱରର ନନି ଦତ୍ତ, ଗୋକୁଳାନନ୍ଦ ବେହେରା, ଶ୍ୟାମ ସାହୁ, ନରେନ୍ଦ୍ର ସେଠୀ, ଗୌର ଭଟ୍ଟାଚାର୍ଯ୍ୟ ଓ ରବି ନନ୍ଦ (କଳ୍ପନା ଟକିଜ୍‌ର ମାଲିକ) ପ୍ରମୁଖ ଖେଳାଳି ଥିଲେ। ଟେକ୍ସଟ୍ ବୁକ୍ ପ୍ରେସ୍ ନିର୍ଦ୍ଦେଶକ ଥିବା ଦିଲୀପ ଦାସମହାପାତ୍ର ଜଣେ ଉଚ୍ଚକୋଟୀର ଫୁଟ୍‌ବଲ ଖେଳାଳି ସହିତ ଭଲିବଲ (ରାଜ୍ୟକୁ ପ୍ରତିନିଧିତ୍ୱ), ଦୌଡ଼କୁଦ, କ୍ରିକେଟ ଏବଂ ଟେବୁଲ ଟେନିସ୍‌ରେ ଜଣେ ଶ୍ରେଷ୍ଠ ଖେଳାଳିର ମାନ୍ୟତା ପାଇଥିଲେ।

କ୍ରିକେଟ: ଦେବ ମହାପାତ୍ର ଭୁବନେଶ୍ୱରର ପ୍ରଥମ ଖେଳାଳି ଭାବେ ଓଡ଼ିଶା ରଣଜି ଦଳର ସଦସ୍ୟ ଭାବେ ରାଜ୍ୟକୁ ପ୍ରତିନିଧିତ୍ୱ କରିଥିଲେ। ଅନ୍ୟ ପ୍ରମୁଖ ଖେଳାଳିମାନଙ୍କ ମଧ୍ୟରେ ଥିଲେ ଏନ.ପି. ଦାସ (ଧିରୁ), ବନି (ସର୍ବ ଭାରତୀୟ ବନ ସେବା ଅଧିକାରୀ), ମିହିର (ଓୟୁଏଟି), ମିଷ୍ଟ୍ରି ସ୍ପିନର ଗୋପାଳ ଦାସ, ଉମା ତ୍ରିପାଠୀ, ସୁରଞ୍ଜନ କାନୁନ୍‌ଗୋ, ମିନୁ କାନୁନ୍‌ଗୋ, ସ୍ୱର୍ଗତ ବାଦଲ ପଟ୍ଟନାୟକ, ସ୍ୱର୍ଗତ ଫାଲ୍‌ଗୁନି ସିଂ, ଗୌରାଙ୍ଗ ପରିଜା, ଭବାନୀ ବ୍ରହ୍ମା, ସୁଭାଷ ମହାପାତ୍ର, ପ୍ରମେଶ ମହାପାତ୍ର, ରବି ମହାପାତ୍ର, ରୁଡ଼ି ବର୍ଗ (ତତ୍କାଳୀନ ମୁଖ୍ୟ ଶାସନ ସଚିବ ଏ.କେ. ବାରେନ୍‌ଙ୍କ ପୁତ୍ର), ଦୁର୍ଲ୍ଲଭ ବିଶ୍ୱାସ, ଦୁଇ ଭାଇ ପ୍ରଫୁଲ୍ଲ ଓ ରବି ପଟ୍ଟନାୟକ, ମନସୁର ଅଲ୍ଲୀ, ମକସୁଦ ଅଲ୍ଲୀ ପ୍ରମୁଖ ।

ଭଲିବଲ: ଭୁବନେଶ୍ୱରର ଆଗଧାଡ଼ିର ଖେଳାଳିମାନେ ସେ ସମୟରେ ତତ୍କାଳୀନ ପରେଡ୍ ଗ୍ରାଉଣ୍ଡ (ବର୍ତ୍ତମାନ ଇନ୍ଦିରା ଗାନ୍ଧୀ ପାର୍କ) ଏବଂ ଏ.ଜି. ରିକ୍ରିଏଶନ ୪ ନଂ. ୟୁନିଟ୍ ପଡ଼ିଆରେ ଅଭ୍ୟାସ କରୁଥିଲେ। ପ୍ରମୁଖ ଖେଳାଳିମାନଙ୍କ ମଧ୍ୟରେ ଥିଲେ ଦିଲୀପ ଦାସ ମହାପାତ୍ର, ବଦ୍ରି ମହାପାତ୍ର, ବିମଳ ମହାପାତ୍ର, ପ୍ରସନ୍ନ ପଟ୍ଟନାୟକ, ଜୀବନ, ରଞ୍ଜନ ଏବଂ ମୂର୍ତ୍ତି ପ୍ରଭୃତି । ବିଜେବି କଲେଜରେ ଯେଉଁ ମହିଳାମାନେ ଖେଳୁଥିଲେ ସେମାନେ ହେଲେ ଶୈଳବାସିନୀ ମହାନ୍ତି, ମୀନାକ୍ଷୀ ଦାସ, ପ୍ରଭାତ ନଳିନୀ ଏବଂ ନିନା କପୁର ପ୍ରମୁଖ।

ଆଥ୍‌ଲେଟିକ୍ସ (ଦୌଡ଼କୁଦ): ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ୍ ଦ୍ୱାରା ପ୍ରତିବର୍ଷ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହେଉଥିଲା ପରେଡ୍ ଗ୍ରାଉଣ୍ଡରେ। ସେ ସମୟରେ ଉଚ୍ଚକୋଟୀର ଆଥ୍‌ଲେଟ୍‌ଙ୍କ ମଧ୍ୟରେ ଥିଲେ ଜଗଦାନନ୍ଦ ମହାପାତ୍ର (ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଭଣଜା), ରବି ମହାପାତ୍ର, ରୁଡ଼ି ବର୍ଗ, ଜୟନ୍ତ ସାହୁ (ଟୁକୁ), ଆଶିଷ ପଟ୍ଟନାୟକ, ସଞ୍ଜୟ ଦାସ (କଇଁ), ସତ୍ୟ ମହାନ୍ତି, ନରେନ୍ଦ୍ର ସେଠୀ, ଆର୍ତ୍ତ ମହାନ୍ତି ପ୍ରଭୃତି।

ବ୍ୟାଡ୍‌ମିଣ୍ଟନ: ୨ ନମ୍ବର ୟୁନିଟ୍‌ରେ ପାଲଘେରା ହୋଇ ଫ୍ଲଡ୍ ଲାଇଟ୍‌ରେ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ପ୍ରମୁଖ ଖେଳାଳିମାନେ ଥିଲେ ବିଷ୍ଣୁ ମହାନ୍ତି, ବରେଶ ମହାପାତ୍ର, ପ୍ରମେଶ ମହାପାତ୍ର, ଅଶୋକ ମହାନ୍ତି (ମଣ୍ଟୁ), ମନମୋହନ ହୋତା, ପ୍ରତାପ ବେହେରା, ଜୟନ୍ତ ହୋତା, ରାଜୁ ସାହୁ, ଲକ୍ଷ୍ମୀକାନ୍ତ ମହାନ୍ତି, ଦେବାଶିଷ ମହାପାତ୍ର ପ୍ରମୁଖ। ବିଜେବି କଲେଜରେ ଯେଉଁ ଝିଅମାନେ ଟୁର୍ନାମେଣ୍ଟରେ ଭାଗ ନେଉଥିଲେ, ସେମାନେ ହେଲେ ନିନା କପୁର, ଜ୍ୟୋତ୍ସ୍ନା ବେହେରା, ମୀନାକ୍ଷୀ ଦାସ, ପ୍ରଭାତ ନଳିନୀ, ଶୈଳବାସିନୀ, ମିରା ସିଂ, ଶ୍ରୀଲେଖା ଭଞ୍ଜ ମିଶ୍ର ।

ଚେସ୍ ଖେଳର ପ୍ରସାର ଦିଗରେ ସ୍ୱର୍ଗତ ଅରାତି ବିଜୟ ମହାନ୍ତି ଏବଂ କେଶବ ଚନ୍ଦ୍ର ଦାସ ପ୍ରୟାସ ଆରମ୍ଭ କରିଥିଲେ। ତାଙ୍କ ଉଦ୍ୟମରେ ସେକ୍ରେଟାରିଏଟ୍ ରିକ୍ରିଏଶନ କ୍ଲବ୍‌ରେ ନିୟମିତ ଚେସ୍ ଖେଳ ହେଉଥିବା ବେଳେ ପ୍ରତିଯୋଗିତା ଆୟୋଜନ ହେଉଥିଲା। ଅନ୍ୟ ଖେଳଗୁଡ଼ିକ ମଧ୍ୟରେ ୬୦ ଦଶକର ଶେଷ ଭାଗରେ ବାସ୍କେଟବଲ ଆରମ୍ଭ ହୋଇଥିଲା। କଟକର ମାରୱାଡ଼ି ସ୍କୁଲରୁ ଡିଏମ୍ ସ୍କୁଲକୁ ବଦଳି ହୋଇ ଆସିଥିବା ପୂର୍ବତନ ବାସ୍କେଟବଲ ଖେଳାଳି କ୍ରୀଡ଼ା ଶିକ୍ଷକ ହନାନ୍ ସାର୍‌ଙ୍କ ତତ୍ତ୍ୱାବଧାନରେ ମୋହନ କିନି, ଜୟଦୂତ ରହମନ, ମକବୁଲ ଅଲ୍ଲୀ ପ୍ରଭୃତି ଆଗଧାଡ଼ିର ଖେଳାଳି ଥିଲେ।

ବଡ଼ିବିଲ୍‌ଡିଂ ଓ ଭାରୋତ୍ତୋଳନ: ପୁରୁଣା ଭୁବନେଶ୍ୱରର ବଉଳଗଡ଼ ଜିମ୍‌ନାସିୟମ, ପୁରୁଣା ଷ୍ଟେଶନ ରୋଡ୍‌ରେ ଥିବା ଶକ୍ତି ସଂଘ, ୮ ନମ୍ବର ୟୁନିଟ୍‌ର ରୟାଲ ଜିମ୍‌ନାସିୟମ, ଏକ ନମ୍ବର କିଶୋର କ୍ଲବ, ୟୁନିଟ୍-୬ ଜିମ୍‌ନାସିୟମ, ୩ ନମ୍ବର ୟୁନିଟ୍‌ର ଉଷା ଆଲୋକ କ୍ଲବମାନଙ୍କରେ ନିୟମିତ ଭାବେ ଯୁବକମାନେ ବଡ଼ି ବିଲ୍‌ଡିଂ ଏବଂ ଭାରୋତ୍ତୋଳନ ଅଭ୍ୟାସ କରୁଥିଲେ ଏବଂ ପ୍ରତିଯୋଗିତାରେ ଭାଗ ନେଉଥିଲେ।



ୟୁନିଟ୍–୧ ଗ୍ରାଉଣ୍ଡରେ ବଲ୍‌କୁ କିକ୍ କରି ଏକ ଫୁଟ୍‌ବଲ ମ୍ୟାଚର ଶୁଭାରମ୍ଭ କରିବା ଅବସରରେ ଶୁଭେନ୍ଦୁ ପଟ୍ଟନାୟକ

୨ ନଂ. ୟୁନିଟ୍‌ସ୍ଥିତ ସେକ୍ରେଟାରିଏଟ୍ ରିକ୍ରିଏଶନ କ୍ଲବ୍‌ରେ ନିୟମିତ ଟେବୁଲ ଟେନିସ ଖେଳାଯାଉଥିଲା ଏବଂ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେଉଥିଲା। ଦିଲୀପ ଦାସ ମହାପାତ୍ର, ସୁକାନ୍ତ ଘୋଷ, ଜଟଣୀର ରାଓ ଭ୍ରାତା, ସତିଶ ପଟ୍ଟନାୟକ, ଅର୍ନେଷ୍ଟ ଫ୍ଲୋଟ, ରାଜୁ ସାହୁ ପ୍ରମୁଖ ଉଚ୍ଚକୋଟୀର ଖେଳାଳି ଥିଲେ।

ଉନ୍ନତ ଭିତ୍ତିଭୂମିର ଅଭାବ, ସୀମିତ ସୁବିଧା ସୁଯୋଗ ସତ୍ତ୍ୱେ ଭୁବନେଶ୍ୱର ସହରରେ କ୍ରୀଡ଼ାର ଏକ ଅନୁକୂଳ ବାତାବରଣ ଥିଲା ଏବଂ ଯୁବତୀ ଯୁବକମାନେ କ୍ରୀଡ଼ାକୁ ଏକ ମନୋରଞ୍ଜନର ମାଧ୍ୟମ ଭାବେ ଉପଭୋଗ କରୁଥିଲେ।

# ଓଡ଼ିଶା 'ଖୋ ଖୋ'ର ଗର୍ବ ମାଗାଇ

**ଭୁବନେଶ୍ୱର, ୧୬।୧୦(ଅନାଦି କର)**

'ଆମ ଆଦିବାସୀ ଗାଁରେ ସାଧାରଣତଃ ବଡ଼ ଆକାରରେ ଦୀପାବଳି ପାଳନ କରାଯାଏ ନାହିଁ। କିନ୍ତୁ ଏଥର ଏହାକୁ ଖୁବ ଆଡ଼ମ୍ବରରେ ପାଳନ କରାଯିବ। ମୋ ପାଇଁ ମୋ ଝିଅ ହିଁ ଲକ୍ଷ୍ମୀ। ସେ ନିଜର ଉପଲବ୍ଧି ବଳରେ ଏହି ଦୀପାବଳିକୁ ମୋ ପାଇଁ ସ୍ୱତନ୍ତ୍ର କରି ଦେଇଛି। ସେ ତା'ର ଗାଁ, ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛି। ତା' ବିଷୟରେ ଚିନ୍ତା କରି ମୋ ହୃଦୟ ଗର୍ବରେ ଭରି ଯାଉଛି'। ଭାରତର ସର୍ବ ପ୍ରଥମ ଖୋ ଖୋ ବିଶ୍ୱକପ୍ ଟ୍ରଫି ସହ ଓଡ଼ିଶା ଫେରିଥିବା ୨୧ ବର୍ଷୀୟା ମାଗାଇ ମାଝୀଙ୍କ ମା' ବୁଧବାରୀ ଲୁହଭରା ଆଖିରେ ଏହା କହିଛନ୍ତି। କିନ୍ତୁ ସଫଳତାର ଏହି ମୁହୂର୍ତ୍ତରେ ପହଞ୍ଚିବା ପାଇଁ ମାଗାଇଙ୍କୁ ଅନେକ ବାଧା, ସଂଘର୍ଷ, ଦ୍ୱନ୍ଦ୍ୱ ଦେଇ ଗତି କରିବାକୁ ପଡ଼ିଥିଲା।

୨୦୦୪ ଅଗଷ୍ଟ ୧୮ ତାରିଖରେ ରାୟଗଡ଼ା ଜିଲା, କାଶୀପୁର ବ୍ଲକ, ଚନ୍ଦ୍ରଗିରି ପଞ୍ଚାୟତର କାସନାଦାରା ଗାଁରେ ମାଗାଇଙ୍କ ଜନ୍ମ। ତାଙ୍କ ଜନ୍ମର ମାସକ ପରେ ତାଙ୍କ ବାପା ଦାମୁ ମାଝୀଙ୍କର ଅକାଳ ବିୟୋଗ ଘଟିଥିଲା। ତାଙ୍କ ବାପା ପେସାରେ ଚାଷୀ ଥିଲେ। ସେ ଜଣେ ବିଧବା ଓ ଏକ ନବଜାତ ଝିଅକୁ ପଛରେ ଛାଡ଼ି ଯାଇଥିଲେ। ଗରିବ ଅଧ୍ୟୁଷିତ କାଶୀପୁର ବ୍ଲକରେ ବୁଧବାରୀ ଝିଅକୁ ହଷ୍ଟେଲରେ ରଖିବାକୁ ନିଷ୍ପତ୍ତି ନେଇଥିଲେ, ଯାହାକି ତାଙ୍କର ଓ ତାଙ୍କ ଝିଅର ଜୀବନ ବଦଳାଇ ଦେଇଥିଲା।

୨୦୧୩ରେ ମାଗାଇ ୯ ବର୍ଷ ବୟସରେ ଖୋ ଖୋ ଖେଳିବା ଆରମ୍ଭ କରିଥିଲେ। ଭାରତର ଏହି ପୁରାତନ କ୍ରୀଡ଼ା ତାଙ୍କର ଅନ୍ତରାତ୍ମାକୁ ଜାଗ୍ରତ କରିଥିଲା। ସେ ଘରଠାରୁ ଖୁବ୍ ଦୂରରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ଖୋ ଖୋ ହାଇ ପର୍‌ଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଇଥିଲେ। ଟ୍ରେନିଂ ସେଣ୍ଟରରେ ସେ ମା'ଙ୍କଠାରୁ ଦୂରରେ ରହି କଠିନ ପରିଶ୍ରମ ଓ ଝାଳବୁହା ଅଭ୍ୟାସ କରିଥିଲେ। ୨୦୧୯ରେ ତାଙ୍କ ପ୍ରତିନିଧିତ୍ୱରେ



ମା' ବୁଧବାରୀଙ୍କ ସହ ମାଗାଇ ମାଝୀ

ଓଡ଼ିଶା ୫୩ତମ ସିନିୟର ଜାତୀୟ ଖୋ ଖୋ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଓ ୨୦୨୨ରେ ୩୬ତମ ଜାତୀୟ ଗେମ୍ସରେ ଓଡ଼ିଶା ରୌପ୍ୟ ପଦକ ଜିତିଥିଲା। ୨୦୨୪ରେ ତାଙ୍କ ପ୍ରତିନିଧିତ୍ୱରେ ଓଡ଼ିଶା ଖେଲୋ ଇଣ୍ଡିଆ ସିନିୟର ମହିଳା ଖୋ ଖୋ ଲିଗ୍ ଫେଜ ୩ରେ ଚାମ୍ପିୟନ ହୋଇଥିଲା। ଏହାପରେ ତାଙ୍କୁ ଚଳିତ ବର୍ଷ ଜାନୁଆରୀରେ ଅନୁଷ୍ଠିତ ଖୋ ଖୋ ବିଶ୍ୱକପ୍ ଲାଗି ଭାରତୀୟ ମହିଳା ଦଳରେ ସାମିଲ କରାଯାଇଥିଲା। ପୂରା ଟୁର୍ନାମେଣ୍ଟରେ ଭାରତୀୟ ଦଳ ସମ୍ପୂର୍ଣ୍ଣ କାୟା ବିସ୍ତାର କରି ଖେଳିଥିଲା। ଲିଗ୍ ପର୍ଯ୍ୟାୟରେ ଦକ୍ଷିଣ କୋରିଆ, ଇରାନ, ମାଲେସିଆକୁ ହରାଇବା ପରେ ଭାରତୀୟ ଦଳ କ୍ୱାର୍ଟର ଫାଇନାଲରେ ବାଂଲାଦେଶ ଓ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା। ଶେଷରେ ଫାଇନାଲରେ ନେପାଳକୁ ୪୦–୭୮ ବ୍ୟବଧାନରେ ହରାଇ ଭାରତ ପ୍ରଥମ ମହିଳା ଖୋ ଖୋ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଥିଲା। ଏହାର ପ୍ରଭାବ ସ୍ୱରୂପ ତାଙ୍କ ଗାଁରେ ଖୋ ଖୋ କେବଳ ଏକ ଖେଳହୋଇ ରହି ନ ଥିଲା। ମାଗାଇ ଦେଖାଇ ଦେଇଥିଲେ ଯେ, ପରିଶ୍ରମ ଓ ଉଚିତ ମାର୍ଗଦର୍ଶନ ବଳରେ ଝିଅମାନେ ସବୁ କିଛି ହାସଲ କରିପାରିବେ। ଏହି ବିଜୟ କେବଳ ତାଙ୍କର ନ ଥିଲା ବରଂ କୌଣସି ବାଧାକୁ ଖାତିର ନ କରି ଆଗକୁ ବଢୁଥିବା ପ୍ରତ୍ୟେକ ଝିଅର ବିଜୟ ଥିଲା।

ଏବେ ଗାଁ ଲୋକଙ୍କ ଫୁସଫୁସ ପ୍ରଶଂସାରେ ପରିଣତ ହୋଇଛି। ଏ ସମ୍ପର୍କରେ ତାଙ୍କ ମା' ବୁଧବାରୀ କହିଛନ୍ତି, ମୋ ଗାଁ ଓ ଜିଲାର ଅନେକ ଲୋକେ ମୋତେ ପଚାରୁଛନ୍ତି ଯେ, ସେମାନେ କେଉଁ ଭଳି ସେମାନଙ୍କ ଝିଅକୁ ମୋ ଝିଅ ଭଳି କରିପାରିବେ। ପୂର୍ବରୁ ବାପା–ମା' ଖେଳକୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ। ଏବେ ଖେଳକୁ ସମୃଦ୍ଧ ଓ ଗୌରବର ମାର୍ଗ ଭଳି ଦେଖୁଛନ୍ତି। ଯେଉଁ ଝିଅର ଶର୍ଟ ପିନ୍ଧିବା ଓ ଖେଳିବାକୁ ନେଇ ପ୍ରଶ୍ନ କରାଯାଉଥିଲା, ସେହି ଝିଅ ଅନ୍ଧାରରେ ଆଲୋକ ହୋଇ ଅନେକଙ୍କୁ ବାଟ ଦେଖାଉଛି। ଖୋ ଖୋ ଆଦିବାସୀ ଓଡ଼ିଶାରେ ଏକ ଖେଳରୁ ଖୁବ ଅଧିକ ପାଲଟି ଯାଇଛି। ଏହି ଖେଳ ଏବେ ସମ୍ଭାବନାର ଏକ ପ୍ରତୀକ ପାଲଟି ଯାଇଛି।



ଫଷ୍ଟିନୋ ଓରୋ

# ୧୨ ବର୍ଷୀୟ ଫଷ୍ଟିନୋ ଚାମ୍ପିୟନ

**ମୁମ୍ବାଇ, ୧୬।୧୦ (ପି.ଟି.)**

**ଜିସିଏଲ୍ କଣ୍ଟେଣ୍ଡର୍ସ ଚେସ୍**

ଆର୍ଜେଣ୍ଟିନାର ୧୨ବର୍ଷୀୟ ବିସ୍ମୟ ଫଷ୍ଟିନୋ ଓରୋ ଏଠାରେ ଅନୁଷ୍ଠିତ ଜିସିଏଲ୍ କଣ୍ଟେଣ୍ଡର୍ସ ନକ୍‌ଆଉଟ ଚ୍ୟାଲେଞ୍ଜର୍ସ ରାଉଣ୍ଡ ଚେସ୍ ଟୁର୍ନାମେଣ୍ଟର ୨୧ ବର୍ଷରୁ କମ୍ ପ୍ରୋଡିଜି କାଟେଗୋରିରେ ଚାମ୍ପିୟନ ହୋଇଛନ୍ତି। ଅନ୍ୟପକ୍ଷରେ ଗ୍ରାଣ୍ଡମାଷ୍ଟର ଜୋସ୍ ମାର୍ଟିନେଜ୍ ଏବଂ ମହିଳା ଗ୍ରାଣ୍ଡମାଷ୍ଟର ମାଇ ନାର୍ଭା ଯଥାକ୍ରମେ ପୁରୁଷ ଓ ମହିଳା ଚାମ୍ପିୟନଶିପ୍ ଜିତିଛନ୍ତି। ବର୍ତ୍ତମାନ ଏହି ୩ଜଣ ଗ୍ଲୋବାଲ ଚେସ୍ ଲିଗ୍ (ଜିସିଏଲ୍) ତୃତୀୟ ସିଜନର ଅଫିସିଆଲ ବ୍ରାଣ୍ଡ ଆମ୍ବାସଡର ହେବେ। ଟେକ୍ ମହିନ୍ଦ୍ରା ଓ ଫିଡେର ମିଳିତ ଉଦ୍ୟମରେ ଏହି ଟୁର୍ନାମେଣ୍ଟ ମୁମ୍ବାଇରେ ଡିସେମ୍ବର ୧୩ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓରୋ 'ମେସି ଅଫ୍ ଚେସ୍' ଭାବେ ପରିଚିତ। ସେ ଏକ ରୋମାଞ୍ଚକ ଫାଇନାଲରେ ଭାରତୀୟ ଗ୍ରାଣ୍ଡମାଷ୍ଟର ପ୍ରଣବ ଆନନ୍ଦଙ୍କୁ ହରାଇ ଦେଇଥିବା ବେଳେ ଗ୍ରାଣ୍ଡମାଷ୍ଟର ଜୋସ୍ ମାର୍ଟିନେଜ୍ ଆମେରିକାନ୍ ଷ୍ଟ୍ରମିର ଓ ବ୍ଲିଜ୍ ସ୍ପେଶାଲିଷ୍ଟ ଅନ୍ତର୍ଜାତୀୟ ମାଷ୍ଟର ଆଣ୍ଡ୍ର୍ୟୁ ଟଙ୍ଗ୍‌ଙ୍କୁ ପରାସ୍ତ କରିଛନ୍ତି। ଇସ୍ତୋନିଆର ନାର୍ଭା ୟୁକ୍ରେନର ମହିଳା ଗ୍ରାଣ୍ଡମାଷ୍ଟର ୟୁଲିଆ ଓସ୍‌ମାକ୍‌ଙ୍କ ବିପକ୍ଷରେ ବିଜୟ ହାସଲ କରିଛନ୍ତି।

ଧରିତ୍ରୀ DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୭/୨୦୨୫ Bhubaneswar, Friday, October 17/ 2025

# ଓଡ଼ିଶା ଇନିଂସ ୨୭୧ରେ ସୀମିତ

**ଭୁବନେଶ୍ୱର, ୧୬।୧୦ (ତପନ ସ୍ୱାଇଁ)**

ଚଳିତ ରଣଜୀ ଟ୍ରଫି ସିଜନ ଆରମ୍ଭରୁ ଓଡ଼ିଶାର ଦଳଗତ ବ୍ୟାଟିଂ ବିଫଳତା ପରିଲକ୍ଷିତ ହୋଇଛି। କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ବରୋଦା ବିପକ୍ଷ ରଣ୍‌ଜୀ ମ୍ୟାଚରେ ଏକଦା ୫ ଉଇକେଟ ହରାଇ ୨୫୦ ରନ କରିଥିବା ଓଡ଼ିଶା ଦଳର ପ୍ରଥମ ଇନିଂସ ୨୭୧ ରନ୍‌ରେ ସୀମିତ ରହିଯାଇଛି। ଅର୍ଥାତ୍ ଅବଶିଷ୍ଟ ୨୧ ରନ ମଧ୍ୟରେ ଦଳ ୫ ଉଇକେଟ ହରାଇଛି। ଗୁରୁବାର ଦ୍ୱିତୀୟ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ବରୋଦା ପ୍ରଥମ ଇନିଂସରେ ୨ ଉଇକେଟ ହରାଇ ୧୨୭ ରନ କରିଛି। ଜ୍ୟୋସ୍ନିଲ ସିଂ ୧୨ ଓ ଶାଶ୍ୱତ ରାଓ୍ୱତ ୮ ରନକରି ଆଉଟ ହୋଇଥିବାବେଳେ ଶିଭାଲିକ ଶର୍ମା ୭୫ ଓ ସୁକୀର୍ତ୍ତ ପାଣ୍ଡେ ୩୨ ରନରେ ଅପରାଜିତ ରହିଛନ୍ତି। ବରୋଦା ଇନିଂସରେ ୬୧ ଓଭର ଖେଳ ହୋଇଥିଲେ ମଧ୍ୟ ଓଡ଼ିଶାର କୌଣସି ସ୍ପେଶାଲିଷ୍ଟ ବୋଲର ଗୋଟିଏ ହେଲେ ଉଇକେଟ ପାଇ ନାହାନ୍ତି। ଜ୍ୟୋସ୍ନିଲ ରନ୍‌ଆଉଟ ହୋଇଥିବାବେଳେ ଅନ୍ୟ ଉଇକେଟଟି ସାମୟିକ ବୋଲର ଗୋବିନ୍ଦ ପୋଦ୍ଦାର ହାସଲ କରିଛନ୍ତି। ୮ ଉଇକେଟ ସୁରକ୍ଷିତ ଥିବାବେଳେ ବରୋଦା ଓଡ଼ିଶାର ପ୍ରଥମ ଇନିଂସ ସ୍କୋରଠାରୁ ଆଉ ୧୪୪ ରନ ପଛରେ ରହିଛି।

**ରଣ୍‌ଜୀ ଟ୍ରଫି**

**ବରୋଦା: ୧୨୭/୨**


ଓଡ଼ିଶା ଓ ବରୋଦା ମଧ୍ୟରେ ଚାଲିଥିବା ମ୍ୟାଚ୍‌ର ଏକ ମୁହୂର୍ତ୍ତ।

### ଧୂପର ଶତକରୁ ବଞ୍ଚିତ

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୦୫/୫ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଦ୍ୱିତୀୟ ଦିବସରେ ଆଉ ୬୬ ରନ ଯୋଗ କରିବାକୁ ସକ୍ଷମ ହୋଇଥିଲା। ଆତ୍ମବିଶ୍ୱାସର ସହ ଖେଳିଥିବା ରାଜେଶ ଧୂପର ଶତକ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ସେ ୨୫୨ଟି ବଲ୍‌ର ସମ୍ମୁଖୀନ ହୋଇ ୭ ଚୌକା ଓ ୨ ଛକା ସହାୟତାରେ ୯୪ ରନ କରିଥିବାବେଳେ ଅତୀତ ସେଠ୍‌ଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ଆଉଟ ହୋଇଯାଇଥିଲେ। ଉଇକେଟ କିପର ଆଶୀର୍ବାଦ ସ୍ୱାଇଁ ୨୨ ରନର ଯୋଗଦାନ ଦେଇଥିବାବେଳେ ଲୋୟର ଅର୍ଡରରେ କୌଣସି ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବରୋଦା ବୋଲରଙ୍କ ମଧ୍ୟରେ ଅତୀତ ସେଠ୍ ୪ଟି, ରସିଖ ସଲାମ ୩ଟି, ଭାର୍ଗବ ଭଟ୍ଟ ୨ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୭୧/ଅଲ୍‌ଆଉଟ (ରାଜେଶ ଧୂପର-୯୪, ଶୁଭ୍ରାଂଶୁ ସେନାପତି-୭୯, ଅତୀତ ସେଠ୍-୪/୬୭, ରସିଖ ସଲାମ-୩/୬୬, ଭାର୍ଗବ ଭଟ୍ଟ-୨/୬୨)। ବରୋଦା ପ୍ରଥମ ଇନିଂସ: ୧୨୭/୨ (ଶିଭାଲିକ ଶର୍ମା-୭୫*, ସୁକୀର୍ତ୍ତ ପାଣ୍ଡେ-୩୨*, ଗୋବିନ୍ଦ ପୋଦ୍ଦାର-୧/୩୪)।

# ସୁପର କପ୍‌ରୁ ଓହରିଲା ରିଅଲ କଶ୍ମୀର ଏଫ୍‌ସି

**ନୂଆଦିଲ୍ଲୀ, ୧୬।୧୦ (ପି.ଟି.)**

ଆଇ-ଲିଗ୍ ଦଳ ରିଅଲ କଶ୍ମୀର ଆସନ୍ତା ସୁପର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରୁ ଓହରିଯାଇଛି। ସେମାନଙ୍କ ବିଦେଶୀ ଖେଳାଳିମାନଙ୍କୁ ଭିଜା ପ୍ରଦାନରେ ବିଳମ୍ବ ଘଟୁଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା କ୍ଲବ ତରଫରୁ କୁହାଯାଇଛି। ଗୋଆରେ ସୁପର କପ୍ ଫୁଟ୍‌ବଲ ଅକ୍ଟୋବର ୨୫ରୁ ଆରମ୍ଭ ହେବ। ରିଅଲ କଶ୍ମୀର ସ୍ଥାନରେ ଡେମ୍ପୋ ଏଫ୍‌ସି ଟୁର୍ନାମେଣ୍ଟରେ ସାମିଲ କରାଯାଇଛି। ଶ୍ରୀନଗର ଦଳ 'ଗ୍ରୁପ୍ ଅଫ୍ ଡେଥ୍' ରେ ମୋହନ ବାଗାନ ସୁପର ଜାଏଣ୍ଟ୍ସ, ଇଷ୍ଟ ବେଙ୍ଗଲ ଏଫ୍‌ସି ଓ ଚେନ୍ନାଇନ ଏଫ୍‌ସି ଦଳ ସହିତ ସ୍ଥାନ ପାଇଛି। ରିଅଲ କଶ୍ମୀର ଯଦି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥାନ୍ତା ତେବେ ଅକ୍ଟୋବର ୨୫ ସୁପର କପ୍ ଓପନରରେ ପ୍ରଥମେ ଇଷ୍ଟ ବେଙ୍ଗଲକୁ ଭେଟିଥାନ୍ତା। ଦଳ ପରେ ଗ୍ରୁପ୍ 'ଏ'ରେ ଅକ୍ଟୋବର ୨୮ରେ ମୋହନବାଗାନ ଏସ୍‌ଜି ଓ ଅକ୍ଟୋବର ୩୧ରେ ଚେନ୍ନାଇନ ଏଫ୍‌ସି ସହ ମୁକାବିଲା କରିଥାନ୍ତା।

# ବାବରଙ୍କ ପାଇଁ ଡ୍ରେସିଂ ରୁମ୍‌ରେ ପ୍ରଶଂସକ

**ଲାହୋର, ୧୬।୧୦(ପି.ଟି.):** ବାବର ଆଜମଙ୍କୁ ଭେଟିବା ପାଇଁ ଜଣେ ପ୍ରଶଂସକ ଗଦାଫି ଷ୍ଟାଡିୟମରେ ସୁରକ୍ଷା ବ୍ୟାରିକେଡ୍ ଡେଇଁ ପାକିସ୍ତାନ ଡ୍ରେସିଂ ରୁମ୍‌ରେ ପଶିବାକୁ ଚେଷ୍ଟା କରିଥିଲେ। ଉକ୍ତ ପ୍ରଶଂସକଙ୍କୁ ରିମାଣ୍ଡରେ ନିଆଯିବା ପରେ ପୋଲିସ ଛାଡ଼ି ଦେଇଛି। ଉକ୍ତ ଯୁବକଙ୍କ ନାମ ଓଭାଇସ। ଡବ୍ଲ୍ୟୁଟିସି ଚାମ୍ପିୟନ ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଚତୁର୍ଥ ଦିନ ଏହି ଘଟଣା ଘଟିଥିଲା।

# ଅଷ୍ଟ୍ରେଲିଆ ୧୦ ଉଇକେଟରେ ବିଜୟୀ

**ବିଶାଖାପାଟଣା, ୧୬।୧୦**

ଅଧିନାୟିକା ଆଲିସା ହିଲିଙ୍କ ଅପରାଜିତ ଶତକ ଓ ଫୋଏବେ ଲିଚ୍‌ଫିଲ୍ଡଙ୍କ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ଗୁରୁବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ମ୍ୟାଚ୍‌କୁ ୧୦ ଉଇକେଟରେ ଜିତି ନେଇଛି। ଏହା ଅଷ୍ଟ୍ରେଲିଆର ଚତୁର୍ଥ ବିଜୟ। ଏହି ବିଜୟ ସହ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ୫ ମ୍ୟାଚ୍‌ରେ ୯ ପଏଣ୍ଟ ସହ ଶୀର୍ଷକୁ ଫେରିଛି। ଟସ୍ ଜିତି ବାଂଲାଦେଶ ୫୦ ଓଭରରେ ୯ ଉଇକେଟ ହରାଇ ୧୯୮ ରନ କରିଥିଲା। ଦଳ ପାଇଁ ସୋଭନା ମୋଷ୍ଟାରୀ ଅପରାଜିତ ୬୬ (୯ ଚୌକା) ଓ ରୁବ୍ୟା ହାଇଦର ୪୪ (୮ ଚୌକା) ରନ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ଆଶଲେ ଗାର୍ଡନର, ଆଲାନା କିଙ୍ଗ, ଆବାବେଲ ସଦରଲାଣ୍ଡ ଓ ଜର୍ଜିଆ ୱାରେହମ ୨ ଲେଖାଏ ଉଇକେଟ ନେଇଥିଲେ। ଚଳିତ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ପ୍ରତିପକ୍ଷ ଦଳକୁ ଅଲଆଉଟ୍ କରିବାରେ ପ୍ରଥମଥର ପାଇଁ ବିଫଳ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ୨୪.୫ ଓଭରରେ ବିନା ଉଇକେଟରେ ୨୦୨ ରନ କରି ମ୍ୟାଚ୍ ଜିତି ନେଇଥିଲା। ଅଧିନାୟିକା ହିଲି ୧୧୩ (୨୦ ଚୌକା) ଓ ଲିଚ୍‌ଫିଲ୍ଡ ୮୪ (୧୨ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିଲେ। ଏହା ହିଲିଙ୍କ ଚଳିତ ବିଶ୍ୱକପ୍‌ରେ ଦ୍ୱିତୀୟ ଶତକ ଥିଲା।

**ଆଇସିସି ମହିଳା ବିଶ୍ୱକପ୍**


ମ୍ୟାଚ୍ ବିଜୟୀ ଭାଗୀଦାରି ପରେ ଆଲିସା ହିଲି ଓ ଫୋଏବେ ଲିଚଫିଲ୍ଡ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ: ୫୦ ଓଭରରେ ୧୯୮/୯(ସୋଭନା ମୋଷ୍ଟାରୀ-୬୬, ରୁବ୍ୟା ହାଇଦର -୪୪, ଆଲାନ କିଙ୍ଗ-୨/୧୮)। ଅଷ୍ଟ୍ରେଲିଆ: ୨୪.୫ ଓଭରରେ ୨୦୨/୦(ଆଲିସା ହିଲି-୧୧୩*, ଫୋଏବେ ଲିଚଫିଲ୍ଡ-୮୪*)।

# ଅଭିଷେକ ପୁରୁଷ, ମନ୍ଧାନା ମହିଳା ପୁରସ୍କାର ବିଜେତା

**ଦୁବାଇ, ୧୬।୧୦ (ପି.ଟି.)**

ଭାରତର ଷ୍ଟାର ଓପନର ଅଭିଷେକ ଶର୍ମା ଓ ସ୍ମୃତି ମନ୍ଧାନା ସେପ୍ଟେମ୍ବର ମାସ ପାଇଁ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଜିତିଛନ୍ତି। ଅଭିଷେକଙ୍କୁ ଏସିଆ କପ୍‌ରେ ଏବଂ ସ୍ମୃତି ମନ୍ଧାନାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ମିଳିଛି। ସେପ୍ଟେମ୍ବର ମାସରେ ଅଭିଷେକ ଖେଳିଥିବା ୭ଟି ମ୍ୟାଚରେ ୪୪.୮୫ ଆଭରେଜରେ ୩୧୪ ରନ ସଂଗ୍ରହ କରିଥିଲେ। ତାଙ୍କର ଷ୍ଟ୍ରାଇକ୍ ରେଟ୍ ୨୦୦ ରହିଥିଲା। ଏହି ୨୫ ବର୍ଷୀୟ କ୍ରିକେଟର ଏସିଆ କପ୍‌ରେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ସେ ଆହୁରି ମଧ୍ୟ ଅନ୍ତର୍ଜାତୀୟ ଟି୨୦ ବ୍ୟାଟିଂ ର୍‍ୟାଙ୍କିଙ୍ଗରେ ସର୍ବାଧିକ ରେଟିଂ ପଏଣ୍ଟ ହାସଲ କରିଥିଲେ। ପୁରସ୍କାର ଦୌଡ଼ରେ ସେ ନିଜ ଦେଶର କୁଲଦୀପ ଯାଦବ ଓ ଜିମ୍ବାୱେର ବ୍ରାଏନ ବେନେଟ୍‌ଙ୍କୁ ପଛରେ ପକାଇ ଦେଇଥିଲେ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ମନ୍ଧାନାଙ୍କ ପ୍ରଦର୍ଶନ ଜବରଦସ୍ତ ରହିଥିଲା। ସେ ଏଥିରେ ୫୮, ୧୧୭ ଓ ୧୨୫ ରନ କରିଥିଲେ।

# ଟିଟ୍‌ମସଙ୍କ ଅବସର

**ବ୍ରିସ୍‌ବେନ୍, ୧୬।୧୦ (ଏପି):** ଅଲିମ୍ପିକ ଚାମ୍ପିୟନ ଆରିଆର୍ନ ଟିଟ୍‌ମସ ଏଲିଟ୍ ସୁଇମିଂରୁ ଅବସର ନେଇଛନ୍ତି। ସୋସିଆଲ ମିଡିଆରେ ଏନେଇ ସୂଚନା ଦେଇଛନ୍ତି। ଏହି ଖବର ଅଷ୍ଟ୍ରେଲୀୟ କ୍ରୀଡ଼ାପ୍ରେମୀମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ୨୫ବର୍ଷୀୟା ଟିଟ୍‌ମସ ହେଉଛନ୍ତି ୪ଥର ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା। ଟିଟ୍‌ମସ ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସ ୪୦୦ ମିଟର ଫ୍ରିଷ୍ଟାଇଲ ରେସ୍‌ରେ ତାଙ୍କ ଟାଇଟଲ ବଜାୟ ରଖିଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ